# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୭/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 7/2024 | Page 16 | ₹ 7.00 | RAYAGADA

୫୦ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 284 | ମୂଲ୍ୟ ₹୭/-




**ଇର୍ଫାନ୍ ଅଧିନାୟକ**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ ଓଡ଼ିଶା ଫ୍ରାଞ୍ଚାଇଜ କୋଣାର୍କ ସୂର୍ଯ୍ୟସ୍‌ର ଅଧିନାୟକ ମନୋନୀତ ହୋଇଛନ୍ତି ଇର୍ଫାନ ପଠାନ।

୧୪

୦୨


**ଟାଇମ୍ ୧୦୦/ଏଆଇ ତାଲିକାରେ ଅନିଲ କପୁର**

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଦୁରୁପଯୋଗକୁ ବିରୋଧ କରିଆସିଥିବା ବଲିଉଡ୍ ଅଭିନେତା ଅନୀଲ କପୁରଙ୍କୁ ଟାଇମ୍ ମାଗାଜିନ୍ ୧୦୦ ପ୍ରଭାବଶାଳୀ ଏଆଇ ବ୍ୟକ୍ତିତ୍ୱ ତାଲିକାରେ ସାମିଲ କରିଛି।



# ବିଜେଡିରୁ ଗଲେ ଭାଜପାକୁ

**ବିଜେଡିରୁ ରାଜ୍ୟ ସଭା ସଦସ୍ୟ ରହି ଆସିଥିବା ସୁଜିତ୍ କୁମାର ଏବେ ଭାଜପାକୁ ଯାଇଛନ୍ତି। ଯାହା କୌତୂହଳରେ କୁହାଯାଉଥିଲା ଭାଜପା ସହିତ ବିଜେଡିର ଭିତିରି ସମ୍ପର୍କ ରହିଛି, ତାହା ଏ ସବୁ ଘଟଣାରୁ ପ୍ରମାଣିତ ହୋଇଚାଲିଛି।**



ଭାଜପାରେ ଯୋଗଦେଇଥିବା ସୁଜିତ୍ କୁମାରଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ସଦସ୍ୟତାପତ୍ର ପ୍ରଦାନ କରୁଛନ୍ତି।

- **ବିଜେଡି ଓ ରାଜ୍ୟ ସଭାରୁ ଇସ୍ତଫା ଦେଲେ ସୁଜିତ୍**
- **ଦଳରୁ ବହିଷ୍କାରକଲେ ନବୀନ**

**ଭୁବନେଶ୍ୱର, ୬।୯ (ସୁନିତ୍ ମିଶ୍ର)**

ବିଜେଡିକୁ ଗୋଟିଏ ପରେ ଗୋଟେ ଝଟକା ଲାଗୁଛି। ପୂର୍ବତନ ବିଜେଡି ନେତ୍ରୀ ମମତା ମହାନ୍ତ କିଛିଦିନ ତଳେ ରାଜ୍ୟ ସଭାରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ଏହାପରେ ସେ ପୁଣି ଥରେ ଭାଜପାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ନିଜ ଆସନ ରକ୍ଷା କରିଥିଲେ। ସମାନ ଭାବେ ମମତାଙ୍କ ପରେ ରାଜ୍ୟ ସଭା ସଦସ୍ୟ ଥିବା ବିଜେଡି ନେତା ସୁଜିତ୍ କୁମାର ଶୁକ୍ରବାର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। କିଛିଦିନ ଅନ୍ତରରେ ୨ ଜଣ ରାଜ୍ୟ ସଭା ସଦସ୍ୟ ବିଜେଡି ଛାଡ଼ି ଭାଜପାରେ ସାମିଲହେବା ବିଜେଡି ପାଇଁ ଚିନ୍ତା ବଢ଼ାଇଦେଇଛି। ସୁଜିତ୍ ପ୍ରଥମେ ବିଜେଡି ☞ପୃଷ୍ଠା-୪

# କଂଗ୍ରେସରେ ଫୋଗଟ, ପୁନିଆ

**ସାଧାରଣ ଜୀବନରୁ କେତେକ କଂଗ୍ରେସ ଆଡକୁ ମୁହାଁଇଲେଣି। ସଦ୍ୟ ଖବରରେ କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ।**



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ।

**ନୂଆଦିଲ୍ଲୀ,୬।୯**

ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ ଶୁକ୍ରବାର କଂଗ୍ରେସରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଫୋଗଟ(୩୦) ଓ ପୁନିଆ(୩୦) ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ମୁଖପାତ୍ର ପବନ ଖେରା ଓ ହରିୟାଣା କଂଗ୍ରେସ ସଭାପତି ଉଦୟ ଭାନ୍‌ଙ୍କ ଉପସ୍ଥିତିରେ ☞ପୃଷ୍ଠା-୪

# ରାସ୍ତାରେ ମହିଳାଙ୍କୁ ବଳାତ୍କାର

**ଉଜ୍ଜୟିନୀ,୬।୯**

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ନିଜ ଜିଲା ଉଜ୍ଜୟିନୀରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳାଙ୍କୁ ବିଚ୍ ରାସ୍ତାରେ ବଳାତ୍କାର କରାଯାଉଥିବାବେଳେ ସେହି ବାଟ ଦେଇ ଯାଉଥିବା ଲୋକମାନେ ମହିଳାଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ସେମାନଙ୍କ ଫୋନ୍‌ରେ ବଳାତ୍କାର ବେଳର ଭିଡିଓ ପ୍ରସ୍ତୁତ କରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହେବା ପରେ ଭାଇରାଲ ହୋଇଛି।

ଉଜ୍ଜୟିନୀ ସହରର ସବୁଠୁ ବ୍ୟସ୍ତବହୁଳ ଛକ କୋଏଲା ଫାଟକ ଅଞ୍ଚଳରେ ବୁଧବାର ଅପରାହ୍ଣରେ ଏଭଳି ଜଘନ୍ୟ ଅପରାଧ ଘଟିଛି। ଅଭିଯୁକ୍ତ ଲୋକେଶଙ୍କୁ ଗିରଫ କରାଯାଇଛି। ପୋଲିସ କହିବା ଅନୁଯାୟୀ ପୀଡ଼ିତା ଜଣେ ଜରି ଗୋଟାଳି। ସେ ଉକ୍ତ ଅଞ୍ଚଳରେ ଲୋକେଶଙ୍କୁ ଭେଟିଥିଲେ। ତାଙ୍କୁ ବାହାହେବାର ପ୍ରଲୋଭନ ଦେଖାଇ ଲୋକେଶ ସାଙ୍ଗରେ ନେଇଯାଇଥିଲେ। ଏହା ପରେ ସେ ମହିଳାଙ୍କୁ ମଦ ପିଇବାକୁ

## ଉଜ୍ଜୟିନୀରେ ଲଜ୍ଜା

### ଉଦ୍ଧାର ପରିବର୍ତ୍ତେ ଭିଡିଓ କଲେ ଲୋକେ



ଦେଇଥିଲେ। ମହିଳା ନିଶାଗ୍ରସ୍ତ ହୋଇଯିବା ପରେ ସେ ତାଙ୍କୁ ଏକ ରାସ୍ତାପାର୍ଶ୍ୱ ଯାତ୍ରୀ ବିଶ୍ରାମାଗାରରେ ବଳାତ୍କାର କରିଥିଲେ ଓ ଧମକ ଦେଇ ସେଠାରୁ ପଳାଇଥିଲେ। ଭାଇରାଲ ଭିଡିଓରୁ ପୋଲିସ ପୀଡ଼ିତାଙ୍କୁ ଠାବକରି ଥାନାକୁ ଆଣିଥିଲା। ତାଙ୍କ ବୟାନ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଲୋକେଶଙ୍କୁ ଗିରଫ କରିଛି।

ଏହି ଲଜ୍ଜାକର ଘଟଣାକୁ ନେଇ ମଧ୍ୟପ୍ରଦେଶ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ନେଇ ବିରୋଧୀ କଂଗ୍ରେସ ଶାସକ ଭାଜପାକୁ ଦୋଷ ଦେଇଛି। ପବିତ୍ର ସହର ଉଜ୍ଜୟିନୀ ପୁଣିଥରେ ଲଜ୍ଜିତ ହୋଇଛି। କ୍ଷମତାରେ ଥିବା ଲୋକେ ଲଜ୍ଜାରେ ମରିଯିବ କିମ୍ବା ଇସ୍ତଫା ଦେଇଦେବା ଉଚିତ ବୋଲି କଂଗ୍ରେସ ଏକ୍ସ'ରେ ଉକ୍ତ ଭିଡିଓ ପୋଷ୍ଟ କରି ଲେଖିଛି। ପ୍ରଦେଶ କଂଗ୍ରେସ ସଭାପତି ଜିତୁ ପଟୱାରି କହିଛନ୍ତି, ମଧ୍ୟପ୍ରଦେଶରେ ସ୍ପଷ୍ଟ ଦିବାଲୋକରେ ଖୋଲା ରାସ୍ତାରେ ବଳାତ୍କାର ଘଟୁଛି। ଆଇନ ଏବଂ ସରକାର ଉଭାନ ହୋଇଥିଲେ କେବଳ ଏଭଳି ଅପରାଧ ସମ୍ଭବ। ମୁଖ୍ୟମନ୍ତ୍ରୀଙ୍କ ନିଜ ସହରରେ ଯଦି ସ୍ଥିତି ଏଭଳି, ତେବେ ରାଜ୍ୟର ଅବଶିଷ୍ଟ ଅଞ୍ଚଳର ସ୍ଥିତି କ'ଣ ହୋଇଥିବ, ☞ପୃଷ୍ଠା-୪

### ରାଜ୍ୟରେ ୫ ବର୍ଷରେ ୫୭୨ ଏସ୍‌ଟି ଛାତ୍ରୀ, ମହିଳା ବଳାତ୍କାରର ଶିକାର

**ଭୁବନେଶ୍ୱର, ୬।୯(ଅନିଲ ଦାସ)**

ରାଜ୍ୟରେ ଗତ ୫ ବର୍ଷରେ ୫୭୨ ଅନୁସୂଚିତ ଜନଜାତି (ଏସ୍‌ଟି) ଛାତ୍ରୀ ଏବଂ ମହିଳା ବଳାତ୍କାରର ଶିକାର ହୋଇଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଗତ ୫ ବର୍ଷରେ ମୋଟ ୫୭୨ ଆଦିବାସୀ ଛାତ୍ରୀ ଓ ମହିଳା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ନିର୍ଯାତନା ନିବାରଣ ଆଇନ ଅନ୍ତର୍ଗତ ବଳାତ୍କାରର ଶିକାର ହୋଇଛନ୍ତି। ସେଥିରୁ ୩୨ଟି ମାମଲାର ଫଇସଲା ଶେଷ ହୋଇଥିବାବେଳେ ୫୦୯ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଅନ୍ୟ ୩୧ଟି ମାମଲାର ତଦନ୍ତ ଜାରି ରହିଛି।






**ଆଜିର ସମ୍ପାଦକୀୟ**

**ନିବେଶ ଲକ୍ଷ୍ୟରେ ଭଜନଲାଲ**

**ଆଜିର ମନ୍ତବ୍ୟ**

"ପାକିସ୍ତାନ ଆତଙ୍କବାଦକୁ ସମୂଳେ ଶେଷ ନ କରିବା ଯାଏ ଇସ୍‌ଲାମାବାଦ ସହ ଭାରତ ଆଲୋଚନା କରିବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ଆମେ କଶ୍ମୀରୀ ଯୁବପିଢ଼ିଙ୍କ ସହିତ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ଜାଣିବାକୁ ଚାହିଁବୁ।

—ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

**ପ୍ୟାରିସ୍ ପାରାଲିମ୍ପିକ୍ସ**

# ପ୍ରବୀଣଙ୍କୁ ସ୍ୱର୍ଣ୍ଣ

**ପ୍ୟାରିସ୍, ୬।୯(ପି.ଟି.)**

ଭାରତର ପ୍ରବୀଣ କୁମାର ପ୍ୟାରିସ୍ ପାରାଲିମ୍ପିକ୍ସରେ ଶୁକ୍ରବାର ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ପୁରୁଷ ହାଇଜମ୍ପ ଟି୬୪ ଇଭେଣ୍ଟରେ ସେ ରେକର୍ଡ ବ୍ରେକିଂ ପ୍ରଦର୍ଶନ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଟୋକିଓରେ ରୌପ୍ୟ ପଦକ ଲାଭ କରିଥିବା ପ୍ରବୀଣ ପ୍ୟାରିସ୍‌ରେ ଏହାକୁ ସ୍ୱର୍ଣ୍ଣରେ ପରିଣତ କରିଛନ୍ତି। ଚଳିତ ପ୍ୟାରିସ୍ ଗେମ୍ସରେ ଭାରତର ଏହା ହେଉଛି ୬ଷ୍ଠ ସ୍ୱର୍ଣ୍ଣ ପଦକ। ଗୋଟିଏ ଗୋଡ଼ ଛୋଟ ଅବସ୍ଥାରେ ଜନ୍ମ ହୋଇଥିବା ନଏଡ଼ାର ଏହି ୨୧ ବର୍ଷୀୟ ଆଥ୍‌ଲେଟ୍ ୨.୦୮ ମିଟର ଡେଇଁ ଏସିଆନ ରେକର୍ଡକୁ ଭାଙ୍ଗିଛନ୍ତି। ୬-ଜମ୍ପର ବିଶିଷ୍ଟ ଫାଇନାଲରେ ସେ ଅନ୍ୟ ୫ ଜଣଙ୍କୁ ପଛରେ ପକାଇବାରେ ସକ୍ଷମ ହୋଇଛନ୍ତି। ଆମେରିକାର ଡେରେକ ଲୋସିଡେଣ୍ଟ ୨.୦୬ ମିଟର ସହ ରୌପ୍ୟ ଓ ଉଜ୍‌ବେକିସ୍ତାନର ଟେମୁରବେକ୍ ଗିୟାଜୋଭ



ପ୍ରବୀଣ କୁମାର

୨.୦୩ ମିଟର ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧.୮୯ ମିଟରରୁ ସେ ଅଭିଯାନ ଆରମ୍ଭ କରି ପରବର୍ତ୍ତୀ ୬ ଉଦ୍ୟମରେ ୧.୯୩, ୧.୯୭, ୨.୦୦, ୨.୦୩, ୨.୦୬ ଓ ୨.୦୮ ମିଟର କ୍ଲିୟର କରିବାରେ ସକ୍ଷମ ହୋଇଛନ୍ତି। ଶେଷରେ ପ୍ରବୀଣ ଓ ଆମେରିକାର ଲୋସିଡେଣ୍ଟଙ୍କ ମଧ୍ୟରେ ୨.୧୦ ମିଟର କ୍ଲିୟର କରିବାକୁ ଲଢ଼େଇ ହୋଇଥିଲା। ମାତ୍ର ଏଥିରେ ୨ ଜଣଯାକ ବିଫଳ ହୋଇଥିଲେ। ପୂର୍ବରୁ ପୁରୁଷ ଟି୬୪ ବର୍ଗରେ ପାରାଲିମ୍ପିକ୍ସ ରେକର୍ଡ ଥିଲା ୧.୮୮ ମିଟର। ଟୋକିଓରେ ଜାପାନର ସୁଜୁକି ତୋରୁ ଏହି ରେକର୍ଡର ଅଧିକାରୀ ଥିଲେ। ଏଠାରେ ପ୍ରବୀଣ ଏହି ରେକର୍ଡ ଭାଙ୍ଗିଛନ୍ତି।

୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ମେଡାଲିଷ୍ଟ ପ୍ରବୀଣଙ୍କ ପାଇଁ ଏହାଥିଲା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ନିଜକୁ ଫିଟ୍ ରଖିବାପାଇଁ କ୍ରୀଡ଼ାକୁ ଆପଣେଇଥିବା ପ୍ରବୀଣ ପ୍ରଥମେ ଭଲିବଲ ପ୍ରେମରେ ପଡ଼ିଥିଲେ। ପରେ ଏକ ହାଇଜମ୍ପ ଇଭେଣ୍ଟରେ ଭାଗ ନେବାପରେ ତାଙ୍କ ଭାଗ୍ୟ ପରିବର୍ତ୍ତନ ହୋଇଥିଲା। ଚଳିତ ପାରାଲିମ୍ପିକ୍ସରେ ଶରଦ କୁମାର ଓ ମାରିୟାପ୍ପାନ ଥଙ୍ଗାଭେଲୁଙ୍କ ପରେ ତୃତୀୟ ଭାରତୀୟ ଆଥ୍‌ଲେଟଭାବେ ସେ ହାଇଜମ୍ପ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ପ୍ରବୀଣ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ପଢ଼ୁଛନ୍ତି।

# ସିନିୟରଙ୍କ ମାଡ଼ରେ ୨୨ ଜୁନିୟର ଛାତ୍ର ଗୁରୁତର



ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

**ଜବାହର ନବୋଦୟ ବିଦ୍ୟାଳୟ**

**ନୂଆପଡ଼ା/କୋମନା,୬।୯ (ମକାରୁ ବେମାଲ/ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ଼ ଜବାହର ନବୋଦୟ ବିଦ୍ୟାଳୟରେ ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି। ସିନିୟର ଛାତ୍ରଙ୍କ ମାଡ଼ରେ ୨୨ ଜଣ ଜୁନିୟର ଛାତ୍ର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ରାତିରେ ଘଟଣା ଘଟିଥିବାବେଳେ ଶୁକ୍ରବାର ଏହା ପଦାକୁ ଆସିଛି। ଏହାର ପ୍ରତିବାଦରେ ଜୁନିୟର ଛାତ୍ରୀଛାତ୍ର ବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସୂଚନା ମୁତାବକ ଗୁରୁବାର ଦଶମ ଶ୍ରେଣୀର ଜଣେ ଛାତ୍ର ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କୁ କମେଣ୍ଟ ମାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଦ୍ୱାଦଶ ଶ୍ରେଣୀ ଛାତ୍ରମାନେ ଦଶମ ଶ୍ରେଣୀର ୨୨ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ବାଡିରେ ପ୍ରହାର କରିଥିଲେ। ☞ପୃଷ୍ଠା-୪




**ଯକ୍ଷ୍ମାର ନୂତନ ଚିକିତ୍ସାକୁ ମଞ୍ଜୁରୀ**

ବିଭିନ୍ନ ଔଷଧ ପ୍ରତିରୋଧୀ ଯକ୍ଷ୍ମା (ଏମ୍‌ଡିଆର୍-ଟିବି)ର ଏକ ନୂତନ ଚିକିତ୍ସା ପଦ୍ଧତି ବିପିଏଏଲ୍‌ଏମ୍‌କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମୋଦନ କରିଛି। ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ (ଏନ୍‌ଟିଇପି) ଅଧୀନରେ ଏହି ପ୍ରଭାବଶାଳୀ ତଥା ସ୍ୱଳ୍ପ ଚିକିତ୍ସା ବିକଳ୍ପ କାର୍ଯ୍ୟକାରୀ କରାଯିବ। ଏଥିରେ ନୂଆ ଆଣ୍ଟି-ଟିବି ଔଷଧ ପ୍ରିଟୋମାନିଡ୍ ସହ ବେଡାକ୍ୱିଲିନ, ଲିନେଜୋଲିଡ୍ ଏବଂ ମୋକ୍ସିଫ୍ଲକ୍ସାସିନ ରହିଛି।



# ଭୋଟ ପୂର୍ବରୁ କଂଗ୍ରେସର ବଳ ବୃଦ୍ଧି



ଭିନେଶ ଫୋଗଟ

ନୂଆଦିଲ୍ଲୀ/ଚଣ୍ଡିଗଡ଼,୬।୯

ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ ଶୁକ୍ରବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଫୋଗଟ ଜୁଲା ନିର୍ବାଚନମଣ୍ଡଳୀରୁ ଏବଂ ପୁନିଆ ବଦଲି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ଭୋଟ ପୂର୍ବରୁ ୨ ଅଲିମ୍ପିଆନ୍ ରେସ୍‌ଲରଙ୍କ ଏହି ଯୋଗଦାନ ବିରୋଧୀ ଦଳର ବଳ ବୃଦ୍ଧି କରିବ ବୋଲି କୁହାଯାଉଛି। ବିଶେଷକରି ଫୋଗଟଙ୍କ ପ୍ରତି କୃଷକଙ୍କ ସମର୍ଥନ ରହିଥିବାରୁ ନିର୍ବାଚନ ବେଳେ ଭାଜପା ପାଇଁ ଅସୁବିଧା ହୋଇପାରେ। ଅକ୍ଟୋବର ୮ରେ ହରିୟାଣାର ୯୦ ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟରେ ଆସନ ବୁଝାମଣା ଲାଗି ମାରାଥନ୍ ବୈଠକ ଚାଲିଛି। ଏଭଳି ସମୟରେ ଦୁଇ ରେସ୍‌ଲରଙ୍କ ଯୋଗଦାନକୁ କଂଗ୍ରେସ ଏକ ଅସ୍ତ୍ର ଭାବେ ବ୍ୟବହାର କରିପାରେ। କାରଣ ଆପ୍ ୧୦ ଆସନ ମାଗୁଥିବାବେଳେ କଂଗ୍ରେସ ୫ରୁ ୭ ଆସନ ଛାଡ଼ିବାକୁ ଚାହୁଁଛି।

### ଏକ୍ସ'ରେ ଇସ୍ତଫା, ହ୍ୱାଟ୍ସଆପ୍‌ରେ ନୋଟିସ

କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଫୋଗଟ ଓ ପୁନିଆଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଫୋଗଟ ନର୍ଦ୍ଦନ ରେଲୱେର ଓଏସ୍‌ଡି ପଦ ଛାଡ଼ିବା ପରେ ରେଳପଥ ପକ୍ଷରୁ ତାଙ୍କୁ ହ୍ୱାଟ୍ସଆପ୍ ଜରିଆରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତାଙ୍କର ଏକମାତ୍ର ଅପରାଧ ହେଲା ରାହୁଲ ଗାନ୍ଧୀଙ୍କୁ ଭେଟିବା। ରେଲୱେ ଅଧିକାରୀମାନେ ରାଜନୀତି ନ କରି ଫୋଗଟଙ୍କୁ ତୁରନ୍ତ ଅବ୍ୟାହତି ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ଶୁକ୍ରବାର ସକାଳେ ଫୋଗଟ୍ ଏକ୍ସ'ରେ ନିଜ ଇସ୍ତଫାପତ୍ର ଶେୟାର କରିଥିଲେ। ଦେଶର ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ସେ ଭାରତୀୟ ରେଳପଥକୁ ଧନ୍ୟବାଦ ଦେଇଥିଲେ।

### ଭିନେଶ ଏବେ କଂଗ୍ରେସ କୀ ବେଟି: ଭାଜପା

ହରିୟାଣାର ବରିଷ୍ଠ ଭାଜପା ନେତା ଅନିଲ ଭିଜ୍ କହିଛନ୍ତି, ଭିନେଶ ଫୋଗଟ ଦେଶ କୀ ବେଟି ଥିଲେ। ଏବେ ସେ ବିରୋଧୀ ଦଳରେ ଯୋଗଦେଇ କଂଗ୍ରେସ କୀ ବେଟି ହୋଇଯାଇଛନ୍ତି। ଭିନେଶ ଦେଶର ଝିଅରୁ କଂଗ୍ରେସର ଝିଅ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଆମର କିଛି କହିବାର ନାହିଁ। କଂଗ୍ରେସ ମୂଳରୁ ଏହି ଖେଳାଳିମାନଙ୍କୁ ନିଜ ସପକ୍ଷକୁ ଟାଣିବାକୁ ଉଦ୍ୟମ କରିଥିଲା। କଂଗ୍ରେସ ଉସୁକାଇବାରୁ ଏମାନେ ଦିଲ୍ଲୀରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ।

## ଟିକେଟ ମିଳିଲାନି, କାନ୍ଦିଲେ ଭାଜପା ନେତା



ଶଶୀ ରଞ୍ଜନ ପରମାର

ଭାଜପାର ପୂର୍ବତନ ବିଧାୟକ ଶଶୀ ରଞ୍ଜନ ପରମାରଙ୍କୁ ହରିୟାଣା ବିଧାନସଭା ନିର୍ବାଚନରେ ଟିକେଟ ମିଳି ନ ଥିବାରୁ ଶୁକ୍ରବାର ସେ କାନ୍ଦି ପକାଇଛନ୍ତି। ପୂର୍ବରୁ ଭିୱାନୀ ଓ ତୋଶମ୍ ଆସନରୁ ପ୍ରତିନିଧିତ୍ୱ କରିଥିବା ପରମାର ଏକ ଟିଭି ଇଣ୍ଟରଭ୍ୟୁ ବେଳେ କହିଛନ୍ତି, ପ୍ରାର୍ଥୀ ତାଲିକାରେ ମୋ ନାମ ଆସିବ ବୋଲି ଆଶା କରିଥିଲି। କିନ୍ତୁ ଦଳ ସୁଯୋଗ ଦେଲାନାହିଁ। ମୁଁ ଏବେ କ'ଣ କରିବି।

କେବଳ ପରମାର ନୁହନ୍ତି, ଭାଜପାର ଅନେକ ବରିଷ୍ଠ ନେତା ଏଥର ଟିକେଟ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେମାନଙ୍କ ପ୍ରତିକ୍ରିୟା ଆସିବାରେ ଲାଗିଛି। ହରିୟାଣା ଓବିସି ମୋର୍ଚ୍ଚା ନେତା ତଥା ପୂର୍ବତନ ମନ୍ତ୍ରୀ କରଣ ଦେବ କମ୍ବୋଜଙ୍କୁ ଦଳ ଟିକେଟ ଦେଇ ନ ଥିବାରୁ ସେ ଏକ ସଭାରେ ମୁଖ୍ୟମନ୍ତ୍ରୀ ନାୟାବ ସିଂ ସାଇନିଙ୍କ ସହ ହାତ ମିଳାଇବାକୁ ମନା କରିଦେଇଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ୩୭୦ ଏବେ ଅଫେରନ୍ତା ଇତିହାସ: ଶାହା

ଜମ୍ମୁ,୬।୯

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବେ ଏକ ଇତିହାସ ପାଲଟିଯାଇଛି, ଯାହା ଆଉ କେବେ ଫେରିବ ନାହିଁ ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସ୍ପଷ୍ଟ କରିଛନ୍ତି। ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାର ଇସ୍ତାହାର ଜାରି ଅବସରରେ ଶାହା କହିଛନ୍ତି, ୩୭୦ ଯୋଗୁ ଏଠାରେ ସଂରକ୍ଷଣ ବ୍ୟବସ୍ଥା ସମ୍ଭବ ନ ଥିଲା। ମହିଳା, ଦଳିତ, ଓବିସି ଏବଂ ଆଦିବାସୀମାନେ ନିଜ ଅଧିକାରରୁ ବଞ୍ଚିତ ହୋଇଥିଲେ। ଭାଜପାର ମୋଦି ସରକାର ୩୭୦କୁ ହଟାଇ ସେମାନଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ରର ମୋଦି ସରକାର ଅନୁଚ୍ଛେଦ ୩୭୦କୁ ହଟାଇ ଦେଇଥିଲେ। ଏହା ପୂର୍ବରୁ ୨୦୧୪ରେ ଜମ୍ମୁ-କଶ୍ମୀରରେ ଶେଷ ଥର ପାଇଁ ବିଧାନସଭା ଭୋଟ ହୋଇଥିଲା। ଦୀର୍ଘ ଦଶନ୍ଧି ପରେ କଶ୍ମୀରବାସୀ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରି କେନ୍ଦ୍ରଶାସିତ ଅଞ୍ଚଳରେ ସରକାର ଗଢ଼ିବାକୁ ଯାଉଛନ୍ତି। ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ଭୋଟ ଗ୍ରହଣ କରାଯିବ। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ କଂଗ୍ରେସ ମେଣ୍ଟ କରି ନିର୍ବାଚନ ଲଢୁଛନ୍ତି। ଏନ୍‌ସି ନିଜ ଘୋଷଣାପତ୍ରରେ ୩୭୦ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଛି।



ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଭାଜପା ଇସ୍ତାହାର ଉନ୍ମୋଚନ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।

## ୨ ଆସନରୁ ଲଢୁଛନ୍ତି ଓମାର

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଆଗାମୀ ବିଧାନସଭା ନିର୍ବାଚନରେ ୨ଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଓମାର ବୁଧବାର ଗନ୍ଦେରବଲ ଆସନରୁ ନାମାଙ୍କନପତ୍ର ଦାଖଲ କରିବା ପରେ ଗୁରୁବାର ବଡ଼ଗାମ୍ ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ତାଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ଛିଡ଼ା କରାଇ ତାଙ୍କୁ ଚୁପ୍ କରାଇବାକୁ ଉଦ୍ୟମ ଚଳାଇଛି। କେନ୍ଦ୍ରର ଏଭଳି ଉଦ୍ୟମ ନୂଆ ନୁହେଁ, କିନ୍ତୁ ସେମାନେ ଏତେ ତଳକୁ ଖସିଯିବେ ବୋଲି ସେ କେବେ ଭାବି ନ ଥିଲେ।

## ୩ ଦଶନ୍ଧି ପରେ ମଇଦାନରେ ମହିଳା କଶ୍ମୀରୀ ପଣ୍ଡିତ

ଡେଜି ରୈନା ଦିଲ୍ଲୀର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ପରେ ସେ ଚାକିରି ଛାଡ଼ି ପୁଲୱାମାସ୍ଥିତ ଫ୍ରିଜାଲର ସରପଞ୍ଚ ହୋଇଛନ୍ତି। ଡେଜିଙ୍କୁ ରାମଦାସ ଅଠୱାଲେଙ୍କ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ଏଥର ରାଜପୋରା ଆସନରୁ ପ୍ରାର୍ଥୀ କରିଛି। ଜମ୍ମୁ-କଶ୍ମୀରରେ ୧୯୯୦ରେ ଜନ୍ମିତ ପିଲାମାନେ ବାଲଟ ନୁହେଁ, କେବଳ ବୁଲେଟ ଦେଖିଛନ୍ତି। ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଲଢ଼େଇ କରିବି। ଯୁବପିଢ଼ିଙ୍କ ଯୋଗୁ ହିଁ ବିଧାନସଭା ନିର୍ବାଚନ ଲଢୁଛି ବୋଲି ଡେଜି କହିଛନ୍ତି।



ଡେଜି ରୈନା

## ସ୍କୁଲରେ ନିଆଁ ଜଳିଗଲେ ୧୭ ପିଲା

ନାଇରୋବି,୬।୯

କେନିଆର ଏକ ସ୍କୁଲରେ ନିଆଁ ଲାଗି ୧୭ ଜଣ ପିଲା ଜଳିଯାଇଥିବାବେଳେ ଅନ୍ୟ ୧୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନ୍ୟେରି କାଉଣ୍ଟି ଅନ୍ତର୍ଗତ ହିଲ୍‌ସାଇଡ୍ ଏଣ୍ଡାରାଶା ପ୍ରାଇମେରିରେ ଗୁରୁବାର ରାତିରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବାର କାରଣ ଜାଣିବାକୁ ପୋଲିସ ତଦନ୍ତ ଚଳାଇଛି। ଉକ୍ତ ସ୍କୁଲ୍‌ରେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲା ପଢୁଥିଲେ। ସ୍କୁଲ୍ ପିଲାଙ୍କ ଶୟନ କକ୍ଷରେ ନିଆଁ ଲାଗିଯାଇଥିଲା। ସେତେବେଳେ ସେଠାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ର ଥିଲେ।



ଥାଇଲାଣ୍ଡର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟର୍ନ ଶିନାୱାତ୍ରାଙ୍କ ୩୬ ଜଣିଆ କ୍ୟାବିନେଟ୍ ଶୁକ୍ରବାର ବ୍ୟାଙ୍କକ୍‌ସ୍ଥିତ ଗଭର୍ନମେଣ୍ଟ ହାଉସ୍‌ରେ ଶପଥ ନେଇଛି। ୩୮ ବର୍ଷୀୟା ଶିନାୱାତ୍ରା ନିଜ ଟିମ୍ ସହ ଶପଥ ଗ୍ରହଣ ଉତ୍ସବକୁ ଯାଉଥିବାବେଳେ ଖବରଦାତାମାନେ ତାଙ୍କ ଫଟୋ ଉଠାଉଛନ୍ତି।

## ସନ୍ଦୀପ୍‌ଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୬।୯(ପି.ଟି.)

କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜକରି ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ଦାଏର କରିଥିବା ଏକ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଉକ୍ତ ମେଡିକାଲ କଲେଜରେ ହୋଇଥିବା ଆର୍ଥିକ ଅନିୟମିତତା ନେଇ ସନ୍ଦୀପ୍‌ଙ୍କ ବିରୋଧରେ ସିବିଆଇ ତଦନ୍ତ ନିମନ୍ତେ ହାଇକୋର୍ଟ ଅଗଷ୍ଟ ୨୩ରେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମାମଲାରେ ନିଜକୁ ପକ୍ଷଭୁକ୍ତ କରିବା ପାଇଁ ସନ୍ଦୀପ୍ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଫଳରେ ଏହାକୁ ଚ୍ୟାଲେଞ୍ଜ କରି ସନ୍ଦୀପ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସନ୍ଦୀପ୍ ଜଣେ ଅଭିଯୁକ୍ତ ହୋଇଥିବାରୁ ପିଆଇଏଲ୍‌ରେ ପକ୍ଷଭୁକ୍ତ ହେବା ଅଧିକାର ତାଙ୍କର ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି। ଆର୍ଥିକ ଅନିୟମିତତା ମାମଲାରେ ସନ୍ଦୀପ୍‌ଙ୍କ ଘନିଷ୍ଠ ସହଯୋଗୀ ପ୍ରଶୁନ୍ ଚାଟାର୍ଜୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଗିରଫ କରିଛି।



### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ

## ବସ୍-ଭ୍ୟାନ୍ ଧକ୍କା: ୧୫ ମୃତ

ହଥ୍ରାସ୍,୬।୯ (ପି.ଟି.)

ଉତ୍ତରପ୍ରଦେଶର ହଥ୍ରାସ୍ ଜିଲା ଅନ୍ତର୍ଗତ ୯୩ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ଏକ ବସ୍ ଓ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ମହିଳା ଓ ୪ ଶିଶୁ ରହିଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲା ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।

## ଏକ୍‌ଜିଟ୍ ପୋଲ୍‌କୁ ନିୟନ୍ତ୍ରଣ ପାଇଁ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୬।୯(ପି.ଟି.)

ନିର୍ବାଚନ ବେଳେ ବୁଥ୍ ଫେରନ୍ତା ଜନମତ ସର୍ଭେ (ଏକ୍‌ଜିଟ୍ ପୋଲ୍)କୁ ନିୟନ୍ତ୍ରଣ ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏହା ଜନସ୍ୱାର୍ଥ ନୁହେଁ ରାଜନୈତିକ ସ୍ୱାର୍ଥ ମାମଲା ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି।

ଏକ୍‌ଜିଟ୍ ପୋଲ୍ ସର୍ଭେ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରୁଥିବା ଦର୍ଶାଇ ଏହାକୁ ନିୟନ୍ତ୍ରଣ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ବି.ଏଲ୍. ଜୈନ ନାମକ ବ୍ୟକ୍ତି ପିଆଇଏଲ୍ ଦାଏର କରିଥିଲେ। ଏହାକୁ ଖାରଜ କରିଦେଇ ସିଜେଆଇ କହିଛନ୍ତି, ସରକାର ଏବେ ନିର୍ବାଚିତ ହୋଇସାରିଛନ୍ତି। ତେଣୁ ନିର୍ବାଚନ ସମୟରେ କ'ଣ ଘଟିଥିଲା, ତାହା ଉପରେ ଆଲୋଚନା ବନ୍ଦ କରି ଶାସନରେ ସାମିଲ ହୁଅନ୍ତୁ। ଖଣ୍ଡପୀଠ କହିଛନ୍ତି, ଏଭଳି ପ୍ରସଙ୍ଗରେ ନିଷ୍ପତ୍ତି ନେବା କ୍ଷମତା ନିର୍ବାଚନ କମିଶନଙ୍କର ରହିଛି। ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ପରିଚାଳନା କରିପାରିବେ ନାହିଁ। ଉକ୍ତ ପିଟିଶନରେ ଜୈନ ବିଭିନ୍ନ ନିର୍ବାଚନ ସର୍ଭେ ସଂସ୍ଥା ଏବଂ ନ୍ୟୁଜ୍ ଚ୍ୟାନେଲକୁ ପକ୍ଷଭୁକ୍ତ କରିଥିଲେ।

### ଜଳବାୟୁ ପରିବର୍ତ୍ତନର ପ୍ରଭାବ

## ୮୫% ଜିଲା ଭୀଷଣ ପାଗର ସମ୍ମୁଖୀନ

ନୂଆଦିଲ୍ଲୀ,୬।୯(ପି.ଟି.)

ଭାରତର ୮୫%ରୁ ଊର୍ଦ୍ଧ୍ୱ ଜିଲା ଜଳବାୟୁ ପରିବର୍ତ୍ତନ ଜନିତ ଭୀଷଣ ଭାଗ ଯଥା ବନ୍ୟା, ବାତ୍ୟା, ଅନାବୃଷ୍ଟି ଆଦିର ସମ୍ମୁଖୀନ ହୋଇଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଆଇପିଇ ଗ୍ଲୋବାଲ ଏବଂ ଏସ୍ରି ଇଣ୍ଡିଆ ପକ୍ଷରୁ ହୋଇଥିବା ଏହି ଅଧ୍ୟୟନ ଅନୁଯାୟୀ, ୪୫% ଜିଲାରେ ଧାରା ବଦଳୁଥିବା ଦେଖାଯାଇଛି। ଯେଉଁ ଜିଲାଗୁଡ଼ିକ ପାରମ୍ପରିକ ଭାବେ ବନ୍ୟାପ୍ରବଣ ଥିଲା, ତାହା ଏବେ ମରୁଡ଼ିପ୍ରବଣ ହୋଇଥିବାବେଳେ ମରୁଡ଼ିପ୍ରବଣ ଜିଲା ବନ୍ୟାପ୍ରବଣ ଅଞ୍ଚଳରେ ପରିଣତ ହୋଇଛି।

ସ୍ପାଟିକାଲ ଏବଂ ଟେମ୍ପୋରାଲ ମଡେଲିଂ ବ୍ୟବହାର କରାଯାଇ ୧୯୭୩ରୁ ୨୦୨୩ ମଧ୍ୟରେ ପାଣିପାଗର ଅନୁଧ୍ୟାନ କରାଯାଇଥିଲା। କେବଳ ଗତ ୧୦ ବର୍ଷ ମଧ୍ୟରେ ଭୀଷଣ ପାଗ ୫ ଗୁଣ ବୃଦ୍ଧି ହୋଇଛି। ପ୍ରବଳ ବନ୍ୟା ୪ ଗୁଣ ବଢ଼ିଛି। ପୂର୍ବ ଭାରତର ଜିଲାଗୁଡ଼ିକ ଅତ୍ୟଧିକ ବନ୍ୟା ପ୍ରବଣ ହୋଇଥିବାବେଳେ ଏହା ପଛକୁ ଉତ୍ତରପୂର୍ବାଞ୍ଚଳ ଏବଂ ଦକ୍ଷିଣାଞ୍ଚଳ ରହିଛି। ଅନାବୃଷ୍ଟି ୨ ଗୁଣ ଏବଂ ବାତ୍ୟା ୪ ଗୁଣ ବଢ଼ିଛି। ଓଡ଼ିଶା, ବିହାର, ଆନ୍ଧ୍ରପ୍ରଦେଶ, ଗୁଜରାଟ, ରାଜସ୍ଥାନ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଏବଂ ଆସାମର ୬୦%ରୁ ଊର୍ଦ୍ଧ୍ୱ ଜିଲା ଏକାଧିକ ଭୀଷଣ ଜଳବାୟୁ ପରିବର୍ତ୍ତନ ଜନିତ ପାଗର ସମ୍ମୁଖୀନ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନର ବର୍ତ୍ତମାନର ଧାରା ଯୋଗୁ ପ୍ରତି ୧୦ରୁ ୯ ଜଣ ଭାରତୀୟ ପ୍ରଭାବିତ ହୋଇଛନ୍ତି। ନିକଟରେ କେରଳର ପ୍ରଳୟଙ୍କର ଭୂସ୍ଖଳନ, ଗୁଜରାଟ ବନ୍ୟା, ଓମ୍ ପର୍ବତର ତୁଷାର ଉଭେଇଯିବା, ପ୍ରବଳ ବର୍ଷା ଯୋଗୁ ସହରଗୁଡ଼ିକରେ ଜୀବନଯାତ୍ରା ହଠାତ୍ ଅଚଳ ହୋଇପଡ଼ିବା ଜଳବାୟୁ ପରିବର୍ତ୍ତନର ଉଦାହରଣ। ୨୦୩୬ ସୁଦ୍ଧା ୧୪୭ କୋଟି ଭାରତୀୟ ଜଳବାୟୁ ପରିବର୍ତ୍ତନ ଜନିତ ଭୀଷର ଭାଗର ସମ୍ମୁଖୀନ ହେବେ ବୋଲି ଅବିନାଶ କହିଛନ୍ତି।



### ଫୁର୍‌ସତ୍

## ବିପଦରେ ପ୍ରକୃତିର ନୀରବ ସୈନିକ

### ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ



ଆଜି (ଶନିବାର) ହେଉଛି ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ। ପ୍ରତି ବର୍ଷ ସେପ୍ଟେମ୍ବର ମାସର ପ୍ରଥମ ଶନିବାର ଏହି ଦିବସ ପାଳନ କରାଯାଇଥାଏ। ତେବେ ସାରା ବିଶ୍ୱରେ ଶାଗୁଣାର ବଂଶ ଦିନକୁ ଦିନ ବିଲୁପ୍ତ ହେବାକୁ ବସିଲାଣି, ଯାହା ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଶାଗୁଣାମାନେ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ତଥା କାର୍ବନ ନିର୍ଗମନକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏଥିପାଇଁ ଏମାନଙ୍କୁ ପ୍ରକୃତିର ନିରବ ସୈନିକ ବୋଲି ମଧ୍ୟ କୁହାଯାଏ। ଏବେ ଏମାନଙ୍କର ବଂଶ ଲୋପ ପାଇବାକୁ ବସିଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବର୍ତ୍ତମାନ ଶାଗୁଣା ବିଶ୍ୱରେ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପୃଥିବୀରେ ସେମାନଙ୍କର ପୁନରୁଦ୍ଧାର ପାଇଁ ମନୁଷ୍ୟର ସାହାଯ୍ୟ ଆବଶ୍ୟକ କରନ୍ତି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ବିଷକ୍ରିୟା, ହତ୍ୟା ଏବଂ ବିଦ୍ୟୁତ୍ ତାର ସହିତ ଧକ୍କା ସମେତ ବିଭିନ୍ନ ବିପଦ ଯୋଗୁ ଶାଗୁଣା ସଂଖ୍ୟା କମି କମି ଯାଉଛି। ଆକାଶର ଏହି ସୈନିକ ବିନା ଆମ ପରିବେଶ ପାଇଁ ପରିଣାମ ଭୟଙ୍କର ହୋଇପାରେ।

ସେଥିପାଇଁ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ (International Vulture Awareness Day) ବହୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଇତିହାସ ପୃଷ୍ଠାରେ ଶାଗୁଣା ଲିପିବଦ୍ଧ ହେବା ପୂର୍ବରୁ ଏହି ପକ୍ଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଏଥିପାଇଁ ସେପ୍ଟେମ୍ବର ପ୍ରଥମ ଶନିବାରରେ ଆମର ପ୍ରାକୃତିକ ଦୁନିଆକୁ ସନ୍ତୁଳିତ ରଖୁଥିବା ସୈନିକ ଶାଗୁଣାର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ କରିବା। ଚଳିତ ବର୍ଷ ସେପ୍ଟେମ୍ବର ୭ ତାରିଖରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ 'ୱାର୍ଲଡ ୱାଇଡ ଫଣ୍ଡ ଫର୍ ନେଚର-ଇଣ୍ଡିଆ' ଭାରତରେ ଶାଗୁଣା ଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ଟାଇମ୍ ୧୦୦/ ଏଆଇ

## ତାଲିକାରେ ଅନିଲ, ଅଶ୍ୱିନୀ, ନିଲେକାନି

ନ୍ୟୁୟର୍କ,୬।୯

ଆମେରିକାର ଜଣାଶୁଣା ପତ୍ରିକା ଟାଇମ୍ ଏହାର ଦ୍ୱିତୀୟ ବାର୍ଷିକ ଏଆଇ ୧୦୦ ତାଲିକା ପ୍ରକାଶ କରିଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ବିଶ୍ୱର ସର୍ବାଧିକ ପ୍ରଭାବାଳୀ ୧୦୦ ବ୍ୟକ୍ତିଙ୍କୁ ରଖାଯାଇଛି। ତାଲିକାରେ ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ବଲିଉଡ୍ ଅଭିନେତା ଅନିଲ କପୁର, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନନ୍ଦନ ନିଲେକାନି।

ଗୁରୁବାର ପ୍ରକାଶିତ 'ମୋଷ୍ଟ ଇନ୍‌ଫ୍ଲୁଏନ୍ସିଆଲ ପିପୁଲ ଇନ୍ ଏଆଇ' ଲିଷ୍ଟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସାମିଲ କରାଯାଇଛି। ଅନିଲ କପୁରଙ୍କ ବିନା ଅନୁମତିରେ ତାଙ୍କ ନାମ, ସ୍ୱର, ଫଟୋ, ବ୍ୟକ୍ତିଗତ ଲକ୍ଷଣ ଆଦିକୁ ଏଆଇ ଜରିଆରେ ବ୍ୟବହାର କରାଯାଇ କେତେକ ଭିଡିଓ ଏବଂ ଇମୋଜିରେ ଏହାର ଦୁରୁପଯୋଗ ହୋଇଥିଲା। ଅନିଲ ଏନେଇ ଆଇନଗତ ଲଢ଼େଇ ଲଢ଼ିଥିଲେ। ୨୦୨୩ରେ ଦିଲ୍ଲୀ ହାଇକୋର୍ଟ ଏସବୁ ଉପରେ ରୋକ୍ ଲଗାଇବା ସହ ୧୬ଟି ସଂସ୍ଥାକୁ ନୋଟିସ କରିଥିଲେ। ବିଶ୍ୱର ଅନ୍ୟତମ ବୃହତ୍ ସିନେ ଇଣ୍ଡଷ୍ଟ୍ରି ବଲିଉଡ୍‌ରେ ବର୍ଷକୁ ୧,୫୦୦ରୁ ଊର୍ଦ୍ଧ୍ୱ ଫିଲ୍ମ ନିର୍ମାଣ କରାଯାଉଛି। କିନ୍ତୁ ବଲିଉଡ୍ ଏଆଇ ଦୁରୁପଯୋଗର ମୁକାବିଲା କରିପାରୁ ନ ଥିବାବେଳେ ଅନିଲଙ୍କ ଯୋଗୁ ଅଦାଲତୀ ରାୟ ଏଥିରେ ଅଙ୍କୁଶ ଲଗାଇଥିବା ଟାଇମ୍ ମାଗାଜିନ୍‌ରେ ଉଲ୍ଲେଖ କରାଯାଇଛି। ସେହିପରି କେନ୍ଦ୍ରର ମୋଦି ସରକାରରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଥିବା ଅଶ୍ୱିନୀ ଭାରତକୁ ଆଗାମୀ ୫ ବର୍ଷ ମଧ୍ୟରେ ଏଆଇ କ୍ଷେତ୍ରରେ ଆଗକୁ ବଢ଼ାଇବା ପାଇଁ ସେମିକଣ୍ଡକ୍ଟର ଉତ୍ପାଦନ ଉପରେ ନିଜ ଦୂରଦୃଷ୍ଟିକୁ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରି ଉଚ୍ଚ ପ୍ରଶଂସାର ପାତ୍ର ହୋଇଥିବା ଏଥିରେ କୁହାଯାଇଛି। ଅନ୍ୟ ପ୍ରଭାବଶାଳୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ହଲିଉଡ୍ ଷ୍ଟାର ସ୍କାର୍ଲେଟ ଜୋହନ୍ସସନ୍, ମେଟା ସିଇଓ ମାର୍କ ଜୁକରବର୍ଗ, ଗୁଗଲ ସିଇଓ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲାଙ୍କୁ ସ୍ଥାନିତ କରାଯାଇଛି।



# ସହରର ଗରିବଙ୍କୁ ମିଳିବ ୫ ଲକ୍ଷ ଘର: ମନ୍ତ୍ରୀ

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଖର୍ଚ୍ଚଦାବି ଅନୁମୋଦିତ
## ନିର୍ମାଣ ହେବ ୨୦ ମେଟ୍ରୋ ଷ୍ଟେଶନ

ଭୁବନେଶ୍ୱର, ୬।୯(ସୁନିତ୍ ମିଶ୍ର)

ରାଜ୍ୟର ପ୍ରତ୍ୟେକ ସହରକୁ ବିକଶିତ ସହରରେ ପରିଣତ କରିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଲକ୍ଷ୍ୟ। ଓଡ଼ିଶାର ୧୧୫ଟି ପୌରସଂସ୍ଥାରେ ଆମ ଜନସଂଖ୍ୟାର ୨୦ ପ୍ରତିଶତ ଲୋକ ବାସ କରୁଛନ୍ତି। ଆମ ସହର ଓ ନଗରଗୁଡ଼ିକୁ ଯୋଜନାବଦ୍ଧ ଭାବେ ବିକଶିତ କରିବା ଲାଗି ବିଭାଗ ଅଙ୍ଗୀକାରବଦ୍ଧ। କଟକ ଏବଂ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବା ଲାଗି ଭାଜପା ସରକାର ଅନେକ ଯୋଜନା କରୁଛନ୍ତି। ଜନସାଧାରଣ ପରିବହନ ବିକାଶର ଏକ ମୂଳାଧାର ହୋଇଥିବାରୁ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରକୁ ତ୍ରିଶୂଳିଆ ସହ ମେଟ୍ରୋ ରେଳ ଦ୍ୱାରା ସଂଯୋଗୀକରଣ କାମକୁ ତ୍ୱରାନ୍ୱିତ ଗତିରେ ଆଗେଇନେବୁ। ସଡ଼କ ପଥରେ ଯାତ୍ରାକୁ ସୁଗମ କରିବା ଲାଗି ପିଏମ୍ ଇ-ବସ୍ ଯୋଜନାରେ ୪୦୦ଟି ଇ-ବସ୍ ଯୋଗାଯାଉଛି। ସହରରେ ବାସ କରୁଥିବା ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଅର୍ବାନ) ଅଧୀନରେ ୫ ଲକ୍ଷ ବାସଗୃହ ନିର୍ମାଣର ଯୋଜନା କରାଯାଇଥିବା ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମ୍ବଳିତ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖିବା ଅବସରରେ ମନ୍ତ୍ରୀ ମହାପାତ୍ର କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ୯୬୧୨,୦୯,୦୫,୦୦୦ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ଗତବର୍ଷର ବଜେଟ ତୁଳନାରେ ୨୨ ପ୍ରତିଶତ ଅଧିକ। ଏଥର ରାଜ୍ୟ ସରକାର ଅମୃତ ଯୋଜନାରେ ୭୬୪ କୋଟି, ବସୁଧା ଯୋଜନାରେ ୧୧୨ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସହରାଞ୍ଚଳ ପରିମଳ ଲାଗି ସ୍ୱଚ୍ଛ ସର୍ବେକ୍ଷଣରେ ଓଡ଼ିଶା ୪ ନମ୍ବରରେ ଥିବା ବେଳେ ଏହାକୁ ୧ ନମ୍ବରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ସ୍ୱଚ୍ଛ ଭାରତ ମିଶନରେ ୫୩୩.୬୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଯାହା ପୂର୍ବ ବ୍ୟୟ ବରାଦର ୨ ଗୁଣା। ରାଜ୍ୟ ସରକାର ପିଏମ୍ ସ୍ୱନିଧି ଯୋଜନାରେ ଅଦ୍ୟାବଧି ୯୦,୪୭୧ ଜଣଙ୍କୁ ଋଣ ପ୍ରଦାନ କରିଛନ୍ତି। ଏହି ଯୋଜନାରେ ସରକାର ଏଥର ଲକ୍ଷେରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସ୍ମାର୍ଟ ଆଇଡି ଏବଂ ସାର୍ଟିଫିକେଟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜାଗା ମିଶନରେ ରାଜ୍ୟ ସରକାର ୧୦୦ କୋଟି ଓ ସହରାଞ୍ଚଳ ଗୃହ ନିର୍ମାଣ ଯୋଜନାରେ ୬୯୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସହରାଞ୍ଚଳ ପରିବହନ ଯୋଜନାରେ ଓଡ଼ିଶା ମେଟ୍ରୋ ରେଳ ପରିବହନ ଯୋଜନାରେ ତ୍ରିଶୂଳିଆଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୨୬ କି.ମି.ର ମେଟ୍ରୋ ପ୍ରକଳ୍ପର ବ୍ୟବସ୍ଥା କରିଛନ୍ତି। ଏଥିଲାଗି ୬ ବର୍ଷରେ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୨୪-୨୫ରେ ଏଥିଲାଗି ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ। ଆଗକୁ କ୍ୟାପିଟଲ ଛକ, ରାଜମହଲ ଛକ, ବାଣୀବିହାର ଛକ, ଜୟଦେବ ବିହାର ଛକ ଓ ପଟିଆ ଛକ ସମେତ ମୋଟ୍ ୨୦ଟି ମେଟ୍ରୋ ରେଳ ଷ୍ଟେଶନ ନିର୍ମାଣ ହେବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର କହିଛନ୍ତି।

**ସୁଭଦ୍ରା ପାଇଁ ଆଧାର ଟେନ୍‌ଶନ୍...**



ସୁଭଦ୍ରା ଆବେଦନ ଲାଗି ଆଧାର ଅପ୍‌ଡେଟ୍ କରାଇବାକୁ ଭୁବନେଶ୍ୱର ଶହୀଦନଗରସ୍ଥିତ ଆଧାର କେନ୍ଦ୍ରରେ ଲୋକେ ଧାଡ଼ିରେ ଅପେକ୍ଷା କରିଛନ୍ତି। (ଫଟୋ- ବିକାଶ ନାୟକ)

# ୧୫ ଦିନ ଭିତରେ ଝାଡ଼ାବାନ୍ତିରେ ୨ ମହିଳା ମୃତ

## ଚେପଟିଆମ୍ବା ଗ୍ରାମରେ ବ୍ୟାପୁଛି ଝାଡ଼ାବାନ୍ତି

ଝରିଗାଁ,୬।୯
(କିଶୋର ଚନ୍ଦ୍ର ମଣ୍ଡଳ)



ଗାଁରେ ଡାକ୍ତର ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ବଡ଼ଟେମେରା ପଞ୍ଚାୟତ ଅଧୀନ ଚେପଟିଆମ୍ବା ଗ୍ରାମରେ ୧୫ ଦିନ ହେବ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ ଗାଁର କେଶବ ମାଝୀଙ୍କ ସ୍ତ୍ରୀ ବିମଳା (୪୨) ଓ ଟିବୁ ଜାନୀଙ୍କ ସ୍ତ୍ରୀ ରାମା (୪୭)।

ଗ୍ରାମବାସୀଙ୍କ କହିବା ପ୍ରକାରେ, ଗତ ମାସ ୨୦ରେ ବିମଳା ପ୍ରଥମେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସନ୍ଧ୍ୟାରେ ତାଙ୍କୁ ଗୁରୁତର ଅବସ୍ଥାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିଛିଦିନ ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ପରେ ପୁଣି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗତ ୨୪ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଗତ ୨୯ ତାରିଖ ସକାଳୁ ରାମାଙ୍କୁ ଝାଡ଼ାବାନ୍ତି ହୋଇଥିଲା। ଟିବୁ କାମରୁ ଫେରିବା ବେଳକୁ ରାମାଙ୍କୁ ଗୁରୁତର ଅବସ୍ଥାରେ ଦେଖି ଆମ୍ବୁଲାନ୍ସକୁ ଡାକିଥିଲେ। ତେବେ ଆମ୍ବୁଲାନ୍ସ ଚେପଟିଆମ୍ବାରେ ପହଞ୍ଚିବା ପୂର୍ବରୁ ରାମାଙ୍କ ମୃତ୍ୟୁ ହୋଇଯାଇଥିବା ଗ୍ରାମବାସୀ କହିଛନ୍ତି। ଏବେ ଗାଁର ଅନେକ ଛୋଟ ଶିଶୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ଅଛନ୍ତି। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ସେବନ ପରେ କେତେଜଣ ସୁସ୍ଥ ଥିବାବେଳେ ଆଉ କେତେଜଣ ଗୁରୁତର ଅଛନ୍ତି। ଗ୍ରାମର ଅନେକ ମହିଳା ପୁରୁଷ ମଧ୍ୟ ଆକ୍ରାନ୍ତ ଥିବା ଗ୍ରାମବାସୀ କହିଛନ୍ତି। ଗୁରୁତର ଡମାଇ ଜାନୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ଘଟଣା ସମ୍ପର୍କରେ ଝରିଗାଁ ସ୍ୱାସ୍ଥ୍ୟ ବିଭାଗ ଅବଗତ ହେବାପରେ ଡାକ୍ତର ସନ୍ତୋଷ ପ୍ରଧାନ,ମହିଳା ସ୍ୱାସ୍ଥ୍ୟ କର୍ମୀ ଜାନକୀ ଟାକିରି, ଷ୍ଟାଫ ନର୍ସ ଚଞ୍ଚଳା ନାୟକ ପ୍ରମୁଖ ଚେପଟିଆମ୍ବାରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। ବଡ଼ ଟେମେରା ପଞ୍ଚାୟତ ଚେପଟିଆମ୍ବା ଗ୍ରାମରେ ପ୍ରାୟ ୧୮୦ ପରିବାର ରହୁଛନ୍ତି। ସେମାନେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମୁଣ୍ଡାପଦର ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ମୁଣ୍ଡାପଦର ଉପସ୍ୱାସ୍ଥ୍ୟକେନ୍ଦ୍ରରେ ସାତ ମାସ ହେବ କୌଣସି ମହିଳା ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ସେହିପରି ଉକ୍ତ ପଞ୍ଚାୟତର ସାନଟେମେରା ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ରହୁ ନ ଥିବାରୁ ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ତେଣୁ ଏପରି ସମସ୍ୟା ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହିଭଳି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଗାଦବାକତରା ଗାଁର ୩ ନଂ.ୱାର୍ଡରେ ଝାଡ଼ାବାନ୍ତି ଦେଖାଦେଇଛି। ସ୍ୱାସ୍ଥ୍ୟ ବିଭାଗ ସେଠାରେ ପହଞ୍ଚି ଚିକିତ୍ସା କରୁଥିବା ଜଣାପଡ଼ିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ରହିଥିବା ଟିବୁ ଜାନି (୫୮), ହୀରାମଣି ଜାନି (୩୨), ବିମଳା ପୂଜାରୀ (୩୫) ଏବଂ ଭଞ୍ଜନ ଜାନି (୪)ଙ୍କୁ ଝରିଗାଁ ମେଡିକାଲକୁ ପଠାଯାଇଥିବା ଡାକ୍ତର ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

# ପଶ୍ଚିମବଙ୍ଗ ସୀମାରେ ଅଟକିଛି ଅଣ୍ଡା, କୁକୁଡ଼ା ଟ୍ରକ୍

## ବାର୍ଡ ଫ୍ଲୁ ଆତଙ୍କ

ଜଳେଶ୍ୱର, ୬।୯(ନବୀନ ସାହୁ)



ଅଟକି ରହିଥିବା ଟ୍ରକ୍।

୬୦ନଂ. ଜାତୀୟ ରାଜପଥର ବାଲେଶ୍ୱର ଜିଲା ଜଳେଶ୍ୱର ନିକଟରେ ଥିବା ପଶ୍ଚିମବଙ୍ଗର ସୀମା ସୁନାକଣିଆ ନାକା ନିକଟରେ ଅଟକିଛି ୭୦ରୁ ଅଧିକ ଅଣ୍ଡା ଓ କୁକୁଡ଼ା ବୋଝେଇ ଟ୍ରକ୍। ଓଡ଼ିଶାରେ ବାର୍ଡ ଫ୍ଲୁ ବ୍ୟାପିଥିବାରୁ ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଉଥିବା କୁକୁଡ଼ା ଓ ଅଣ୍ଡା ଟ୍ରକ୍ ଉପରେ ପ୍ରତିବନ୍ଧକ ଲଗାଇଛି ପଶ୍ଚିମବଙ୍ଗ ସରକାର।

ଗତ ବୁଧବାରଠାରୁ ଦୀର୍ଘ ୩ ଦିନ ଧରି ପଶ୍ଚିମବଙ୍ଗର ସୀମା ସୁନାକଣିଆ ନାକା ପଏଣ୍ଟଠାରେ ଅଟକି ରହିଛି କୁକୁଡା ଓ ଅଣ୍ଡା ବୋଝେଇ ଟ୍ରକ୍। ଆନ୍ଧ୍ରପ୍ରଦେଶରୁ ଆସାମ ଯିବା ପାଇଁ ପଶ୍ଚିମବଙ୍ଗ ମଧ୍ୟଦେଇ ଯାଉଥିବା ଗାଡ଼ିଗୁଡ଼ିକୁ ମଧ୍ୟ ପଶ୍ଚିମବଙ୍ଗ ସରକାର ଛାଡ଼ିବାକୁ ମନା କରିଛି। ଫଳରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଜଳେଶ୍ୱର ଟୋଲପ୍ଲାଜା ନିକଟରେ ଅଣ୍ଡା ଓ କୁକୁଡା ବୋଝେଇ ଟ୍ରକ୍‌ଗୁଡ଼ିକ ଛିଡ଼ା ହୋଇରହିଛି।

# ଏଫ୍‌ଆଇଆର୍‌କୁ ନେଇ ବିଧାନସଭାରେ ବିଜେଡିର ହଟ୍ଟଗୋଳ

## ରେଭେନ୍‌ଶା ତାତି
## ଦମ୍ ଅଛି ତ ବିତର୍କକୁ ଆସନ୍ତୁ: ଭାଜପା

ଭୁବନେଶ୍ୱର, ୬।୯(ଅନିଲଦାସ)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନକୁ ନେଇ ନିଜସ୍ୱ ମତଦେବା ପରେ ଏହାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ବିଧାନସଭାରେ ଗତ ଦୁଇଦିନ ହେବ ରେଭେନ୍‌ଶା ତାତି ଦେଖିବାକୁ ମିଳୁଛି। ଶୁକ୍ରବାର ଶୂନ୍ୟକାଳରେ ବିଜେଡି ସଭ୍ୟ ବ୍ୟୋମକେଶ ରାୟ ଗୃହରେ ଏହି ପ୍ରସଙ୍ଗ ଉଠାଇ ସୁରକ୍ଷା ଦେବାକୁ ଦାବି କରିଛନ୍ତି। ସେ କହିଛନ୍ତି, ରେଭେନ୍‌ଶା ପୁରାତନ ଛାତ୍ରଙ୍କ ଦ୍ୱାରା କରାଯାଉଥିବା ମଶାଲ ଶୋଭାଯାତ୍ରା ବେଳେ ମୁଁ କୁଆଡ଼େ ବନ୍ଧୁକ ଧରି ଯାଉଥିଲି। ଧମକ ଚମକ ଦେଉଥିଲି। ମୋ ନାଁରେ ଥାନାରେ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ପ୍ରତିଶୋଧ ପରାୟଣ ହୋଇ ଏଭଳି କରାଯାଇଛି। କେନ୍ଦ୍ର ସରକାରଙ୍କୁ ଯିଏ ବିରୋଧ କଲା ତାଙ୍କ ବିରୋଧରେ ଇଡି ଓ ସିବିଆଇକୁ ଲଗାଯାଉଛି। ମୋ ନାମରେ ଆର୍ମସ ଆକ୍ଟରେ ମାମଲା କରାଯାଇଛି। ସୁରକ୍ଷା ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିବା ସହ ଡିସିପି ଏବଂ ଆଇଆଇସିଙ୍କ ବିରୋଧରେ ବିଧାନସଭାରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବେ ବୋଲି ଚେତାବନୀ ଦେଇଛନ୍ତି। ବିଜେଡି ସଭ୍ୟ ଗଣେଶ୍ୱର ବେହେରା କହିଲେ, ଲୋକଙ୍କ ମତକୁ ଚାପିଦେବାକୁ ଉଦ୍ୟମ ହେଉଛି। ଏହାକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ କମ୍ ହେବ। ବିଧାୟକ ବ୍ୟୋମକେଶ ରାୟଙ୍କ ନାମରେ ମିଥ୍ୟା ମକଦ୍ଦମା କରାଯାଇଛି। ଯଦି ଜଣେ ମାରଣାସ୍ତ୍ର ଧରିଥିବେ କିମ୍ବା ଧମକ ଦେଉଥିବେ ତେବେ ଆର୍ମସ ଆକ୍ଟ ଲାଗିପାରିବ। ଏହା ସମ୍ପୂର୍ଣ୍ଣ କପୋଳକଳ୍ପିତ ଓ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ହେଉ ଏବଂ ବିଧାୟକଙ୍କ ବିରୋଧରେ ହୋଇଥିବା ମକଦ୍ଦମାକୁ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଥିଲେ। ଏହି ସମୟରେ ବିଜେଡି ସଭ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ମୋହନ ସରକାର ହାଏ...ହାଏ... କେସ୍ ପ୍ରତ୍ୟାହାର ଆମର ଦାବି...ଆମର ଦାବି ସ୍ଲୋଗାନ ଦେଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଭାଜପା ସଭ୍ୟ ଇରାଶିଷ ଆଚାର୍ଯ୍ୟଙ୍କୁ କହିବା ଲାଗି ଅନୁମତି ଦେଇଥିଲେ। ସେ କହିଥିଲେ, ବିଧାନସଭା ଚାଲିଥିବା ବେଳେ ବ୍ୟୋମକେଶ ତାଙ୍କ ନିର୍ବାଚନ ମଣ୍ଡଳୀ ହୋଇ ନ ଥିବା ସତ୍ତ୍ୱେ କାହିଁକି ରେଭେନ୍‌ଶା ଯାଇଥିଲେ। ବିଧାୟକ ଛାତିରେ ହାତ ରଖି କହିପାରିବେ କି ଧମକ ଦେଇନାହାନ୍ତି। ପୂର୍ବରୁ ବିନା ଏଫ୍‌ଆଇଆର୍‌ରେ ଲୋକଙ୍କୁ ଗିରଫ କରାଯାଉଥିଲା। ଘଟଣା ଯେତେବେଳେ ଘଟିଛି ମାମଲା ହେବାର ଆବଶ୍ୟକତା ରହିଛି। ଏହି ଘଟଣାର ଏ ପର୍ଯ୍ୟନ୍ତ ତଦନ୍ତ ହୋଇନାହିଁ। ତଦନ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର। ଟିଇ ରେଭେନ୍‌ଶା ଜଣେ ହତ୍ୟାକାରୀ, ତାଙ୍କ ସପକ୍ଷରେ ବାହାରିବା କ'ଣ ଓଡ଼ିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଛନ୍ତି।

ରେଭେନ୍‌ଶା ନିଷ୍ଠୁରତାର ପ୍ରମାଣ ଦେଇଛନ୍ତି। ସେ ଜଣେ ଗଣ ହତ୍ୟାକାରୀ; ଯାହାଙ୍କ ପାଇଁ ଓଡ଼ିଶାର ଏକ ତୃତୀୟାଂଶ ଲୋକଙ୍କ ଜୀବନ ଯାଇଥିଲା। ଏଭଳି ଲୋକଙ୍କୁ କେମିତି ଗର୍ବ ବୋଲି ବିଜେଡି କହୁଛି। ବୋଧେ ବିଜେଡି ଲୋକମାନେ ଏବେଯାଏ ସାମନ୍ତବାଦୀ ଚିନ୍ତାଧାରାରୁ ବାହାରି ନାହାନ୍ତି। ସେମାନେ ଭାବୁଛନ୍ତି, ସେ ତାମିଲ ଆସିବ ଓ ଶାସନ କରିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଏ ପ୍ରସଙ୍ଗରେ ବିତର୍କର ଆବଶ୍ୟକତା ରହିଛି। ଯଦି ଦମ୍ ଅଛି, ବିଜେଡି ସଦସ୍ୟମାନେ ନିଜ ସିଟ୍‌ରେ ବସି ବିତର୍କକୁ ଆସନ୍ତୁ। ଆମେ ଉତ୍ତର ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଇରାଶିଷ କହିଛନ୍ତି। ଅନ୍ୟପକ୍ଷରେ ମକଦ୍ଦମା ପ୍ରତ୍ୟାହାର କରିବା ଦାବିରେ ବିଜେଡି ସଦସ୍ୟମାନେ ଗୃହର ମଧ୍ୟ ଭାଗରେ ପ୍ରବଳ ହୋହଲ୍ଲା କରିଥିଲେ। ବାଚସ୍ପତି ବାଧ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକ ମୃତ

## ସେଣ୍ଟ୍ରିଂ ଖୋଲିବାକୁ ଯାଇଥିବା ବେଳେ ଅଘଟଣ

ବାରଙ୍ଗ,୬।୯(ଲିଙ୍ଗରାଜ ରାଉତ)



ଅଗ୍ନିଶମ କର୍ମଚାରୀମାନେ ଟାଙ୍କିରୁ ଶ୍ରମିକମାନଙ୍କୁ ଉଦ୍ଧାର କରୁଛନ୍ତି।


କଟକ ଜିଲା ବାରଙ୍ଗ ଥାନା ଅଧୀନ ନରଣପୁର ଅଞ୍ଚଳରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ପାଇଖାନା ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ୩ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଅବୁ ତାହିର ଅଲ୍ଲୀ(୩୬), ସେକ୍ ଅଲମିନ୍ (୨୭) ଏବଂ ନଦିଆ ଜିଲାର କ୍ରିଷ୍ଣ କିଶୋର ସରକାର(୩୮)।

ସୂଚନା ମୁତାବକ, ନରଣପୁର ନିକଟରେ ନୂତନ ଭାବେ ନିର୍ମାଣ ହେଉଥିବା ଏକ ଘରୋଇ ଆପାର୍ଟମେଣ୍ଟର ନୂତନ ପାଇଖାନା ଟାଙ୍କିର ଛାତ ପଡ଼ିଥିଲା। ଶୁକ୍ରବାର ସକାଳେ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବାକୁ ଦୁଇଜଣ ଶ୍ରମିକ ଟାଙ୍କି ଭିତରକୁ ଯାଇଥିବା ବେଳେ ଜଣେ ଉପରେ ରହିଥିଲେ। କିଛି ସମୟ ପରେ ଭିତରୁ କୌଣସି ଶବ୍ଦ ନ ଶୁଭିବାରୁ ଉପରେ ଥିବା ଶ୍ରମିକ ଜଣଙ୍କ ଟାଙ୍କି ଭିତରକୁ ପଶିଥିଲେ। ତିନିଜଣ ଶ୍ରମିକ ଭିତରେ ଅଣନିଃଶ୍ୱାସୀ ହେବା ସହ ଅଚେତ ହୋଇପଡ଼ିଥିଲେ। ନିକଟରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଟାଙ୍କି ଭିତରେ ପଶିଥିବା ଶ୍ରମିକଙ୍କୁ ଡାକିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ତେଣୁ ଉପରେ ଥିବା ଶ୍ରମିକମାନେ କୌଣସି ଆଶଙ୍କା ମନେକରି ଜରୁରିକାଳୀନ ସେବା ୧୧୨ ନମ୍ବରକୁ ସୂଚନା ଦେବା ସହ ବାରଙ୍ଗ ଅଗ୍ନିଶମ ବାହିନୀ ଏବଂ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଇଖାନା ଟାଙ୍କି ଭିତରେ ଫସିଥିବା ୩ଜଣ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ଉକ୍ତ ୩ ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୋଲିସ ସମ୍ପୃକ୍ତ ଠିକାଦାର ଓ ସୁପରଭାଇଜରଙ୍କୁ ଡାକି ଘଟଣା ଘଟିବାର କାରଣ, କର୍ମଚାରୀଙ୍କ ସେଫ୍ଟି ପାଇଁ କ'ଣ ବ୍ୟବସ୍ଥା ରହିଛି ସେ ବିଷୟରେ ପଚରାଉଚରା କରିଛି।

# ୩ ଦିନରେ ଅବପାତର ରୂପ ନେବ ଲଘୁଚାପ

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ଦକ୍ଷିଣ ଓଡ଼ିଶା ଉପକୂଳ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର ଦିଗରେ ଗତି କରିବା ସହ ୩ଦିନ ମଧ୍ୟରେ ଗାଙ୍ଗେୟ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ଅବପାତରେ ପରିଣତ ହେବ। ଏଥିସହ ଏହି ଅଞ୍ଚଳରେ ଏକ ମୌସୁମୀ ନିମ୍ନଚାପରେଖା ସକ୍ରିୟ ଥିବାରୁ ସାରା ରାଜ୍ୟରେ ସପ୍ତାହେ ଯାଏ ବର୍ଷା ହେବ। ଶନିବାର ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ୯ ତାରିଖ ଯାଏ ଦକ୍ଷିଣ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲା ସହିତ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଏବଂ ୧୦ ଓ ୧୧ ତାରିଖରେ ବାଲେଶ୍ୱର ଓ ଭଦ୍ରକରେ ପ୍ରବଳ ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଓ ବଲାଙ୍ଗୀର ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ବିଜୁଳି ଘଡ଼ଘଡ଼ି ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ମୟୂରଭଞ୍ଜ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାର(ଖଣ୍ଡଗିରି), ଗୋପବନ୍ଧୁ ନଗର(ୟୁନିଟ-୮), ଜୟଦେବ ବିହାର, ସମୟ: ସକାଳ ୭ଟା ୩୦ । ସ୍ଥାନ: ୟୁନିଟ-୩, ଖାରବେଳନଗର, ସମୟ: ସକାଳ ୮ଟା । ସ୍ଥାନ: ନୀଳାଦ୍ରିବିହାର, ସମୟ: ସକାଳ ୯ଟା ।
- ଗଡ଼େଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଗଣେଶପୂଜା, ସ୍ଥାନ: ବୀରସୁରେନ୍ଦ୍ର ସାଏ ନଗର, ଗାଡ଼କଣ, ସମୟ: ସକାଳ ୯ଟା ୩୭ ।
- ବସନ୍ତ କୁମାର ବିଶ୍ୱାଳଙ୍କ ୨୧ତମ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ବ୍ରହ୍ମାନନ୍ଦ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜଧାନୀ ନ୍ୟୁଜ ପେପର ହକର୍ସ ୟୁନିୟନ ପକ୍ଷରୁ ଗଣେଶପୂଜା, ସ୍ଥାନ: ନାଲକୋ ଛକସ୍ଥିତ ଖବରକାଗଜ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ।
- ସୋମନାଥ ଯୁବ ପରିଷଦର ଗଣେଶପୂଜା ଓ ବାର୍ଷିକ ଉତ୍ସବ, ସ୍ଥାନ: ସମେଇଗାଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ଏକାମ୍ର ରାଜା ଗଣେଶ ପୂଜା କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦାନ, ସ୍ଥାନ: ପୁରୁଣା ଭୁବନେଶ୍ୱର ବଢ଼େଇବାଙ୍କ ଛକ ନିକଟ ପୂଜା ମଣ୍ଡପ, ସମୟ: ଅପରାହ୍ନ ୫ଟା ।
- ଦ ହେଭେନ୍ସ ଗ୍ରୁପ ପକ୍ଷରୁ ସ୍ମୃତିରେ ଶିବବ୍ରତ, ସ୍ଥାନ: ସୂନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।
- ଗଣେଶପୂଜା ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ, ନୂଆସାହି, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୭ଟା ।

## କଟକ

- ଜ୍ୟୋତ୍ସ୍ନାବିହାର ଉନ୍ନୟନ ସମିତି ପକ୍ଷରୁ ଗଣେଶ ଚତୁର୍ଥୀ ଉତ୍ସବ, ସ୍ଥାନ: ଜ୍ୟୋତ୍ସ୍ନାବିହାର ଗଣେଶ ଛକ, ଭାଣପୁର, ସମୟ: ପୂର୍ବାହ୍ନ ୧୧ଟା ।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଓ ବଢ଼େଇସାହି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଗଣେଶ ପୂଜା, ସ୍ଥାନ: ବଢ଼େଇସାହି ଗଣେଶ ମନ୍ଦିର, ସମୟ: ଅପରାହ୍ନ ୪ଟା ।

## ପୁରୀ

- ଗଣେଶ ଉତ୍ସବ, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୭ଟା । ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୮ଟା ୩୦ । ସ୍ଥାନ: ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା । ସ୍ଥାନ: ବଚପନ୍ ବିଦ୍ୟାଳୟ, ଦଣ୍ଡତୋଟା, ସମୟ: ସକାଳ ୯ଟା ।
- ସାରସ୍ୱତ ବିଦ୍ୟା ନିକେତନର ଗଣେଶ ଉତ୍ସବ, ସ୍ଥାନ: ନେବଳ ଦାସ ମଠ, ପୁରୀ କରତି ସାହି, ସମୟ: ସକାଳ ୯ଟା ୩୦ ।
- ଗଣେଶ ଉତ୍ସବ, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଜ୍ଞାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁଭଦ୍ରା ଯୋଜନାର ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୧୫ ।
- ପୁରୀ ସାଂସ୍କୃତିକ ସମ୍ବଳ କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଗଣପତି ଉତ୍ସବ, ସ୍ଥାନ: ଶ୍ରୀକ୍ଷେତ୍ର ଆଦିଚାର ଗଣେଶ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ଖୋର୍ଦ୍ଧା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶପୂଜା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁରୁଜଙ୍ଗ । ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା, ସମୟ: ସକାଳ ୯ଟା ।
- ସିଗ୍‌ମା ପବ୍ଲିକ ସ୍କୁଲରେ ଗଣେଶପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ବିଡିଏ କଲୋନୀ, ଖୋର୍ଦ୍ଧା, ସମୟ: ସକାଳ ୯ଟା ।
- ଗଣେଶପୂଜା, ସ୍ଥାନ: ସାମ୍ବାଦିକ ଭବନ, ଟିଏଲ୍‌ସି ରୋଡ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ।
- ଗଣେଶପୂଜା, ସ୍ଥାନ: ସଂସ୍କୃତି ଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ।
- ଖୁଦୁପୁର ୟୁଥ୍ କ୍ଲବ ପକ୍ଷରୁ ଗଣେଶପୂଜା ଉପଲକ୍ଷେ ମିନାବଜାର, ସ୍ଥାନ: ନବଜ୍ୟୋତି ଖେଳପଡ଼ିଆ, ଖୁଦୁପୁର, ଜଟଣୀ, ସମୟ: ସନ୍ଧ୍ୟା ୬ଟା ।
- କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଜଟଣୀ ଗଣେଶ ମହୋତ୍ସବ-୨୦୨୪, ସ୍ଥାନ: ଶରତ ପାଇକରାୟ ଖେଳପଡ଼ିଆ, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର

- ସୁଭଦ୍ରା ରଥ ଶୁଭାରମ୍ଭ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ଗଣେଶ ପୂଜା ଏବଂ ନୂତନ ମନ୍ଦିର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ପ୍ରସନ୍ନ ମହାବିଦ୍ୟାଳୟ, ଲଙ୍ଗଳେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସନ୍ଧ୍ୟା ୫ଟା ।
- ଭଜନ ସନ୍ଧ୍ୟା ଓ ନୃତ୍ୟ ଆସର, ସ୍ଥାନ: ହରିହର କଳା ବିକାଶ କେନ୍ଦ୍ର, ରୂପସା, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ଗଣେଶ ଚତୁର୍ଥୀ ପାଳନ, ସ୍ଥାନ: ସମସ୍ତ ଶିକ୍ଷାନୁଷ୍ଠାନ, ଭଦ୍ରକ, ସମୟ: ସକାଳ ୯ଟା ।
- ପିଲା ଗଣେଶଙ୍କ ପୂଜା ଆରମ୍ଭ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ।
- କାଞ୍ଚନ ଗଣେଶଙ୍କ ପୂଜା, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ବୁଢ଼ା ଗଣେଶଙ୍କ ପୂଜା ଆରମ୍ଭ, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ।
- ଟୋକା ଗଣେଶଙ୍କ ପୂଜା, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୧ଟା ।

## କେନ୍ଦୁଝର

- ଶ୍ରୀ ଗଣେଶଙ୍କ ମନ୍ଦିରରେ ରୀତିନୀତି ଅନୁସାରେ ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ବଂଚୋ, ହାଟଡିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୭ ଟା ।
- ଶ୍ରୀ ଶନି ଗ୍ରହଙ୍କ ମନ୍ଦିରରେ ମାନସିକ ମେଳା, ପୂଜା, ହୋମ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ଛେନାପଦୀ, ହାଟଡିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୭ ଟା ।
- ଶ୍ରୀ ଗଣେଶଙ୍କ ପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଷ୍ଣୁପୁର, କାନପୁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୯ ଏବଂ ସନ୍ଧ୍ୟା ୬ ଟା ।
- ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଶ୍ରୀ ଗଜାନନଙ୍କ ପୂଜା, ସ୍ଥାନ: ହାଟଡ଼ିହୀ, ସମୟ: ସମୟ ପୂର୍ବାହ୍ନ ୧୦ ଟା ।
- ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା ।

## ମୟୂରଭଞ୍ଜ

- ବିଘ୍ନବିନାଶକ ଗଣେଶଙ୍କ ପୂଜା, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ ବଡ଼ସାହି, ସମୟ: ସକାଳ ୮ଟା ।
- ବଡ଼ସାହି ପଞ୍ଚାୟତ ସମିତି କଲେଜର ୪୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ପରିସର, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଗଣେଶ ପୂଜା, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁରସରକାରୀ ଉପ୍ରା ବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା ।
- ଗଣେଶ ପୂଜା, ସ୍ଥାନ:ଲାଲବଜାର ରାଜା, ବାରିପଦା, ସମୟ: ଅପରାହ୍ନ ୩ଟା ।
- ସୁଭଦ୍ରା ରଥର ଶୁଭ ଉଦ୍‌ଘାଟନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ଅପରାହ୍ନ ୩ଟା ।

## ବ୍ରହ୍ମପୁର

- ସିଦ୍ଧି ବିନାୟକଙ୍କ ପୂଜା ମହୋତ୍ସବ, ସ୍ଥାନ: ହିଲପାଟଣା ପୀଠ,ସମୟ: ସକାଳ ୭ଟା ୨୫ ।
- ବିଘ୍ନ ବିନାୟକଙ୍କ ପୂଜା, ସ୍ଥାନ: ରାମହରି ନଗର ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା ୩୦ ।

## ଗଞ୍ଜାମ

- ଗଣେଶ ପୂଜା ଉତ୍ସବ, ସ୍ଥାନ:ବୁଗୁଡା ନିୟୁ ଏରା ପବ୍ଲିକ ସ୍କୁଲ, ସରସତୀ ଶିଶୁ ବିଦ୍ୟାମନ୍ଦିର,ଶୋଭନୀୟ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା ।

## କନ୍ଧମାଳ

- ସୁଭଦ୍ରା ଯୋଜନାରେ ଆଇଇସି ରଥ ଶୁଭାରମ୍ଭ, ସ୍ଥାନ: ଫୁଲବାଣୀସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ସକାଳ ୯ଟା ।

## ଗଜପତି

- ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ,ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।

## ଢେଙ୍କାନାଳ

- ଲି' ପାଟ୍ରୋନ ପକ୍ଷରୁ ଗଣପତି ଚତୁର୍ଥୀ, ସ୍ଥାନ:ଲି' ପାଟ୍ରୋନ୍ ଶିକ୍ଷାନୁଷ୍ଠାନ, ଅମଳାପଡା, ବସଷ୍ଟାଣ୍ଡ, ସମୟ:ସକାଳ ୯ଟା ।
- ରାଇଜିଂ ଷ୍ଟାର ପକ୍ଷରୁ ଗଣେଶ ପୂଜା, ସ୍ଥାନ:ଶିବମଣ୍ଡପ ଲେନ୍, ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଯୋଜନାର ଶୁଭାରମ୍ଭ, ସ୍ଥାନ:ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୦ଟା ।
- ବଜରଙ୍ଗ କ୍ଲବ ପକ୍ଷରୁ ଗଣେଶ ପୂଜା ଉତ୍ସବ, ସ୍ଥାନ:କୈବଲ୍ୟ ବଜାର ପୂଜା ମଣ୍ଡପ, ଢେଙ୍କାନାଳ, ସମୟ:ମଧ୍ୟାହ୍ନ ୧୨ଟା ୭ ।।

## ଅନୁଗୋଳ

- ମା' ଗ୍ରାମେଶ୍ୱରୀଙ୍କ ବାର୍ଷିକ କାଦୁଆଳୀ ପୂଜା, ସ୍ଥାନ: କଣିହାଁ ବ୍ଲକ ବଡ଼ହୀରା ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା ।

## ଜଗତ୍‌ସିଂହପୁର

- ଗଣପତି ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ:ସକାଳ ୮ଟା ।
- ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ବିଜୟଚନ୍ଦ୍ରପୁର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା ।
- ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶାଳଙ୍କ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତି ସଭା, ସ୍ଥାନ: ତେରତାଙ୍ଗଗଡ଼ା, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଦାରୁବ୍ରହ୍ମ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ମହୋତ୍ସବ, ସ୍ଥାନ: ମଧୁବନ, ପାରାଦୀପ, ସନ୍ଧ୍ୟା ୫ଟା ।
- ସମ୍ରାଟ କ୍ଲବ ପକ୍ଷରୁ ଗଣେଶ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ପାରାଦୀପ, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ, ସ୍ଥାନ: ବାରିମୂଳ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀଗଣପତିଙ୍କ ପୂଜାତ୍ସୋବ, ସ୍ଥାନ: ଖଡ଼ିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ରାତି ୯ଟା ।

## ଯାଜପୁର

- ଜାରକା ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ଗଣେଶ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼

- ଗଣେଶ ପୂଜା, ସ୍ଥାନ:ନୟାଗଡ ବଜାର ଲେମ୍ବୁ ଛକ ନିକଟ, ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଗଣେଶ ପୂଜା ଅବସରରେ ବାଦି ପାଲାର ପ୍ରଥମ ଓ ଦ୍ୱିତୀୟ ଥାକ, ସ୍ଥାନ: ନୟାଗଡ଼ ବଜାର ଲେମ୍ବୁ ଛକ ନିକଟ, ସମୟ: ଅପରାହ୍ନ ୩ଟା୩୦ରୁ ରାତ୍ର ୧୧ଟା ।
- ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୧ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ, ସ୍ଥାନ:ପଂଚାୟତ ସମିତି ନୂନ ସଭାକକ୍ଷ ନୟାଗଡ, ସମୟ: ଅପରାହ୍ନ ୪ଟା ।

## ରାୟଗଡ଼ା

- ଖଣି ମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନା ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ସୁଭଦ୍ରା ଯୋଜନା ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ।
- ନବରଙ୍ଗପୁର ବିଧାୟକଙ୍କ ଉମାଶଙ୍କର ଏକାଡେମୀ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ସୁଭଦ୍ରା ଯୋଜନା ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୋରାପୁଟ, ସମୟ: ଅପରାହ୍ନ ୪ଟା ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୫ଟା ।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ , ସମୟ : ସକାଳ ୭ଟା ।
- ଶ୍ରୀଗଣେଶ ଚତୁର୍ଥୀ କାର୍ଯ୍ୟକ୍ରମ, ସ୍ଥାନ : ସାଇ ଶିକ୍ଷା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବରିଷ୍ଠ ନାଗରିକ ସମାଜର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା

## ବଲାଙ୍ଗୀର

- ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଗଣନାଥଙ୍କ ପୂଜନୋତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ସୁଭଦ୍ରା ଯୋଜନା ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗଣେଶ ପୂଜା, ସ୍ଥାନ: ପଥରଚେପା ଆଦର୍ଶ ବିଦ୍ୟାଳୟ ପରିସର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ସୁବର୍ଣ୍ଣପୁର

- କୋସଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗଣପତିଙ୍କ ପୂଜା ଉତ୍ସବ, ସ୍ଥାନ: ସୋନପୁର ସହର ପଟାଭାଡି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା ।
- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା, ସ୍ଥାନ: ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୮ଟା ।
- ଗଣେଶ ପୂଜା, ସ୍ଥାନ: ବହଳପଦର ସରକାରୀ ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ।
- ସୁନ୍ଦରାକାଣ୍ଡ ପାରାୟଣ , ସ୍ଥାନ: ଚିଙ୍ଗିରାନାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ସୁବର୍ଣ୍ଣପୁର ଜିଲାରେ ସୁଭଦ୍ରା ଭ୍ୟାନ୍‌ର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଗଣେଶ ପୂଜା ପାଳନ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ ପରିବେଷଣ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ:ସନ୍ଧ୍ୟା ୬ଟା ।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ସ୍ଥାନ:,ବୀରମହାରାଜପୁର ତ୍ରିବେଣୀ ଛକ ଗଣେଶ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ବୁଦ୍ଧିଷ୍ଟ ପରିବାର ସଂଘ ପକ୍ଷରୁ ସାମୂହିକ ନୂଆଁଖାଇ ସମାରୋହ, ସ୍ଥାନ: ବରପାଲି, ସମୟ: ସକାଳ ୯ଟା ।
- ନାଟ୍ୟ ନିର୍ଦ୍ଦେଶକ ବୁଦ୍ଧଦେବ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ବଳରାମ ଦେବ କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଖଜୁରଟିକ୍ରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା ।
- ବିଭିନ୍ନ ମଣ୍ଡପରେ ଗଣେଶ ପୂଜା, ସ୍ଥାନ: ଝାରସୁଗୁଡା ସହର ତଥା ଏହାର ଆଖପାଖ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍କୁଲରେ ଗଣେଶ ପୂଜା ପାଳନ, ସ୍ଥାନ: ସରବାହାଲ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା

- ଗଣେଶ ପୂଜା, ସ୍ଥାନ: ଜଗଦା ପଡ଼ିଆ, ସମୟ : ସକାଳ ୮ଟା ।
- ମ୍ୟୁଜିକ୍ ଆଲବମ୍ ଲୋକାର୍ପଣ, ସ୍ଥାନ: ପିପି ଅଡିଟୋରିୟମ୍, ଏନ୍‌ଆଇଟି ରାଉରକେଲା, ସମୟ : ଅପରାହ୍ନ ୫ଟା ।

## ଦେବଗଡ଼

- ଶ୍ରୀଶ୍ରୀ ଗଣେଶ ପୂଜାରମ୍ଭ, ସ୍ଥାନ: ଗଣେଶ ପୂଜା ମଣ୍ଡପ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା ।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୁଣ୍ଡେଇଗୋଲା ଥାନା ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ଗଣେଶ ପୂଜା ଅବସରରେ କ୍ଷୀରି ବଣ୍ଟନ, ସ୍ଥାନ: ଅଙ୍କିତା ପ୍ରିଣ୍ଟର୍ସ ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା ୩୦ ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା ।
- ଗଣେଶ ମେଳା ଅବସରରେ ଦିବ୍ୟାଙ୍ଗ ଭଜନ ସନ୍ଧ୍ୟା, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ରାତି ୮ଟା ।
- ଗଣେଶ ମେଳା ଅବସରରେ ଟିକେଟ ଶୋ' ଅପେରା ଯାତ୍ରା, ଯାଜ୍ଞାସିନି, ସ୍ଥାନ: ପ୍ରଧାନପାଟ ରୋଡ଼, ବଡବଗିଚା, ସମୟ: ରାତି ୧୧ଟା ।

## କଳାହାଣ୍ଡି

- ଗଜାନନ ଯୁବକ ସଂଘର ପ୍ରତିଷ୍ଠା ଦିବସ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଭୋଇରମୁଣ୍ଡା, ସମୟ: ସନ୍ଧ୍ୟା ୭ଟା ।

## ବୌଦ୍ଧ

- ସୁଭଦ୍ରା ଯୋଜନା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଧ୍ୟାତ୍ମିକ ଗ୍ରହ ଶନିଙ୍କ ପ୍ରଭାବରେ ପୂଜାପାର୍ବଣରେ ସତ୍‌ସଙ୍ଗ ଓ ଈଶ୍ୱରୀୟ ଅନୁଚିନ୍ତା ଜାଗ୍ରତ ହେବ । ଜଣେ ବନ୍ଧୁ ଘରକୁ ଆସିବେ ଏବଂ ଫେରିବା ସମୟକୁ ମନଦୁଃଖ କରି ବିଦାୟ ନେବେ । ବିଶେଷ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେବ । ଆନୁଷ୍ଠାନିକ କାମକୁ ଆଖି ଆଗରେ ରଖି ଘରକୁ ସଜାଡ଼ିବାରେ ସମୟ ନେଇପାରନ୍ତି ।

**ବୃଷ** — ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହୁଥିବାରୁ ଅଟକିଥିବା କାମକୁ ନେଇ ମନ ବିଚଳିତ ରହିପାରେ । ଆଜି ସକାଳୁ ଦେଖା କରିବାକୁ କହିଥିବା ବ୍ୟକ୍ତିଟି ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ । ବ୍ୟସ୍ତତାର ଗୁରୁତ୍ୱ ହୃଦୟଙ୍ଗମ ପୂର୍ବକ ବନ୍ଧୁଙ୍କ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ । ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ ।

**ମିଥୁନ** — କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ମନ ଭିତରର ଗୋପନ କଥାକୁ ବନ୍ଧୁଙ୍କ ନିକଟରେ ପ୍ରକାଶ କରିପାରିବେ ନାହିଁ । ପରିବାରରେ ବୃଥା ସନ୍ଦେହ କରି ଅନ୍ୟମାନଙ୍କ ବିରାଗଭାଜନ ହେବେ । ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଅଶାନ୍ତ ରହିପାରନ୍ତି । ଅବଶ୍ୟ କର୍ମକ୍ଷେତ୍ର, ଯାତ୍ରା, ଭ୍ରମଣ, କଳା, ସାହିତ୍ୟରୁ ପ୍ରଶଂସିତ ହୋଇପାରନ୍ତି ।

**କର୍କଟ** — ବୁଧଙ୍କ ପ୍ରଭାବରେ ଅପ୍ରିୟ ସତ୍ୟ ଭାଷଣଜନିତ ସାମାନ୍ୟ କଥାରେ ମତଭେଦ ଘଟିପାରେ । କୌଣସି ହିତୈଷୀଙ୍କ ଦ୍ୱାରା ମାନସିକ ଅବସାଦ ଦୂର ହେବ । ବାଣିଜ୍ୟ, ବ୍ୟବସାୟରେ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ହୋଇପାରେ । ସହକର୍ମୀ ଏବଂ ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ ।

**ସିଂହ** — ସୁଯୋଗର ସଦ୍ ବ୍ୟବହାର ସାଙ୍ଗକୁ ଅନୁକୂଳ ଗ୍ରହ ପ୍ରଭାବରେ ପ୍ରତିଷ୍ଠିତ ହେବେ । ଅଂଶୀଦାରଙ୍କ ପରାମର୍ଶ କ୍ରମେ ବ୍ୟବସାୟକୁ ନେଇ ଦୂରଯାତ୍ରା କରିବାକୁ ପଡ଼ିବ । ସମସ୍ୟାର ସରଳ ସମାଧାନ କରି ଆଶ୍ୱସ୍ତି ଅନୁଭବ କରିବେ । ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି ।

**କନ୍ୟା** — ଷଷ୍ଠାଧିପଙ୍କ କୁପ୍ରଭାବଜନିତ ପ୍ରାପ୍ୟ ହାସଲରେ ବାଧା ଉପୁଜିବ । ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଆଜିର ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ । ପୂର୍ବ ରାଗକୁ ଶୁଝାଇବାକୁ ଯାଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି । ସଭାସମିତିରେ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ।

**ତୁଳା** — କୋଣଭାବର ଅଶୁଭତ୍ୱ କାରଣରୁ ଆଜିହିଁ ଶେଷ କରିବାକୁ ଚିନ୍ତା କରିଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ । ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ଭଲ ରହିବନି । କୌଣସି ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ । ଜଣେ ବନ୍ଧୁଙ୍କ ଉପସ୍ଥିତିରୁ ଝଗଡ଼ା ଲାଗିପାରେ ।

**ବିଛା** — ଦୁଃସ୍ଥାନସ୍ଥ ରାଶ୍ୟାଧିପ କାରଣରୁ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟିହେବ । ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି । ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନଟା କାହିଁକି କେମିତି କେମିତି ଲାଗିପାରେ । ସଭାସମିତିରେ ଛୋଟ ଘଟଣାକୁ ଗୁରୁତ୍ୱ ଦେଲେ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି ।

**ଧନୁ** — ତୃତୀୟାଧିପଙ୍କ ସୁପ୍ରଭାବରେ ନିଜ ଲୋକ ଶତ୍ରୁତା କଲେ ମଧ୍ୟ ବନ୍ଧୁ ତାହା ଦୂରେଇ ନେବେ । ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ । ପ୍ରତିକୂଳ ସମୟ ଚାଲିଥିବାରୁ ପରିସ୍ଥିତିବଶତଃ ଅବହେଳିତ ହୋଇ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ । ଆଜି ସାହିତ୍ୟ, ସାମ୍ବାଦିକତାରେ ଅଗ୍ରଗତି ଘଟିବ ।

**ମକର** — ଚତୁର୍ଥାଧିପଙ୍କ ଅଶୁଭତ୍ୱ କାରଣରୁ ପାରିବାରିକ ସମସ୍ୟାରେ ଦୁଶ୍ଚିନ୍ତାଯୁକ୍ତ ହେବେ । ଆନୁଷ୍ଠାନିକ ଉତ୍ସବରେ ସାମିଲ ହୋଇ ଆନନ୍ଦ ଅନୁଭବ କରିବେ । ଜଣେ ବନ୍ଧୁଙ୍କ ସାହାଯ୍ୟରେ କାମଗୁଡ଼ିକ ସମ୍ପନ୍ନ ହେବ । ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ । ଆଜି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ ।

**କୁମ୍ଭ** — ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରି ପ୍ରଶଂସିତ ହେବେ । ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇଯିବ ଓ ଲାଭବାନ ଅବଶ୍ୟ ହେବେ । କୌଣସି ବନ୍ଧୁଙ୍କ ସହାୟତାରେ ପ୍ରିୟ ବନ୍ଧୁଟି ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ । ପରିବାରରେ ପିଲାଙ୍କ ପଢ଼ାସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ ।

**ମୀନ** — ଗୁରୁଙ୍କ ସୁପ୍ରଭାବ ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ସୁରୁଖୁରୁରେ କଟିବ । ଆଜିର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ । ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ । ଜମିଜମା କାରବାର, ଗୃହ ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିବ ।

ଆଜି ଗଣେଶ ପୂଜା, ସେପ୍ଟେମ୍ବର ୭ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ଗଣେଶ ଚତୁର୍ଥୀ, ଶନିବାର, ଦିବା, ଘ.୧୨/୩୩ ଗତେ ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୧୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮।୪୦ ଗତେ ଘ. ୧୦।୧୨ ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## ବିଜେଡିରୁ ଗଲେ ....

ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ନିଜର ଇସ୍ତଫାପତ୍ର ପଠାଇବା ପରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକରଙ୍କ ନିକଟକୁ ଯାଇ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିଲେ । ବିଜେଡି ଛାଡ଼ିବା ପରେ ସୁଜିତ୍ ନବୀନଙ୍କୁ କୃତଜ୍ଞତା ଜଣାଇବା ସହ ଇସ୍ତଫାର କାରଣ ଦର୍ଶାଇଛନ୍ତି । ସେ ଟୁଇଟ୍ କରି କହିଛନ୍ତି, ତାଙ୍କୁ ଦଳରେ ଅନାଦର କରାଯାଉଥିଲା । ଦଳ ଆଉ ତାଙ୍କର ସେବା ଆବଶ୍ୟକତା କରୁ ନ ଥିଲା । ସେଥିଲାଗି ଏଭଳି କଠିନ ନିଷ୍ପତ୍ତି ନେଇଛନ୍ତି । ସୁଜିତ୍‌ଙ୍କ ଏଭଳି ନିଷ୍ପତ୍ତି ଭିତରେ ବିଜେଡି ମଧ୍ୟ ସୁଜିତ୍‌ଙ୍କୁ ଦଳରୁ ବହିଷ୍କାର କରିଥିବା ଏକ ଚିଠି ଜାରି କରିଛି । ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ବହିଷ୍କାର କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି । ଏହି ଇସ୍ତଫା ଦିଆନିଆର କିଛି ସମୟ ମଧ୍ୟରେ ସୁଜିତ୍ କୁମାର ଭାଜପାର ଦିଲ୍ଲୀ ସ୍ଥିତ ମୁଖ୍ୟାଳୟଠାରେ ପହଞ୍ଚି ଭାଜପାରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବ, ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ଉପସ୍ଥିତିରେ ସେ ଭାଜପାରେ ମିଶିଛନ୍ତି । ଭାଜପାରେ ଯୋଗଦେବା ପରେ ସୁଜିତ୍ ବିଜେଡିକୁ ଟାର୍ଗେଟକରି କହିଛନ୍ତି, ନିର୍ବାଚନ ପରେ ତାଙ୍କୁ ରାଜ୍ୟ ସଭାରୁ କାଢ଼ି ଦିଆଯିବ ବୋଲି ଧମକ ଦିଆଯାଇଥିଲା । ରାଜନୈତିକ କ୍ୟାରିୟର ଶେଷ କରିଦିଆଯିବ ବୋଲି କୁହାଯାଇଥିଲା । ଏକଥା ତାଙ୍କ ଆଗରେ କୁହାଯାଇ ନ ଥିଲା ବରଂ ଦଳୀୟ ନେତାଙ୍କୁ କୁହାଯାଉଥିଲା । କଳାହାଣ୍ଡି ଆସି ଜଣେ ରାଜ୍ୟସ୍ତରୀୟ ନେତା ଏକଥା କହିଥିଲେ । ତାଙ୍କ ମୁହଁରେ ଏକଥା କହିବାର ସେମାନଙ୍କ ପାଖରେ ସାହସ ନ ଥିଲା । ନିର୍ବାଚନ ପରେ ଏକଥା ଦଳର ସୁପ୍ରିମୋଙ୍କୁ ସେ ଜଣାଇଥିଲେ । ଦଳରେ ପ୍ରାୟ ଦେଢ ବର୍ଷ ହେଲା ତାଙ୍କୁ ଅଣଦେଖା କରାଯାଉଥିଲା । ବଡ଼ ନେତାଙ୍କ ଗୋଲାମୀ ପାଇଁ ତାଙ୍କୁ ବାଧ୍ୟ କରାଯାଉଥିଲା । କୌଣସି ଦଳୀୟ କାର୍ଯ୍ୟରେ ତାଙ୍କୁ ସାମିଲ କରାଯାଉ ନ ଥିଲା । ସମ୍ପୃକ୍ତ ନେତାଙ୍କୁ ମୁଣ୍ଡିଆ ମାରିବା ଲାଗି କେତେଜଣ ନେତା କହୁଥିଲେ । ବିଦେଶରୁ ପଢ଼ି ଆସିବା ପରେ ଏହା ତାଙ୍କ ସ୍ୱାଭିମାନକୁ ବାଧୁଥିଲା । କାହା ପାଖରେ ଗୋଲାମୀ କରିବା ତାଙ୍କ ଦ୍ୱାରା ସମ୍ଭବ ନୁହେଁ । ବିଜେଡି ସରକାରରେ ବ୍ୟାପକ ଦୁର୍ନୀତି ହୋଇଛି । ଜମି, ଛତୁଆ, ଟେଣ୍ଡର ଫିକ୍ସିଂରେ ବହୁ ହଜାର କୋଟି ଟଙ୍କାର ଦୁର୍ନୀତି କରାଯାଇଛି । ଅନେକ ନେତା ଓ ଅଫିସର ଦୁର୍ନୀତିରେ ସାମିଲ ଅଛନ୍ତି । ଏ ସମ୍ପର୍କରେ ଦଳର ନେତୃତ୍ୱଙ୍କୁ ଜଣାଇବାକୁ ଚେଷ୍ଟାକରି ବିଫଳ ହୋଇଛନ୍ତି । ଶେଷରେ ବାଧହୋଇ ଦଳ ଛାଡ଼ିଲେ ବୋଲି ସୁଜିତ୍ କହିଛନ୍ତି । ଦେଶର ସବୁଠାରୁ ବଡ଼ ଦଳରେ ଯୋଗଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ସାମିଲ ହୋଇଛନ୍ତି । ଆଜି ତାଙ୍କ ପାଇଁ ଖୁସିର ଦିନ ବୋଲି ସେ କହିଛନ୍ତି । ସୁଜିତ୍ କୁମାର ୨୦୨୦ ଏପ୍ରିଲ ୩ରେ ରାଜ୍ୟ ସଭାକୁ ଯାଇଥିଲେ । ୨ଏପ୍ରିଲ ୨୦୨୬ରେ ତାଙ୍କ କାର୍ଯ୍ୟକାଳ ସରୁଛି । ରାଜ୍ୟ ସଭାରେ ବିଜେଡିର ୯ ଜଣ ଏମ୍‌ପି ଥିଲେ । ପ୍ରଥମେ ମମତା ଏବଂ ଏବେ ସୁଜିତ୍ ଛାଡ଼ିବା ପରେ ଏହି ସଂଖ୍ୟା ୭ରେ ପହଞ୍ଚିଛି । ସୂଚନାଯୋଗ୍ୟ ଲୋକସଭାରେ ବିଜେଡିର କୌଣସି ସଦସ୍ୟ ନାହାନ୍ତି ।

## କଂଗ୍ରେସରେ ଫୋଗଟ, ...

ଦଳରେ ଯୋଗଦେଇଛନ୍ତି । ଏହା ପୂର୍ବରୁ ଉଭୟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ତାଙ୍କ ବାସଭବନରେ ଓ ବୁଧବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ । ୨୦୨୩ରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ମୁଖ୍ୟ ତଥା ପ୍ରାକ୍ତନ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଯୌନ ନିର୍ଯାତନା ମାମଲାରେ ଗିରଫ ଦାବିରେ ଆନ୍ଦୋଳନ ଚଳାଇଥିବା ମହିଳା କୁସ୍ତିଯୋଦ୍ଧାମାନଙ୍କ ବିକ୍ଷୋଭରେ ଫୋଗଟ ଓ ପୁନିଆ ସାମିଲ ହୋଇଥିଲେ । ସେହି ସମୟକୁ ମନେପକାଇ ଫୋଗଟ କହିଛନ୍ତି, ସେ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ଅନ୍ୟ କୌଣସି ଖେଳାଳି ସେଭଳି ଦଶା ଭୋଗନ୍ତୁ ବୋଲି ଚାହାଁନ୍ତି ନାହିଁ । କଠିନ ସମୟରେ ସହଯୋଗ କରିଥିବାରୁ ସେ କଂଗ୍ରେସକୁ ଧନ୍ୟବାଦ ଦେଇଛନ୍ତି । ଆମକୁ ରାସ୍ତାରେ ଘୋଷାରି ନିଆଯାଉଥିବାବେଳେ ଭାଜପା ବ୍ୟତୀତ ଅନ୍ୟ ସମସ୍ତ ଦଳ ଆମ ସହ ଛିଡ଼ା ହୋଇଥିଲେ । ଭାଜପା ଆଇଟି ସେଲ୍ ଆମକୁ ଭଡ଼ାଟିଆ ବୋଲି ସମାଲୋଚନା କରିଥିଲା । ତେଣୁ ମୁଁ ଯନ୍ତରମନ୍ତରଠାରେ କୁସ୍ତି ଛାଡ଼ିଦେବାକୁ ନିଷ୍ପତ୍ତି ନେଇଥିଲି । ସେମାନେ କହୁଥିଲେ, ମୁଁ ନ୍ୟାଶନାଲ୍ସ ଖେଳିବାକୁ ଚାହୁଁନାହିଁ । କିନ୍ତୁ ମୁଁ ଭାଗନେଲି । ସେମାନେ କହିଲେ, ମୁଁ ଅଲିମ୍ପିକ୍ସକୁ ଯିବାକୁ ଚାହୁଁନାହିଁ । ମୁଁ ଅଲିମ୍ପିକ୍ସକୁ ବି ଗଲି । ଦୁର୍ଭାଗ୍ୟବଶତଃ ଭଗବାନଙ୍କ ଇଚ୍ଛା ଭିନ୍ନ ଥିଲା । କଂଗ୍ରେସ ମୋତେ ଦେଶବାସୀଙ୍କ ସେବା କରିବା ପାଇଁ ଏକ ସୁଯୋଗ ଦେଇଛି । ଏହା ଏକ ନୂଆ ଇନିଂସ୍ । ସେହିପରି ପୁନିଆ କହିଛନ୍ତି, ରେସଲରମାନଙ୍କୁ ବିକ୍ଷୋଭ ବେଳେ କଂଗ୍ରେସ ସମର୍ଥନ କରିଥିଲା । କିନ୍ତୁ ଭାଜପା ଏମ୍‌ପିମାନେ ସେମାନଙ୍କୁ ଅଣଦେଖା କରିଥିଲେ । ଦେଶର ଝିଅମାନଙ୍କ ସମର୍ଥନରେ ସ୍ୱର ଉଠାଇଥିବାରୁ ଆମକୁ ମୂଲ୍ୟ ଦେବାକୁ ପଡୁଛି । ଦେଶବାସୀଙ୍କ ପାଇଁ କାର୍ଯ୍ୟ ଏବଂ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ଜାରି ରଖିବୁ । ଫୋଗଟ ଫାଇନାଲ୍ସରେ ପହଞ୍ଚିବା ପରେ ସମସ୍ତେ ଉତ୍ସବ ମନାଇଥିଲେ । କିନ୍ତୁ ସେ ଅଯୋଗ୍ୟ ଘୋଷିତ ହେବା ପରେ ଆଉ କେତେଜଣ ବ୍ୟକ୍ତି ସେଲିବ୍ରେଟ୍ କରିଥିଲେ । ଏହା ପୂର୍ବରୁ ଫୋଗଟ୍ ବ୍ୟକ୍ତିଗତ କାରଣ ଦର୍ଶାଇ ଭାରତୀୟ ରେଳପଥର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ପଦରୁ ଇସ୍ତଫା ଦେଇଛନ୍ତି । ଫୋଗଟ ଓ ପୁନିଆ ହରିୟାଣା ନିର୍ବାଚନ ଲଢ଼ିବେ କି ବୋଲି ପ୍ରଶ୍ନ କରାଯିବାରୁ କଂଗ୍ରେସ କହିଛି, ଏନେଇ କେନ୍ଦ୍ରୀୟ ନିର୍ବାଚନ କମିଟି ନିଷ୍ପତ୍ତି ନେବ । କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟରେ ହରିୟାଣା ନିର୍ବାଚନରେ ଆସନ ବୁଝାମଣା ପାଇଁ ଆଲୋଚନା ଚାଲିଛି । ଅକ୍ଟୋବର ୫ରେ ରାଜ୍ୟର ୯୦ ଆସନରେ ନିର୍ବାଚନ ହେବାକୁ ଥିବାବେଳେ ୮ରେ ଭୋଟ ଗଣତି କରାଯିବ ।

## ରାସ୍ତାରେ ମହିଳାଙ୍କୁ ...

ତାହା ସହଜେ ଅନୁମେୟ ବୋଲି ପଟୱାରି କହିଛନ୍ତି । ଉଜ୍ଜୟିନୀ ଘଟଣାରେ ସାରା ଦେଶ ସ୍ତମ୍ଭୀଭୂତ । ସ୍ପଷ୍ଟ ଦିବାଲୋକରେ ସର୍ବସାଧାରଣ ସ୍ଥାନରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଉଥିବାବେଳେ ସେହି ବାଟ ଦେଇ ଯାଉଥିବା ଲୋକମାନେ ତାଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଅପରାଧ ଦୃଶ୍ୟର ଫଟୋ ଉଠାଉଛନ୍ତି । ଆମ ସମାଜ କେଉଁଆଡ଼କୁ ମୁହାଁଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ପ୍ରଶ୍ନ କରିଛନ୍ତି । ସେହିପରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଜ୍ଜୟିନୀ ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ମହିଳାମାନଙ୍କ ବିରୋଧରେ ଅପରାଧ କ୍ରମାଗତ ଭାବେ ବଢ଼ିଚାଲିଛି । ପୀଡ଼ିତା ଓ ସେମାନଙ୍କ ପରିବାର ପ୍ରତି ପୋଲିସ ପ୍ରଶାସନର ମନୋଭାବ ବ୍ୟବସ୍ଥାଗତ ନିଷ୍ଠୁରତା ଏବଂ ଦେଶ ପାଇଁ ଗଭୀର ଚିନ୍ତାର ବିଷୟ ବୋଲି ରାହୁଲ କହିଛନ୍ତି ।

## ସିନିୟରଙ୍କ ମାଡ଼ରେ ...

ଏଥିରେ ଛାତ୍ରମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ଶୁକ୍ରବାର ଏହି ଖବର ଶୁଣିଲା ପରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଆହତ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେମାନେ କ୍ଷୋଭ ପ୍ରକାଶ କରି କହିଥିଲେ, ବିଦ୍ୟାଳୟରେ ଶୃଙ୍ଖଳା ରହୁ ନ ଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଛି । ବିଦ୍ୟାଳୟ କର୍ମଚାରୀଙ୍କ ଅବହେଳାକୁ ସେମାନେ ଦାୟୀ କରିଥିଲେ । ଅର୍ଦ୍ଧରାତ୍ରରେ ଘଟଣା ଘଟିଥିଲେ ମଧ୍ୟ ବିଦ୍ୟାଳୟ କର୍ମଚାରୀଙ୍କ ନଜରକୁ ଆସି ନ ଥିଲା । ଅନ୍ୟପକ୍ଷେ ମାଡ଼ ମାରିଥିବା ଛାତ୍ରମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ଧାରଣାରେ ବସିଥିଲେ । ଖବର ପାଇ ଉପଜିଲାପାଳ ଯୋଗେନ୍ଦ୍ର ମାଝି, କୋମନା ବିଡିଓ ହିତାଂଶୁ ଶେଖର ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯାମୀ ବଳିଆର ସିଂ ପ୍ରମୁଖ ପହଞ୍ଚି ଅଭିଭାବକ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ଅଭିଭାବକମାନେ ମାଡ଼ ମାରିଥିବା ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଅଧିକାରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପ୍ରିନ୍ସିପାଲ ଡି. ଭେଙ୍କିଆ ରମଣ କହିଥିଲେ, ମାଡ ମାରିଥିବା ୭ ଛାତ୍ର ଓ ୨ ଛାତ୍ରୀଙ୍କୁ ବିଦ୍ୟାଳୟରୁ ନିଲମ୍ବନ କରାଯାଇଛି । ସେମାନେ ହଷ୍ଟେଲରେ ରହି ପଢିପାରିବେ ନାହିଁ । କେବଳ ପରୀକ୍ଷା ସମୟରେ ଆସି ପରୀକ୍ଷା ଦେଇପାରିବେ । ଏହି ପ୍ରତିଶ୍ରୁତି ପାଇବା ପରେ ସ୍ଥିତି ଶାନ୍ତ ପଡିଥିଲା ।

# ‘ଶ୍ରୀମନ୍ତ ଯୋଗୀ’ରେ ଶିବାଜୀ ମହାରାଜଙ୍କ ଯୁଦ୍ଧ, ସଂଘର୍ଷ କାହାଣୀ



ଶିଳ୍ପୀ ବୈଭବ ଆରେକର୍ ଓ ସାଥୀମାନେ ଭାରତନାଟ୍ୟମ୍ ଶାସ୍ତ୍ରୀୟ ନୃତ୍ୟ ‘ଶ୍ରୀମନ୍ତ ଯୋଗୀ’ ପରିବେଷଣ କରୁଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

## ୩୦ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟ ପ୍ରଦର୍ଶକ ବୈଭବ ଆରେକର୍‌ଙ୍କ ଦ୍ୱାରା ଭାରତନାଟ୍ୟମ୍ ଶାସ୍ତ୍ରୀୟ ନୃତ୍ୟ ‘ଶ୍ରୀମନ୍ତ ଯୋଗୀ’ ମୁଖ୍ୟ ଆକର୍ଷଣ ସାଜିଥିଲା। ବୈଭବ ଓ ତାଙ୍କ ସଂଖ୍ୟା ଅନୁଷ୍ଠାନର ଶିଳ୍ପୀବୃନ୍ଦ କିମ୍ବଦନ୍ତୀ ଶିବାଜୀ ମହାରାଜଙ୍କ ଜୀବନ ଏବଂ ସମୟର କାହାଣୀକୁ ନୃତ୍ୟ ମାଧ୍ୟମରେ ବେଶ୍ ଚମତ୍କାର ଢଙ୍ଗରେ ଉପସ୍ଥାପିତ କରିଥିଲେ। ଶିଳ୍ପୀଙ୍କ ପ୍ରଦର୍ଶନ ବେଶ୍ ଜୀବନ୍ତ ଥିଲା ଥିବାବେଳେ ଭାବଭଙ୍ଗୀ ଉପସ୍ଥିତ ଦର୍ଶକଙ୍କୁ ଛୁଇଁଥିଲା। ମରାଠା ରାଜାଙ୍କ ସାଂସ୍କୃତିକ, ସାମାଜିକ ଏବଂ ଭାବପ୍ରବଣର ଛାପ ସେହି ସମୟର ସାମାଜିକ ପରିବେଶକୁ ଧାରଣ କରିଥିଲା। ଶିବାଜୀ ମହାରାଜଙ୍କ ଜୀବନ ଓ ସମୟକୁ ଲିପିବଦ୍ଧ କରିବା ବ୍ୟତୀତ ଏହି ଉପସ୍ଥାପନା ତାଙ୍କର ଯୁଦ୍ଧ ଓ ସଂଘର୍ଷର କାହାଣୀରେ ପରିପୂର୍ଣ୍ଣ ଥିଲା। ଜଣେ କର୍ମ ଯୋଗୀ ଭାବରେ ଶିବାଜୀଙ୍କ ଭାବମୂର୍ତ୍ତି ୭୫ ମିନିଟର ସମୟସୀମା ମଧ୍ୟରେ କଳାତ୍ମକ ଭାବରେ ପ୍ରକାଶିତ କରିଥିଲେ ଶିଳ୍ପୀଗଣ।

ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ସମ୍ମାନିତ ଅତିଥି ଭାବେ ଚିନ୍ତା ଓ ଚେତନାର ମହା ସଚିବ ସୁରେନ୍ଦ୍ର ଦାସ ଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିଜ ଷ୍ଟଡିଜ୍ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ ଯୋଗଦେଇ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ଏହି ଉତ୍ସବର ମିଡିଆ ପାର୍ଟନର ରହିଛନ୍ତି।

# ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୬।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରୁ ଫ୍ରାନ୍ସର ଲିଓନଠାରେ ଅନୁଷ୍ଠିତ ହେଉଥିବା ୪୭ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ସ୍କିଲ୍ଡ ଇନ୍ ଓଡ଼ିଶାର ପ୍ରତିଯୋଗୀମାନଙ୍କ ସହିତ ଆଭାସୀ ଜରିଆରେ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରତିଯୋଗୀମାନଙ୍କ ସହ ଭାବ ବିନିମୟ କରି କହିଛନ୍ତି ଯେ, ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ଏହା ତୁମ ପ୍ରତିଭାର ପରିସ୍ଫୁଟନ ପାଇଁ ଏକ ସୁଯୋଗ। ‘ସ୍କିଲ୍ଡ ଇନ୍ ଓଡ଼ିଶା’ କାର୍ଯ୍ୟକ୍ରମ ହେଉଛି ଏକ ପ୍ରେରଣା, ଯାହା ଆମ ଯୁବବର୍ଗଙ୍କୁ ସଶକ୍ତ କରୁଛି ଏବଂ ନୂତନ ସୁଯୋଗର ଦ୍ୱାର ଖୋଲି ବିଶ୍ୱ ମାନଚିତ୍ରରେ ସ୍ଥାନିତ କରୁଛି। ଭାରତର ୬୦ଜଣ ପ୍ରତିଯୋଗୀ ଏଥିରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ସେଥିରୁ ଓଡ଼ିଶାର ୧୫ଜଣ ମନୋନୀତ ହେବା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି, ଆପଣମାନେ ସମସ୍ତେ ବିଶ୍ୱକୁ ଚମତ୍କୃତ କରି ସେଠାରୁ ମେଡାଲ୍ ନେଇ ଆସନ୍ତୁ। ପ୍ରତିଯୋଗୀମାନଙ୍କ ସଫଳତା ସିଧାସଳଖ ଭାବେ ବିକଶିତ ଓଡ଼ିଶାକୁ ପ୍ରତିଫଳିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ଭାରତର ୬୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଏକ-ଚତୁର୍ଥାଂଶ ଓଡ଼ିଶାରୁ ଯିବା ଆମ ପାଇଁ ସୌଭାଗ୍ୟର ବିଷୟ। ବିଭିନ୍ନ ଟ୍ରେଡ୍‌ରୁ ପ୍ରତିଯୋଗୀ ଯାଉଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିବେ ବୋଲି ସେ କହିଛନ୍ତି। ଏହି ୧୫ ଜଣିଆ ପ୍ରତିଯୋଗୀଙ୍କ ମଧ୍ୟରୁ ବରୁଣ ସାହୁ, ରାଜେନ୍ଦ୍ର ବିନ୍ଧାଣୀ, କାମିନୀ କୁମାରୀ ରାମ, ଦିଶା ଦର୍ଶନୀ ଏବଂ ଅମରେଶ ସାହୁଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ଏବଂ ନିର୍ଦ୍ଦେଶକ ରଶ୍ମିତା ପଣ୍ଡା ଉପସ୍ଥିତ ଥିଲେ।

# ୫ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ



ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି।

ମାଲକାନଗିରି, ୬।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲା ପୋଲିସ ନିକଟରେ ୫ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ କୁଖ୍ୟାତ ମାଓବାଦୀ ସୋନାଭା ଓରଫ ଡୋସେଲ ସଲାମ ଏବଂ ତାଙ୍କ ସ୍ତ୍ରୀ ଆରତୀ ସଲାମ।

ଉଭୟ ସ୍ୱାମୀ ସ୍ତ୍ରୀ ଦୀର୍ଘ ବର୍ଷଧରି ମାଓବାଦୀ ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ଏହି ୨ ମାଓବାଦୀଙ୍କ ଉପରେ ସରକାରଙ୍କ ପକ୍ଷରୁ ମୋଟ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ମାଓବାଦୀ ସଂଗଠନ ଧୀରେ ଧୀରେ ଦୁର୍ବଳ ହେଉଥିବାରୁ ଏବଂ ନିଜର ନୀତି ଆଦର୍ଶରୁ ଓହରିଯାଉଥିବାରୁ ଏମାନେ ମୁଖ୍ୟସ୍ରୋତରେ ସାମିଲହୋଇ ସାଧାରଣ ଜୀବନଯାପନ ନିମନ୍ତେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ସ୍ୱୀକାର କରିଛନ୍ତି। ଏସ୍‌ପି ପ୍ରଭାତ କୁମାର ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ନିକଟରେ ସେମାନେ ଆତ୍ମସମର୍ପଣ କରିଛନ୍ତି। ସରକାରଙ୍କ ମାଓବାଦୀ ବିଲୋପ ନୀତି ଅନୁଯାୟୀ ୨୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନମୂଳକ ରାଶି ପ୍ରଦାନ ସହ ଆଗାମୀ ଦିନରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଋଣ ଭାର ନେଲା ଜୀବନ

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବଣ୍ଟାଁରପାଳ,୬।୯ (ସୁବାସ ସାହୁ)

ଝିଅ ବାହାଘର ପାଇଁ ଋଣ କରିଥିଲେ। ହେଲେ ଏହାକୁ ନେଇ ପରିବାରରେ ଅଶାନ୍ତି ଓ ଋଣର ବୋଝ ସହି ନ ପାରି ଜୀବନ ହାରିଛନ୍ତି ଜଣେ ଯୁବକ। ଅନୁଗୋଳ ଜିଲା ବଣ୍ଟାଁରପାଳ ଥାନା ବଡଲିଗଡ଼ ପଞ୍ଚାୟତ ପୁରିକିଆ ଗ୍ରାମରେ ଗୁରୁବାର ଘଟିଛି ଏହି ଅଭାବନୀୟ ଘଟଣା। ମୃତକ ହେଉଛନ୍ତି ପୁରିକିଆ ଗ୍ରାମର ନନ୍ଦନ ସାମଲ(୩୯)। ଅଭିଯୋଗ ପାଇ ମହୀଧରପୁର ଫାଣ୍ଡି ପୋଲିସ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

ପୋଲିସ କହିଛି, ପୁରିକିଆ ଗ୍ରାମର ନିତ୍ୟାନନ୍ଦ ସାମଲଙ୍କ ପୁଅ ନନ୍ଦନ ୨୦ ବର୍ଷ ହେବ ବିବାହ କରିଥିଲେ। ଗତ ୬ ମାସ ତଳେ ସେ ଝିଅର ବାହାଘର କରିଥିଲେ। ଏହି ବିବାହ ପାଇଁ ସେ କୌଣସି ଏକ ସଂସ୍ଥାରୁ ଋଣ ନେଇଥିଲେ। ଏହି ଋଣକୁ ନେଇ ନନ୍ଦନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବଚସା ଲାଗି ରହିଥିଲା। ୨ଦିନ ତଳେ ନନ୍ଦନଙ୍କ ସ୍ତ୍ରୀ ବାପଘରକୁ ପଳାଇ ଯାଇଥିଲେ। ବୁଝାଶୁଝା ପରେ ସ୍ତ୍ରୀଙ୍କୁ ନେଇ ନନ୍ଦନ ଘରକୁ ଫେରିଥିଲେ। ହେଲେ ଗୁରୁବାର ନନ୍ଦନ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ମହୀଧରପୁର ଫାଣ୍ଡିକୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ପୋଲିସ ପ୍ରକାଶ କରିଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ, ବୃଦ୍ଧା ଗୁରୁତର

ଅନୁଗୋଳ,୬।୯(ମାନସ ବିଶ୍ୱାଳ)

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳରେ ଶୁକ୍ରବାର ହାତୀ ଆକ୍ରମଣରେ ସଦର ଥାନା ଗଡ଼ତଇଳା ଗ୍ରାମର କଷ୍ଟୁ ଦେହୁରୀ(୬୫)ଙ୍କ ମୃତ୍ୟୁ ହୋଇଛି। ସେହିପରି ବନ୍ତଳା ଗ୍ରାମର କୁମାରୀ ସାହୁ(୬୨) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଗଡ଼ତଇଳା ଗ୍ରାମର କଷ୍ଟୁ ଭୋର ୫ଟା ୩୦ରେ ଚାଷ କାର୍ଯ୍ୟ ପାଇଁ ଯାଉଥିବା ବେଳେ ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବନ୍ତଳା ଗ୍ରାମର ବୃଦ୍ଧା କୁମାରୀ ଫୁଲ ତୋଳିବାକୁ ଯାଇଥିବା ବେଳେ ଏକ ଗୋଠଛଡ଼ା ହାତୀ ତାଙ୍କୁ ଟେକି ଫୋପାଡ଼ି ଦେଇଥିଲା। କୁମାରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। କୁମାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।




ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ- ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। -ଶ୍ରୀଅରବିନ୍ଦ

-ଶ୍ରୀ ଗଣେଶ ଚତୁର୍ଥୀ ବ୍ରତ



# ନିବେଶ ଲକ୍ଷ୍ୟରେ ଭଜନଲାଲ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଡିସେମ୍ବର ୯ରୁ ୧୧ ଜୟପୁରରେ 'ରାଇଜିଂ ରାଜସ୍ଥାନ' ବୈଶ୍ୱିକ ନିବେଶ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଆଇଏଏସ୍ ଅଧିକାରୀଙ୍କ ଗୋଟିଏ ଟିମ୍ ସାରା ଦେଶରେ ତଥା ଅନ୍ତର୍ଜାତୀୟ ସ୍ତରରେ ଏକ ମିଶନ ପାଇଁ ପ୍ରସ୍ତୁତ ହେଉଛନ୍ତି। ନିବେଶକୁ ଆକର୍ଷିତ କରିବା ଏବଂ ବୈଶ୍ୱିକ ବ୍ୟବସାୟିକ ମାନଚିତ୍ରରେ ରାଜସ୍ଥାନକୁ ସ୍ଥାନୀତ କରିବା ସେମାନଙ୍କର ଦାୟିତ୍ୱ। ସମ୍ଭାବ୍ୟ ନିବେଶକଙ୍କ ସହିତ ଯୋଗାଯୋଗ କରି ଦୀର୍ଘମିଆଦୀ ସମ୍ପର୍କ ସ୍ଥାପନ କରିବା ପାଇଁ ଏହି ପ୍ରତିନିଧି ଦଳ ୨୫ରୁ ଅଧିକ ଦେଶ ଗସ୍ତ କରିବେ। ସୂତ୍ରରୁ ଜଣାପଡ଼ିଛି ଯେ, ଏହା କେବଳ ଏକ ସାକ୍ଷାତ ଏବଂ ଅଭିବାଦନରେ ସୀମିତ ରହିବ ନାହିଁ, ବରଂ ବାବୁମାନେ ନିୟମିତ ଭାବରେ ବିଦେଶୀ ତଥା ଘରୋଇ କମ୍ପାନୀର ପ୍ରତିନିଧିମାନଙ୍କ ସହ ଯୋଗାଯୋଗ ରକ୍ଷା କରିବେ ବୋଲି ଆଶା କରାଯାଏ। ଏହାର ଯୋଜନା ହେଉଛି, ଏକ ନେଟୱର୍କ ସୃଷ୍ଟି କରି ସିଧାସଳଖ ରାଜସ୍ଥାନରେ ପୁଞ୍ଜି ନିବେଶ କରିବା। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏଥିପାଇଁ ବଡ଼ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ରାଜସ୍ଥାନର ମୋଟ ଘରୋଇ ଉତ୍ପାଦ(ଜିଡିପି) ୧୮୪ ବିଲିୟନ ଡଲାରରୁ ୩୫୦ ବିଲିୟନ ଡଲାରକୁ ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ। ଏହା ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ। ଦେଖିବାକୁ ଗଲେ ତାମିଲନାଡୁଠାରୁ ରାଜସ୍ଥାନର ଏହି ରଣନୀତି ପୂରା ଭିନ୍ନ। ନିକଟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ନିକଟରେ ରାଜ୍ୟକୁ ଆକର୍ଷଣୀୟ ପୁଞ୍ଜି ନିବେଶ ସ୍ଥଳୀ କରିବା ଲକ୍ଷ୍ୟ ନେଇ ଆମେରିକା ଯାଇଥିଲେ ଓ ସେଠାରେ ସିଲିକନ ଭ୍ୟାଲିର ପ୍ରମୁଖ ନେତୃତ୍ୱଙ୍କୁ ଭେଟିଥିଲେ। ଶର୍ମା 'ରାଇଜିଂ ରାଜସ୍ଥାନ'ସମ୍ମିଳନୀରେ ଜିଡିପି ଅଭିବୃଦ୍ଧିର ମୂଳଦୁଆ ପକାଇବାକୁ ଆଶା ବାନ୍ଧିଛନ୍ତି। ଏହି ରଣନୀତି ଫଳପ୍ରଦ ହେବ କି ନାହିଁ ତାହା କେବଳ ସମୟ କହିବ। କିନ୍ତୁ ଏହା ସ୍ପଷ୍ଟ ଯେ ରାଜସ୍ଥାନ ନିଜକୁ ଏକ ଅର୍ଥନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବରେ ପ୍ରତିପାଦିତ କରୁଛି।

### ଲିଗାଲ ଡ୍ରାମା

ପୂଜା ଖେଡ଼କରଙ୍କ ମାମଲା ବାସ୍ତବରେ କୌତୂହଳପ୍ରଦ ହେବାରେ ଲାଗିଛି। ଆପଣ ଭାବୁଥିବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଖେଡ଼କର ଏକ ନିମ୍ନ ପ୍ରୋଫାଇଲ ରହୁଛନ୍ତି, କିନ୍ତୁ ତା' ନୁହେଁ, ସେ ଏହା ଉପରେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଜଣେ ରିପ୍ରେସର ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ଖେଡ଼କରଙ୍କ ବିରୋଧରେ ପରୀକ୍ଷା ଠକେଇର ଅଭିଯୋଗକୁ ନେଇ ୟୁପିଏସ୍‌ସି ତାଙ୍କ ପ୍ରାର୍ଥୀତ୍ୱକୁ ରଦ୍ଦ କରିଦେଇଥିଲେ ମଧ୍ୟ ସେ ପଛଘୁଞ୍ଚା ଦେଇ ନାହାନ୍ତି। ସେ ଦିଲ୍ଲୀ ହାଇକୋର୍ଟଙ୍କୁ କହିଛନ୍ତି ଯେ ତାଙ୍କ ପ୍ରାର୍ଥୀତ୍ୱକୁ ବାତିଲ କରିବା ପାଇଁ ୟୁପିଏସ୍‌ସିର କୌଣସି ଅଧିକାର ନାହିଁ। ତାଙ୍କ କହିବାନୁସାରେ, ଥରେ ସେ ସିଭିଲ ସର୍ଭିସ ପାଇଁ ମନୋନୀତ ହୋଇ ପ୍ରୋବେସନର୍ ଭାବରେ ନିଯୁକ୍ତ ହୋଇଛନ୍ତି ମାନେ କେବଳ ତାଙ୍କ ଉପରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପଦକ୍ଷେପ ନେଇପାରିବ। ୟୁପିଏସ୍‌ସି କେବଳ ଏହାର ଅଧିକାର ସୀମା ଅତିକ୍ରମ କରିଥିବା ସେ ଯୁକ୍ତି ବାଢୁଛନ୍ତି। ଉଲ୍ଲେଖନୀୟ ଯେ, ନିଜର ପରିଚୟ ଜାଲିଆତି କରିବା ଏବଂ ତାଙ୍କ କ୍ଷମତାର ଅପବ୍ୟବହାର ପାଇଁ ୟୁପିଏସ୍‌ସି ଖେଡ଼କରଙ୍କ ପ୍ରାର୍ଥୀତ୍ୱ ରଦ୍ଦ କରିବା ସହ ତାଙ୍କୁ ଭବିଷ୍ୟତର ସମସ୍ତ ପରୀକ୍ଷାରୁ ବଞ୍ଚିତ କରିଥିଲା। ତାଙ୍କ ବିରୋଧରେ ଏଫ୍ଆଇଆର୍ ମଧ୍ୟ ଦାଖଲ କରିଥିଲା। ତଥାପି, ଏସବୁ ସତ୍ତ୍ୱେ ଖେଡ଼କର ଆଗୁଆ ଜାମିନ ପାଇ ବର୍ତ୍ତମାନ କୋର୍ଟରେ ୟୁପିଏସ୍‌ସିର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରୁଛନ୍ତି। କିନ୍ତୁ ଏବେ ୟୁପିଏସ୍‌ସି ଯୁକ୍ତି କରିଛି ଯେ ଠକେଇର ସମ୍ପୂର୍ଣ୍ଣ ବିଷୟକୁ ଉନ୍ମୋଚନ କରିବା ପାଇଁ ଖେଡ଼କରଙ୍କୁ ପଚରାଉଚୁରା ସକାଶେ ରିମାଣ୍ଡରେ ନେବା ଜରୁରୀ। କହିବାକୁ ଗଲେ ଏହା ଏକ ଲିଗାଲ ଡ୍ରାମା ବା ଆଇନଗତ ନାଟକ, ଯାହା ଧୀରେ ଧୀରେ ସ୍ପଷ୍ଟ ହେଉଛି।

### ପରିବାରରେ ରହିଲା ଶୀର୍ଷ ପଦବୀ

ଅପ୍ରତ୍ୟାଶିତ ଭାବେ କେରଳର କ୍ଷମତାଶାଳୀ ଦମ୍ପତି ଏବେ ଇତିହାସ ସୃଷ୍ଟି କରିଛନ୍ତି! ଥିରୁଭାନନ୍ତପୁରମ୍ ସଚିବାଳୟରେ ଏକ ଆନୁଷ୍ଠାନିକ ସମାରୋହରେ ବିଦାୟୀ ମୁଖ୍ୟ ଶାସନ ସଚିବ ଡ. ଭି.ବେନୁ ତାଙ୍କ ସ୍ତ୍ରୀ ସାରଦା ମୁରଲୀଧରନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହା ଏକ ଅମଲାତାନ୍ତ୍ରିକ ପରିବର୍ତ୍ତନ ହେଲେ ବି ଏହାକୁ ଏକ ପାରିବାରିକ ନାଟକ ବୋଲି କହିଲେ ଭୁଲ୍ ନାହିଁ। ଉଭୟ ବେନୁ ଏବଂ ସାରଦା ୧୯୯୦ ଆଇଏଏସ୍ ବ୍ୟାଚ୍ ଅଧିକାରୀ। ସେମାନେ ଉଭୟ ଜୀବନ ଏବଂ ସେବାରେ ପ୍ରକୃତ ଭାଗୀଦାରି ହୋଇଛନ୍ତି। ବେନୁ ବୟସରେ କିଛି ମାସ ବଡ଼ ଓ ବରିଷ୍ଠତାରେ ସାମାନ୍ୟ ଆଗରେ ରହିଆସିଥିଲେ। ବର୍ତ୍ତମାନ ରାଜ୍ୟର ଅମଲାତନ୍ତ୍ରରେ ସାରଦା ଶୀର୍ଷ ସ୍ଥାନ ଅଧିକାର କରିବା କେବଳ ପ୍ରୋଟୋକଲର ବିଷୟ ନୁହେଁ, ଏହା ଏକ ଐତିହାସିକ କ୍ଷଣ ମଧ୍ୟ। ସରକାରରେ ଅନେକ କ୍ଷମତାଶାଳୀ ସ୍ୱାମୀ-ସ୍ତ୍ରୀ ଯୋଡ଼ି ଅଛନ୍ତି। କିନ୍ତୁ ଏହା ହେଉଛି ପ୍ରଥମ ଘଟଣା, ଯେଉଁଥିରେ ଜଣେ ମୁଖ୍ୟ ଶାସନ ସଚିବ ତାଙ୍କ ସ୍ତ୍ରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି; ସତେ ଯେପରି ରାଜ୍ୟର ସର୍ବୋଚ୍ଚ ପଦବୀ ସର୍ବଦା ପରିବାରରେ ରହିବା ପାଇଁ ଉଦ୍ଦିଷ୍ଟ ଥିଲା। ସାରଦା ନୂତନ ଦାୟିତ୍ୱ ନେଇଥିବାବେଳେ ଦମ୍ପତିଙ୍କ ମିଳିତ ଉତ୍ତରାଧିକାର କେବଳ ଅମଲାତାନ୍ତ୍ରିକ ପରିସରରେ ନୁହେଁ, ବରଂ ସବୁଠି ଆଲୋଚନାର ବିଷୟ ହେଇଛି। ପାରିବାରିକ ପରିହାସ ବିଷୟ କଥା ଜଣେ ଭାବି ପାରନ୍ତି। ତାହା ହେଉଛି, ବେନୁ ସାରଦାଙ୍କୁ ଗୁରୁ ଦାୟିତ୍ୱ ଦେଇଥିବା ମନେପକାଇ ଦେଉଛନ୍ତି ଏବଂ ସାରଦା ମଜାଳିଆ ଢଙ୍ଗରେ ସୂଚାଇ ଦେଇଛନ୍ତି ଯେ ସେ ବର୍ତ୍ତମାନ ଉଭୟ ଅଫିସ ଏବଂ ଘରେ ବି ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

Email: dilipcherian@gmail.com

# ଶକ୍ତ ବିରୋଧୀ, ସଶକ୍ତ ଗଣତନ୍ତ୍ର



ସୌଭାଗ୍ୟ ସୁନ୍ଦରରାୟ

ବିଗତ ଦିନରେ ଦେଶରେ ଏପରି କିଛି ଘଟଣା ଘଟିଛି, ଯାହା ଏନ୍‌ଡିଏ ୩.୦ ସରକାରଙ୍କ ଅସହାୟତାକୁ ପଦାରେ ପକାଇଛି। ଏହି ନିରୁପାୟ ଶକ୍ତ ବିରୋଧୀ ଦଳ ଯୋଗୁ ସମ୍ଭବ ହୋଇପାରିଛି ବୋଲି କୁହାଯାଇପାରେ। ନିମ୍ନ ଘଟଣାଗୁଡ଼ିକୁ ଅନୁଧ୍ୟାନ କଲେ ତାହା ଜଣାପଡ଼ିବ। ଏକ ମିଳିତ ସରକାରରେ କିଛି ଚାପ ରହିଥାଏ। ଏହି ଚାପ ମଧ୍ୟରେ ସରକାର ବଞ୍ଚାଇ ରଖିବାକୁ ହେଲେ ସହଯୋଗୀ ଦଳକୁ ସାଥିରେ ନେଇ ବା ସନ୍ତୁଷ୍ଟ କରି କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏକଥା ସତ୍ୟ ଯେ, ଏହି ବ୍ୟବସ୍ଥାରେ କିଛି ଯୋଜନା କାର୍ଯ୍ୟକାରୀ ହୋଇପାରିବ କିଛି ହୋଇପାରିବ ନାହିଁ। କିନ୍ତୁ ମନମୁଖି କିଛି ହୋଇପାରିବ ନାହିଁ। ତୃତୀୟ ପାଳିର ଏନ୍‌ଡିଏ ସରକାର ଓ ପ୍ରଧାନମନ୍ତ୍ରୀ ଏବେ ଏକଥା ଅନୁଭବ କରିପାରୁଥିବେ।

ପ୍ରଥମତଃ ଦେଖିବା ଅଷ୍ଟାଦଶ ଲୋକ ସଭାର ପ୍ରଥମ ବଜେଟ ଅଧିବେଶନରେ କେନ୍ଦ୍ର ସରକାର ଅଗଷ୍ଟ ୨୨ରେ ସଂଶୋଧିତ ୱକଫ୍ ବିଲ୍ ଆଗତ କଲେ। ସଂଶୋଧିତ ବ୍ୟବସ୍ଥାରେ ୱକଫ୍ ବୋର୍ଡରେ ଅଣ-ମୁସଲିମ ସଦସ୍ୟ ରହିବାର ବ୍ୟବସ୍ଥା କରାଗଲା। ଏଥିସହ ବୋର୍ଡରେ ମହିଳା ସଦସ୍ୟ ରଖାଯିବାର ବ୍ୟବସ୍ଥା ମଧ୍ୟ ହେଲା। ତେବେ ସମ୍ପତ୍ତି ଅଧିକାର ବା ଅଧିଗ୍ରହଣ କ୍ଷମତା ୱକଫ୍ ବୋର୍ଡ ନିକଟରୁ ପ୍ରତ୍ୟାହାର କରିନିଆଯାଇଛି। କୌଣସି ସମ୍ପତ୍ତି ଯଦି ୱକଫ୍ ବୋର୍ଡ ଅଧିଗ୍ରହଣ କରେ ସମ୍ପୃକ୍ତ ସମ୍ପତ୍ତି ଅନୁଷ୍ଠାନର ବୋଲି ଜିଲାପାଳଙ୍କୁ ବୋର୍ଡ ହୃଦ୍‌ବୋଧ କରାଇବାର ଆବଶ୍ୟକତା ରହିଛି। ଅର୍ଥାତ୍ ସମ୍ପତ୍ତି ଅଧିଗ୍ରହଣ ସମ୍ପର୍କରେ ଜିଲାପାଳଙ୍କ ନିଷ୍ପତ୍ତି ଚୂଡ଼ାନ୍ତ, ବୋର୍ଡର ନୁହେଁ। ୧୯୯୫ ୱକଫ୍ ଆଇନର ଏହି ସଂଶୋଧିତ ବିଲ୍‌କୁ ମୁସଲିମ ସମ୍ପ୍ରଦାୟ ତୀବ୍ର ବିରୋଧ କରିବା ସହ ବିରୋଧୀ ଦଳଗୁଡ଼ିକ ଏହାର ବିରୋଧ କରିଥିଲେ। ସରକାରୀ ଦଳ ଏନ୍‌ଡିଏର ସହଯୋଗୀ ତେଲୁଗୁ ଦେଶମ୍ ମଧ୍ୟ ଏହି ବିଲ୍‌କୁ ତରବରିଆ ଭାବେ ଉପସ୍ଥାପନ କରିବା ସପକ୍ଷରେ ରହିଲେ ନାହିଁ। ଫଳରେ ଅଧିକ ଅନୁଧ୍ୟାନ ଓ ତର୍ଜମା ପାଇଁ ବିଲ୍ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଗଲା। କିନ୍ତୁ ଯୁଗ୍ମ ସଂସଦୀୟ କମିଟି କେତେ ସମୟ ସୀମା ମଧ୍ୟରେ ରିପୋର୍ଟ ଦାଖଲ କରିବେ ତାହା ଧାର୍ଯ୍ୟ କରାଯାଇ ନାହିଁ। ଅବଶ୍ୟ ଇତିମଧ୍ୟରେ ଯୁଗ୍ମ ସଂସଦୀୟ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ସର୍ବସାଧାରଣଙ୍କ ନିକଟରୁ ମତାମତ ଆହ୍ୱାନ କରାଯାଇଛି। ସେହିପରି ନୂଆ ପ୍ରସାରଣ ସେବା (ନିୟନ୍ତ୍ରଣ) ବିଲ୍ - ୨୦୨୪ ଚିଠା ପ୍ରସ୍ତାବକୁ ମଧ୍ୟ ସରକାର ସ୍ଥଗିତ ରଖିଛନ୍ତି। ଏହାକୁ ବିଭିନ୍ନ ଗଣମାଧ୍ୟମ ସଂଗଠନ ପକ୍ଷରୁ ସମାଲୋଚନା କରାଯିବା ପରେ ସରକାର ପୁନର୍ବାର ସଂଶୋଧିତ ଚିଠା ପ୍ରସ୍ତୁତ କରିବେ ବୋଲି କହିଛନ୍ତି। ସେହିପରି ଅଗଷ୍ଟ ୧୮ରେ ୟୁପିଏସ୍‌ସି ପକ୍ଷରୁ ଏକ ବିଜ୍ଞାପନ ପ୍ରକାଶ କରାଯାଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଗଲା। ଏହାକୁ ଲାଟେରାଲ ଏଣ୍ଟ୍ରି ନିଯୁକ୍ତି କୁହାଗଲା। ଏହି ବିଜ୍ଞାପନ ଅନୁଯାୟୀ ୨୪ଟି ମନ୍ତ୍ରଣାଳୟରେ ୧୦ ଜଣ ଯୁଗ୍ମ ସଚିବ, ୩୫ ଉପସଚିବ ବା ନିର୍ଦ୍ଦେଶକ ପାହ୍ୟାର ଅଧିକାରୀ ସେପ୍ଟେମ୍ବର ୧୭ ସୁଦ୍ଧା ନିଯୁକ୍ତି ପାଇଥାନ୍ତେ। ବିରୋଧୀ ଦଳ ଓ ସରକାରୀ ଦଳର ସହଯୋଗୀ ଏହାର ପ୍ରତିବାଦ କରିବାରୁ ଦୁଇ ଦିନ ପରେ ଅଗଷ୍ଟ ୨୦ରେ ୟୁପିଏସ୍‌ସି ନିଜ ବିଜ୍ଞାପନ ପ୍ରତ୍ୟାହାର କରିନେଲେ। ପ୍ରତିବାଦର କାରଣ ଥିଲା ବିଜ୍ଞାପନରେ ସଂରକ୍ଷଣ ବ୍ୟବସ୍ଥା ରଖାଯାଇ ନ ଥିଲା। ଆବଶ୍ୟକ ଚିନ୍ତା କରା ନ ଯାଇ ଏହି ବିଜ୍ଞାପନ ପ୍ରକାଶ କରାଯାଇଥିଲା ବା କିଛି ଭିନ୍ନ ଉଦ୍ଦେଶ୍ୟରେ ଏହା ହୋଇଥିଲା। ସେହିପରି ଦୀର୍ଘମିଆଦୀ ସମ୍ପତ୍ତିରୁ ମିଳୁଥିବା ଲାଭାଂଶ ଉପରେ ଜାରି ଟିକସ ମଧ୍ୟ ସରକାର ପ୍ରତ୍ୟାହାର କରିଛନ୍ତି। ସ୍ପଷ୍ଟ ବହୁମତ ବଳରେ ୨୦୨୦ରେ କୃଷି ଓ କୃଷକଙ୍କ ଉନ୍ନତି ସଂକ୍ରାନ୍ତ ୩ଟି ବିଲ୍ ଲୋକ ସଭାରେ ସରକାର ଗୃହୀତ କରାଇ ଆଇନରେ ପରିଣତ କରିଦେଲେ। ଏହା ବିରୋଧରେ ଚାଷୀଙ୍କ ପ୍ରବଳ ଆନ୍ଦୋଳନ ହେବାରୁ ୨୦୨୧ ମସିହା ଡିସେମ୍ବର ମାସରେ ଏହାକୁ ପ୍ରତ୍ୟାହାର କରାଯାଇଥିଲା। ଅବଶ୍ୟ ଏହି ଆଇନ କାର୍ଯ୍ୟକାରିତା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଥିଲେ।



ବିରୋଧୀ ଦଳ ଅନୁପସ୍ଥିତିରେ ଏନ୍‌ଡିଏ ସରକାର ୨୦୨୦ ମସିହାରେ କୃଷି ଓ କୃଷକ କଲ୍ୟାଣ ସଂକ୍ରାନ୍ତ ବିଲ୍ ଗୃହୀତ କରାଇ ତତ୍କାଳ ଏହାକୁ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ କରାଇବା ଠିକ୍ ନ ଥିଲା। ସେତେବେଳେ ଲୋକ ସଭାରେ ଭାରତୀୟ ଜନତା ପାର୍ଟିର ସଦସ୍ୟ ସଂଖ୍ୟା ଥିଲା ୩୦୩। ଅର୍ଥାତ୍ ଦଳର ସ୍ପଷ୍ଟ ବହୁମତ ରହିଥିଲା। କାହାରି ସହାୟତା ବ୍ୟତିରେକ ସରକାର ଚଳାଇବାର ଦମ୍ଭ ଭାଜପାର ରହିଥିଲା। ଏହି କୃଷି ବିଲ୍‌କୁ ବିରୋଧ କରି ସହଯୋଗୀ ଶିରୋମଣି ଅକାଳୀ ଦଳ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ଏହାର ମନ୍ତ୍ରୀ ଇସ୍ତଫା ଦେଇଥିଲେ ମଧ୍ୟ ଭାରତୀୟ ଜନତା ପାର୍ଟି ଏହାକୁ ଖାତିର ନ କରି ବିଲ୍ ଗୃହୀତ କରାଇଥିଲେ। ତେବେ ଏହା ବିରୋଧରେ ଦୀର୍ଘ ଦିନ ଚାଷୀ ଆନ୍ଦୋଳନ ଚାଲିବାରୁ ପ୍ରତ୍ୟାହାର ବିଷୟ ପ୍ରଧାନମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ଅର୍ଥାତ୍ ଚାଷୀଙ୍କ ଆନ୍ଦୋଳନ ଆଗରେ ସରକାର ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲେ।

ପୂର୍ବରୁ ଏନ୍‌ଡିଏ ସରକାର ବିରୋଧୀ ଦଳକୁ ଏକପ୍ରକାର ଅଣଦେଖା କରି ଚାଲିଥିଲେ। ଚଳିତ ଥର କିନ୍ତୁ ପରିସ୍ଥିତି ଭିନ୍ନ ରହିଛି। ଭାଜପାର ଆଉ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନାହିଁ। ୨୦୧୯ ମସିହା ଆସନ ସଂଖ୍ୟାରୁ ୬୩ଟି ଆସନ ହରାଇ ଗତ ନିର୍ବାଚନରେ ଦଳ ୨୪୦ଟି ଆସନରେ ବିଜୟୀ ହୋଇଛି। ଫଳରେ ଯେ କୌଣସ ସଂସଦୀୟ କାର୍ଯ୍ୟ ନିମନ୍ତେ ଦଳକୁ ସହଯୋଗୀ ଦଳ ଉପରେ ଅଧିକ ଭରସା କରିବା ପାଇଁ ପଡ଼ିବ, ଯାହା ଉପରୋକ୍ତ ଘଟଣାରୁ ଜଣାପଡ଼ୁଛି। ଲାଟେରାଲ ଏଣ୍ଟ୍ରି ବ୍ୟବସ୍ଥାକୁ ସହଯୋଗୀ ଲୋକ ଜନଶକ୍ତି ପାର୍ଟି ବିରୋଧ କରିଥିବାବେଳେ ୱକଫ୍ ବିଲ୍‌କୁ ସମର୍ଥନ ଦେବା ପାଇଁ ଟିଡିପି ନେତା ଚନ୍ଦ୍ରବାବୁ ନାଇଡୁ କୁଣ୍ଠା ପ୍ରକାଶ କରିଥିବା ଘଟଣାରୁ ଏହା ଜଣାପଡୁଛି।

୨୦୨୪ ନିର୍ବାଚନରେ ଭାଜପା ସ୍ପଷ୍ଟ ବହୁମତ ନ ପାଇବା ପରେ ନିର୍ବାଚନ ପ୍ରଚାରରେ ଶାଳୀନତା ଅଭାବ ରହିଥିବା ଓ ସେବକ ଅହଂକାରୀ ହେବା ଉଚିତ ନୁହେଁ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ କୁହାଯାଇଥିଲା। ତେବେ ଆର୍‌ଏସ୍ଏସ୍ ମତ ପରେ ସରକାରରେ ଯେଉଁ ପ୍ରଭାବ ଦେଖିବାକୁ ମିଳିଲା ତାହା ହେଲା ସରକାରୀ କର୍ମଚାରୀ ଏଣିକି ଆର୍‌ଏସ୍ଏସ୍ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ଆର୍‌ଏସ୍ଏସ୍ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀଙ୍କ ଅଂଶଗ୍ରହଣ ଦୀର୍ଘ ଦିନ ଧରି ନିଷେଧ ଥିଲା। ଏହି ନିଷେଧାଦେଶକୁ ପୂର୍ବ ଦୁଇ ଥର କ୍ଷମତାସୀନ ଥିବା ଏନ୍‌ଡିଏ ସରକାର ଉଠାଇ ନ ଥିଲେ। କିନ୍ତୁ ଚଳିତ ଥର ଏହାକୁ ଉଠାଇ ଦିଆଯାଇଛି। ବୋଧହୁଏ ଏଥର ସରକାର ଦୁର୍ବଳ ଥିବାରୁ ବିଭିନ୍ନ ଦଳ ବା ସଂଗଠନ ଉପରେ ନିର୍ଭରଶୀଳ ରହିବା ପାଇଁ ଉଦ୍ୟମ କରୁଛି। ଚଳିତ ବଜେଟ ଅଧିବେଶନରେ ବିରୋଧୀ ଦଳର ଯୁକ୍ତି ମଧ୍ୟ ବେଶ୍ ଶାଣିତ ଥିଲା। ଏଣୁ ଏତିକି କୁହାଯାଇପାରେ ଏବେ ସରକାର ସ୍ୱେଚ୍ଛାଚାରୀ ଭାବେ ବିମୁଦ୍ରୀକରଣ ବା କୋଭିଡ୍ ପରିପ୍ରେକ୍ଷୀରେ ତାଲାବନ୍ଦ ପରି ନିଷ୍ପତ୍ତି ନେଇ ପାରିବେ ନାହିଁ। ଗଣତନ୍ତ୍ରରେ ଭାଗୀଦାର ସମସ୍ତ ପକ୍ଷଙ୍କ ମତକୁ ବିଚାରକୁ ନେଇ ନୀତିଗତ ନିଷ୍ପତ୍ତି ନେବେ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର।

ମୋ: ୯୪୩୭୨୨୯୨୩୩

# ଶ୍ରୀମନ୍ଦିର ବେଢ଼ାରେ ଗଜାନନ




ବିପିନ ବିହାରୀ ରାଉତ

ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ସାକ୍ଷୀଗୋପାଳ ମନ୍ଦିର ନିକଟରେ ରହିଛି କାଞ୍ଚି ଗଣେଶ ମନ୍ଦିର। କାଞ୍ଚି ଗଣେଶଙ୍କୁ ତନ୍ତ୍ର ଗଣେଶ ମଧ କୁହାଯାଏ। ଭିତରଚ୍ଛୁ ମହାପାତ୍ର ଏହି ଗଣେଶଙ୍କ ସେବା କରନ୍ତି। କୁହାଯାଏ, ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରି ଫେରିବାବେଳେ ରାଜଜେମା ପଦ୍ମାବତୀଙ୍କ ସହ ଅମାପ ଧନରତ୍ନ ଓ ଅନେକ ବିରଳ ମୂର୍ତ୍ତି ଆଣିଥିଲେ। ରାଜଜେମାଙ୍କ ବ୍ୟତୀତ ଅନ୍ୟସବୁକୁ ସେ ମହାପ୍ରଭୁଙ୍କ ନିକଟରେ ସମର୍ପି ଦେଇଥିଲେ। ସେସବୁ ମଧ୍ୟରେ ରହିଥିଲେ କାଞ୍ଚି ଗଣେଶ। କାଞ୍ଚି ରାଜା ନିଜର ପରାଜୟ ସୁନିଶ୍ଚିତ ଜାଣି ଯୁଦ୍ଧଭୂମିରୁ ପଳାୟନ ସମୟରେ ନିଜର ଇଷ୍ଟ ଦେବତା ଗଣେଶଙ୍କୁ ସ୍ମରଣ କରିବାରୁ ସେ ଅର୍ଦ୍ଧରାତ୍ରରେ କାଞ୍ଚି ସେନାଙ୍କ ସହିତ ସାମିଲ ହୋଇ ଯୁଦ୍ଧ କଲେ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ରାଉତ ବେଶରେ ଯୁଦ୍ଧ କରୁଥିବା ତାଙ୍କୁ ଜଣା ନଥିଲା। ଶ୍ରୀଜଗନ୍ନାଥଙ୍କ ଶ୍ୱେତ ଅଶ୍ୱ ହଠାତ ବିରାଡ଼ି ରୂପ ଧାରଣ କରିବାରୁ ଗଣେଶଙ୍କ ମୂଷା ପଳାୟନ କରିଥିଲା। ଫଳରେ ଗଣେଶ କଚାଡ଼ି ହୋଇ ତଳେ ପଡ଼ିଯାଇଥିଲେ। ଗଣେଶ ଶ୍ରୀଜଗନ୍ନାଥଙ୍କ କୂଟ ଜାଣିପାରି କ୍ଷମା ମାଗିଲେ ଓ କାଞ୍ଚି ରାଜାଙ୍କୁ ଅଭୟ ଦେବା ବନ୍ଦ କଲେ। ଗଜପତି ବିଜୟ ଲାଭ କରିବା ପରେ ଗଣେଶଙ୍କୁ ସାଙ୍ଗରେ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ ଏହି ଗଣେଶ ଶ୍ରୀକ୍ଷେତ୍ରରେ ସ୍ଥାନ ପାଇଲେ। ଏହି ଗଣେଶଙ୍କୁ ବେଢ଼ାବୁଲା ଗଣେଶ କୁହାଯାଇଥାଏ। ଅରିଷ୍ଟ ସିଦ୍ଧି ନିମନ୍ତେ ତାଙ୍କୁ ଉପାସନା କରାଯାଏ।

ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ଦେଇ ଭିତର ଗୁମୁଟକୁ ପ୍ରବେଶ କଲା ପରେ ଦକ୍ଷିଣ ପାର୍ଶ୍ୱ କଳ୍ପବଟ ବୃକ୍ଷ ତଳେ ରହିଥିବା ଏକ ମନ୍ଦିରରେ କଳ୍ପବଟ ବା ବଟ ଗଣେଶ ଗଣେଶ ବିଦ୍ୟମାନ। ପ୍ରସ୍ତର ନିର୍ମିତ ଏହି ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ। ତାଙ୍କ ଦକ୍ଷିଣ ହସ୍ତ ଦ୍ୱୟରେ ରୁଦ୍ରାକ୍ଷ ମାଳ, ଲେଖନୀ ଓ ଗଜଦନ୍ତ ଶୋଭା ପାଉଛି। ବାମ ହସ୍ତ ଦ୍ୱୟରେ ପରଶୁ ଓ ଲଡୁ ଧାରଣ କରିଛନ୍ତି। ଗଣେଶଙ୍କ ସମ୍ମୁଖରେ ଏକ ମୂଷିକ ବାହନ ବିଦ୍ୟମାନ। ଏହି ମୂଷିକ ଉତ୍କଳୀୟ ଶିଳ୍ପ ପରମ୍ପରାର ଏକ ନିଦର୍ଶନ। ବଟ ଗଣେଶଙ୍କ ମନ୍ଦିର ପୂର୍ବ ଦିଗରେ ଥିବା ହରିସହଦେବଙ୍କ ମନ୍ଦିର ଦକ୍ଷିଣ ପାର୍ଶ୍ୱ ଦେବତା ହେଉଛନ୍ତି ଶ୍ରୀଗଣେଶ। ବଟ ଗଣେଶଙ୍କ ପଛପଟ ସର୍ବମଙ୍ଗଳାଙ୍କ ମନ୍ଦିର ଜଗମୋହନରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ମଧ୍ୟ ରହିଛି।

ଶ୍ରୀମନ୍ଦିର ଭିତର ବେଢ଼ାରେ ଜଳକ୍ରୀଡ଼ା ମଣ୍ଡପ ନିକଟରେ ନଟ ଗଣେଶଙ୍କ ମନ୍ଦିର ଅବସ୍ଥିତ। କଳା ମୁଗୁନି ପଥରରେ ନିର୍ମିତ ଏହି ଗଣେଶ ଦକ୍ଷିଣାଭିମୁଖୀ ଓ ଅଷ୍ଟଭୁଜ ବିଶିଷ୍ଟ। ଦଣ୍ଡାୟମାନ ଭଙ୍ଗୀରେ ରହିଥିବାବେଳେ ଉପର ଦୁଇ ହସ୍ତରେ ସର୍ପ ଧାରଣ କରିଛନ୍ତି। ଅନ୍ୟ ହସ୍ତଗୁଡ଼ିକରେ ରୁଦ୍ରାକ୍ଷମାଳ, ଗଜଦନ୍ତ, ଫାଶ, ଅଭୟ ମୁଦ୍ରା ରହିଛି। ମା' ବିମଳାଙ୍କ ମନ୍ଦିର ପ୍ରବେଶ ଦ୍ୱାର ବାମପଟେ ଏକ ଠଣାରେ ନୃତ୍ୟଶୈଳୀରେ କ୍ଷୁଦ୍ର ଗଣେଶ ଦଣ୍ଡାୟମାନ। ଏହି ବିଗ୍ରହ ପୂର୍ବାଭିମୁଖୀ। ମନ୍ଦିର ଗମ୍ଭୀରାର ପ୍ରବେଶ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଭାବେ ଉପବିଶନ କରିଛନ୍ତି। ଭିତରବେଢ଼ା ମାର୍କଣ୍ଡେଶ୍ୱରଙ୍କ ମନ୍ଦିର ଭିତର କାନ୍ଥରେ ଏକ ପୂର୍ବାଭିମୁଖୀ କ୍ଷୁଦ୍ର ଗଣେଶ ପୂଜିତ ହେଉଥିବାବେଳେ ମନ୍ଦିର କାନ୍ଥରେ ଶ୍ରୀଗଣେଶଙ୍କ ଏକ ଚିତ୍ର ରହିଛନ୍ତି। ଇନ୍ଦ୍ରାଣୀଦେବୀ ମନ୍ଦିର ପ୍ରବେଶ ଦ୍ୱାର ବାମ ପାର୍ଶ୍ୱରେ ଏକ ଦକ୍ଷିଣାଭିମୁଖୀ ଗଣେଶ ମୂର୍ତ୍ତି ଓ ଉପରେ ଏକ ଗଣେଶ ଚିତ୍ର ମଧ୍ୟ ରହିଛି। ମୁକ୍ତି ମଣ୍ଡପ ଉପରେ ବିଭିନ୍ନ ଖମ୍ବରେ ୪ଟି ଓ ମଣ୍ଡପ ପଛରେ ଥିବା ସରଘରେ ଗଣେଶ ମୂର୍ତ୍ତି ବିଦ୍ୟମାନ। ଶ୍ରୀମନ୍ଦିର ଦକ୍ଷିଣ ଘର ବାରଣ୍ଡାର ଡାହାଣ ପଟ କାନ୍ଥରେ ପ୍ରସ୍ତର ନିର୍ମିତ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ହୋଇ ରହିଥିବାବେଳେ ଏହି ଘରର ଉପର ପାର୍ଶ୍ୱରେ ମନ୍ଦିର ଗାତ୍ରରେ ଦୁଇଟି ଗଣେଶ ମୂର୍ତ୍ତି ରହିଛନ୍ତି।



ଭିତରବେଢ଼ା ପାଦୁକ କୁଣ୍ଡ ଉପରିସ୍ଥ ଏକ ଘରେ କଳା ମୁଗୁନି ପ୍ରସ୍ତରର ପୂର୍ବାଭିମୁଖୀ ଗଣେଶଙ୍କ ମୂର୍ତ୍ତି ରହିଛି। ମହାଲକ୍ଷ୍ମୀ ମନ୍ଦିର ଜଗମୋହନ ଉତ୍ତର ପଟ କାନ୍ଥରେ ଏକ ପଞ୍ଚମୁଖୀ ଗଣେଶ ଚିତ୍ରପ୍ରତିମା ସ୍ଥାନ ପାଇଛି। ଉକ୍ତ ମନ୍ଦିର ପଛ ପାର୍ଶ୍ୱରେ କୋଠଭୋଗ ଗୋଦାମ ଘର ଭିତରେ କଳା ମୁଗୁନି ପଥରର ଏକ ଦକ୍ଷିଣାଭିମୁଖୀ ଗଣେଶ ଓ ସୂର୍ଯ୍ୟମନ୍ଦିରର ଜଗମୋହନ ଉତ୍ତର ପାର୍ଶ୍ୱର ଏକ ଠଣାରେ ପ୍ରସ୍ତର ନିର୍ମିତ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ରହିଛି।

ସୂର୍ଯ୍ୟ ମନ୍ଦିର ନିକଟ ଦଧିବାମନ ମନ୍ଦିର ପଛପଟେ ସରଘର ଭିତର ଠଣାରେ ରହିଥିବା କ୍ଷୁଦ୍ର ଗଣେଶ ମୂର୍ତ୍ତିଙ୍କୁ ଅଠରବାଡ଼ ଗଣେଶ କୁହାଯାଏ। ଉକ୍ତ ଘରେ ଗଣେଶଙ୍କ ଏକ ଚିତ୍ର ପ୍ରତିମା ରହିଛି। ବଳି ପାତାଳ ମନ୍ଦିର ପଛ ପାର୍ଶ୍ୱ ସରଘରେ ଗଣେଶଙ୍କର ପୂର୍ବାଭିମୁଖୀ ଗଣେଶଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ସେହିପରି ପ୍ରତିହାରୀ ନିଯୋଗ ମଧ୍ୟରେ ଥିବା ଚାରିଟି ଗଣେଶ ବିଗ୍ରହ ମଧ୍ୟରୁ ତିନୋଟି ଦକ୍ଷିଣାଭିମୁଖୀ ଓ ଗୋଟିଏ ପଶ୍ଚିମାଭିମୁଖୀ। ଭୋଗ ମଣ୍ଡପ ଉତ୍ତରରେ ରାଧାକୃଷ୍ଣ ମନ୍ଦିର ଭିତରେ ଷଡ଼ଭୁଜ ଗଣେଶ ମୂର୍ତ୍ତି ଓ ଭୋଗ ମଣ୍ଡପର ଗାତ୍ରରେ ମଧ ଗଣେଶଙ୍କ ମୂର୍ତ୍ତି ଦୃଶ୍ୟମାନ ହୋଇଥାଏ। ଏହି ମଣ୍ଡପର ଦକ୍ଷିଣ ପାର୍ଶ୍ୱ ଉପର ଅଂଶରେ ଗ୍ରାନାଇଟର ଅଷ୍ଟଭୁଜ ଗଣେଶର ଦକ୍ଷିଣାଭିମୁଖୀ ହୋଇ ବସିଛନ୍ତି। ଶ୍ରୀମନ୍ଦିର ମେରଦା ରୋଷ ଭିତରେ ଶ୍ରୀଗଣେଶଙ୍କ ଏକ ବୃହତ୍ ଚିତ୍ର ପ୍ରତିମା ରହିଛି।

ଶ୍ରୀମନ୍ଦିର ଜଗମୋହନ ଭିତରେ ମୁଦୁଲି ଦ୍ୱାର ପାଖ ପ୍ରଥମ ଖମ୍ବରେ ଚର୍ଚ୍ଚା ଗଣେଶଙ୍କ ଏକ ଚିତ୍ର ପ୍ରତିମା ରହିଛି। ଜଗମୋହନର ଅଷ୍ଟମ ଖମ୍ବ ଓ ତ୍ରୟୋଦଶ ଖମ୍ବରେ ଗଣେଶଙ୍କ ଚିତ୍ର ପ୍ରତିମା ରହିଛି। ଗରୁଡ଼ ସ୍ତମ୍ଭ ପଛପଟ କାନ୍ଥରେ ଥିବା ଶିବ ମୂର୍ତ୍ତିର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ବିଦ୍ୟମାନ। ନାଟମଣ୍ଡପରୁ ଭୋଗମଣ୍ଡପକୁ ଥିବା ପ୍ରବେଶ ପଥର ବାମପାର୍ଶ୍ୱ ଦ୍ୱାର ବନ୍ଧ କାନ୍ଥରେ କଳା ମୁଗୁନି ପଥରର ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଭାବେ ବିଦ୍ୟମାନ।

ମହାପ୍ରଭୁଙ୍କ ଦୋଳବେଦି ଚତୁଃପାର୍ଶ୍ୱ ପ୍ରାଚୀର କାନ୍ଥରେ ୪ଟି ଗଣେଶଙ୍କ ମୂର୍ତ୍ତି ରହିଛି। ସେଥିମଧ୍ୟରେ ଗୋଟିଏ ଗଣେଶ ମୂର୍ତ୍ତି ଶ୍ରୀମନ୍ଦିର ନଟ ଗଣେଶ ମୂର୍ତ୍ତି ଶୈଳୀରେ ନିର୍ମିତ। ଶ୍ରୀମନ୍ଦିରର ଭଗ୍ନ ମୂର୍ତ୍ତି ଗୁଡ଼ିକ ବାହାର କରି ଆଣି ଦୋଳବେଦିରେ ସ୍ଥାପନ କରାଯାଇଥିବା କୁହାଯାଉଛି।

ତୁଳସୀପୁର, କଟକ
ମୋ:୯୪୩୭୬୬୬୪୫୩

## ଏଇ ଭାରତରେ

ନଷ୍ଟ ହୋଇଯାଉଥିବା ଉତ୍ପାଦିତ ପନିପରିବା କିମ୍ବା ଖାଦ୍ୟ ଶସ୍ୟକୁ ଶୁଖାଇ ତାହାକୁ ପ୍ରୋସେସିଂ କରି ବଜାରରେ ବିକ୍ରି କରୁଛନ୍ତି ମହାରାଷ୍ଟ୍ରର ୭ ଜଣ ସାଙ୍ଗ। ବୈଭବ ଡିଡ୍‌କେ, ସ୍ୱପ୍ନିଲ କୋକାଟେ, ତୁଷାର ଗାୱେର, ନିଧି ପନ୍ତ, ଅଶ୍ୱିନୀ ପାୱାଡେ, ଗଣେଶ ଭିରେ ଓ ଶୀତଳ ସୋମାନି ୨୦୧୯ରେ ଏସ୍ଏସ୍ ଟେକ୍‌ନୋଲୋଜି କମ୍ପାନୀ ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ସୌରଶକ୍ତି ଚାଳିତ ଡ୍ରାଏର ବ୍ୟବହାର କରୁଛନ୍ତି। ଏହା ମାଧ୍ୟମରେ କୃଷକମାନଙ୍କଠାରୁ ନଷ୍ଟ ହେଉଥିବା କିମ୍ବା କମ୍ ମାନର ଶସ୍ୟ ସଂଗ୍ରହ କରି ତାହାକୁ ଖାଦ୍ୟ ଉପଯୋଗୀ କରୁଛନ୍ତି। ବିଶେଷକରି ଆଳୁ, କଞ୍ଚାଲଙ୍କା, ଅଦା, ଟମାଟୋ, ପୋଇ ଏବଂ କଖାରୁରୁ ବିଭିନ୍ନ ପ୍ରକାର ଦାନା, ପାଉଡର ଇତ୍ୟାଦି ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ଚାଉଳ, ସୋୟା, ମକାକୁ ଶୁଖାଇ ଖାଦ୍ୟ ଉପଯୋଗୀ କରାଯାଉଛି। ଏଥିରେ ସେମାନେ ୩,୫୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିବା ସହ ମୋଟ ୪ ଲକ୍ଷ କୃଷକଙ୍କ ସହ ଯୋଡ଼ି ହୋଇଛନ୍ତି। ମହିଳାମାନେ ଏହି କାର୍ଯ୍ୟରେ ବର୍ଷକୁ ଅଧିକ ୫୦,୦୦୦ରୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେମାନେ ପ୍ରସ୍ତୁତ କରୁଥିବା ଖାଦ୍ୟ ଉପାଦାନକୁ 'ମୁଧା' ବ୍ରାଣ୍ଡରେ ବିକ୍ରି କରି ବାର୍ଷିକ ୨୦୦ କୋଟି ଟଙ୍କା ପାଉଛନ୍ତି। ୭ଜଣ ସାଙ୍ଗଙ୍କର ଏଭଳି ପଦକ୍ଷେପ କୃଷି ଉତ୍ପାଦ ନଷ୍ଟକୁ ରୋକିବା ସହ ଏବେ ସୁଦ୍ଧା ୧.୮ ମିଲିୟନ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୭୫

- ସିକିମ ବିଧାନସଭାର ପ୍ରଥମ ବାଚସ୍ପତି ରୂପେ ସି.ଏସ୍. ରାଏ ନିର୍ବାଚିତ।
- ପୁରୀର ବିଶିଷ୍ଟ ସଂସ୍କୃତ ବିଶାରଦ ପଣ୍ଡିତ ଦାମୋଦର ଶାସ୍ତ୍ରୀଙ୍କ ୮୧ ବର୍ଷ ବୟସରେ ପରଲୋକ।
- ବାଂଲାଦେଶର ବହିର୍ବ୍ୟାପାର ମନ୍ତ୍ରୀ ଭାବରେ ଅବୁ ସୟଦ ଚୌଧୁରୀଙ୍କ କାର୍ଯ୍ୟଭାର ଗ୍ରହଣ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | 8 |
| | | | 7 | | | 3 | | |
| 1 | | 3 | | | | | 6 | 4 |
| | | | | 9 | | 5 | | |
| 6 | | 4 | 5 | | | | 3 | 9 |
| 9 | | | 1 | | | | | 6 |
| 8 | | | | | 4 | | | |
| | 6 | | 3 | | | | 7 | 1 |
| 4 | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 7 | 2 | 4 | 5 | 3 | 6 | 8 |
| 8 | 4 | 2 | 1 | 6 | 3 | 5 | 9 | 7 |
| 6 | 3 | 5 | 9 | 7 | 8 | 2 | 1 | 4 |
| 3 | 1 | 9 | 6 | 2 | 4 | 8 | 7 | 5 |
| 2 | 7 | 4 | 5 | 8 | 9 | 6 | 3 | 1 |
| 5 | 6 | 8 | 7 | 3 | 1 | 4 | 2 | 9 |
| 4 | 2 | 3 | 8 | 9 | 7 | 1 | 5 | 6 |
| 9 | 8 | 1 | 3 | 5 | 6 | 7 | 4 | 2 |
| 7 | 5 | 6 | 4 | 1 | 2 | 9 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ପଣ ଚାଉଳର ମାନ ନିରୂପଣ କରାଯାଉ

ମହାଶୟ,

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ମିଳିଥିବା ଅର୍ପଣ ଚାଉଳର କେତେକ ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଖବର ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଗରିବ ଲୋକଙ୍କୁ ବଣ୍ଟନ କରିବା ପୂର୍ବରୁ ଚାଉଳକୁ ଠିକ ଭାବରେ ଯାଞ୍ଚ କରାଯାଇ ଖାଇବା ଯୋଗ୍ୟ କି ନୁହଁ ନିଶ୍ଚିତ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ, ଯଦି ଉକ୍ତ ଚାଉଳ ଖାଇବା ଯୋଗ୍ୟ ହୋଇ ନ ଥିବ ତେବେ ଚାଉଳକୁ ଫୋପଡ଼ା ନ ଯାଇ ବିଶେଷଜ୍ଞଙ୍କ ପରାମର୍ଶରେ ଯଦି କୌଣସି ଇଥାନଲ କାରଖାନାକୁ ପଠାଯାଇ ପାରନ୍ତା ତେବେ ଏହା ସ୍ୱଦେଶୀ ସବୁଜ ଇନ୍ଧନ ପ୍ରସ୍ତୁତିରେ କାମରେ ଲାଗନ୍ତା। ସାଧାରଣତଃ ଇଥାନଲ କାରଖାନା ଗୁଡ଼ିକରେ ଇଥାନଲ ପ୍ରସ୍ତୁତିରେ ଏହିଭଳି ନଷ୍ଟ ଚାଉଳ ବ୍ୟବହୃତ ହୋଇଥାଏ।

-ନବନିତ୍ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅନ୍ଧକାର
ଆସଇ ଧୀରେ
ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଗଣେଶପୂଜା ସାଜସଜ୍ଜା ବେଳେ ବଜ୍ରପାତ: ଜଣେ ମୃତ

**ସୁନ୍ଦରଗଡ଼/ନୂଆଗାଁ,୬/୯(ଜୟ ନାରାୟଣ ମେଣ୍ଡୁଲି/ ବିଜୟ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ନୂଆଗାଁ ବ୍ଲକ ବାଗଡେଗା ହାଇସ୍କୁଲରେ ଗଣେଶ ପୂଜା ପାଇଁ ଛାତ୍ରୀଛାତ୍ରମାନେ ସାଜସଜ୍ଜା କରୁଥିବା ବେଳେ ବ୍ରଜପାତ ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଗଡେଗା ପଞ୍ଚାୟତ ଟାଙ୍ଗରପାଲି ଗ୍ରାମର କେତ୍ରା ମାହାତୋଙ୍କ ପୁଅ ଦୀପକ (୧୪)। ବାଗଡେଗା ହାଇସ୍କୁଲର ୮ମ ଶ୍ରେଣୀର ଛାତ୍ର ଦୀପକ ଗଣେଶ ପୂଜା ପାଇଁ ଶୁକ୍ରବାର ଅପରାହ୍ନରେ ସାଙ୍ଗମାନଙ୍କ ସହ ଖୁସିରେ ସାଜସଜ୍ଜା କରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ସହ ବର୍ଷା ହୋଇଥିଲା। ବଜ୍ରପାତରେ ଦୀପକ ଅଚେତ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଆର୍‌ଜିଏଚରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଆର୍‌ଜିଏଚ ମର୍ଗହାଉସରେ ରଖାଯାଇଛି। ଶନିବାରି ବ୍ୟବଚ୍ଛେଦ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଦିନ ଶାଗ କିଆରି**
**ଅଦିନ କକେଇ ଡାକି ଆଇଚି ଲୋ**
**ମୁଁ ତୋର କୋଉ ଝିଆରୀ ?**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ପରିଚିତ ବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ମଧ୍ୟ ବିନା ସ୍ୱାର୍ଥରେ ଦିନେ କାଳେ ସମ୍ପର୍କ ରଖି ନ ଥାନ୍ତି କି ପଚାରି ନ ଥାନ୍ତି। କିନ୍ତୁ ହଠାତ୍ କୌଣସି ସ୍ୱାର୍ଥସିଦ୍ଧିର ଆବଶ୍ୟକ ପଡ଼ିଲେ ନିଜକୁ ମାମୁ, ମାଇଁ, ମଉସା, ମାଉସୀ ବା ଦାଦାଖୁଡ଼ୀର ପରିଚୟ ଦେଇ ନିକଟତର ହେବାକୁ ଚେଷ୍ଟା କରନ୍ତି। ତାଙ୍କର ଏପରି ଆଚରଣରୁ କିଛି ଗୁପ୍ତ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ବୁଝା ପଡ଼ିଯାଇଥାଏ। ଏପରିସ୍ଥଳେ ସେମାନଙ୍କ ଲୋକଦେଖାଣିଆ ମିଛ ସମ୍ପର୍କ ପ୍ରତି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅପାଳକ ରାଇଜକୁ**
**ବିଜୁଳି ଲକ୍ଷେ ଟଙ୍କା।**

ଯେଉଁ ଦେଶରେ ବର୍ଷା ହୁଏ ନାହିଁ ସେଠି ଅପାଳକ ହୁଏ। ବର୍ଷା ହେବା ପୂର୍ବରୁ ମେଘ ଉଠାଏ। ମେଘକୁ ମେଘ ଘଷି ହୋଇ ବିଜୁଳି ସୃଷ୍ଟି ହୁଏ। ବିଜୁଳି ଦେଖିଲେ ମେଘ ହେବାର ଆଶା ଜନ୍ମେ। ଯେଉଁଠି କିଛି ନାହିଁ, ସେଇଠି ସାମାନ୍ୟ କିଛି ମାତ୍ର ମିଳିଗଲେ ଅପୂର୍ବ ଆନନ୍ଦ ଲାଗିଥାଏ। ଯୋଗ୍ୟ ବ୍ୟକ୍ତି ବା ବସ୍ତୁ ଅଭାବରେ କମ୍ ଜିନିଷ ମୂଲ୍ୟବାନ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଛାତ୍ରୀଛାତ୍ରଙ୍କୁ ମିଳୁନି ନୂଆ ଡ୍ରେସ୍

## ଅଧା ହେବାକୁ ବସିଲାଣି ଶିକ୍ଷାବର୍ଷ

**ବାରିପଦା,୬।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଚଳିତ ଶିକ୍ଷାବର୍ଷରେ ନୂତନ ଡ୍ରେସ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଶିକ୍ଷାବର୍ଷ ଆରମ୍ଭର ୬ମାସ ବିତିବାକୁ ବସିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ସୂଚନା ଅନୁଯାୟୀ, ଜିଲାର ୨୬ଟି ବ୍ଲକ୍‌ରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୪୨୩୦ ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨ଲକ୍ଷ ୯୭ହଜାର ୮୩୦ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଏହା ବ୍ୟତୀତ ୯ମ ଓ ୧୦ମ ଶ୍ରେଣୀରେ ମୋଟ ୫୮ହଜାର ୪୫ ଛାତ୍ରୀଛାତ୍ର ରହିଥିବା ବେଳେ ଅଦ୍ୟାବଧି ସେମାନଙ୍କୁ ପୋଷାକ, ଜୋତା, ଟୋପି ଓ ପରିଚୟପତ୍ର ପ୍ରଦାନ କରାଯାଇ ପାରିନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଶିକ୍ଷା,ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନା ଓ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ମାଧ୍ୟମରେ ୧ମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ୨ହଳ ପୋଷାକ, ୧ ହଳ ଜୋତା,୨ ହଳ ମୋଜା, ଗୋଟିଏ ଟି-ଶାର୍ଟ ଓ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଓ ଗୋଟିଏ ପରିଚୟପତ୍ର ବାବଦରେ ପିଲା ପ୍ରତି ୧ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୨ ହଳ ପୋଷାକ, ୧ ହଳ ଜୋତା, ୨ ହଳ ମୋଜା, ଗୋଟିଏ ଟି-ଶାର୍ଟ ଓ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ ଦେବାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ମାଧ୍ୟମରେ ସ୍କୁଲ ପରିଚାଳନା ସମିତି ଜରିଆରେ ସମସ୍ତ ସାମଗ୍ରୀ କିଣାଯାଇ ଛାତ୍ରୀଛାତ୍ରମାନଙ୍କୁ ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଚଳିତ ବର୍ଷ ନୂଆ ଗାଇଡ୍‌ଲାଇନ ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ସାମଗ୍ରୀ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଥିମଧ୍ୟରେ ଯେଉଁ ଗ୍ରୁପ୍‌ରେ ସିଲେଇ ୟୁନିଟ୍ ରହିଥିବା କିମ୍ବା ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ଥିବା ସଂସ୍ଥା ମାଧ୍ୟମରେ ପ୍ରଦାନ କରାଯିବା ନେଇ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଛି। ସେହିଭଳି ବ୍ଲକ୍ ସ୍ତରରେ ବିଡିଓ, ବିଇଓ, ସିଡିପିଓ, ଆଇପିଓ ମିଶନ ଶକ୍ତିର ସଦସ୍ୟ, ବ୍ଲକ୍ ଲେଭଲ ଫେଡେରେଶନ ଲିଡରମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ। ସେଥିରେ ବିଡିଓ ଅଧ୍ୟକ୍ଷ ରହି ଗ୍ରୁପ୍ ଚୟନକରି ବଣ୍ଟନ ଦାୟିତ୍ୱ ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଛି। ତେବେ ଜିଲାରେ ହାତଗଣତି କେତେକ ଗ୍ରୁପ୍ ଏଭଳି କାର୍ଯ୍ୟ କରୁଥିବା ବେଳେ ଗ୍ରୁପ୍ ଜରିଆରେ ସାମଗ୍ରୀ ଯୋଗାଇବା ଅସମ୍ଭବ ହୋଇପଡ଼ିଛି। ସେହିପରି ସମଗ୍ର ଶିକ୍ଷା ଓ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ଅର୍ଥ ଆସି ନ ଥିବା ବେଳେ ସମଗ୍ର ଶିକ୍ଷା ଯୋଜନାରେ ମାତ୍ର ୪୦ପ୍ରତିଶତ ଅର୍ଥ ଆସିଥିବା ନେଇ ଜଣେ କର୍ମଚାରୀ କହିଛନ୍ତି। ଜୁଲାଇ ସୁଦ୍ଧା ପିଲାମାନଙ୍କୁ ପୋଷାକ ଓ ଜୋତା ମିଳୁଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି। ଫଳରେ ଗଣେଶପୂଜାରେ ଛାତ୍ରୀଛାତ୍ରମାନେ ପୁରୁଣା ଡ୍ରେସ୍ ପିନ୍ଧି ପୂଜା କରିବାକୁ ବାଧ୍ୟ ହେବେ ବୋଲି ଅଭିଭାବକ ରାମଚନ୍ଦ୍ର ଟୁଡୁ, ଜିତରାୟ ହାଁସଦା, ପାନମଣି ହେମ୍ବ୍ରମ ଓ ଡାକ୍ତର ମୁର୍ମୁ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଜାରି ହୋଇଥିବା ନିୟମ ପାଳନକରିବା ପାଇଁ ସମସ୍ତ ବିଡିଓଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଖୁବ୍ ଶୀଘ୍ର କମିଟି ଗଠନକରି ଛାତ୍ରୀଛାତ୍ରମାନଙ୍କୁ ପୋଷାକ ସାମଗ୍ରୀ ପ୍ରଦାନ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ କୁହାଯାଇଥିବା ସେ କହିଛନ୍ତି। ସରକାର ପୂର୍ବପରି ପରିଚାଳନା ସମିତି ମାଧ୍ୟମରେ ପୋଷାକ ପ୍ରଦାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ପାଦରେ ଚାଲି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ବାହାରିଛନ୍ତି ଶ୍ରୀୟଂଶ

## ପୁରୀ ଜଗନ୍ନାଥଙ୍କୁ ମଧ୍ୟ ଦର୍ଶନ କରିବେ

**ଢେଙ୍କାନାଳ,୬।୯(ରତନ ନାୟାର)**



ଶ୍ରୀୟଂଶ ମିଶ୍ର

ନୂଆଦିଲ୍ଲୀର ଶ୍ରୀୟଂଶ ମିଶ୍ର। ବୟସ ତାଙ୍କର ୨୩। ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ ବୋଲି ପ୍ରମାଣ କରିଛନ୍ତି ଶ୍ରୀୟଂଶ। ସେ ୧୩ ମାସରେ ଦେଶର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିସହିତ ସେ ବଦ୍ରିନାଥ ଦର୍ଶନ କରିଥିବା ବେଳେ ପୁରୀ ଶ୍ରୀକ୍ଷେତ୍ରର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଦିଲ୍ଲୀରୁ ସେ ହାତରେ ଜାତୀୟ ପତାକା ଧରି ଚାଲିଚାଲି ନିଜର ଯାତ୍ରା ଆରମ୍ଭ କରିଛନ୍ତି। ୧୩ହଜାର କିଲୋମିଟରରୁ ସେ ଏବେସୁଦ୍ଧା ୯ ହଜାରରୁ ଊର୍ଦ୍ଧ୍ୱ କିଲୋମିଟର ଚାଲିଚାଲି ଆସିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଦେଶର କେଦାରନାଥ, କାଶୀ ବିଶ୍ୱନାଥ, ବଦ୍ରିନାଥ, ସୋମନାଥ, ଭୀମାଶଙ୍କର, ନାଗେଶ୍ୱର, ତ୍ରୟମ୍ବକେଶ୍ୱର ପୀଠ ବୁଲି ସାରିଲେଣି। ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼, ଗୁଜରାଟ ଆଦି ରାଜ୍ୟ ବୁଲି ସେ ଶେଷରେ ଓଡ଼ିଶାରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ଢେଙ୍କାନାଳ ବାଟ ଦେଇ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହାପରେ ସେ ଦକ୍ଷିଣ ଭାରତ ଅଭିମୁଖେ ଯାତ୍ରା କରିବେ ବୋଲି କହିଛନ୍ତି। ବାଟରେ ଯେକୌଣସି ମଠ, ମନ୍ଦିର ବା ଆଧ୍ୟାତ୍ମିକ ଉତ୍ସବରେ ସେ ପ୍ରସାଦ ସେବନ କରିଥାନ୍ତି। ଶ୍ରୀୟଂଶ ସୈନ୍ୟବାହିନୀରେ ଯୋଗଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହି ପ୍ରସ୍ତୁତି ତାଙ୍କୁ ପାଦରେ ଚାଲିବା ପାଇଁ ପ୍ରେରଣା ଦେଇଛି। ରାତିହେଲେ ଧର୍ମାନୁଷ୍ଠାନ ଜାଗା ଦେଖି ସେ ବିଶ୍ରାମ କରିଥାନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ମୋ ପାଇଁ ପ୍ରଥମେ ରାଷ୍ଟ୍ର ବଡ଼, ତା’ ପରେ ଧର୍ମ। ଏହି ବାର୍ତ୍ତା ନେଇ ମୁଁ ମୋର ଯାତ୍ରା ଆରମ୍ଭ କରିଛି।

# ସମ୍ବଲପୁରୀ ବାନ୍ଧକଳାରେ ଶ୍ରୀଗଣେଶ

## ବାନ୍ଧଶିଳ୍ପୀ ଘନଶ୍ୟାମଙ୍କ ସୂକ୍ଷ୍ମ ସୂତାରେ ମନଲୋଭା ଚିତ୍ରକଳା



ଘନଶ୍ୟାମ ମେହେର



**ସମ୍ବଲପୁର, ୬।୯(ବି. ଶଙ୍କର)**

ଶ୍ରୀଗଣେଶ ଚତୁର୍ଥୀ ତିଥି ପାଇଁ ସମ୍ବଲପୁରୀ ବାନ୍ଧକଳାରେ ଶ୍ରୀଗଣେଶଙ୍କ ମନଲୋଭା ଚିତ୍ରକଳା ପ୍ରସ୍ତୁତିପୂର୍ବକ ନୈବେଦ୍ୟ ଅର୍ପଣ କରିଛନ୍ତି ବିଶିଷ୍ଟ ବାନ୍ଧଶିଳ୍ପୀ ଘନଶ୍ୟାମ ମେହେର। ୧୨୦ ନମ୍ବର ଫାଇନ୍ ସୂତା ସହ ରଙ୍ଗବେରଙ୍ଗର ସୂକ୍ଷ୍ମ ସୂତାରେ ୫୪ ଇଞ୍ଚ ଚଉଡ଼ା ଓ ୬୦ ଇଞ୍ଚ ଉଚ୍ଚତାର ଚିତ୍ରକଳା ପ୍ରସ୍ତୁତ ହୋଇଛି। ବାନ୍ଧକଳାର ମଧ୍ୟଭାଗରେ ଦଣ୍ଡାୟମାନ ରହିଛନ୍ତି ଶ୍ରୀଗଣେଶ। ଚତୁଃପାର୍ଶ୍ୱରେ ବିଭିନ୍ନ ଭଙ୍ଗୀରେ ୨୯ଟି ଗଣେଶଙ୍କୁ ସ୍ଥାନିତ କରାଯାଇଛି। ଚିତ୍ରଶିଳ୍ପୀ ଘନଶ୍ୟାମ ଚିତ୍ରକଳାରେ ଧଳା, ଗୋଲ୍‌ଡେନ୍, ମେରୁନ୍, ରେଡ୍ ଓ କଫି ରଙ୍ଗ ବ୍ୟବହାର କରିଛନ୍ତି। ଶୁକ୍ରବାର ସମ୍ବଲପୁରରେ ସାକ୍ଷାତ୍ ସମୟରେ ଘନଶ୍ୟାମ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବାକୁ ଶ୍ରୀଗଣେଶଙ୍କ ଚିତ୍ରକଳା ପ୍ରସ୍ତୁତ କରାଯାଇଛି। ଏଥିସକାଶେ ତାଙ୍କୁ ପ୍ରାୟ ୧ବର୍ଷ ସମୟ ଲାଗିଛି। ଏହି ଏକ ବର୍ଷରେ ମାଷ୍ଟର ଗ୍ରାଫିକ୍ କରିବାକୁ ତାଙ୍କୁ ୨ ମାସ ଲାଗିଥିଲା।

ଘନଶ୍ୟାମ ସୂକ୍ଷ୍ମ ସୂତା ସହ ବିଭିନ୍ନ ପ୍ରକାର ସୂତାର ସମାହାରରେ ବାନ୍ଧ ତିଆରି କରିଥାନ୍ତି। ପରବର୍ତ୍ତୀ ସମୟରେ ସେ ମଙ୍ଗା ସାହାଯ୍ୟରେ ବିଭିନ୍ନ ଦେବଦେବୀ ଓ ପ୍ରକୃତିର ଚିତ୍ର ଆଙ୍କିଥାନ୍ତି। ସୁବର୍ଣ୍ଣପୁର ଜିଲା ସୁବଲୟା ଟିକ୍ରାପଡା ଗ୍ରାମର ଘନଶ୍ୟାମ ମାଟ୍ରିକ୍ ପାସ୍ କରିଛନ୍ତି। ଛୋଟ ସମୟରୁ ସେ ସମ୍ବଲପୁରୀ ଶାଢ଼ି ବୁଣୁଥିଲେ। ସଂପ୍ରତି ସମୟ ପରିବର୍ତ୍ତନ ହେଉଛି। ତେଣୁ ଆଧୁନିକ ରୁଚିକୁ ହୃଦ୍‌ବୋଧ କରି ଘନଶ୍ୟାମ ବୃତ୍ତିରେ ପରିବର୍ତ୍ତନ ଆଣିଛନ୍ତି। ବାପା ସ୍ୱର୍ଗତ ରବି ମେହେରଙ୍କ ପ୍ରୋତ୍ସାହନରେ ସେ ବାନ୍ଧକଳାରେ ୱାଲହ୍ୟାଙ୍ଗିଂ ବୁଣୁଛନ୍ତି। ପ୍ରାୟ ୬ଶହ ପ୍ରକାର ୱାଲ ହ୍ୟାଙ୍ଗିଂରେ ଗଣେଶ, ଜଗନ୍ନାଥଙ୍କ ସୁନାବେଶ, ସମଲେଇଙ୍କ ରାଜରାଜେଶ୍ୱରୀ ବେଶ, ବୁଦ୍ଧଦେବ, ଓଡ଼ିଶୀ ନୃତ୍ୟ, ଆଦିବାସୀ ନୃତ୍ୟ, ନନ୍ଦନକାନନର ମନୋରମ ଦୃଶ୍ୟ, ସବୁଜ ବନାନୀ, ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି, ବିଭିନ୍ନ ପ୍ରକାର ଝୋଟି ଏବଂ ବନ୍ୟପ୍ରାଣୀଙ୍କ ଚିତ୍ରକୁ ବାନ୍ଧକଳାରେ ସେ ଜୀବନ୍ତ କରିପାରିଛନ୍ତି। ଗ୍ରାଫ୍ କାଗଜରେ ୮୧ ହଜାର ବିଭିନ୍ନ ପ୍ରକାର ଶଙ୍ଖର ଚିତ୍ର ଅଙ୍କନକରି ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଘନଶ୍ୟାମଙ୍କୁ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାର ଓ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର–୨୦୦୬ରେ ପୁରସ୍କୃତ କରାଯାଇଛି।

# ୧୪ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୬।୯ (କାର୍ତ୍ତିକ ସାହୁ)**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଆସନ୍ତା ୧୪ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ସହମତି ଭିତ୍ତିରେ ଆପୋସ ସମାଧାନ କରାଯାଇପାରିବ। ସେଥିମଧ୍ୟରୁ ମୋଟରଯାନଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ବିବାଦ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରି ମାମଲାଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି।

# ଅଗ୍ନି-୪ ବାଲିଷ୍ଟିକ କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ



**ବାଲେଶ୍ୱର,୬।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ଟେଷ୍ଟ ରେଞ୍ଜରୁ ଶୁକ୍ରବାର ଏକ ଇଣ୍ଟରମିଡିଏଟ ରେଞ୍ଜ ବାଲିଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୪ର ସଫଳ ଉତ୍କ୍ଷେପଣ ହୋଇଛି। ଏହି ଉତ୍କ୍ଷେପଣ ସମସ୍ତ ପରିଚାଳନାଗତ ଏବଂ ବୈଷୟିକ ମାନଦଣ୍ଡକୁ ସଫଳତାର ସହ ଯାଞ୍ଚ କରିଥିଲା। ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ତତ୍ତ୍ୱାବଧାନରେ ଏହି ଉତ୍କ୍ଷେପଣ କରାଯାଇଥିଲା।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**କର୍ମଚାରୀ ଆବଶ୍ୟକ**
ଭୁବନେଶ୍ୱରର ପଟିଆରେ ଥିବା Construction ଅଫିସରେ ଅଭିଜ୍ଞ Accountant, Data Entry Operator/Designer, Mechinery Manager, ପିଅନ, ଡ୍ରାଇଭର ଏବଂ ରୋଷେୟା ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ।
ଯୋଗାଯୋଗ
9937499625

**ଆବଶ୍ୟକ**
ଡେଲିଭରି ଆସୋସିଏଟ୍
ଅଫିସ୍ ସ୍ଥାନ: ଢେଙ୍କାନାଳ, ମହିଷାପାଟ
ଡେଲିଭରି ସ୍ଥାନ: ଢେଙ୍କାନାଳ ଓ ଆଠଗଡ଼
ଦରମା: Rs.10,000/- - Rs.15,000/-
ଆବଶ୍ୟକତା: ବୈଧ ଡ୍ରାଇଭିଂ ଲାଇସେନ୍ସ, ସ୍ମାର୍ଟଫୋନ ସହିତ ଡାଟା କନେକ୍ସନ, ପାନ୍ କାର୍ଡ
ଯୋଗାଯୋଗ:
8328815504, 8249669141

**JAGANNATH HOSPITAL**
SAHEED NAGAR, BHUBANESWAR
REQUIRED
Require RECEPTION EXECUTIVE (Male/Female) with at least one yr. experience is appreciated.
Send resume through email : jagannathhospital@yahoo.com

**ନିଯୁକ୍ତି ସୂଚନା** | SAMAYA SECURITY SERVICE PVT. LTD.
Rasulgarh (Near Bank of India) Bhubaneswar
ସିକ୍ୟୁରିଟି ଗାର୍ଡ
ସିକ୍ୟୁରିଟି ସୁପରଭାଇଜର
ନିମ୍ନ ଲିଖିତ ପଦବୀ ପୂରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି। ଇପିଏଫ୍, ଇଏସ୍‌ଆଇ, ରହିବା, ଖାଇବା ସୁବିଧା ଉପଲବ୍ଧ।
DATE OF INTERVIEW: 11 & 12 Sept, 2024
7077591136, 9658701116, 7847996119



**OFFICE OF THE ADDITIONAL CHIEF ENGINEER**
Rushikulya Bahuda Basin, Berhampur - 760004
E-mail ID: se_sicbam@yahoo.com

**Corrigendum to**
**e-Procurement Notice No. ACE, RBB-24/2024-25**

No. A-276: The e-Procurement Notice No. ACE, RBB-24/2024-25 and the Bid Identification No. ACE, RBB (BNID)-46/2024-25 for the work, **"Supply, Installation, testing, commissioning, training and maintenance of 02 Nos. of non contact type discharge measurement system in Rushikulya Bahuda Vansadhara and Nagavali basin in Odisha (River Rushikulya and Badanadi at Aska)** of the aove tender call notice may be read as **e-Procurement Notice No. ACE, RBB - 01/2024-25 and Bid Identification No. ACE, RBB (BNID) - 01/2024-25**.

Sd./- Additional Chief Engineer
Rushikulya Bahuda Basin, Berhampur
OIPR-32411/11/0003/2425



**कार्यपालक अभियंता का कार्यालय, ग्रामीण विकास विशेष प्रमंडल, कोडरमा**
E-Mail Id – eerdsdkoderma@gmail.com

**अति अल्पकालीन ई-निविदा आमंत्रण सूचना**

ई– निविदा सूचना संख्या – RDD/SD/KODERMA/04/2024-25 (2nd Call)
1. कार्य की विस्तृत विवरणी :

| ग्रुप सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 3 | कोडरमा जिला के सतगॉवा प्रखण्ड अन्तर्गत ग्राम पंचायत कोठियार ग्राम– हदहदवा के बलचोटवा नदी पर उच्चस्तरीय पुल निर्माण। | 4,70,35,500.00 | 9,40,800.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि –11.09.2024.
3. ई–निविदा प्राप्ति की तिथि एवं समय – दिनांक 11.09.2024.से दिनांक 19.09.2024 अपराह्न 5:00 बजे तक।
4. ई–निविदा खोलने का स्थान :– कार्यपालक अभियंता का कार्यालय, ग्रामीण विकास विशेष प्रमंडल, कोडरमा।
5. ई–निविदा खोलने की तिथि एवं समय :– 21.09.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, कोडरमा।
7. ई–निविदा प्रकोष्ठ का मोबाईल नं0 – 9934546408 (संबंधित कार्यपालक अभियंता कार्यालय कोडरमा का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमंडल, कोडरमा

PR 334981 Rural Work Department (24-25)_D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

**अल्पकालीन ई–निविदा आमंत्रण सूचना**

संख्या – EE/RDSD/LATEHAR/15/2024-25
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत सासंग अंतर्गत ग्राम हेसलबार में पुल निर्माण। | 58216000 | 1164400 | 10,000 | 24 माह |
| 2 | लातेहार जिलान्तर्गत प्रखण्ड बारियातु पंचायत साल्वे अन्तर्गत ग्राम जबरा में धोबनी नदी में पुल निर्माण। | 54296600 | 1086000 | 10,000 | 24 माह |
| 3 | लातेहार जिलान्तर्गत प्रखण्ड चंदवा पंचायत चेटर अन्तर्गत पीपरापानी नदी पर पुल निर्माण। | 29806900 | 596200 | 10,000 | 18 माह |
| 4 | लातेहार जिलान्तर्गत प्रखण्ड लातेहार पंचायत नेवाड़ी अंतर्गत ग्राम सोहदाग में ततहसा नदी पर पुल निर्माण। | 38462400 | 769300 | 10,000 | 18 माह |

2. वेबसाइट में निविदा प्रकाशन की तिथि – 10.09.2024
3. ई–निविदा प्राप्ति की तिथि एवं समय – दिनांक 10.09.2024 से दिनांक 19.09.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –21.09.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार

PR 334966 Rural Development(24-25)#D



**FAKIR MOHAN UNIVERSITY**
Vyasa Vihar, Nuapadhi, Balasore - 756089
**ADMISSION ANNOUNCEMENT: 2024-25 - PGDCA COURSE**
**No. FMU/PGC-I-45/2024/1224** **Dt.06.09.2024**
In continuation to this Office Notification No. FMU/PGC/I-45/2024/895 Dt.24.07.2024, the last date of submission of Application Forms for PGDCA is extended upto 30.09.2024. Desirous students may download the application form available in the website **www.fmuniversity.nic.in** and apply by the above dates with required fees & other documents.
Sd./- Chairman, P.G. Council



FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 244 of 2024**
**Authorised Officer-cum-Chief Manager, Punjab National Bank, Cuttack** .....Applicant
**Versus**
**M/s Epari Jewelers & others** .....Defendant(s)
**To,**
**D-5) M/s EMR Investment Pvt. Ltd., Managing Director: Epari Madhav Rao,** At: Plot No.: 13/D, Palit STP, PO: Ballygunge, Kolkata, West Bengal-700019.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 244 of 2024** in the Court of the Debts of Recovery Tribunal, Cuttack for recovery of **Rs.10,77,41,208.27** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **29.10.2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th day of August, 2024.**

Sd/- (Nikhila Ranjan Pati)
REGISTRAR



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 04 of 2024-25**

No. O-254: The Executive Engineer RWS&S Division, Balangir on behalf of Governor of Odisha invites percentage bid through e-Procurement in Double Cover System according to norm of e-Procurement system in online mode for the different work in different blocks under Balangir district.

01. Nature of Work : Construction of Percolation well in different Villages of Balangir District
02. Total No. of Work : 03 Nos.
03. Estimated Cost : Rs.29.41 lakhs to 30.87 lakhs
04. Eligible Class of Contractor : "B & C" Contractor
05. Period of Completion : Three Months
06. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 04 of 2024-25 | Dt.11.09.2024 At 11.00 Hrs. | Dt.25.09.2024 Upto 17.00 Hrs. |

Further details can be had in the DTCN available in the website: **www.tendersodisha.gov.in**.

Sd./- Executive Engineer
RWS&S Division, Balangir
OIPR-25033/11/0004/2425



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ରାଜଗାଙ୍ଗପୁର ଶାଖା
**ଦଖଲ ନୋଟିସ୍**
[ରୁଲ୍- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସେବାବଦ ପରବର୍ତ୍ତୀ ସୁଧ, ଆନୁସାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ସଞ୍ଜୁ ଷ୍ଟୋର, ପ୍ରୋ: ସଞ୍ଜୁ ସାହୁ, ଏସ୍‌ଭିଏମ୍ କଲୋନୀ, ରାଜଗାଙ୍ଗପୁର-୭୭୦୦୧୭, ଜାମିନ୍‌ଦାର : ରାମଚନ୍ଦ୍ର ସାହୁ | ରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଜଗାଙ୍ଗପୁର, ଖାତା ନଂ : ୩୭୬/୨୫୦, ପ୍ଲଟ ନଂ : ୬୭୩/୪୧୦୦, କ୍ଷେତ୍ର: ଏକର ୧୬୩୭ ଡିସିମିଲି, କିସମ: ଘରବାରୀ। | ୦୨.୦୭.୨୦୨୪ ସୁଦ୍ଧା ଟ.୧୫,୩୬,୮୪୨/- ଏବଂ ସେବାବଦପରବର୍ତ୍ତୀ ସୁଧ, ଆନୁସାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ | ୦୨.୦୭.୨୦୨୪ / ୦୩.୦୯.୨୦୨୪ |

ସ୍ଥାନ: ରାଜଗାଙ୍ଗପୁର, ତାରିଖ: ୦୬.୦୯.୨୦୨୪
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ବିନା ଟେଣ୍ଡରରେ କ୍ରୀଡ଼ା, ସଙ୍ଗୀତ ଉପକରଣ କିଣା ଅଭିଯୋଗ

**ରାୟଗଡ଼ା,୬।୯(ଆଶିଷ ରଞ୍ଜନ ପଣ୍ଡା)**

■ ଏସ୍‌ଡିସିରେ ବ୍ୟାପକ ଅନିୟମିତତା ଅଭିଯୋଗ
■ ଭିଜିଲାନ୍ସ ତଦନ୍ତ ଦାବିକଲେ ଏମ୍‌ପି

ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ବୁଧବାର ଭାଙ୍ଗିଦେଇଛନ୍ତି ରାଜ୍ୟ ସରକାର । ଅନ୍ୟପଟେ ଗତ ଦିନରେ ଏସ୍‌ଡିସି ପକ୍ଷରୁ ବିଭିନ୍ନ କ୍ରୀଡ଼ା ଓ ସଂଗୀତ ଉପକରଣ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ପ୍ରକାରେ ଟେଣ୍ଡର ଡକାଯାଇ ଉପକରଣ କିଣାଯିବା କଥା। ତେବେ ବିନା ଟେଣ୍ଡରରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା ଦେଖାଯାଇଥିବା ନେଇ ଅଭିଯୋଗ ହୋଇଛି । ଏଭଳିକି କେଉଁ ଯୁବଗୋଷ୍ଠୀକୁ ଏହି କ୍ରୀଡ଼ା ଓ ସଙ୍ଗୀତ ଉପକରଣ ପ୍ରଦାନ କରାଯାଇଛି ତାହାର କୌଣସି ତଥ୍ୟ ମଧ୍ୟ ନାହିଁ। ଉପକରଣ ବଣ୍ଟନ ବଦଳରେ କାଗଜକଲମରେ ସୀମିତ ରହିଯାଇଛି ଯୋଜନା । ତେଣୁ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ।

ଏସ୍‌ଡିସି ପକ୍ଷରୁ କ୍ରୀଡ଼ା ଉପକରଣ ପାଇଁ ୯୧ ଲକ୍ଷ ଟଙ୍କା ଏବଂ ସଙ୍ଗୀତ ଉପକରଣ ପାଇଁ ୧କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଉପକରଣ କିଣାଯାଇଥିବା ଦର୍ଶାଯାଇଛି । ଜିଲାର ୧୮୨ ପଞ୍ଚାୟତରୁ ଗୋଟିଏ ଲେଖାଏଁ ଯୁବଗୋଷ୍ଠୀ ଓ ସାଂସ୍କୃତିକ ଦଳକୁ ଏହି କ୍ରୀଡ଼ା ଓ ସଙ୍ଗୀତ ଉପକରଣ ପ୍ରଦାନ କରାଯାଇଛି । ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ବର୍ଷର ପ୍ରଥମାର୍ଦ୍ଧରେ ଧୁମଧାମରେ ସଙ୍ଗୀତ ଉପକରଣ ବଣ୍ଟନ ହୋଇଥିଲା। ସୂଚନା ଅନୁସାରେ କ୍ରୀଡ଼ା ଉପକରଣ ପାଇଁ ଗୋଟିଏ ଯୁବଗୋଷ୍ଠୀକୁ ୫୦ ହଜାର ଟଙ୍କାରେ ଗୋଟିଏ ଭଲିବଲ ନେଟ୍, ପୋଲ୍ ସହିତ ଗୋଟିଏ ବ୍ୟାଡ୍‌ମିଣ୍ଟନ ନେଟ୍ ରହିଛି। ସେହିଭଳି ଦୁଇଟି ଲେଖାଏଁ ଭଲିବଲ୍, ଗୋଟିଏ ଭଲିବଲ ପୋଲ୍, ୩ଟି କ୍ରିକେଟ ବ୍ୟାଟ, ୧୦ଟି କ୍ରିକେଟ ଟେନିସ୍ ବଲ୍, ଦୁଇ ହଳ ଷ୍ଟମ୍ପ, ବ୍ୟାଟିଂ ଗ୍ଲୋଭ୍, କିପର୍ ଗ୍ଲୋଭ୍, ର୍‍ୟାକେଟ ୩ ହଳ, ବ୍ୟାଡ୍‌ମିଣ୍ଟନ କର୍କ ୨୦ଟି, ୨ଟି ଫୁଟ୍‌ବଲ ଓ ୨ଟି ଗୋଲକିପର ଗ୍ଲୋଭ୍ ରହିଛି। ସେହିଭଳି ଗୋଟିଏ ସାଂସ୍କୃତିକ ଦଳକୁ ୭୫ହଜାର ଟଙ୍କାର ସଙ୍ଗୀତ ଉପକରଣ ପ୍ରଦାନର ନିୟମାବଳୀ ରହିଥିଲା । ୭୫ ହଜାର ଟଙ୍କାରେ ଗୋଟିଏ ଲେଖାଏଁ ଢୋଲ, ଝାଞ୍ଜ, ଝୁମୁକା, ଡାମ୍ପ, ନାଗରା, ମହୁରି, ତବଲା, ପିତଳ ଘଣ୍ଟ, ହାରମୋନିୟମ, ୧୬ ଇଞ୍ଚ ନିଶାନ ରହିଛି। ଏଥିସହ ଦୁଇଟି ଲେଖାଏଁ ୧୨ ଇଞ୍ଚ ନିଶାନ, ଖଞ୍ଜଣି, ଗିନି, ଘୁଙ୍ଗୁର ରହିଛି। ତେବେ ରାୟଗଡ଼ାଠାରେ ୨୨ଟି ଯୁବଗୋଷ୍ଠୀକୁ କ୍ରୀଡ଼ା ଉପକରଣ ଓ ୨୨ଟି ସାଂସ୍କୃତିକ ଦଳକୁ ସଙ୍ଗୀତ ଉପକରଣ ବଣ୍ଟନ ହୋଇଥିବାବେଳେ ବଳକା ୧୬୦ଟି ଦଳକୁ ଏହା ବଣ୍ଟନ ହୋଇଛି କି ନାହିଁ ତାହା ସନ୍ଦେହ ଘେରରେ ରହିଛି। କାରଣ ଏହାର କୌଣସି ରେକର୍ଡ ନ ଥିବା ଜଣାପଡ଼ିଛି । ବର୍ତ୍ତମାନ ଏସ୍‌ଡିସି ଭଙ୍ଗ ପରେ ଏଥିରେ ଅନିୟମିତତା ନଜରକୁ ଆସିବା ପରେ ଏମ୍‌ପି ଉଲାକା ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ପୂର୍ବ ସରକାର ଅମଳରେ ଏସ୍‌ଡିସି ଜରିଆରେ ଯେଉଁ କ୍ରୀଡ଼ା ଓ ସଙ୍ଗୀତ ଉପକରଣ କିଣାଯାଇଛି ତାହାର ସ୍ୱତନ୍ତ୍ର ଅଡିଟ୍ ସହ ଏହି ଅନିୟମିତତାର ଭିଜିଲାନ୍ସ ତଦନ୍ତ ଏମ୍‌ପି ଦାବି କରିଛନ୍ତି। ଅପରପକ୍ଷରେ ଏ ନେଇ ଏସ୍‌ଡିସିର ତତ୍କାଳୀନ ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ କହିଛନ୍ତି, ଆମ ତରଫରୁ ଜିଲାମାନଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା । ସେଠାରେ ସେମାନେ କିଭଳି ଖର୍ଚ୍ଚ କଲେ ତାହା ମୁଁ ଜାଣିନାହିଁ। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ରିଜୋଲ୍ୟୁଶନ ଓ ବୈଠକରେ ନିଷ୍ପତ୍ତି ନିଆଯାଇ ସାମଗ୍ରୀ କିଣାଯାଇଥିବ ବୋଲି ପ୍ରକାଶ କରିଛନ୍ତି ମାଝୀ। ତେବେ ଏସ୍‌ଡିସିରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ରାଜ୍ୟ ସରକାର କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ମୋବାଇଲ ଚୋରି, ଆନ୍ଧ୍ରର ୨ ଗିରଫ


ଗିରଫ ୨ ଅଭିଯୁକ୍ତ ଏବଂ ଜବତ ମୋବାଇଲ,ବାଇକ।

**ଗୁଣପୁର, ୬।୯(ପ୍ରଦୀପ କୁମାର ପାଢ଼ୀ)**

### ୩ ମୋବାଇଲ, ବାଇକ୍ ଜବତ

ଗୁଣପୁର ପୋଲିସ ମୋବାଇଲ ଚୋରି ଘଟଣାରେ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ୩ଟି ମୋବାଇଲ ସହ ଗୋଟିଏ ପଲସର ବାଇକ୍ ଜବତ କରାଯାଇଛି । ଗିରଫ ୨ ଅଭିଯୁକ୍ତ ହେଲେ ଗରୁଲୁ ମହେଶ (୨୪) ଓ ଗରଲୁ ରାଜୁ(୨୪) । ଉଭୟଙ୍କ ଘର ଆନ୍ଧ୍ର ପ୍ରଦେଶ ପାର୍ବତୀପୁରର ଦୁର୍ଗା ନାଇଡୁ ୱାଲସା ବୋଲି ଆଇଆଇସି ଉତ୍ତମ କୁମାର ସାହୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଗତ କିଛି ମାସ ହେଲା ଗୁଣପୁର ପରିବା ବଜାର ଏବଂ ଆଖପାଖ ଅଞ୍ଚଳରେ ମୋବାଇଲ ଚୋର ସକ୍ରିୟ ଥିଲେ। ଲୋକମାନେ ପରିବା କିଣିବା ବେଳେ ପକେଟରୁ ମୋବାଇଲ ଟାଣିନେଇ ଦୁର୍ବୃତ୍ତ ଚମ୍ପଟ ମାରୁଥିଲେ। ଏନେଇ ପୋଲିସର ଅନୁସନ୍ଧାନ ଜାରି ରହିଥିଲା। ଶୁକ୍ରବାର ବାଇପାସ୍ ଛକରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ନମ୍ବର ବିହୀନ ବାଇକ୍‌ରେ ୨ଜଣ ଯାଉଥିଲେ। ପୋଲିସର ତାଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଗତ ୪ତାରିଖରେ ଏଲ୍.ବାସୁଦେବ ରାଓଙ୍କ ଫୋନ ଚୋରି କରିଥିବା ସ୍ୱୀକାର କରିବା ସହ ଏପରି ପୂର୍ବରୁ ଆଉ ୨ଟି ମୋବାଇଲ ଚୋରି କରିଥିବା ମାନିଥିଲେ। ଏହା ପରେ ସେମାନଙ୍କୁ ଗିରଫ କରାଯିବା ସହ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ପୂଜା ପାଇବେ ୧୧ ଫୁଟର ଗଣେଶ

**ବିଷମକଟକ, ୬।୯ (ପ୍ରସନ୍ନ କୁମାର ପଣ୍ଡା)**



ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ହାଟମୁନିଗୁଡାରେ ଚଳିତ ବର୍ଷ ୧୧ ଫୁଟ ଉଚ୍ଚ ଗଣେଶ ମୂର୍ତ୍ତି ପୂଜା ପାଇବେ। ହାଟ ମୁନିଗୁଡା ଗ୍ରାମର ମୁଖ୍ୟ ମୂର୍ତ୍ତି କାରିଗର କେ. ଲାଲୁ ଏହି ଗଣେଶ ମୂର୍ତ୍ତି ପ୍ରସ୍ତୁତ କରିଛନ୍ତି। ଗ୍ରାମର ଯୁବଗୋଷ୍ଠୀ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ଗଣେଶ ପୂଜାର ଆୟୋଜନ କରାଯାଇଛି। ଶନିବାରଠାରୁ ୯ ଦିନ ଧରି ପୂଜାର ଆୟୋଜନ ହୋଇଥିବା ଯୁବଗୋଷ୍ଠୀ ସୂଚନା ଦେଇଛନ୍ତି। ୫ ଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି।

# ପୋକ୍ସୋ ଆଇନ ସମ୍ପର୍କିତ ସଚେତନତା ଶିବିର

**ରାୟଗଡ଼ା,୬।୯(ଆଶିଷ ରଞ୍ଜନ ପଣ୍ଡା)**



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାୟଗଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଗୁରୁବାର ମହିଳା ମହାବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତଥା ଜିଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶରେ ଜିଲା ଏନ୍‌ଏଲ୍‌ଏସ୍‌ଏ ସ୍କିମ୍, ଏସିଡ୍ ଆକ୍ରମଣ, ପୋକ୍ସୋ ଆଇନ ଏବଂ ପୀଡ଼ିତାଙ୍କୁ ସରକାରୀ ସହାୟତା ଉପରେ ଆଲୋଚନା ହୋଇଥିଲା। ଶିବିରରେ ଅତିଥି ଭାବେ ରାୟଗଡା ଥାନାର ଏଏସ୍‌ଆଇ ରବୀନ୍ଦ୍ର କୁମାର ପଣ୍ଡା, ବାର୍ ଆସୋସିଏସନର ଆଇନଜୀବୀ ଶୁଭ୍ରା ପଣ୍ଡା, ଦେବରାଜ ନାଏକ, ଜିଲା ମୁଖ୍ୟ ଚିକିସାଳୟର ଡାକ୍ତର ଶୁଭଶ୍ରୀ ପାଣିଗ୍ରାହୀ, ମହିଳା ମହାବିଦ୍ୟାଳୟର ଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ଏସିଡ୍ ଆକ୍ରମଣ, ପୋକ୍ସୋ ଆକ୍ଟ ଓ ଭିକ୍ଟିମ କମ୍ପେନ୍ସେସନ ସ୍କିମ୍ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ସ୍କିମ୍‌ର ଉଦ୍ଦେଶ୍ୟ,ଆଭିମୁଖ୍ୟ,ନ୍ୟାୟିକ ବ୍ୟବସ୍ଥା ଓ ଛାତ୍ରୀଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ । ଶିବିରରେ ମହିଳା ମହାବିଦ୍ୟାଳୟର ଅଧାପକ, ଛାତ୍ରୀ ଓ କର୍ମଚାରୀମାନଙ୍କ ଉପସ୍ଥିତି ଏବଂ ଜିଲା ଆଇନ ସେବା ପ୍ରାଧିକରଣର ସଚିବଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

# ଗୋଷ୍ଠୀ କୃଷି ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ଗୋଷ୍ଠୀ କୃଷି ଅଧିକାରୀ ବଷ୍ଟୁ ହାଲ୍‌ଦାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଟିକିରି ୬।୯(ପ୍ରଫୁଲ୍ଲ କୁମାର ବେହେରା)**

କାଶୀପୁର ବ୍ଲକ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ ଗୋଷ୍ଠୀ କୃଷି ଅଧିକାରୀ ବଷ୍ଟୁ ହାଲ୍‌ଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ତାଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ନିହାର ରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଏଏଫ୍‌ଓ ଏମ୍.ଆକାଂକ୍ଷା, ନିରଞ୍ଜନ ନାୟକ, କୃଷି ଅଧିକାରୀ ଜୟକୃଷ୍ଣ ସାହୁ, ଜଗଦୀଶ ପାଳ, କୈଳାସ ମାଝୀ, ପ୍ରଦୀପ ରତ୍ନାଲୁ, ପଞ୍ଚାନନ ବେହେରା ,ସରିତା ପ୍ରଧାନ, ବିଟିଏମ୍ ଜିତେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ବଷ୍ଟୁ ହାଲ୍‌ଦାର ୨୦୧୬ରେ କାଶୀପୁର ବ୍ଲକର ଓଟିଇଏଲ୍‌ପି, ଜଳଛାୟା ପ୍ରକଳ୍ପର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ପରେ ପଦୋନ୍ନତି ପାଇ କୃଷି ଅଧିକାରୀ ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ବଷ୍ଟୁ ହାଲ୍‌ଦାରଙ୍କ ପରିବାର ସହ କୃଷି ବିଭାଗର ହରପ୍ରିୟା ପାତ୍ର,ରେଣୁକା ମାଝୀ, ମଞ୍ଜୁଶ୍ରୀ ସିଂହ, ଲୋକନାଥ ମାଣ୍ଡାଙ୍ଗି, ଡମ୍ବରୁଧର କଣ୍ଡାଗରି, ଆତ୍ମା ପରିଚାଳନା ସଂସ୍ଥାର କର୍ମଚାରୀ, କୃଷକ ସାଥୀ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଅଧିକାରୀ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଜପତିରେ ୨୧୩.୫ ମି.ମି. ବର୍ଷା ରେକର୍ଡ

**ପାରଳାଖେମୁଣ୍ଡି,୬।୯ (ଗିରିଧାରୀ ପରିଛା)**

ଗଜପତି ଜିଲାର ୭ଟି ବ୍ଲକ ଓ ସହରାଞ୍ଚଳରେ ଶୁକ୍ରବାର ୨୧୩.୫ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହା ମୋଟ ବର୍ଷାର ହାରାହାରି ୨୬.୬୯ ମି.ମି. ବୋଲି ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ରାୟଗଡା ବ୍ଲକରେ ସର୍ବାଧିକ ୭୭.୦ ମି.ମି.ବର୍ଷା ହୋଇଥିବା ବେଳେ ପାରଳାଖେମୁଣ୍ଡି ସହରାଞ୍ଚଳରେ ୫.୬ ମି.ମି., ନୂଆଗଡ ବ୍ଲକରେ ୪୫.୪ ମି.ମି., ଗୁମ୍ମା ବ୍ଲକରେ ୪୧.୫ ମି.ମି.,ଗୋସାଣି ବ୍ଲକରେ ୩୦.୦ ମି.ମି., ଆର୍, ଉଦୟଗିରି ବ୍ଲକରେ ୦.୦ ମି.ମି.,ମୋହନା ବ୍ଲକରେ ୨.୦ ମି.ମି., କାଶୀନଗର ବ୍ଲକରେ ୧୨.୦ମି.ମି. ବର୍ଷା ହୋଇଥିବାର ସୂଚନା ମିଳିଛି।

# ୫ ଦିନ ପରେ ଧାରଣାରୁ ଉଠିଲେ ବୋହୂ


ଆପୋସ ବୁଝାମଣା ପାଇଁ ଚିତ୍ରଲେଖାଙ୍କ ସହ ଆଲୋଚନା କରାଯାଉଛି।

**ମୁନିଗୁଡ଼ା, ୬।୯ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ା ମୁଖ୍ୟ ରାସ୍ତାରେ ରହୁଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘର ଆଗରେ ନ୍ୟାୟ ଦାବିକରି ଗତ ୧ ତାରିଖରୁ ଧାରଣାରେ ବସିଥିବା ବିଧବା ବୋହୂ ଗୁରୁବାର ରାତିରେ ଆପୋସ ବୁଝାମଣା ପରେ ଧାରଣା ପ୍ରତ୍ୟାହୃତ କରିଛନ୍ତି। ଏନେଇ ମୁନିଗୁଡାର ସାମାଜିକ କର୍ମୀ ପ୍ରମୋଦ ସାହୁକାରଙ୍କ ନେତୃତ୍ୱରେ ବୋହୂ ଚିତ୍ରଲେଖା ସ୍ୱାଇଁଙ୍କ ଭାଇ ଜିତୁ କୃଷ୍ଣ ପ୍ରଧାନ, ସାମାଜିକ କର୍ମୀ ସୁଶୀଳା ସରାଫ, ଗୋବିନ୍ଦ ଦାସ, ବି.କେ.ଦାସ, ତ୍ରିନାଥ ସ୍ୱାଇଁ, ଆଇନଜୀବୀଙ୍କ ସହ ବୋହୂ ଚିତ୍ରଲେଖା, ଶ୍ୱଶୁର କାମରାଜ ସ୍ୱାଇଁ, ଶାଶୁ ମିନତୀ ସ୍ୱାଇଁ, ଦିଅର କୈଳାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆପୋସ ବୁଝାମଣା ହୋଇଥିଲା। ମୁନିଗୁଡାର ଗୋବର୍ଦ୍ଧନ ମୌଜାରେ ସ୍ୱାମୀ ଭାସ୍କର ସ୍ୱାଇଁ ଓ ଶାଶୁ ମିନତୀଙ୍କ ନାମରେ ଥିବା ଏକ ପ୍ଲଟ୍‌ରେ ଦୁଇଟି ନିର୍ମାଣ କରାଯିବ। ଗୋଟେ ଘରେ ବୋହୂ ଚିତ୍ରଲେଖା ନିଜ ଝିଅକୁ ନେଇ ରହିବେ ଏବଂ ଅନ୍ୟ ଘର ଭଡା ଆକାରରେ ଦେଇ ସେଥିରୁ ଯାହା ଟଙ୍କା ଆସିବ ସେଥିରେ ସେ ଚଳିବେ । ଏହି ଘର ନିର୍ମାଣରେ ଯାହା ଖର୍ଚ୍ଚ ହେବ ତାକୁ ଶ୍ୱଶୁର କାମରାଜ ବହନ କରିବେ ଏବଂ ଏହି ଘରର ସମସ୍ତ କାର୍ଯ୍ୟ ସମାପ୍ତି ପରେ ଏହା ବୋହୂ ଚିତ୍ରଲେଖାଙ୍କ ନାମରେ ଦିଆଯିବ ବୋଲି ସମସ୍ତଙ୍କ ଉପସ୍ଥିତିରେ ଏକ ରାଜିନାମାପତ୍ର କରାଯାଇଥିଲା। ଏଥିରେ ଚିତ୍ରଲେଖାଙ୍କ ସହ କାମରାଜ ଓ ତାଙ୍କ ପରିବାର, ପ୍ରତିନିଧି ମଣ୍ଡଳୀ ଓ ଭଦ୍ରବ୍ୟକ୍ତିମାନେ ସ୍ୱାକ୍ଷର କରିଥିଲେ । ପରେ ଚିତ୍ରଲେଖା ଧାରଣାରୁ ହଟିଥିଲେ।

ଚିତ୍ରଲେଖାଙ୍କ ସ୍ୱାମୀ ଭାସ୍କର ୨୦୧୧ରେ ମୃତ୍ୟୁବରଣ କରିଥିଲେ । ପରେ ଚିତ୍ରଲେଖା ନିଜର ୧୪ ଦିନର ଝିଅକୁ ନେଇ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ନିଜ ବାପଘରକୁ ଚାଲିଯାଇଥିଲେ। ଏହାର କିଛିଦିନ ପରେ ବୋହୂ ନିଜ ଅଧିକାର ଦାବିକରି ଲାଞ୍ଜିଗଡ଼, ଗାଙ୍ଗପୁର ଓ ମୁନିଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ମୁନିଗୁଡା ଥାନରେ ଘରର ମୂଲ୍ୟାୟନ ହୋଇ ୧୫ଲକ୍ଷ ବୋହୂକୁ ଦେବାକୁ ଶ୍ୱଶୁର କାମରାଜୁଙ୍କୁ କୁହାଯାଇଥିଲା। ତେବେ କାମରାଜୁ ଥାନା ତରଫରୁ ହୋଇଥିବା ସମସ୍ତ ଆଲୋଚନାରେ ପ୍ରସ୍ତୁତ ହୋଇଥିଲେ। କିନ୍ତୁ ଚିତ୍ରଲେଖା ଏହାକୁ ସହଯୋଗ କରି ନ ଥିଲେ। ଗତ ୫ ଦିନ ତଳେ ପୁଣି ଅଧିକାର ଦାବିକରିବା ସହ ଘରେ ରହିବାକୁ କହି ସେ ଧାରଣାରେ ବସିଥିଲେ।

# ସଂକୀର୍ତ୍ତନ ଗୁରୁ ସମ୍ମାନିତ

**ବିଷମ କଟକ,୬।୯(ପ୍ରସନ୍ନ କୁମାର ପଣ୍ଡା)**

ବିଷମକଟକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଗୁରୁଦିବସ ଅବସରରେ ସଂକୀର୍ତ୍ତନ ଗୁରୁ ଗୋପଗୋବିନ୍ଦ ସାହୁ, ସମୀର ସାହୁ, କିଶୋର କୁମାର ସାହୁ, ତ୍ରିପତି ଗୌଡ,ବାସୁଦେବ ପ୍ରଧାନୀ ଏବଂ ସନ୍ତୋଷ ଗୌଡଙ୍କୁ ସମ୍ମାନିତ କରାଯାଇଛି। ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଢୌକନ ପ୍ରଦାନକରି ସେମାନଙ୍କୁ ସମ୍ମାନିତ କରିଛନ୍ତି । ଏହି ଅବସରରେ ଏସ୍‌ଆଇ ପ୍ରସନ୍ନ ନାୟକ, ରବୀନ୍ଦ୍ରନାଥ ପଣ୍ଡା, ତ୍ରିପତି ନାୟକ, ଅକ୍ଷୟ କୁମାର ରଣା, କୈଳାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ଗୌଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।


ସଂକୀର୍ତ୍ତନ ମଣ୍ଡଳୀ ଗୁରୁଙ୍କୁ ସମ୍ମାନିତ କରାଯାଉଛି।

# ୨୭ କେଜି ଗଞ୍ଜେଇ ଜବତ, ୪ ଗିରଫ

**ଗୁଡାରି,୬।୯ (ପ୍ରମୋଦ କୁମାର ପତି)**

ଅଟୋରେ ଗଞ୍ଜେଇ ଚାଲାଣ ବେଳେ ରାୟଗଡା ଜିଲା ଗୁଡାରି ପୋଲିସ ବିଚିକୋଟ ନିକଟରୁ ୨୭ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ସହ ଏକ ଅଟୋ, ୩ ମୋବାଇଲ ଫୋନ ଏବଂ ନଗଦ ୩୬୫୦ ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଗୁଡାରୀ ଥାନାରେ କେସ ନଂ ୯୦/୨୪ ରୁଜୁ ହୋଇଛି।


ଗିରଫ ୪ ଅଭିଯୁକ୍ତଙ୍କ ସହ ଜବତ ଅଟୋ ଓ ଗଞ୍ଜେଇ।

# ଲିଙ୍ଗ ବିବିଧତା ସମସ୍ୟା ସମ୍ପର୍କରେ ଆଲୋଚନା

**ରାୟଗଡ଼ା, ୬।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଲିଙ୍ଗ ବିବିଧତା ଏବଂ ଟ୍ରାନ୍ସଜେଣ୍ଡର ସମସ୍ୟା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ମହାବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସ୍‌ଏସ୍ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏନ୍‌ଜିଓ ମାଝିଗୌରି ସିବିଓର ସଂଯୋଜକ ଶିଶିରକାନ୍ତ ମହାପାତ୍ର, ସଭାପତି କାନ୍ତରାଓ କଣ୍ଡାଗରି, ସହଯୋଗୀ କାର୍ଯ୍ୟ ପରିଚାଳିକା ଶର୍ମିଷ୍ଠା ଦାସ ଯୋଗଦେଇଥିଲେ । ମହାବିଦ୍ୟାଳୟ ଅଧକ୍ଷା ବବିଲତା ସରଫ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏନ୍‌ସିସି ପ୍ରୋଗ୍ରାମ ଅଫିସର ଲ୍ୟୁଟ୍‌ନାଣ୍ଟ ଉଦୟ ନାଏକ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ମୋନାଲିସା ପାଣିଗ୍ରାହୀ ଏବଂ ୱାଇଆର୍‌ସି କାଉନସିଲର ପ୍ରଶାନ୍ତ କୁମାର ସାହୁଙ୍କ ସହ ଅଧାପିକା ମାନସୀ ମହାନ୍ତି, କେଶବ କୁମାରୀ ଜାନୀ, ହେମନ୍ତ ସ୍ୱାଇଁ, ଅଭିମନ୍ୟୁ ସିଂ ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଟ୍ରାନ୍ସଜେଣ୍ଡରଙ୍କ ସମାଜରେ ସ୍ଥାନ ଏବଂ ତାଙ୍କର ଅଧିକାର ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। କଲେଜ ଅଧକ୍ଷା ବବିଲତା ସରାଫ ଟ୍ରାନ୍ସଜେଣ୍ଡରଙ୍କ ବିଷୟରେ ପିଲାଙ୍କୁ ବୁଝାଇଥିଲେ ।

# ଚରକ ବୈଦ୍ୟ ସଂଘର ୫ ସଦସ୍ୟଙ୍କୁ ପ୍ରମାଣପତ୍ର

**ମୁନିଗୁଡ଼ା,୬।୯ (ନନ୍ଦକିଶୋର ପଟ୍ଟନାୟକ)**



ଅତିଥିଙ୍କ ଗହଣରେ ବୈଦ୍ୟ ସଂଘର ସଦସ୍ୟ।

ମୁନିଗୁଡାରେ ପ୍ରତିଷ୍ଠିତ ତଥା ରାଜ୍ୟର ସର୍ବପୁରାତନ ଚରକ ଆୟୁର୍ବେଦ ବୈଦ୍ୟ ସଂଘର ୫ ଜଣ ସଦସ୍ୟଙ୍କୁ ବେଙ୍ଗାଲୁରୁସ୍ଥିତ ଟ୍ରାନ୍ସ-ଡିସି ପ୍ଲିନାରୀ ହେଲ୍‌ଥ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ତରଫରୁ ପାରମ୍ପରିକ ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସ୍ୱୈଚ୍ଛିକ ପ୍ରମାଣପତ୍ର ଯୋଜନାରେ ୫ବର୍ଷ ଅବଧିର ନବୀକରଣୀୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜିଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଂଗୋଷ୍ଠୀରେ ଜିଲାର ବିଭିନ୍ନ ଅଞ୍ଚଳର ୧୯ଜଣ କୃତୀ ବୈଦ୍ୟଙ୍କ ମଧ୍ୟରୁ ମୁନିଗୁଡାର ଚତୁର୍ଭୁଜ ଧାଙ୍ଗଡାମାଝୀ, ବାଞ୍ଛାନିଧି ପାତ୍ର, ପଦ୍ମନ ପ୍ରଧାନୀ, ପ୍ରମୋଦ କୁମାର ସାହୁକାର, ଏବଂ ଅଜିତ କୁମାର୍ ମହାରଣାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେ ଓହାଲେ, ବରିଷ୍ଠ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ ଏବଂ ସନ୍ଦୀପ ପୃଷ୍ଟିଙ୍କ ଉପସ୍ଥିତରେ ଏହି ପ୍ରମାଣପତ୍ର ଦିଆଯାଇଥିଲ। ଜନଜାତି ଅଞ୍ଚଳର ବିଜ୍ଞାନ ସମ୍ମତ ପାରମ୍ପରିକ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କିତ ଜ୍ଞାନ କୌଶଳର ସଂରକ୍ଷଣ ସହ ତାହାର ପ୍ରଚାରପ୍ରସାର, ବନାଞ୍ଚଳରେ ଉପଲବ୍ଧ ଔଷଧୀୟ ବୃକ୍ଷଲତାର ସହନୀୟ ଅମଳ, ସୁରକ୍ଷା ଏବଂ କୃଷି ତଥା ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଉତ୍ସାହିତ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ସୁଯୋଗ ପ୍ରାନକାରୀ ସଂସ୍ଥା ପିରାମଲର ଜିଲା ସଂଯୋଜକ ଅଶୋକ ବାଗଙ୍କ ସହ ଟିମ୍ ଲିଡର ସ୍ମିତାରାଣୀ ସାମନ୍ତରାୟ, ଆୟୁଷ ସାହୁ, ପୂର୍ଣ୍ଣିମା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ଜୟପୁର, ୬।୯(ପବନ ପାଣିଗ୍ରାହୀ)

ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜୟପୁର ଷ୍ଟେଶନ ରୋଡ୍ କଙ୍ଗା ଗ୍ରାମର ଧନସିଂ କମାର (୪୫)। ପୋଲିସ ସୂଚନାନୁଯାୟୀ, ସଙ୍କଡ଼ମଗୁଡ଼ା ଗ୍ରାମ ନିକଟରେ ଗୁରୁବାର ସନ୍ଧ୍ୟା ୬ଟାରେ ଧନସିଂ ସାଇକେଲରେ ଯାଉଥିବାବେଳେ ପଛପଟରୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଧନସିଂଙ୍କ ମୃତ୍ୟୁ ହୋଇଥିବା ନେଇ ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ବସ୍ କଣ୍ଡକ୍ଟର ମୃତ

କୋଟପାଡ଼, ୬।୯(କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଦେଇ ଯାଇଥିବା ୬୩ ନମ୍ବର ଜାତୀୟ ରାଜପଥର ହିରୋ ଶୋ’ ରୁମ୍ ନିକଟରେ ଶୁକ୍ରବାର ଅପରାହ୍ନ ୨ ଟାରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରହ୍ମପୁରର ଡମରୁ ପାଣିଗ୍ରାହୀ। ସେ ଭୁବନେଶ୍ୱରରୁ କୋଟପାଡ଼ ଯାଉଥିବା ବର୍ଷାରାଣୀ ବସ୍‌ରେ କଣ୍ଡକ୍ଟରଭାବେ କାମ କରନ୍ତି। ସୂଚନାନୁଯାୟୀ, ବସ୍‌ଟି କୋଟପାଡ଼ରେ ଶୁକ୍ରବାର ସକାଳେ ପହଞ୍ଚିଥିଲା। ଏହାପରେ ଖରାବେଳେ ଖାଇବାକୁ ଡମରୁ ହିରୋ ଶୋ ରୁମ୍ ନିକଟସ୍ଥ ଏକ ହୋଟେଲକୁ ଯାଉଥିଲେ। ଏହି ସମୟରେ ଏକ ୪୦୭ ମିନି ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଡମରୁ ତଳେ ପଡ଼ିଯିବାରୁ ତାଙ୍କ ଗୋଡ଼ ଉପରେ ଟ୍ରକ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ କୋଟପାଡ଼ ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ନିକଟସ୍ଥ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ଗାଡ଼ି ପହଞ୍ଚି ଡମରୁଙ୍କୁ ତୁରନ୍ତ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ୪୦୭ ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି।

### ୨୬ଲିଟର ଦେଶୀ ମଦ ଜବତ, ୨ ଗିରଫ

ଜୟପୁର, ୬।୯(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଶୁକ୍ରବାର ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ରାଣୀପୁଟ ଗ୍ରାମର ହରି ହରିଜନ ଓ ଖାଲସାହିର ସୁରେଶ ପାଙ୍ଗୀ। ଜୟପୁର ଅବକାରୀ ଥାନା ପୋଲିସ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ରାଣୀପୁଟ ରାସ୍ତା ଓ ଖାଲସାହି ରାସ୍ତାରେ ଚଢ଼ାଉକରି ୨୬ ଲିଟର ଦେଶୀ ମଦ ଜବତ କରିଛି। ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

# ଅନ୍‌ଲାଇନ ସେବା, ଜଳଯୋଗାଣ ବାଧାପ୍ରାପ୍ତ

## କୋରାପୁଟ ସହରରେ ବିଦ୍ୟୁତ୍‌କାଟ ଯୋଗୁ ଜନ ଅସନ୍ତୋଷ

କୋରାପୁଟ,୬।୯ (ଅମିତାଭ ବେହେରା)



କରେଣ୍ଟ ନ ଥିବାରୁ କୋରାପୁଟର ଏକ ବ୍ୟାଙ୍କ ଆଗରେ ଗ୍ରାହକମାନଙ୍କ ଭିଡ ଲାଗିଛି ।

କୋରାପୁଟରେ ଶୁକ୍ରବାର ଅନ୍‌ଲାଇନ ସେବା ଓ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ୍ କାଟ ଯୋଗୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମରାମତି ପାଇଁ ବିଭାଗ ପକ୍ଷରୁ ଶୁକ୍ରବାର ସକାଳୁ ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ୧୫ ଘଣ୍ଟା ବିତିଥିଲେ ସୁଦ୍ଧା ବିଦ୍ୟୁତ ସେବା ସ୍ୱାଭାବିକ ହୋଇନାହିଁ। ବିଜୁଳି ଓ ପାନୀୟ ଜଳ ଯୋଗାଣ ଠପ୍ ହେବାରୁ ସହରବାସୀ ଅସୁବିଧାର ଭୋଗିଛନ୍ତି। ଅନ୍‌ଲାଇନ୍ ସେବା ବନ୍ଦ ଯୋଗୁ ସୁଭଦ୍ରା ଯୋଜନା ନାମ ପଞ୍ଜୀକରଣ କରିବାକୁ ଆସିଥିବା ଶତାଧିକ ମହିଳା ଦିନସାରା ଅପେକ୍ଷା କରି ଫେରିଥିଲେ। ସମସ୍ତ କାର୍ଯ୍ୟରେ ବାଧା ଉପୁଜିବାରୁ ଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ଦୈନିକ ବିଦ୍ୟୁତ କାଟ ହେଉଥିବାରୁ ଲୋକେ ଆସନ୍ତା ଦିନରେ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି।

# ‘ଅଧ୍ୟାପକଙ୍କ ନିଷ୍ଠା, ଅବଦାନକୁ ସମ୍ମାନ ଦେବା ଆବଶ୍ୟକ’



ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

କୋରାପୁଟ,୬।୯(ଅମିତାଭ ବେହେରା)

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଗୁରୁଦିବସ ପାଳିତ

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ବ୍ୟୁରୋ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ଚକ୍ରଧର ତ୍ରିପାଠୀ ଓ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ଦିଗରେ ଶିକ୍ଷକଙ୍କ ଦୃଢ଼ ସଂକଳ୍ପକୁ ପ୍ରଶଂସାକରି ଅଧ୍ୟାପକଙ୍କ ନିଷ୍ଠା ଓ ଅବଦାନକୁ ସମ୍ମାନ ଦେବା ଆବଶ୍ୟକ ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ। ତ୍ରିପାଠୀ ଫିଟ୍ ଇଣ୍ଡିଆ ଭଳି ପଦକ୍ଷେପର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏଥିସହ ଉଭୟ ବୌଦ୍ଧିକ ଓ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଦିଗରେ ଉତ୍ସର୍ଗୀକୃତ ପ୍ରୟାସ ଜାରି ରଖିବାକୁ ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ଦେଶର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଶିକ୍ଷାର ପରିବର୍ତ୍ତନ ଶକ୍ତି ଏବଂ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ପ୍ରଫେସର ଏନ୍.ସି.ପଣ୍ଡା ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍‌ର ପ୍ରୟାସକୁ ଅତୁଟ ସହଯୋଗ ପାଇଁ ଉପସ୍ଥିତ ଅତିଥି ଡ.ଥୋଟାପଲ୍ଲୀ ଅଧ୍ୟାପକମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇଙ୍କ ସମେତ ବହୁ ପ୍ରଫେସର, ଅଧ୍ୟାପକ ଓ ଅଧିକାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସାହାଣୀ କପ୍ ପାଇଁ ଖେଳାଳି ଚୟନ

ଜୟପୁର,୬।୯(ପବନ ପାଣିଗ୍ରାହୀ)

ଜୟପୁର ସମନ୍ୱିତ କ୍ରୀଡ଼ା କେନ୍ଦ୍ରରେ ଥିବା ଫୁଟ୍‌ବଲ୍ ପଡ଼ିଆରେ ସାହାଣୀ କପ ପାଇଁ ଫୁଟ୍‌ବଲ୍ ଖେଳାଳି ଚୟନ କାର୍ଯ୍ୟକ୍ରମ ଶୁକ୍ରବାର କରାଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ ପ୍ରାୟ ୧୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଥିଲା। ପ୍ରତିଯୋଗିତାକୁ ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ କୋରାପୁଟର ଜାତୀୟସ୍ତରୀୟ ପୁରାତନ ଖେଳାଳୀ ପି.ମନ୍ମଥ ରାଓ, ଜେ.ହେମଚନ୍ଦ୍ର ରାଓ, ଜେ.କାମନା ରାଓ, ରବି ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଓଏସ୍‌ଏପି ଏବଂ ଆଇଆର୍‌ବିଏନ୍ ସହ ଜିଲାସ୍ତରୀୟ ରେଫେରୀମାନେ ଚୟନରେ ସହଯୋଗ କରିଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ ୩୧ ଜଣଙ୍କୁ ପ୍ରଥମେ ଚୟନ କରି ତାଲିମ ଦିଆଯିବ। ଆସନ୍ତା ୧୨ ତାରିଖରେ ଜିଲା କ୍ରୀଡ଼ା ଅଧିକାରୀଙ୍କ ପକ୍ଷରୁ ନାମ ଘୋଷଣା କରାଯିବ। ୩୧ ଜଣଙ୍କ ମଧ୍ୟରୁ ସାହାଣୀ କପ୍ ପାଇଁ ୧୮ ଜଣ ଖେଳାଳୀଙ୍କୁ ଶେଷରେ ଚୟନ କରାଯିବ ବୋଲି କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


ଚୟନକର୍ତ୍ତାମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ଯୋଗ୍ୟ ହିତାଧିକାରୀ ଚିହ୍ନଟୀକରଣ ଶିବିର

## ୧୬୭ ନୂତନ ହିତାଧିକାରୀ ଚୟନ

ଜୟପୁର,୬।୯(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ଜାମୁଣ୍ଡା ଓ କଙ୍ଗା ପଞ୍ଚାୟତରେ ଶୁକ୍ରବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ହିତାଧିକାରୀ ଚିହ୍ନଟିକରଣ ଶିବିର ଅନୁଷ୍ଠିତ ହୋଇଛି। ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଜାମୁଣ୍ଡାରୁ ୬୦ ଓ କଙ୍ଗାରୁ ୧୦୭ ଜଣ ନୂତନ ହିତାଧିକାରୀ ଚୟନ କରାଯାଇଛି। ଜୟପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶାଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏହି ଶିବିର ଦ୍ୱାରା ଯୋଗ୍ୟ ହିତାଧିକାରୀ ଉପକୃତ ହେବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

# ବେଆଇନ ରାସ୍ତା ଅବରୋଧ

## ୫ହଜାର ଟଙ୍କା ଜରିମାନା ଆଦାୟ

ଜୟପୁର, ୬।୯(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକାରେ ବେଆଇନଭାବେ ରାସ୍ତା ଅବରୋଧ ପାଇଁ ଜରିମାନା ଆଦାୟ କରାଯାଇଛି। ଜୟପୁର ପୌରାଞ୍ଚଳର ପାର୍କ ଲାଇନରେ ରାସ୍ତା ଅବରୋଧ କରି ଘର ନିର୍ମାଣ ସାମଗ୍ରୀ ରଖିବା ସହ ଛାତ ପକାଯାଉଥିଲା। ଜନସାଧାରଣ ହଇରାଣ ହେଉଥିବା ପୌର ପ୍ରଶାସନରେ ଅଭିଯୋଗ ପରେ ପୌରପାଳିକା ଚଢ଼ାଉ କରିଥିଲା। ୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।



## ଜଳୁନି ଖୁଣ୍ଟିରେ ଲାଗିଥିବା ଲାଇଟ୍

# ୩ ରାତି ହେବ ମୁଖ୍ୟ ଛକ ଅନ୍ଧାର

ବୈପାରୀଗୁଡ଼ା, ୬।୯(କଳ୍ପତରୁ ମହାନ୍ତି)

ଜୟପୁର-ମାଲକାନାଗିରୀ ଏନ୍.ଏଚ ୩୨୬ର ବୈପାରୀଗୁଡ଼ା ଏକ ପ୍ରମୁଖ ଛକ ଜାଗା। ବଜାରର କେନ୍ଦ୍ରସ୍ଥଳରେ ଥିବା ଏହି ଛକ ସହ ଜୟପୁର, ମାଲକାନାଗିରି, ଗୁପ୍ତେଶ୍ୱର ଓ କୁନ୍ଦୁରା ରାସ୍ତା ସଂଯୋଗ ହୋଇଛି। ଦୈନିକ ରାଜ୍ୟ ତଥା ରାଜ୍ୟ ବାହାରକୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବସ୍ ସହ ବହୁ ସଂଖ୍ୟକ ମାଲ୍ ପରିବହନ ଗାଡ଼ି ଯାତାୟତ କରୁଛି। ଛକକୁ ଲାଗି ମେଡିକାଲ ଓ ବ୍ଲକ ଅଫିସ୍ ରହିଥିବା ବେଳେ ବସ୍ ଯାତ୍ରୀ ବିଶ୍ରାମଗାର ଅଛି। ଏହା ବ୍ୟତିତ ବିଳମ୍ବିତ ରାତି ପର୍ଯ୍ୟନ୍ତ ପନି ପରିବା ବଜାର ମଧ୍ୟ ବସୁଛି। ଏହି ସବୁ କାରଣରୁ ଉକ୍ତ ଛାକ ଜାଗାଟି ଅନେକ ସମୟରେ ଜନ ଗହଳି ରହିଥାଏ। ତେବେ ଆଲୋକ ପାଇଁ ଟାୱାରରେ ଲାଇଟ୍ ଖଞ୍ଜାଯାଇଛି। କିନ୍ତୁ ଉକ୍ତ ଲାଇଟ୍ ଦୀର୍ଘ ୩ ରାତି ହେଲା ଜଳୁ ନ ଥିବା କାରଣରୁ ମୁଖ୍ୟ ଛକ ଅନ୍ଧାର ହୋଇପଡ଼ିଛି।

ପ୍ରକାଶ ଯେ ୧୦ ବର୍ଷ ତଳେ ମାଓବାଦୀ ପ୍ରଭାବିତ ଏହି ଅଞ୍ଚଳରେ ଆଇଟିଡିପି ଅନୁଦାନରେ ମାଓବାଦୀଙ୍କୁ ରୋକିବା ପାଇଁ ବ୍ଲକର ବିଭିନ୍ନ ସ୍ଥାନରେ ହାଇମାସ୍କ ଲାଇଟ୍ ଲଗାଯାଇଥିଲା। ବ୍ଲକ ସଦର ମହକୁମା ସମେତ ମାଝିଗୁଡ଼ା, ରାମଗିରି, ଦଣ୍ଡାବାଡ଼ି ଆଦି ଅଞ୍ଚଳରେ ଲାଇଟ୍ ବ୍ୟବସ୍ଥା କରାଯାଇଥିଲା। ବିଦ୍ୟୁତ୍ ବିଲ୍ ଦେୟ ପଞ୍ଚାୟତଗୁଡିକୁ ନ୍ୟସ୍ତ କରାଯାଇଥିଲା। କିନ୍ତୁ ହାଇମାସ୍କ ଲାଇଟ୍‌ରେ ବିଦ୍ୟୁତ ବିଲ୍ ଅଧିକ ହେବା କାରଣରୁ କୌଣସି ପଞ୍ଚାୟତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ରାଜି ହୋଇ ନ ଥିଲେ। ପରବର୍ତ୍ତୀ କାଳରେ ଆବଶ୍ୟକତାକୁ ଦେଖି କେବଳ ବୈପାରୀଗୁଡ଼ା ଛକରେ ଥିବା ଟାୱାରରେ ହାଇମାସ୍କ ଲାଇଟ୍ କାଢି ଏଲ୍‌ଇଡି ଲାଇଟ୍ ଲଗାଯାଇଥିଲା। ବ୍ଲକ ଅଫିସ୍ ସହ ଏହାର ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ତେବେ ଗତ କିଛି ମାସ ହେବ ଏହି ଲାଇଟ୍‌ର ମେଣ୍ଟେନାନ୍ସକୁ ନେଇ ବ୍ଲକ ଓ ପଞ୍ଚାୟତ ମଧ୍ୟରେ ସମନ୍ୱୟ ରହୁ ନ ଥିବା ଦେଖାଦେଇଛି। ଅନେକ ସମୟରେ ଛକ ଅନ୍ଧାର ରହୁଥିବାବେଳେ ବ୍ଲକ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଗତ ବୁଧବାରଠାରୁ ୩ ଦିନ ହେଲା ଲାଇଟ୍ ଜଳୁ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ରାତିରେ ମହିଳା ଯାତ୍ରୀ ବସ୍‌ରୁ ଓହ୍ଲାଇ ନିକଟସ୍ଥ ବିଶ୍ରାମଗାରରେ ଅପେକ୍ଷା କରିବାକୁ ଭୟ କରୁଛନ୍ତି। ଅନ୍ଧାରରେ ଦୁର୍ଘଟଣା ଅଥବା ଅପରାଧ ବଢିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ବିଡିଓ ଭାସ୍କର ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସ୍ଥାନୀୟ ସରପଞ୍ଚ ଏ ନେଇ ଜଣାଇଥିଲେ। ଲାଇନ୍‌ମ୍ୟାନ ଡାକି ତାହାର ମରାମତି କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସରପଞ୍ଚ ନୀରବ ରହୁଥିବା ନେଇ ସେ ସଫେଇ ଦେଇଥିଲେ। ସରପଞ୍ଚ ସୁର୍ଯ୍ୟମଣି ନାୟକଙ୍କୁ ଯୋଗାଯୋଗ କରିବାକୁ ଫୋନ୍ କରାଯାଇଥିଲେ ମଧ୍ୟ ତାହା ସୁଇଚ୍‌ଅଫ୍ ଥିବାରୁ ତାଙ୍କ ମତ ନିଆଯାଇପାରିନାହିଁ।

# କୋରାପୁଟରେ ୫୩୧.୬ ମି.ମି. ବର୍ଷା

କୋରାପୁଟ,୬।୯ (ଅମିତାଭ ବେହେରା)

ଲଘୁଚାପ ପ୍ରଭାବରେ କୋରାପୁଟ ଜିଲାରେ ଶୁକ୍ରବାର ୫୩୧.୬ ମିମି ବର୍ଷା ହୋଇଛି। ଜିଲାର କୁନ୍ଦ୍ରା ବ୍ଲକରେ ସର୍ବାଧିକ ୧୩୧ ମିମି ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ସେହିପରି ଜିଲାର କୋରାପୁଟ ବ୍ଲକରେ ୨୦.୮ ମିମି, ଲମତାପୁଟରେ ୩୫.୨ ମିମି, ପଟାଙ୍ଗିରେ ୫୨. ୨ ମିମି ବର୍ଷା ହୋଇଥିବାବେଳେ ବନ୍ଧୁଗାଁରେ ବିଲ୍‌କୁଲ୍ ବର୍ଷା ହୋଇ ନଥିବା ସୂଚନା ମିଳିଛି। ନନ୍ଦପୁର ବ୍ଲକରେ ୪୭ ମିମି, ଦଶମନ୍ତପୁରରେ ୩ ମିମି, ନାରାୟଣପାଟଣାରେ ୨୬.୮ ମିମି, ଲକ୍ଷ୍ମୀପୁରରେ ୭.୬ ମିମି, ସେମିଲିଗୁଡ଼ାରେ ୧୨ ମିମି, ଜୟପୁରରେ ୧୯.୨ ମିମି, କୋଟପାଡ଼ରେ ୨୮. ୪ ମିମି, କୁନ୍ଦ୍ରାରେ ୧୩୧ ମିମି, ବୋରିଗୁମ୍ମାରେ ୨୭.୪ ମିମି ଏବଂ ବୈପାରୀଗୁଡା ବ୍ଲକରେ ୧୨୧ ମିମି ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଆଧାରରେ ମୋବାଇଲ ନମ୍ବର ସଂଯୋଗ ପାଇଁ ଭିଡ଼


ଜନସେବା କେନ୍ଦ୍ର ସମ୍ମୁଖରେ ମହିଳାଙ୍କ ଭିଡ଼।

କାଳିମେଳା, ୬।୯ (ଜୀବନକୃଷ୍ଣ ଦାସ)

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆଧାର ନମ୍ବର ବାଧ୍ୟତାମୂଳକ ହୋଇଥିବାରୁ ବର୍ତ୍ତମାନ ଆଧାର କେନ୍ଦ୍ର ଏବଂ ବିଭିନ୍ନ ଜନସେବା କେନ୍ଦ୍ରରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଛି । ଆଦିବସୀ ଅଞ୍ଚଳରେ ମହିଳାଙ୍କ ଆଧାର କାର୍ଡରେ ମୋବାଇଲ ଫୋନ ନମ୍ବର ସଂଯୋଗ ନ ଥିବାରୁ ମହିଳାମାନେ ପ୍ରଥମେ ଆଧାରରେ ମୋବାଇଲ ନମ୍ବର ସଂଯୋଗକରି ପରେ ସୁଭଦ୍ରା ଯୋଜନା ପାଇଁ ଫର୍ମ ଆବେଦନ କରୁଛନ୍ତି । କାଳିମେଳା ସମେତ ଏମ୍‌ଭି - ୭୨, ଏମ୍‌ଭି-୭୯, ମାନ୍ୟମକୋଣ୍ଡା, ପୋଟେରୁ, କାଙ୍ଗୁରୁକୋଣ୍ଡା ଅନେକ ଅଞ୍ଚଳରେ ବିଭିନ୍ନ ଜନସେବା କେନ୍ଦ୍ର ଆଗରେ ମୋବାଇଲ ନମ୍ବର ଲିଙ୍କ୍ କିମ୍ବା ବାୟୋମେଟ୍ରିକ ଲିଙ୍କ୍ ପାଇଁ ମହିଳାଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଛି । ମହିଳାମାନେ ରାତିରୁ ଲମ୍ବା ଲାଇନରେ ଅପେକ୍ଷା କରିଥିଲେ ମଧ୍ୟ ଅଞ୍ଚଳରେ ନେଟ୍‌ୱର୍କ ଠିକ୍ ଭାବେ ଆସୁ ନ ଥିବାରୁ ଆଧାର ୱେବ୍‌ସାଇଟ୍‌ରେ ଅସୁବିଧାର ସମ୍ମୁଖୀନ ଯୋଗୁ ସନ୍ଧ୍ୟାରେ ନିରାଶହୋଇ ଘରକୁ ଫେରୁଛନ୍ତି। ଅନ୍ୟପକ୍ଷରେ ଆଧାର ସଂଯୋଗ ପାଇଁ ଜନସେବା କେନ୍ଦ୍ରଗୁଡିକରେ ମହିଳାଙ୍କୁ ଲୁଟିବା ଆରମ୍ଭ କରିଦେଇଥିବା କେତେଜଣ ଗ୍ରାହକ ଅଭିଯୋଗ କରିଛନ୍ତି। ଆଧାର କାର୍ଡ ଅପ୍‌ଡେଟ୍ ପାଇଁ ୧୦୦ରୁ ୧୫୦ଟଙ୍କା ନିଆଯାଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ଜିଲା ପ୍ରଶାସନ ନଜର ରଖିବାକୁ ଜନସାଧାରଣ ଦାବି କରିଛନ୍ତି ।

# ଆଲୋଚନାଚକ୍ର, ସ୍ୱାଗତ ସମ୍ବର୍ଦ୍ଧନା

ସୁନାବେଡ଼ା,୬।୯(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଲିଗୁଡା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ‘ସ୍ୱାଧୀନତାର ୭୮ବର୍ଷ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ଭାରତର ୭୮ ବର୍ଷ କେତେ ସଫଳ କେତେ ବିଫଳ ଏହାରି ଉପରେ ୫ଟି ପେପର ପାଠ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ଝାନ୍‌ସୀ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ବିଭାଗର ଅନ୍ୟତମ ଅଧ୍ୟାପିକା ଡ. ଗୀତା ପଟ୍ଟନାୟକ, ଡ. ଶୁଭଙ୍କର ସ୍ୱର୍ଣ୍ଣପତି, ସ୍ମୃତିପ୍ରଜ୍ଞା ବେହେରା, ଯଶବନ୍ତ ବାଘ, ନୀଳେନ୍ଦ୍ର ନାୟକ ଏବଂ ସୋନାଲି ପାଙ୍ଗୀ ନିଜସ୍ୱ ପେପର ପାଠ କରିଥିଲେ। ଅଧ୍ୟାପକ ନିରଞ୍ଜନ ପୋଡ଼ ବିଷୟ ଉପରେ ସମୀକ୍ଷା କରିଥିଲେ। ଏହାପରେ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ରମାରଞ୍ଜନ ପଟ୍ଟନାୟକ ନବାଗତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଜୀବନ ପାଇଁ ମାର୍ଗଦର୍ଶନ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟୟନ ଆବଶ୍ୟକତା ଉପରେ ବିଭାଗୀୟ ମୁଖ୍ୟ ନିଜ ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିଷ୍ଟାନ ବଣ୍ଟନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, କଲେଜ ଅଧ୍ୟାପିକା ଓ ଅଧ୍ୟାପକମାନେ।

# ସରପଞ୍ଚ ସଂଘ ବୈଠକ

## ମାହାଙ୍ଗା ବିଧାୟକଙ୍କ ମନ୍ତବ୍ୟକୁ ବିରୋଧ

ଜୟପୁର, ୬।୯(ପବନ ପାଣିଗ୍ରାହୀ)

ଜୟପୁର ରଣ୍ଡାପାଲି ପଞ୍ଚାୟତ ସାନକଉଡ଼ି ମଣ୍ଡପରେ ସରପଞ୍ଚମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ସରପଞ୍ଚ ସଂଘ ସମ୍ପାଦକ ଆନନ୍ଦ ହଲବା, କୋରାପୁଟ ଜିଲା ସରପଞ୍ଚ ସଂଘ ସଭାପତି ଲୋବ ମୁଦୁଲି, ଜିଲା ସମ୍ପାଦକ ବଳିଭଦ୍ର ଗାଦବଲ, ଉପସଭାପତି ମୋନନ୍ଧର ଗାଦବଲ ସହ ଜିଲାର ବିଭିନ୍ନ ପଞ୍ଚାୟତରୁ ସରପଞ୍ଚମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲାରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲଚନା ହୋଇଥିଲା। ଏଥିସହ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଗତ ୩ ତାରିଖରେ ବିଧାନ ସଭାରେ ସରପଞ୍ଚଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟକୁ ବିରୋଧ କରାଯାଇଛି। ବିଧାୟକ ୭ ଦିନ ଭିତରେ ମନ୍ତବ୍ୟ ଫେରାଇ ନ ନେଲେ ସରପଞ୍ଚ ସଂଘ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି।


ବୈଠକରେ ସରପଞ୍ଚମାନେ ଆଲୋଚନା କରୁଛନ୍ତି ।

ବାର୍ଷିକ ଖସଡ଼ା ପଞ୍ଚାୟତରେ ଅନୁମୋଦନ ହେଲାପରେ ବିଡିଓ ଅନୁମୋଦନ କରିଥାନ୍ତି। ଏହା ଅନ୍‌ଲାଇନ୍‌ରେ ଲିପିବଦ୍ଧ ହୋଇଥାଏ। ତେଣୁ ଗୋଟିଏ କାମକୁ ତିନୋଟି ଜିଲା ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତର ବାର୍ଷିକ କାର୍ଯ୍ୟ ଖସଡ଼ାରେ ରହୁଥିବା ନେଇ ବିଧାୟକ ଦେଇଥିବା ମନ୍ତବ୍ୟ ଭୂଲ୍। ସରପଞ୍ଚମାନେ ଦୁର୍ନୀତି କରୁଥିବାରୁ ବିଡିଓଙ୍କ କାଉଣ୍ଟର ସାଇନ କରାଯାଉ ବୋଲି ଦେଇଥିବା ମନ୍ତବ୍ୟ ଦୁଃଖଦାୟକ ବୋଲି ବୈଠକରେ ଆଲୋଚନା ହୋଇଛି। ଓଡିଶାର ସମସ୍ତ ପଞ୍ଚାୟତକୁ ଇ- ଗ୍ରାମ ସ୍ୱରାଜ ପୋଟାର୍ଲରେ ସଂଯୋଗ କରାଯାଇଛି। ପଞ୍ଚାୟତର ସମସ୍ତ କାର୍ଯ୍ୟ ପ୍ରତିମାସରେ ସନ୍ଦେଶ ଆପ୍ ଦ୍ୱାରା ଅପ୍‌ଲୋଡ ହେଉଛି। ସରକାରଙ୍କ ପଞ୍ଚାୟତମାନଙ୍କର ସମସ୍ତ ତଥ୍ୟ ରହୁଛି। ତେଣୁ ଦୁର୍ନୀତି ହେବାର ପ୍ରଶ୍ନ ଉଠୁନାହିଁ ବୋଲି ଉପସ୍ଥିତ ସରପଞ୍ଚ ସଂଘ ସଦସ୍ୟମାନେ କହିଛନ୍ତି। କୌଣସି ପଞ୍ଚାୟତରେ ଦୁର୍ନୀତି ହେଲେ ସେଥିପାଇଁ ଅନେକ ଦଣ୍ଡ ବିଧାନ ରହିଛି। ରାଜ୍ୟ ସରପଞ୍ଚ ମହାସଂଘ କୌଣସି ପଞ୍ଚାୟତର ଦୁର୍ନୀତିକୁ ପ୍ରଶ୍ରୟ ଦେବ ନାହିଁ, ଯିଏ ଦୁର୍ନୀତି କରିବ ସେ ଦଣ୍ଡ ପାଇବ ବୋଲି କୁହାଯାଇଛି। ଆମ ଓଡ଼ିଶା ନବୀନ ଓଡିଶାର ୫୦ ଲକ୍ଷ ଟଙ୍କା ପଞ୍ଚାୟତକୁ ଯାଇଛି ବୋଲି ବିଧାୟକ କହିଛନ୍ତି। ବିଧାୟକ ତାଙ୍କର ମନ୍ତବ୍ୟ ସବୁ ୭ ଦିନ ମଧ୍ୟରେ ଫେରାଇ ନେଇ ସରପଞ୍ଚମାନଙ୍କୁ କ୍ଷମା ପ୍ରାର୍ଥନା ନ କଲେ ସଂଘ ଏହାର ଦୃଢ଼ ପ୍ରତିବାଦ କରିବ ବୋଲି କୁହାଯାଇଛି।



# ଆଧାରରେ ଫୋନ୍ ନମ୍ବର ଲିଙ୍କ୍ ବାଧ୍ୟତାମୂଳକ ନୁହେଁ: ଜିଲାପାଳ

■ ଆଜିଠୁ ସୁଭଦ୍ରା ଯୋଜନା ସଚେତନତା ରଥ ଶୁଭାରମ୍ଭ

■ ଜିଲାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଫର୍ମ ବଣ୍ଟନ ଲକ୍ଷ୍ୟ

ମାଲକାନଗିରି,୬।୯ (ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏଥିନିମନ୍ତେ ଆଧାରରେ ଫୋନ୍ ନମ୍ବର ଲିଙ୍କ୍ ଜରୁରୀ ନୁହେଁ ବୋଲି ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୁଭଦ୍ରା ଫର୍ମ ଦାଖଲ କରିବା ପାଇଁ ଆଧାର ସହ ଫୋନ୍ ନମ୍ବର ଲିଙ୍କ୍ ହୋଇ ନ ଥିଲେ ମଧ୍ୟ ମୁହଁ କିମ୍ବା ଟିପର ପ୍ରିଣ୍ଟ ସ୍କାନିଂ ମାଧ୍ୟମରେ ଆଧାର ପ୍ରମାଣୀକରଣ କରାଯାଇପାରିବ। ତେଣୁ ଆବେଦନକାରୀ ସୁଭଦ୍ରା ଯୋଜନାରେ ଲାଭ ଉଠାଇବାକୁ ଆଧାର ସହ ମୋବାଇଲ ନମ୍ବର ଲିଙ୍କ୍ କରିବାକୁ ବ୍ୟସ୍ତ ନ ହୋଇ ବିନା ମୋବାଇଲ ନମ୍ବରରେ ଲିଙ୍କ୍‌ରେ ଆବେଦନ କରିପାରିବେ। ଏଥିସହ ଆବେଦନ ନିମନ୍ତେ ଅନ୍ତିମ ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ଏଣୁ ଆବେଦନକାରୀ ଯେକୌଣସି ସମୟରେ ନିକଟସ୍ଥ ସେବାକେନ୍ଦ୍ରରେ ଆବେଦନ କରିପାରିବେ। ୨୧ ବର୍ଷରୁ ଊର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ ବୟସ୍କ ମହିଳା ଏହି ଯୋଜନାରେ ଆବେଦନ କରିପାରିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଆବେଦନ ଫର୍ମ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ସେହିପରି ବିନା ମୂଲ୍ୟରେ ଜନସେବା କେନ୍ଦ୍ରରେ ଫର୍ମ ପୂରଣ ଓ ପଞ୍ଜୀକରଣ କରାଯାଉଛି। ଆବେଦନକାରୀ ନିଜର ଆଧାର ସହ ବ୍ୟାଙ୍କ ଲିଙ୍କ୍ କରିବା ଆବଶ୍ୟକ। ପ୍ରତ୍ୟେକ ବ୍ଲକ୍ ଓ ସହରାଞ୍ଚଳରେ ଆଧାର ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଜିଲାର ବଣ୍ଡା ଓ ଦିଦାୟୀ ଜନଜାତି ମହିଳାଙ୍କ ନିମନ୍ତେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଲୋକଙ୍କ ମଧ୍ୟରେ ସଚେତନତା ନିମନ୍ତେ ୭ ତାରିଖରୁ ସୁଭଦ୍ରା ରଥର ଶୁଭାରମ୍ଭ କରାଯିବ। ଜିଲାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଫର୍ମ ବଣ୍ଟନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଆବେଦନ ପରେ ବ୍ଲକସ୍ତରୀୟ ଯାଞ୍ଚ ପରେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁବିଧା ପାଇବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ମାଲକାନଗିରି ଜିଲାପାଳ ସୂଚନା ଦେଉଛନ୍ତି।

# ଆଇନ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍‌ଙ୍କ ସହ ଉପସ୍ଥିତ ଆଇନଜୀବୀ।

ମାଲକାନଗିରି,୬।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମାସ୍ଥିତ ଘଡ଼େଇ ଡିଗ୍ରୀ ମହାବିଦ୍ୟାଳୟରେ ଜିଲା ଦୌରାଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ଲୋକ ଅଦାଲତ ଓ ଆଇନସେବା ପ୍ରାଧିକରଣ ବିଚାରପତି ସୁଶ୍ରୀ ସଙ୍ଗୀତା ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆଇନସେବା ପ୍ରାଧିକରଣ ପ୍ରମୁଖ ଆଇନ ସେବା ପ୍ରତିରକ୍ଷା ଆଇନଜୀବୀ ତଥା ଶିଶୁ ମଙ୍ଗଳ କମିଟି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ଉପ ପ୍ରମୁଖ ଆଇନସେବା ପ୍ରତିରକ୍ଷା ଆଇନଜବୀ ରାଜେଶ ପଟ୍ଟନାୟକ, ସହାୟକ ଆଇନସେବା ପ୍ରତିରକ୍ଷା ଓକିଲ ସାଗର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ବିଚାରପତି ସୁଶ୍ରୀ ସଙ୍ଗୀତା ଓ ପ୍ରତିରକ୍ଷା ଓକିଲ ଗଣ ଆଇନସେବା ପ୍ରାଧିକରଣ ଆଇନ ୧୯୮୭, ପୀଡ଼ିତା କ୍ଷତିପୂରଣ ସମ୍ପର୍କିତ ନିୟମାବଳୀ, ଫୌଜଦାରି ମାମଲା ସମ୍ପର୍କିତ ବିଭିନ୍ନ ଆଇନ ବୁଝାଇବା ସହ ଶିଶୁ ସୁରକ୍ଷା, ବାଲ୍ୟବିବାହ ପ୍ରତିରୋଧ, ପୋକ୍ସୋ ଆଇନ ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀ ଯୋଗଦାନ କରିଥିଲେ। ଶେଷରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

କୋରୁକୋଣ୍ଡା,୬।୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଲା ସହର କାଳୀଛକଠାରେ ଗୁରୁବାର ରାତିରେ ଜଣେ ଅଜଣା ବ୍ୟକ୍ତିଙ୍କ ଆକ୍ରମଣରେ ୭୦ ବର୍ଷୀୟା ମହିଳା ଗୁରୁତର ଆହତ ହୋଇଛନ୍ତି। ଏ.ଶିବ ଦାସଙ୍କ ସ୍ତ୍ରୀ ଏ. ସୁଶୀଳା ରାସ୍ତାରେ ଯାଉଥିବା ସମୟରେ ବାଇକ୍‌ରେ ଯାଉଥିବା ଅଜଣା ବ୍ୟକ୍ତି ଗାଡ଼ିରୁ ଓହ୍ଲାଇ ଆସି ହଠାତ୍ ବିନା କାରଣରେ ବୃଦ୍ଧାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ବୃଦ୍ଧାଙ୍କୁ ଧକ୍କାମାରି ତଳେ ପକାଇବା ପରେ ଏକ ପଥରରେ ତାଙ୍କ ମୁଣ୍ଡରେ ଆଘାତ କରିଥିଲେ। ଫଳରେ ବୃଦ୍ଧାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେବା ପରେ ଏଏସ୍ଆଇ ସୁରେଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମାଡ ମାରିଥିବା ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡି ରହିଥିବା ବୃଦ୍ଧାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ବାଲିମେଲା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ଏ ନେଇ ସୁଶୀଳାଙ୍କ ପକ୍ଷରୁ କାଳୀ ଛକ ବଣିକ ସଂଘର ନିଷ୍ପତ୍ତିକ୍ରମେ ସଂଘର ସଭାପତି ବିଜୟ କୁମାର ଦାସ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଏ ନେଇ କେସ୍ ନମ୍ବର ୨୭୧/୨୪ ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ତେବେ ବୃଦ୍ଧାଙ୍କୁ ମାଡ ମାରିବା ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ଜଣକ କୋରୁକୋଣ୍ଡା ବ୍ଲକ କାମ୍ୱେଡା ଗ୍ରାମର ସ୍ୱର୍ଗତ ସମା ମାଢିଙ୍କ ପୁଅ ମୁକୁନ୍ଦ ମାଢି ବୋଲି ଜଣାପଡିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।



# ସ୍ୱଚ୍ଛତା, ସନ୍ତୁଳିତ ଖାଦ୍ୟ ଦୂରକରିବ ରକ୍ତହୀନତା

## ପଡ଼ିଆରେ ପୋଷଣ ମାସ

ମାଲକାନଗିରି,୬।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍‌ରେ ବିଭିନ୍ନ ସ୍ଥାନରେ ପୋଷଣ ମାସ ପାଳିତ ହୋଇଯାଇଛି। ଏହି ଅବସରରେ ପଡ଼ିଆ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ସମନ୍ୱିତ ଶିଶୁ ବିକାଶ ବିଭାଗ ଓ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନ୍‌ଜିଓ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ରୀନାରାଣୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଗର୍ଭବତୀ, ପ୍ରସୂତି ମା', କିଶୋରୀ ବାଳିକାଙ୍କୁ ରକ୍ତହୀନତା, କୁପୋଷଣର ଚିହ୍ନଟୀକରଣ ଓ ଦୂରୀକରଣ ନେଇ ଆଲୋଚନା କରିଥିଲେ। ବାଳିକା ଓ ମହିଳାମାନେ ସ୍ୱଚ୍ଛତା ଅବଲମ୍ବନ କରିବା ସହ ସନ୍ତୁଳିତ ଖାଦ୍ୟ ଖାଇଲେ ରକ୍ତହୀନତା ଦୂର ହୋଇପାରିବ ବୋଲି କହିଥିଲେ। ଏଥିସହ ପୋଷଣ ମାସ ପାଳନର ଆବଶ୍ୟକତା ଓ ଏହାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ ଏକ ଶୋଭାଯାତ୍ରା କରାଯାଇ ପଡିଆ ଓ ଆଖପାଖ ଅଞ୍ଚଳରେ ଲୋକଙ୍କୁ ପୋଷଣ ମାସ ପାଳନ ନେଇ ସଚେତନ କରାଯାଇଥିଲା। ପରେ ବୈଠକ ଜରିଆରେ ଉପସ୍ଥିତ ଅନଙ୍ଗୱାଡି କର୍ମୀ, ଆଶା କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ଚାରାରୋପଣ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ବିଭିନ୍ନ ପ୍ରକାର ପନିପରିବା, ଶାଗ, ଡାଲି, କ୍ଷୁଦ୍ର ଶସ୍ୟ ଓ ଏଥିରେ ନିର୍ମିତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିଲିଗୁଡା ପଞ୍ଚାୟତ ସୁପରଭାଇଜର ରମ୍ଭା ଖରା, ସିମିଳିବାଞ୍ଚା ସୁପରଭାଇଜର ମେରୀ ଲିଆମା ଜନ୍, ଆଇଜିଡି ଜିଲା ସଂଯୋଜକ ପ୍ରଶାନ୍ତ ସାହୁ, ପଡ଼ିଆ ବ୍ଲକ୍ ପୋଷଣ ସଂଯୋଜକ ଟୀନାମ ଅଲୀ, ମିଶନ ଶକ୍ତି ବ୍ଲକ୍ ପ୍ରକଳ୍ପ ସଂଯୋଜକ ରାଜେଶ ସର୍ଦ୍ଦାର ଓ ମମତା ପ୍ରୋଗ୍ରାମ ସହଯୋଗୀ ସଞ୍ଜିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଇଜିଡି ଏନ୍‌ଜିଓ କର୍ମୀ ଝିଲି ସିଲ, ଗୋବିନ୍ଦ ସର୍ଦ୍ଦାର, ନୟାମୀ ଖରା ପ୍ରମୁଖ ସହଯୋଗ କରିଥିଲେ।



ପୋଷଣ ମାସ ପାଳନ କାର୍ଯ୍ୟକ୍ରମରେ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

# ଜିଲାରେ ଚିକେନ୍ ବ୍ୟବସାୟ ମାନ୍ଦା

## ବାର୍ଡ ଫ୍ଲୁ ଆତଙ୍କ

ମାଲକାନଗିରି,୬।୯ (ଦୁର୍ଯ୍ୟୋଧନ ପାତ୍ର)



ଓଡ଼ିଶା ଉପକୂଳବର୍ତ୍ତୀ ଜିଲାରେ ବାର୍ଡ ଫ୍ଲୁ ଯୋଗୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଉକ୍ତ ଅଞ୍ଚଳରେ କୁକୁଡାଙ୍କୁ ମାରି ଦିଆଯାଉଛି। ସେହିପରି ଅନ୍ୟ ରାଜ୍ୟର ବଏଲର କୁକୁଡା ରାଜ୍ୟ ଭିତରକୁ ପ୍ରବେଶ ନିଷେଧ କରାଯାଇ ରାସ୍ତାରେ ଅନେକ କୁକୁଡ଼ା ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଉଛି। ତେବେ ମାଲକାନଗିରି ଜିଲା ସଦର ମହକୁମା ଚିକେନ କେନ୍ଦ୍ରଗୁଡିକ ଖୋଲା ଥିଲେ ମଧ୍ୟ ବ୍ୟବସାୟ ମାନ୍ଦା ଥିବା ଅନେକ ବ୍ୟବସାୟୀ କହିଛନ୍ତି। ମାଲକାନଗିରି ଜିଲାରେ ଯେପରି ବାର୍ଡ ଫ୍ଲୁ ନ ବ୍ୟାପିବ ସେଥିପାଇଁ ନିଜ ନିଜ ଚିକେନ୍ କେନ୍ଦ୍ର ପରିବେଶ ସଫାସୁତୁରା ରଖୁଥିବା ପ୍ରକାଶ କରନ୍ତି। ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାରେ ଚିକେନ୍ କେନ୍ଦ୍ରଗୁଡିକୁ ପୋଲିସ ଦ୍ୱାରା ବନ୍ଦ କରାଯାଇଥିବା କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କିନ୍ତୁ ଏ ନେଇ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିବା ସହ ବରଂ କେନ୍ଦ୍ରଗୁଡ଼ିକୁ ବନ୍ଦ କରା ନ ଯାଇ ଚିକେନ୍ ସେଣ୍ଟର, ମାଛ ବଜାର, ମାଂସ ବଜାରର ବ୍ୟବସାୟୀମାନେ କେନ୍ଦ୍ର ନିକଟ ଅପରିଷ୍କାର ନ କରିବା ସହ କେନ୍ଦ୍ର ଚତୁଃପାର୍ଶ୍ୱ ପରିବେଶକୁ ସଫାସୁତୁରା ରଖିବା ପାଇଁ ପରାମର୍ଶ ଦେଇଛନ୍ତି।


यूनियन बैंक ऑफ इंडिया | Union Bank of India | भारत सरकार का उपक्रम | A Government of India Undertaking

ZONAL OFFICE:BHUBANESWAR
M-14, Baramunda Housing Board Colony, Bhubaneswar-751003

**E-AUCTION SALE NOTICE DETAILS**

**Mega E-Auction Date: 13.09.2024 & 26.09.2024. Union Bank of India is Conducting Mega E-Auction of Flats, Residential Building, Open Lands, Factory Land & Building and Commercial Properties etc. on the above Dates. For details of the properties, Interested Bidders are invited to scan the QR CODE**

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, राँची (ग्रामीण)**

**अतिअल्पकालीन ई-प्रोक्योरमेंट सूचना**
**नेशनल कम्पेटेटीभ बिडिंग**

ई–टेन्डर रेफरेंस नं0–प0नि0वि0/राँची (ग्रामीण)–08/2024–25, दिनांक :–06.09.2024

| | | |
|---|---|---|
| 1. | कार्य का नाम | जोन्हा–पुरबडीह पथ के कि0मी0 0.00 से कि0मी0 30.960 तक (कुल लम्बाई–30.960 कि0मी0) पथ का राईडिंग क्वालिटी में सुधार (Improvement of Riding Quality) कार्य। |
| 2. | प्राक्कलित राशि (रू0 लाख में) | रु0 1865.93700 लाख। |
| 3. | अग्रधन की राशि (रू0 लाख में) | रु0 19.00 (उन्नीस) लाख मात्र। |
| 4. | कार्य पूर्ण करने की अवधि | 6 (छः) माह। |
| 5. | वेबसाईट पर निविदा प्रकाशन की तिथि | 12.09.2024 10:30 बजे पूर्वाह्न |
| 6. | निविदा प्राप्ति की अंतिम तिथि/समय | 18.09.2024 12:00 बजे दोपहर तक |
| 7. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल, राँची(ग्रामीण)। |
| 8. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 9. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- नियम एवं शर्तों के लिए http://jharkhandtenders.gov.in पर Login कर देखा जा सकता है।

कार्यपालक अभियंता
पथ निर्माण विभाग,
पथ प्रमंडल, राँची (ग्रामीण)

PR 335061 Road (24-25)_D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, देवघर।**
**ई–अल्पकालीन पुर्ननिविदा आमंत्रण सूचना**

ई–अल्पकालीन पुर्ननिविदा संख्याः- **07/RI/2024-25/RWD/EE/DEOGHAR** दिनांक :- **06.09.2024**

कार्यपालक अभियंता, ग्रामीण कार्य विभाग, कार्य प्रमंडल, देवघर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| पैकेज संख्या | | कार्य का नाम | प्राक्कलित राशि अंक में (लाख में) | अक्षर में (रूपये में) | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| RWD/EE/DEOGHAR/STPKG/04/2024-25 | 1 | सापतर पी0ड ब्लु0डी0 मुख्य पथ से जलैया होते हुए पी0डब्लु0डी0 मुख्य पथ तक पथ का सुदृढीकरण कार्य (लं0–3.700 कि.मी.) | 14,12,58,500.00 | चौदह करोड़ बारह लाख अनठावन हजार पाँच सौ रूपये मात्र। | 15 महीना | प्रथम |
| | 2 | पी0डब्लु0डी0 मुख्य पथ से बदिया होते हुए कल याणपुर बुढ़ीबगीचा तक पथ का सुदृढी करण कार्य। (लं0–4.100 कि.मी.) | | | | |
| | 3 | पी0डब्लु0डी0 पथ पिपरा से जयंती नदी तक पथ का सुदृढीकरण कार्य। (लं0–4.350 कि.मी.) | | | | |
| | 4 | मधुपुर लहरजोरी मुख्य पथ से बोगैया होते हुए चेतनारी तक पथ का सुदृढीकरण कार्य। (लं0–4.920 कि.मी.) | | | | |
| | 5 | पी0डब्लु0डी0 पथ उ धोडीह से टटकजोरी भाया बेहरापहाड़ी तक पथ का सुदृढीकरण कार्य। (लं0–3.490 कि.मी.) | | | | |
| | 6 | चरघरा से घसको तक पथ का सुदृढीकरण कार्य। (लं0–1.200 कि.मी.) | | | | |
| | 7 | जमा से जोगीडीह चरपा तक पथ का सु दृढीकरण कार्य। (लं0–3.320 कि.मी.) | | | | |
| | 8 | नावाडीह पी0डब्लु0डी0 पथ से स ाहु टोला चेतनारी तक पथ का सुदृढीकरण कार्य। (लं0–4.256 कि.मी.) | | | | |
| | 9 | बनसीमी चौक से कासीटॉड़ तक पथ का सुदृढीकरण कार्य। (लं0–2.00 कि.मी.) | | | | |

(1). बेवसाईट में निविदा प्रकाशन की तिथि – 09.09.2024
(2). ई0 निविदा प्राप्ति की अन्तिम तिथि – 18.09.2024 अपराह्न 5.00 बजे तक
(3). निविदा खोलने की तिथि एवं समय – 19.09.2024 अपराह्न 3.30 बजे।
(4).निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियन्ता, ग्रा0 कार्य विभाग, कार्य प्रमंडल, देवघर।

कार्यपालक अभियन्ता
ग्रामीण कार्य विभाग कार्य प्रमंडल, देवघर।

PR 335033 Deoghar(24-25)D

**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com
No. 9650 Dt.05.09.2024

**REQUEST FOR PROPOSAL (RFP)**
**Bid Identification No. EIC/RWS&S/05/2024-25**
**Request for Proposal (RFP) for Hiring of Agency to provide Manpower support to Rural Water Supply & Sanitation (RWSS) Divisions for Block Resource Centres (BRCs), Panchayati Raj & Drinking Water Department, Government of Odisha**

No. O-260: The Enginer-in-Chief, RWS&S, Odisha, Bhubaneswar on behalf of Panchayati Raj & Drinking Water Department, Government of Odisha invites Request for Proposal (RFP) for Hiring of Agency to provide Manpower support to Rural Water Supply & Sanitation (RWSS) Divisions for Block Resource Centres (BRCs), Panchayati Raj & Drinking Water Department, Government of Odisha.

The eligibility criteria for selection of Agencies/Firms are provided below:
a) The bidder should be registered for minimum period of 3 years under the Indian Companies Act 1956/Societies Registration Act/Trust Act/Any other Relevant Act in India;
b) The bidder should have an Average Annual Turnover of atleast 5 (five) crore during the last three Financial years i.e. FY 2021-22, FY 2022-23 and FY 2023-24 (Supported by duly audited balance sheet and statutory auditor certificate);
c) The bidder should have successfully undertaken at least either of the following Similar Assignment/Project of value specified herein during the last five financial years as on the last date of submission for International/National/State level Govt./Corporate Sector Programs.
   - One project of similar nature not less than the amount of Rs.2 Crores or
   - Two projects of similar nature not less than the amount of Rs.1.25 crores each
d) The bidder/firm/any partners of the firm should not be blacklisted by any Government or any other organization in respect of any assignment or behaviour.
e) The bidder should have never been indicated by any court of law or any regulatory body or any State/Central Government agencies.

Interested Agency/Firms may download the RFP document from Government of Odisha Website i.e. **https://odisha.gov.in / https://panchayat.odisha.gov.in** from 12.09.2024 to 02.10.2024 upto 5.00 P.M.

A pre-bid meeting shall be conducted on 11.30 hours dated 16.09.2024 at Office of the Engineer-in-Chief, Rural Water Supply & Sanitation, Jal O Parimal Bhawan, Unit-V, Bhubaneswar - 751001, Odisha. Interested bidders may send their queries to **cerwssodisha@gmail.com** and attend the said pre-bid meeting. The authority reserves the right to accept or reject any/all RFP without assigning any reason thereof.

Further details can be seen from the e-procurement portal **https://odisha.gov.in / https://panchayat.odisha.gov.in**.

**OIPR-25003/11/0006/2425** **Sd./- Engineer-in-Chief, RWSS**

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
**कम्बाइंड बिल्डींग, ओल्ड चास कोट एरिया, बोकारो।**

**ई– अल्पकालीन निविदा आमंत्रण सूचना**

ई– अल्पकालीन निविदा संख्या :- 21/2024-25/RWD/EE/BOKARO दिनांक – 05.09.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से पैकेज के रुप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/EE/BOKARO/ 54/2024-25 | बनगड़िया से बरवाडीह भाया पिपड़ाबेड़ा तक पथ निर्माण कार्य (लम्बाई– 2.600 कि0मी0)। | 2,76,51,100.00 | दो करोड़ छिहत्तर लाख इक्यावन हजार एक सौ रू0 मात्र | 15 माह | प्रथम |
| 2 | RWD/EE/BOKARO/ 55/2024-25 | डामुडीह टोला भुईयाडीह पी0डब्लू0डी0 रोड से अड़िता तक पथ निर्माण कार्य (लम्बाई– 2.290 कि0मी0)। | 2,72,15,800.00 | दो करोड बहत्तर लाख पन्द्रह हजार आठ सौ रू0 मात्र | 15 माह | प्रथम |
| 3 | RWD/EE/BOKARO/ 56/2024-25 | बीरखाम पी0डब्लू0डी0 रोड से गलगलटांड भाया बाबुजोर तक पथ निर्माण कार्य (लम्बाई– 3.000 कि0मी0)। | 2,35,28,900.00 | दो करोड़ पैतीस लाख अट्ठाईस हजार नौ सौ रू0 मात्र | 12 माह | प्रथम |
| 4 | RWD/EE/BOKARO/ 57/2024-25 | कनक चास आर0ई0ओ0 रोड से कलियादाग तक पथ निर्माण कार्य (लम्बाई– 1.900 कि0मी0)। | 1,95,64,600.00 | एक करोड़ पंचानवे लाख चौसठ हजार छः सौ रू0 मात्र | 12 माह | प्रथम |

2. वेबसाईट में निविदा प्रकाशन की तिथिः– 10.09.2024
3. ई–निविदा प्राप्ति की अंतिम तिथि एवं समय :– 20.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय :– 23.09.2024 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन– 827013
6. ई–निविदा प्रकोष्ठ का दूरभाष सं0– 9431060119

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग
कार्य प्रमंडल, बोकारो।

PR 334869 (Rural Work Department) 24-25 (D)

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, सरायकेला–खरसावाँ।**

**–: ई– अति अल्पकालीन निविदा आमंत्रण सूचना :–**

ई– अति अल्पकालीन निविदा संख्या :– 20/2024-25/EE/RWD/SRK दिनांक 06.09.2024

1.कार्य का नाम

| क्र. सं. | ID No. / पैकेज संख्या | प्रखण्ड का नाम | कार्य का नाम | प्राक्कलित राशि अंक में | अक्षर में | कार्य समाप्ति की अवधि |
|---|---|---|---|---|---|---|
| 1. | RWD/EE/SRK/19/2024-25 | नीमडीह | सिरका टोला कान्धालडीह हरिमंदिर से ससांगडीह तक पथ निर्माण। (लम्बाई– 1.85 कि0मी0) | 1,64,92,037.00 | एक करोड़ चौसठ लाख बिरानवे हजार सैंतीस रू0 मात्र। | 12 माह |
| 2. | RWD/EE/SRK/20/2024-25 | नीमडीह | पी0डब्ल्यू0डी0 पथ माझीडीह मोड़ से माकुला भाया बानडीह तक पथ निर्माण। (लम्बाई– 2.43 कि0मी0) | 2,07,05,677.00 | दो करोड़ सात लाख पाँच हजार छः सौ सतहत्तर रू0 मात्र। | 12 माह |
| 3. | RWD/EE/SRK/21/2024-25 | नीमडीह | समानपुर से जाड़ेया तक पथ निर्माण। (लम्बाई– 1.50 कि0मी0) | 1,50,75,424.00 | एक करोड़ पचास लाख पचहत्तर हजार चार सौ चौबीस रू0 मात्र। | 12 माह |
| 4. | RWD/EE/SRK/22/2024-25 | कुकड़ू | पी0डब्ल्यू0डी0 पथ से छोटालापांग तक पथ निर्माण। (लम्बाई– 2.45 कि0मी0) | 2,51,28,416.00 | दो करोड़ इकावन लाख अठाईस हजार चार सौ सोलह रू0 मात्र। | 15 माह |
| 5. | RWD/EE/SRK/23/2024-25 | ईचागढ़ | नारो से कुन्दरीलोंग तक पथ निर्माण। (लम्बाई– 1.30 कि0मी0) | 1,44,06,473.00 | एक करोड़ चौवालीस लाख छः हजार चार सौ तिहत्तर रू0 मात्र। | 09 माह |

2. वेबसाईट में निविदा प्रकाशन की तिथि :– 11.09.2024
3. ई–निविदा प्राप्ति की अंतिम तिथि एवं समय :– 16.09.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 18.09.2024 को अपराह्न 03:30 बजे।
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, सरायकेला –खरसावाँ।
8. ई–निविदा प्रकोष्ठ का दूरभाष संख्या :– 7209661815

विस्तृत जानकारी के लिए वेबसाईट jharkhandtender.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल,
सरायकेला–खरसावाँ।

PR 335080 (Rural Work Department) 24-25 (D)

## ୭ ଗିରଫ, ୩୯୦ ଲିଟର ମଦ ଜବତ

ଜଗନ୍ନାଥପ୍ରସାଦ/ଭଞ୍ଜନଗର, ୬।୯ (ବିଭୁ ପ୍ରସାଦ ପଟ୍ଟନାୟକ ବାବୁଲା ପ୍ରଧାନ)

ଭଞ୍ଜନଗର ଅବକାରୀ ବିଭାଗ ଏବଂ ଜଗନ୍ନାଥ ପ୍ରସାଦ ପୋଲିସ ପକ୍ଷରୁ ଶୁକ୍ରବାର କିଆଧାର ଏବଂ ନୂଆପଲ୍ଲୀ ଗ୍ରାମରେ ଥିବା ଚୋରା ମଦ ଆଡ୍ଡା ଉପରେ ମିଳିତ ଭାବେ ଚଢ଼ାଉ କରାଯାଇଛି। ଏଥିରେ ୭ ଜଣଙ୍କୁ ଗିରଫ କରାଯାଇ ଜଗନ୍ନାଥପ୍ରସାଦ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ତିନିଜଣ ମହିଳା ଓ ୪ଜଣ ପୁରୁଷ ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କ୍ରିୟାଧର ଗ୍ରାମ ଓ ନୂଆପାଲୀ ଗ୍ରାମର ତମାଳ ପ୍ରଧାନ, ରେଣୁ ଜାନି, ଚିତ୍ତରଞ୍ଜନ ଜାନି, ବିଷ୍ଣୁ ପ୍ରଧାନ, ଉମାକାନ୍ତ ଜାନି, ଝୁନୁ ଦଳ ବେହେରା ଓ ମୁନା ପ୍ରଧାନ । ଉକ୍ତ ଅଞ୍ଚଳରେ ୫୭୫୦ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୩୯୦ ଲିଟର ମଦ ଜବତ ହୋଇଛି। ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଅରୁଣ କୁମାର ସିଂ ଏବଂ ଭଞ୍ଜନଗର ଅବକାରୀ ଓଆଇସି ଅଲିଭା ମାଝି ଚଢାଉର ନେତୃତ୍ୱ ନେଇଥିଲେ। ଏସ୍ଆଇ ପ୍ରଭାତ ସୁବୁଦ୍ଧି, ଏଏସ୍ଆଇ ପ୍ରିୟରଞ୍ଜନ ମିଶ୍ର, ଏଏସ୍ଆଇ ବ୍ରହ୍ମାନନ୍ଦ ପ୍ରଧାନ, ଅବକାରୀ ବିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ ଡମ୍ବରୁଧର ହରିଜନ, ଅବକାରୀ ଗୋଇନ୍ଦା ନିରୀକ୍ଷକ ନାରାୟଣ ଜେନା, ଉପନିରୀକ୍ଷକ ଅଲିଭା ମାଝୀ, ସହକାରୀ ଉପନିରୀକ୍ଷକ ନିରଞ୍ଜନ ବେହେରା, ଭୋବନି ବେହେରାଙ୍କ ସମେତ ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣ ସେଠୀ ସାମିଲ ହୋଇଥିଲେ। ଗଞ୍ଜାମ ଜିଲାରେ ମଦମୃତ୍ୟୁ ପରେ ଜିଲା ପ୍ରଶାସନ ପକ୍ଷରୁ ଚୋରା ମଦ କାରବାର ରୋକିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି।

# ଝାଡ଼ାବାନ୍ତି କବଳରେ ଗାଦବାକତରା

ପାପଡ଼ାହାଣ୍ଡି, ୬।୯(ସ୍ୱପ୍ନଜିତ ପଟ୍ଟନାୟକ)

■ ଗାଁରେ ପହଞ୍ଚି ଚିକିତ୍ସା ଯୋଗାଉଛି ଡାକ୍ତରୀ ଟିମ୍

■ ପରୀକ୍ଷା ପାଇଁ ପଠାଗଲା ନଳକୂପ ପାଣି ନମୂନା

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଗାଦବାକତରା ପଞ୍ଚାୟତ ସଦର ଗାଁରେ ଝାଡ଼ାବାନ୍ତି ବ୍ୟାପିଛି। ଶୁକ୍ରବାର ଡାକ୍ତରୀ ଟିମ୍ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଚିକିତ୍ସା କରୁଛନ୍ତି।

ସୂଚନାନୁଯାୟୀ, ଗାଁର ୱାର୍ଡ ନଂ ୩ ରଙ୍ଗମାଟିଗୁଡ଼ାରେ ଗତ ସୋମବାର ବିଳମ୍ବିତ ରାତିରେ ଝାଡ଼ାବାନ୍ତି ଆରମ୍ଭ ହୋଇ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ ସନାଏ ମୁଦୁଲି (୨୫), ପଦ୍ମା ମୁଦୁଲି (୬୦), ଦଶମତି ମୁଦୁଲି (୬୦), ବେଲ ମୁଦୁଲି (୩୫), କମଳା ମୁଦୁଲି (୩୫), ରୁକ୍ମଣୀ ମୁଦୁଲି (୨୧)। ଗାଁର ଦଶମତି ଗତ ସୋମବାର ବିଳମ୍ବିତ ରାତିରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଖବରପାଇ ଆଶା କର୍ମୀ ପ୍ରମିଳା ନାଗ ତାଙ୍କୁ ମୈଦଲପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଦଶମତିଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ଶୁକ୍ରବାର ଘରକୁ ଫେରିଛନ୍ତି। ଗ୍ରାମର ଆଶାକର୍ମୀ ଅନ୍ୟମାନଙ୍କୁ ଔଷଧ ଦେଇଛନ୍ତି। ଗୁରୁବାର ସନାଏ ଓ ଶୁକ୍ରବାର ପଦ୍ମାଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗ୍ରାମବାସୀଙ୍କ କହିବା ପ୍ରକାରେ ଗାଁରେ ୨ଟି ନଳକୂପ ରହିଛି। ଗୋଟିଏ ନଳକୂପ ପାଣିରେ ପୋକ



ଡାକ୍ତରଖାନାରେ ଜଣେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

ବାହାରୁଥିବାବେଳେ ଅନ୍ୟଟିରେ କାଦୁଅ ପାଣି ବାହାରୁଛି। ଏହି ପାଣି ବ୍ୟବହାର କରି ଝାଡ଼ାବାନ୍ତି ବ୍ୟାପିଥିବା ଗ୍ରାମବାସୀ ଆଶଙ୍କା କରୁଛନ୍ତି। ଝାଡ଼ାବାନ୍ତି ବ୍ୟାପିବା ଖବରପାଇ ପାପଡ଼ାହାଣ୍ଡି ମେଡିକାଲ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନଳକୂପର ପାଣି ପରୀକ୍ଷା ପାଇଁ ନମୂନା ସଂଗ୍ରହ କରିଛନ୍ତି। ୪ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ବର୍ତ୍ତମାନ ସନାଇ ଓ ପଦ୍ମାଙ୍କର ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ପ୍ରତ୍ୟେକ ପରିବାରକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଔଷଧ ଦିଆଯାଇଛି।



ଆଶାକର୍ମୀ ଗାଁରେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି ।

## ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ଉମରକୋଟ,୬।୯ (ସନ୍ତୋଷ ଶତପଥୀ)



ଉମରକୋଟ ବ୍ଲକ୍ ଗୁଲିପାଟଣା ସାହିରେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଦୁର୍ଗାପୂଜା ଉପଲକ୍ଷେ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଚଳିତ ବର୍ଷ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦାଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ମା' ଦୁର୍ଗା ଅସ୍ଥାୟୀ ମଣ୍ଡପରେ ପୂଜା ପାଇବେ ବୋଲି କମିଟି ସଦସ୍ୟ ପୂଜକ ଲକ୍ଷ୍ମୀ ତ୍ରିପାଠୀ ସୂଚନା ଦେଇଛନ୍ତି। ପୂର୍ବପରି ଚଳିତ ବର୍ଷ ମଧ୍ୟ ଗୁଲିପାଟଣା ପୂଜା ମଣ୍ଡପରେ ନବରାତ୍ରି ପୂଜା କରାଯିବ। ଆଗ୍ରହୀ ଭକ୍ତ ପୂଜା କମିଟି ସଭାପତି ସଞ୍ଜୟ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବେ। ଚଳିତ ବର୍ଷ ପୂଜାରେ ରାମ ମଣିଆ କର୍ତ୍ତା ଦାୟିତ୍ୱ ତୁଲାଇବେ। ଶୁକ୍ରବାରରୁ ପୂଜାର ସମସ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ସଞ୍ଜୟ ସ୍ୱାଇଁ, ସଞ୍ଜୀବ ସାହୁ, ଲକ୍ଷ୍ମୀ ପୂଜାରୀ, ପିଣ୍ଟୁ ପ୍ରଧାନ, ଲିଟୁନା ସାହୁ, ଗଣେଶ ପ୍ରସାଦ ରଣା, ବାଲାଜୀ ବେହେରା, ଗୁଲୁ ସାହୁ, ପିଣ୍ଟୁ ମାଝୀ, ଅମିତ କର୍ମକାର,ଗୋବର୍ଦ୍ଧନ ବେହେରା,ଗୋପାଳ ରାଓ, ଝୁନା ପରିଡା, ଟୁନା ନାୟକ, ନରସିଂହ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ବୁଡ଼ିଲା କନ୍ୟାଶ୍ରମ ପୋଲ

ମାଲକାନଗିରି, ୬।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗତ କିଛିଦିନ ହେଲା ଲଗାଣ ବର୍ଷା ଯୋଗୁ ନଦୀଗୁଡିକରେ ଜଳସ୍ତର ବୃଦ୍ଧି ପାଇଛି। ପ୍ରବଳ ବର୍ଷା ଯୋଗୁ ଶୁକ୍ରବାର ପୁଣି କାଲିମେଲା ବ୍ଲକରେ ଥିବା କନ୍ୟାଶ୍ରମ ପୋଲ ଉପରେ ୨ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ପୋଲ ବୁଡିବା ଯୋଗୁ କାଲିମେଲାରୁ ଛତିଶଗଡ ସହ ପଡିଆ ବ୍ଲକକୁ ଯାତାୟାତ ପ୍ରଭାବିତ ହେଉଛି। ଉଭୟ ପାର୍ଶ୍ୱରେ ଲୋକେ ଜଳସ୍ତର କମିବାପାଇଁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଗତ ଏକ ସପ୍ତାହ ମଧ୍ୟରେ ଏହି ପୋଲ ୩ ଥର ବୁଡ଼ିଲାଣି। ପୋଲର ଉଚ୍ଚତା କମ୍ ଥିବାରୁ ଲଗାଣ ବର୍ଷା ହେଲେ ଏହା ବୁଡିଯାଉଛି ବୋଲି ଲୋକେ ପ୍ରକାଶ କରିଛନ୍ତି।



କନ୍ୟାଶ୍ରମ ପୋଲ ଉପରେ ଜଳ ପ୍ରବାହିତ ହେଉଛି।

## ଯଚିନ୍ଦ୍ର ସ୍ୱାଇଁଙ୍କୁ ସ୍ୱାମୀ ବିବେକାନନ୍ଦ ବିଦ୍ୟାରତ୍ନ ସମ୍ମାନ

ମାଲକାନଗିରି, ୬।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନାଗିରି ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ତଥା କୁଡୁମୁଲୁଗୁମ୍ମା ଶିକ୍ଷା ବ୍ଲକ୍‌ର ଶିକ୍ଷକ କବି ଯଚିନ୍ଦ୍ର ସ୍ୱାଇଁଙ୍କୁ ସ୍ୱାମୀ ବିବେକାନନ୍ଦ ବିଦ୍ୟାରତ୍ନ ସମ୍ମାନ-୨୦୧୪ରେ ସମ୍ମାନିତ କରାଯାଇଛି। ରାଜ୍ୟସ୍ତରୀୟ ଗୁରୁ ପୂଜନ ଅବସରରେ ଭୁବନେଶ୍ୱରସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ସେବା, ପରିବେଶ ସୁରକ୍ଷା ଓ ଉତ୍ତମ ଶିକ୍ଷାଦାନ ପାଇଁ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହରେ ସୋନପୁର ଜିଲା ଅତିରିକ୍ତ ଜିଲାପାଳ ଅଞ୍ଜଲିନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ପଶ୍ଚିମବଙ୍ଗର ରାଜ୍ୟ ସମ୍ପାଦକ ଦୀନବନ୍ଧୁ ବିଦ୍ୟାଭୂଷଣ, ଭବ କିଶୋର ମିଶ୍ର, ନୀଳାଞ୍ଚଳ ଭୋଇ, ନୀଳକଣ୍ଠ ବେହେରା, ପ୍ରଦୀପ ପୁରୋହିତ ଆଦି ମଞ୍ଚାସୀନ ଥିଲେ। ଭଦ୍ରକର ମାଟିର ବାସ୍ନା ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଇଁଙ୍କୁ ଆଦର୍ଶ ଗୁରୁ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଛି। ଏଥିପାଇଁ ସ୍ୱାଇଁଙ୍କୁ ବିଭିନ୍ନ ମହଲରେ ପ୍ରସଂଶା କରାଯାଇଛି।




ଶିକ୍ଷକ କବି ଯଚିନ୍ଦ୍ର ସ୍ୱାଇଁଙ୍କୁ ସମ୍ମାନିତ କରାଯାଉଛି।

## ସୁଭଦ୍ରା ଯୋଜନା ଆବେଦନ ପ୍ରକ୍ରିୟା କମିଶନ ବୃଦ୍ଧି ଦାବି

ନବରଙ୍ଗପୁର,୬।୯(ସଦାଶିବ ପ୍ରହରାଜ)

**ଜିଲାପାଳଙ୍କୁ ଦାବିପତ୍ର**

ସୁଭଦ୍ରା ଯୋଜନା ଆବେଦପ ପ୍ରକ୍ରିୟା ପାଇଁ କମିଶନ ବୃଦ୍ଧି କରିବାକୁ ଜିଲାର ଜନ ସେବା କେନ୍ଦ୍ର, ମୋ ସେବା କେନ୍ଦ୍ର, ଗ୍ରାମସ୍ତରୀୟ ଉଦ୍ୟାଗୀ ମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଶୁକ୍ରବାର ଏକ ଦାବିପତ୍ର ଜିଲାପାଳ ଡ ଶୁଭଙ୍କର ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି।

ନବରଙ୍ଗପୁର ଜିଲାର ଜନ ସେବା କେନ୍ଦ୍ର, ମୋ ସେବା କେନ୍ଦ୍ର, ଗ୍ରାମସ୍ତରୀୟ ଉଦ୍ୟାଗୀମାନେ ୧୦୦ରୁ ୧୫୦ ଟଙ୍କା ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ନିଜ କାର୍ଯ୍ୟାଳୟ ମାଧ୍ୟମରେ ବହୁତ ଖର୍ଚ୍ଚ ହେଉଛି ଯାହା ଫଳ ରେ ୯ଟଙ୍କା ୨୦ ପଇସା କମିଯାଉଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ପୂର୍ବ ପୂର୍ବନିର୍ଦ୍ଧରିତ କମିଶନ ହାରରେ ଅନଲାଇନ ଆବେଦନର ସହଯୋଗ କରୁଛନ୍ତି। ରାଜ୍ୟ ସରକାର ସରକାର କମିଶନ ବୃଦ୍ଧି ନ କଲେ ସୁଭଦ୍ରା ଯୋଜନା ଅନଲାଇନ କାମ ବନ୍ଦ ରହିବ ବୋଲି ବିନାୟକ ପାତ୍ର ସୁନା, ପପୁନ କୁମାର ବାଘ କହିଛନ୍ତି।

ଫଳରେ ନବରଙ୍ଗପୁର ଜିଲାରେ ସୁଭଦ୍ରା ଅନ୍‌ଲାଇନ ଆବେଦନ ପ୍ରକ୍ରିୟାରେ ମହିଳାମାନେ ବଞ୍ଚିତ ହେବା ଆଶଙ୍କା କରାଯାଉଛି। ଏବେଠାରୁ ନବରଙ୍ଗପୁର ଜିଲାର ଜନ ସେବା କେନ୍ଦ୍ର, ମୋ ସେବା କେନ୍ଦ୍ରଗୁଡିକ ପକ୍ଷରୁ ବିଭିନ୍ନ ଦାବି ଆରମ୍ଭ ହୋଇଛି। ଅଙ୍ଗନୱାଡି କର୍ମୀମାନଙ୍କଠାରୁ ମହିଳାମାନେ ଫର୍ମ ଆଣିଛନ୍ତି। କିନ୍ତୁ ଅନ୍‌ଲାଇନ୍‌ରେ ସେମାନେ ଏହାକୁ ପକାଇ ପାରୁନାହାନ୍ତି। ସୁଭଦ୍ରା ଯୋଜନା ପାଇଁ ରାଜ୍ୟ ସରକାର ଜନ ସେବା କେନ୍ଦ୍ର, ମୋ ସେବା କେନ୍ଦ୍ର, ଗ୍ରାମସ୍ତରୀୟ ଉଦ୍ୟାଗୀଙ୍କୁ କମିସନ ଆକାରରେ ୧୫ ଟଙ୍କା ଦେଉଛନ୍ତି। ସେଥିମଧ୍ୟରୁ ଜିଏସ୍‌ଟି ୫ଟଙ୍କା ୮୦ ପଇସା ଚାଲିଯାଉଛି। ବଳକା ୯ ଟଙ୍କା ୨୦ ପଇସାରେ କମ୍ପ୍ୟୁଟର ଏବଂ ଆନୁଷଙ୍ଗିକ ରାକ୍ଷଣାବେକ୍ଷଣ, ପ୍ରିଣ୍ଟର ବ୍ୟବହାର ଏବଂ ଉପଯୋଗୀ ସାମଗ୍ରୀ, ଅଫିସ ଘର ଭଡ଼ା, ବିଦ୍ୟୁତ ଦେୟ, ଇଣ୍ଟରନେଟ୍ ସେବା ଦେୟ ସହ କର୍ମଚାରୀଙ୍କ ପାଇଁ ଶ୍ରମ ଖର୍ଚ୍ଚ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ନବରଙ୍ଗପୁର ଜିଲାର ଜନ ସେବା କେନ୍ଦ୍ର, ମୋ ସେବା କେନ୍ଦ୍ର, ଗ୍ରାମସ୍ତରୀୟ ଉଦ୍ୟାଗୀ ମାନେ କମିସନ ବୃଦ୍ଧି କରିବା ପାଇଁ ଜିଲାପାଳଙ୍କୁ ଦାବିପ୍ରତ୍ର ପ୍ରଦାନ କରିଛନ୍ତି ।



ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

## ନଦୀରୁ ମିଳିଲା ମହିଳାଙ୍କ ମୃତଦେହ

ଡାବୁଗାଁ, ୬।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ନଦୀରେ ଭାସିଯାଇ ନିଖୋଜ ଥିଲେ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଉମୁରାହାଣ୍ଡି ଗ୍ରାମ ନିକଟ ଅଙ୍ଗୀ ନଦୀରେ ବୁଧବାର ଅପରାହ୍ନରେ ଭାସି ଯାଇ ନିଖୋଜ ଥିବା ହରି ଭତ୍ରା ଙ୍କ ସ୍ତ୍ରୀ ମୁକ୍ତାଙ୍କ ମୃତଦେହ ଶୁକ୍ରବାର ମିଳିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ କେସ୍ ନଂ ୨୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ମୁକ୍ତା ସୁଭଦ୍ରା ଯୋଜନାରେ ସହାୟତା ରାଶି ପାଇବା ନିମନ୍ତେ ଆଧାର ପରିଚୟ ପତ୍ରରେ ମୋବାଇଲ ନମ୍ବର ଲିଙ୍କ କରିବା ପାଇଁ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଘରୁ ବାହାରି ଥିଲେ। ସେ ଗ୍ରାମ ପାଖ ଅଙ୍ଗୀ ନଦୀ ପାର ହେଉଥିବାବେଳେ ଗୋଡ଼ ଖସିଯିବାରୁ ସେ ଭାସିଯାଇଥିଲେ। ନଦୀରେ ତାଙ୍କୁ ଭାସୁଥିବା ଦେଖି ଜଣେ ବ୍ୟକ୍ତି ଗ୍ରାମବାସୀ ଓ ମୁକ୍ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଅପରାହ୍ନ ୪ଟାରେ ଡାବୁଗାଁ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ଏହାପରେ ନଦୀ ପାର୍ଶ୍ୱର ଥିବା ବିଭିନ୍ନ ଗ୍ରାମକୁ ଖବର ନିଆଯାଇଥିଲା। ଶୁକ୍ରବାର ୧୧ଟା ସମୟରେ ବରକିଗୁଡ଼ା ଗ୍ରାମ ପଟରେ ନଦୀରେ ମୃତଦେହ ମାସୁଥିବା ଦେଖି ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତକଙ୍କ ସ୍ୱାମୀ ହରି ଭତ୍ରା ଅପରାହ୍ନ ୧ଟା ୩୦ରେ ଡାବୁଗାଁ ଥାନାରେ ଏତଲା ଦେବା ସହ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଏହାପରେ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଥାନା ସବ୍‌ଇନସ୍ପେକ୍ଟର ବିଜୁରାମ ବାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯାଇଛି।

## ସମିତି ଅଜାଣତରେ ଉନ୍ନୟନ କାମ ହେଉଥିବା ଅଭିଯୋଗ

ନବରଙ୍ଗପୁର,୬।୯(ସଦାଶିବ ପ୍ରହରାଜ)

**ଜିଲାପାଳଙ୍କୁ ଲିଖିତଭାବେ ଜଣାଇଲେ ସମିତି ସଭ୍ୟାସଭ୍ୟ**

ସମିତି ସଭ୍ୟଙ୍କ ଅଜାଣତରେ ଅନେକ କାର୍ଯ୍ୟ ପଞ୍ଚାୟତରେ କରାଯାଉଥିବା ନେଇ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପଞ୍ଚାୟତ ସମିତିର କେତେଜଣ ସମିତି ସଭ୍ୟାସଭ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୫ମ ରାଜ୍ୟ ଅର୍ଥ କମିଶନ, ୧୫ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ବିଜୁ କେବିକେ ଯୋଜନା ଅର୍ଥ ଓ ଅନ୍ୟ ପାଣ୍ଠିରୁ ଆସିଥିବା ଅର୍ଥ ଖର୍ଚ୍ଚ କରାଯାଉଛି। ପଞ୍ଚାୟତ ସମିତି ସଦସ୍ୟଙ୍କ ଅଜାଣତରେ କେତେଜଣ ନିଜ ସହଯୋଗୀ ଠିକାଦାରଙ୍କଠାରୁ ଟଙ୍କା ନେଇ ଯେଉଁଠି କାମ କରିପାରିବେ ସେହି ସେହି ପଞ୍ଚାୟତଗୁଡ଼ିକରେ କାମ ରଖୁଛନ୍ତି। ସମିତି ବୈଠକରେ ଉକ୍ତ କାମକୁ ନେଇ ଆଲୋଚନା କରିବା ପାଇଁ କହିଲେ ମଧ ତାହା କରାଯାଉ ନାହିଁ। ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଉନ୍ନୟନ କାର୍ଯ୍ୟ ପାଇଁ ଯାହା ଟଙ୍କା ଆସିଥିଲା ତାହା ଅଜାଣତରେ ଖର୍ଚ୍ଚ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି କରାଯାଇଛି। ସମସ୍ତ ସମିତି ସଭ୍ୟା ସଭ୍ୟଙ୍କ ସହମତିରେ ସମିତିର ସମସ୍ତ ଉନ୍ନତିମୂଳକ କାମ କରେଇବା ଅନୁମତି ପ୍ରଦାନ କରିବା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ସମିତି ସଭ୍ୟ ବିଶ୍ୱନାଥ ଭତରା, ରାମକୃଷ୍ଣ ହରିଜନ, ମଙ୍ଗରୁ ଭତରା, ବିଶ୍ୱନାଥ ଗାଦବା, ତୁଳରାମ ନାୟକ, କୁଞ୍ଜମଣୀ ହରିଜନ, ରୁକ୍ମିଣୀ ମେହେଲା, ବୈଜନ୍ତି ଜାନୀ, ଧରିତ୍ରୀ ମାଝୀ, ମଞ୍ଜୁ ନାୟକ, ବୈଜନ୍ତି ପୂଜାରୀ, ସଂଯୁକ୍ତା ମିରଗାନ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲାପାଳଙ୍କୁ ଦିଆଯାଇଛି।



ଅଭିଯୋଗ ଜଣାଇବାକୁ ଆସିଥିବା ସମିତି ସଭ୍ୟାସଭ୍ୟ।

## ଶିକ୍ଷକ ବଦଳି ପ୍ରତିବାଦ, ସିଆର୍‌ସିସିଙ୍କୁ ସ୍କୁଲରେ ଅଟକ

ଉମରକୋଟ, ୬।୯(ସନ୍ତୋଷ ଶତପଥୀ)

ସ୍କୁଲରେ କାର୍ଯ୍ୟରତ ଜଣେ ଭଲ ଶିକ୍ଷକଙ୍କ ଅନ୍ୟତ୍ର ବଦଳି କରାଯାଇଥିଲା। ଏହାର ପ୍ରତିବାଦ ଓ ବଦଳି ବାତିଲ ଦାବିରେ ଗ୍ରାମବାସୀ ସ୍କୁଲକୁ ଆସିଥିବା ସିଆର୍‌ସିସି ହେମନ୍ତ କୁମାର ସାହୁଙ୍କୁ ଦୀର୍ଘ ୩ଘଣ୍ଟା ଅଟକ ରଖିଥିଲେ। ଶିକ୍ଷକଙ୍କ ବଦଳି ବାତିଲ ଚିଠି ପାଇବା ପରେ ଗ୍ରାମବାସୀ ଅଟକ ସିଆର୍‌ସିସିଙ୍କୁ ଛାଡ଼ିଥିଲେ। ଶୁକ୍ରବାର ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ଅଧୀନ ୨ ନମ୍ବର ୱାର୍ଡରେ ଥିବା ଗୋଡିଗୁଡ଼ା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ଗୋଡିଗୁଡ଼ାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ମଧ୍ୟରେ ୧୯୦ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଇଁ ସ୍କୁଲରେ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ତେବେ ବିଇଓ ଗତ ୪ ତାରିଖରେ ପତ୍ର ସଂଖ୍ୟା ୨୪୪୩/୨୪ରେ ଶିକ୍ଷକ ବାବୁରାମ ପାତ୍ରଙ୍କୁ ୟୁଭି ୧୧ ନାୟକଗୁଡ଼ା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅସ୍ଥାୟୀ ଭାବେ ବଦଳି କରିଥିଲେ। ଏହି ଖବର ଜାଣିବା ପରେ ଶୁକ୍ରବାର ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଥିଲା। ୨ ନମ୍ବର ୱାର୍ଡ କାଉନସିଲର ଚିତ୍ତରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ସ୍କୁଲକୁ ଆସି ହଇଗୋଳ କରିଥିଲେ। ଏହି ସମୟରେ କୌଣସି କାମରେ ସ୍କୁଲକୁ ଆସିଥିବା ସିଆରସିସି ହେମନ୍ତ କୁମାର ସାହୁଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ସିଆର୍‌ସିସିଙ୍କୁ ଭିତରେ ରଖି ସ୍କୁଲ ଗେଟ୍‌କୁ ସେମାନେ ତାଲା ପକାଇ ଦେଇଥିଲେ। ସିଆର୍‌ସିସି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପରେ ବ୍ଲକ୍ ଶିକ୍ଷା ଅଧିକାରୀ ପତ୍ର ସଂଖ୍ୟା ୨୪୫୪/୨୪ ଅନୁସାରେ ବାବୁରାମ ପାତ୍ରଙ୍କ ବଦଳି ବାତିଲ୍ ନେଇ ଚିଠି ସ୍କୁଲ୍‌କୁ ପଠାଇ ଥିଲେ। ଏହାପରେ ଗ୍ରାମବାସୀ ସିଆର୍‌ସିସିଙ୍କୁ ଛାଡ଼ିଥିଲେ। ବଦଳି ବାତିଲ ଆଦେଶ ଆସିବା ପରେ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ଏହାପରେ ସ୍କୁଲରେ ଶିକ୍ଷାଦାନ ସ୍ୱାଭାବିକ ହୋଇଛି। କାଉନସିଲର ଚିତ୍ତ ପାତ୍ର କହିଛନ୍ତି, ୨ ବର୍ଷ ହେଲା ବାବୁରାମ ପାତ୍ର ଏହି ସ୍କୁଲରେ ନିଯୁକ୍ତି ପାଇଛନ୍ତି। ସେ ଭଲ ପଢେଇବା ସହ ପିଲାଙ୍କୁ ନାଚ ଓ ଗୀତ ଶିଖାଉ ଥିବାରୁ ଏହି ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ମଧ୍ୟରେ ଲୋକପ୍ରିୟ ହୋଇପାରିଛନ୍ତି।



ଗ୍ରାମବାସୀ ସ୍କୁଲ ଗେଟ୍‌ରେ ତାଲା ପକାଇ ସିଆର୍‌ସିସିଙ୍କୁ ଅଟକ ରଖିଛନ୍ତି।

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଛି

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)


ବାବୁ ସିଂ


ନଳିନୀ ପ୍ରଧାନ


ସୋଫିଆ ଫିର୍ଦ୍ଦୋସ

**ବିଧାନସଭା: ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଖର୍ଚ୍ଚଦାବି ଆଲୋଚନା**

- **ପ୍ରମାଣ ନ କରିପାରିଲେ ଚପଲ ମୁଣ୍ଡେଇ ଯିବି: ବାବୁ**
- **ଇନ୍ଫନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ଆଡିକ୍ୱେଟ୍ ଡ୍ରେନ୍ ବ୍ୟବସ୍ଥା ହେଉ: ନଳିନୀ**
- **ମନ୍ତ୍ରୀ କୁହନ୍ତୁ, ୨୪ ବର୍ଷରେ ଯାହା ହେଇନି ୫ ବର୍ଷରେ କରିବେ: ସୋଫିଆ**

ବିଧାନସଭାରେ ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଖର୍ଚ୍ଚଦାବି ଆଲୋଚନା ସମୟରେ ବିରୋଧୀ ଦଳ ଉପରେ ଶାସକ ଦଳ ସଦସ୍ୟମାନେ ପ୍ରବଳ ବର୍ଷିଛନ୍ତି। ଏହି ବିଭାଗ ଅଧୀନରେ ଗତ ୨୪ ବର୍ଷ ମଧ୍ୟରେ ବ୍ୟାପକ ଦୁର୍ନୀତି କରାଯାଇଥିବା ଶାସକ ଦଳ ସଦସ୍ୟମାନେ ଅଭିଯୋଗ ଆଣିଛନ୍ତି। ଶାସକ ଦଳ ସଦସ୍ୟ ବାବୁ ସିଂ କହିଛନ୍ତି, ସହରାଞ୍ଚଳରେ ୨୪ ବର୍ଷ ପରେ ନୂଆ ସୂର୍ଯ୍ୟୋଦୟ ହୋଇଛି। ସାଧାରଣ ଲୋକ ଏହାକୁ ଗ୍ରହଣ କରିଛନ୍ତି ବୋଲି ବିଜେଡିକୁ ନେଇ ବିରୋଧୀ ଦଳରେ ବସାଇ ଦେଇଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ବିଜେଡି ସଦସ୍ୟ ଅରୁଣ କୁମାର ସାହୁ ଏବଂ ପ୍ରମିଳା ମଲ୍ଲିକ ଏହାକୁ ବିରୋଧ କରିଥିଲେ। ମୁଁ ପ୍ରମାଣ କରିଦେବି ଯେ ବିରୋଧୀ ଦଳ ନେତା ଗିରଫ ହେବା ଆବଶ୍ୟକ। ଯଦି ପ୍ରମାଣ ନ କରିପାରିବି ତେବେ ଏଇଠୁ ଚପଲ ମୁଣ୍ଡେଇ ଯିବି ବୋଲି ବାବୁ କହିଥିଲେ।


ଗୃହରେ ଚାଲିଥିବା ଖର୍ଚ୍ଚଦାବି ଆଲୋଚନାରେ ଭାଗନେଇ ବାବୁ କହିଥିଲେ, ସହରାଞ୍ଚଳରେ ରହିବା ଲାଗି ବହୁ ଗରିବ ଲୋକ ଏଠାକୁ ଆସୁଛନ୍ତି। ଯଦି ସେମାନେ କେବେ ଜମି କିଣିବାରେ ଠକାମିର ଶିକାର ହେଉଛନ୍ତି, ସେମାନଙ୍କୁ ଠକିଥିବା ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ପୋଲିସ ଗିରଫ କରୁଛି କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ହେଲେ ଗତ ୧୬ ବର୍ଷ ହେଲା ବସ୍ତି ବାସିନ୍ଦାଙ୍କୁ ଜମିବାଡ଼ି, ଘର ଦେବେ ବୋଲି କହି ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଠକି ଚାଲିଥିଲେ। ବାରମ୍ବାର ସର୍ଭେ କରି ମିଛ ଜମି କାଗଜ ଦେଇ ବସ୍ତିବାସିନ୍ଦାଙ୍କୁ ଠକିଛନ୍ତି। ଏହାର ପ୍ରମାଣ ମଧ୍ୟ ଗୃହରେ ଦେଖାଉଛି। ଏହି ପ୍ରମାଣ ଦେଖିବା ପରେ କାହିଁକି ବିରୋଧୀ ଦଳ ନେତାଙ୍କୁ ଗିରଫ କରା ନ ଯିବ। ସେମିତି ୨୪ ବର୍ଷରେ ଭୁବନେଶ୍ୱରରେ ଯେତିକି ଖାଲ ଖୋଳିଛନ୍ତି ତାକୁ ପୂରଣ କରିବା ଲାଗି ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସି ଏଠାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିଅନ୍ତି ତେବେ ତାଙ୍କୁ ମଧ୍ୟ ୫୦ ବର୍ଷ ଲାଗିବ। ବିଜେଡି ସଦସ୍ୟମାନଙ୍କ ମୁହଁରେ ଓଡ଼ିଆ ଅସ୍ମିତା କଥା ଶୋଭାପାଉନାହିଁ। ୨୦୧୪ରେ ଯେତେବେଳେ ଭୁବନେଶ୍ୱରକୁ ସ୍ମାର୍ଟ ସିଟି ଘୋଷଣା କରାଗଲା ତତ୍କାଳୀନ ମେୟର ତଥା ବର୍ତ୍ତମାନର ବିଧାୟକ ଅନନ୍ତ ନାରାୟଣ ଜେନା ତାଙ୍କ କର୍ପୋରେଟରମାନଙ୍କୁ ଧରି ଏମିତି ନାଚି ଧୂଳି ଉଡ଼ାଇଲେ ଯେ ସେକଥା ମନେ ପଡ଼ିଯାଉଛି। ଏହାପରେ ସେ ଗଣମାଧ୍ୟମରେ ଆସି ଭୁବନେଶ୍ୱରକୁ ତାଙ୍କ ସରକାର ଅଳ୍ପଦିନରେ ପ୍ୟାରିସ୍, ଲଣ୍ଡନ କରିଦେବେ ବୋଲି କହିଲେ। କିଛିଦିନ ପରେ ସାଲିଆସାହି ପାଖରେ ଏକ ଡ୍ରେନ୍‌ରେ ଜଣେ ବ୍ୟକ୍ତି ଭାସିଯାଇ ମରିଗଲେ। ଏହାର କିଛିଦିନ ପରେ ଜଣେ ଛୋଟ ଛୁଆ ମୁକୁଳା ଡ୍ରେନ୍‌ରେ ଭାସି ମୃତ୍ୟୁବରଣ କଲେ। ଏହା ହେଉଛି ପ୍ୟାରିସ୍, ଲଣ୍ଡନର ଆତ୍ମକାହାଣୀ। ସେମିତି ସାଇକେଲ ଯୋଜନା ନାଁରେ, ହକି ବିଶ୍ୱକପ୍ ପ୍ରଚାର ନାଁରେ ଲକ୍ଷ ଲକ୍ଷ ଲୁଟ୍ ହେଲା। ମୁଖ୍ୟ ଯୋଜନାରେ ମଧ୍ୟ ବ୍ୟାପକ ଲୁଟ୍ ହୋଇଛି ବୋଲି ବାବୁ କହିଛନ୍ତି।

ବିଜେଡି ସଦସ୍ୟ ନଳିନୀକାନ୍ତ ପ୍ରଧାନ କହିଛନ୍ତି, ନଗର ଉନ୍ନୟନ ବିଭାଗ ଯେତିକି ଟଙ୍କାର ବଜେଟ ଆଣିଛନ୍ତି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ସହରାଞ୍ଚଳର ଅନେକ ରାସ୍ତା ଏବେ ବି କଚ୍ଚା ରହିଛି, ତାକୁ ପକ୍କା କରାଯିବା ଜରୁରୀ। ଇନ୍ଫନ ଛକଠାରୁ ବାଣୀବିହାର ପର୍ଯ୍ୟନ୍ତ ଆଡିକ୍ୱେଟ୍ ଡ୍ରେନ୍ ବ୍ୟବସ୍ଥା କରାଯିବା ଦରକାର। ସରକାର ଏହିସବୁ ପ୍ରତି ଧ୍ୟାନଦେଲେ ଭଲ ବୋଲି ସେ କହିଛନ୍ତି।

କଂଗ୍ରେସ ସଦସ୍ୟ ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ମନ୍ତ୍ରୀ ଏଠାରେ କୁହନ୍ତୁ ଗତ ୨୪ ବର୍ଷରେ ପୂର୍ବତନ ସରକାର ଯାହା ନ କରିପାରିଲେ ତାହା ୫ ବର୍ଷରେ ଭାଜପା ସରକାର କରିବେ। ହେଲେ ଦୁଃଖର ବିଷୟ ତାଙ୍କ ଦଳର ସଦସ୍ୟ କହିସାରିଲେଣି ପ୍ରଧାନମନ୍ତ୍ରୀ ଆସି ଦାୟିତ୍ୱ ନେଲେ ବି ୫୦ ବର୍ଷରେ ଭୁବନେଶ୍ୱରରେ ଯେତିକି ଖାଲ ହୋଇଛି ତାକୁ ପୂରଣ କରିପାରିବେନାହିଁ। କଟକ ସହରରେ ଯେତିକି ସବୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ତାହା କଂଗ୍ରେସ ସରକାର ସମୟରେ କରାଯାଇଛି। ଜାଇକା ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହୋଇଥିବାର ଯେଉଁ ରିପୋର୍ଟ ଆସିଛି ବାସ୍ତବରେ ତାହା ଭୁଲ୍ ତଥ୍ୟ। ଏ ପର୍ଯ୍ୟନ୍ତ ଜାଇକା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ସୋଫିଆ କହିଛନ୍ତି। ଏହି ଆଲୋଚନାରେ ଅନ୍ୟ ସଦସ୍ୟମାନେ ମଧ୍ୟ ଭାଗ ନେଇଥିଲେ।

# ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଦୌଡ଼ରେ ସାଗର


ଭବାନୀପାଟଣା,୬।୯ (ଉତ୍ତମ କୁମାର ଦାଶ)


ସାଗର ଚରଣ ଦାସ

ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଦୌଡ଼ରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ରହିଥିବା ଚର୍ଚ୍ଚାକୁ ଆସିଛି। ଗତ କିଛି ଦିନ ତଳେ ତାଙ୍କୁ ଦିଲ୍ଲୀ ଡ଼କାଯାଇଥିବାବେଳେ ସେଠାରେ ସେ ମୌଖିକ ପରୀକ୍ଷା ଦେଇ ଫେରିଥିବା ଜଣାପଡ଼ିଛି। ସଂସଦରେ ବିରୋଧୀ ଦଳ ନେତା ତଥା କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଜଣେ ଦଳିତ ଶ୍ରେଣୀର ଲଢୁଆ ଯୁବ ଚେହେରାଙ୍କୁ ଏହି ପଦବୀ ଦେବାକୁ ଚାହୁଁଥିବା ଚର୍ଚ୍ଚା ହେଉଛି। ଏ ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଛି। ସାଗର ଦଳିତ ପରିବାରରୁ ହୋଇଥିବାବେଳେ ଜଣେ ଯୁବନେତା ଭାବେ ମଧ୍ୟ ଜଣାଶୁଣା। ଏପରି କି ତାଙ୍କ ବାପା ଭକ୍ତ ଚରଣ ଦାସ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରହିଥିବାବେଳେ ଏଆଇସିସିର ଜଣେ ବରିଷ୍ଠ ନେତା ମଧ୍ୟ ରହିଛନ୍ତି। ସେହିଦୃଷ୍ଟିରୁ ସାଗରଙ୍କୁ ଏହି ପଦ ମିଳିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

# ସରକାରୀ ଦଳ ଅସହିଷ୍ଣୁତାର ସବୁ ସୀମା ଟପିଛି: ବିଜେଡି

ଭୁବନେଶ୍ୱର,୬।୯(ଅନିଲ ଦାସ)


ଖବରଦାତା ସମ୍ମିଳନରେ ବିଜେଡି ନେତୃବୃନ୍ଦ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗରେ ରାଜ୍ୟ ସରକାର ତଥା ଭାଜପା ଯେଉଁଭଳି ଭାବେ ବିରୋଧୀ ଦଳଙ୍କ ପାଟି ବନ୍ଦ କରିବାକୁ ମିଛର ସାହାରା ନେଉଛି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସରକାରୀ ଦଳ ଅସହିଷ୍ଣୁତାର ସବୁ ସୀମା ଟପିଛି ବୋଲି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି। ଶଙ୍ଖଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣେଶ୍ୱର କହିଛନ୍ତି, ଗଣତନ୍ତ୍ରରେ ସହନଶୀଳତା ଏକାନ୍ତ ଆବଶ୍ୟକ। ବିଧାନସଭାରେ ବିରୋଧୀ ଦଳ ରେଭେନ୍‌ଶାର ନାଁ ପରିବର୍ତ୍ତନକୁ ବିରୋଧ କରିବା ସହ ଏହା ଉପରେ ସରକାରୀ ଦଳଠାରୁ କୈଫିୟତ ମାଗିଛନ୍ତି। ସରକାରୀ ଦଳ ଏପର୍ଯ୍ୟନ୍ତ ନୀରବ ରହିବା ଆଶ୍ଚର୍ଯ୍ୟ କରିଛି। ରେଭେନ୍‌ଶା ବିବାଦ ପ୍ରସଙ୍ଗରେ ରାଜ୍ୟର ସବୁ ବର୍ଗର ବ୍ୟକ୍ତି ଯଥା ଛାତ୍ରୀଛାତ୍ର, ପୁରାତନ ଛାତ୍ର ସଂଘ, ବୁଦ୍ଧିଜୀବୀ ଓ ନାଗରିକ ସମାଜ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ନାମ ପରିବର୍ତ୍ତନ ପ୍ରସ୍ତାବ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗୋଟିଏ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ହିସାବରେ ବିଜେଡି ମଧ୍ୟ ଏହାକୁ ବିରୋଧ କରିଛି। କିନ୍ତୁ ଅସହିଷ୍ଣୁତାର ଚରମସୀମା ଭାବେ ବିଜେଡିର ୩ଜଣ ନେତାଙ୍କ ବିରୋଧରେ ଭାଜପା ଆର୍ମ୍ସ ଆକ୍ଟର ୨୭ ଧାରା ଅନୁଯାୟୀ ଥାନାରେ ଏଫ୍‌ଆଇଆର୍ ରୁଜୁ କରିଛି; ଯାହା ପ୍ରତିହିଂସା ରାଜନୀତିର ନିଚ୍ଛକ ଉଦାହରଣ। ତାଙ୍କ ବିରୋଧରେ ଥାନାରେ ଦାଖଲ କରାଯାଇଥିବା ଏଫ୍‌ଆଇଆର୍‌କୁ ପାଠକଲେ ଏହି ଅଭିଯୋଗ ଯେ ସମ୍ପୂର୍ଣ୍ଣ ମିଥ୍ୟା, କପୋଳକଳ୍ପିତ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଛି। ଉଲ୍ଲେଖଯୋଗ୍ୟ, ଏହି ଘଟଣାରେ ଆରମ୍ଭରୁ ଶେଷପର୍ଯ୍ୟନ୍ତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ଆନ୍ଦୋଳନକାରୀଙ୍କ ହାତରେ ଯଦି ମାରଣାସ୍ତ୍ର ଥିଲା, ତା'ହେଲେ ପୋଲିସ ଅଧିକାରୀମାନେ ଦେଖି ପାରି ନ ଥିଲେ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ବିରୋଧୀଙ୍କ ସ୍ୱର ଚପାଇବା ପାଇଁ ଭାଜପା ଏଭଳି ମନଗଢ଼ା କାହାଣୀ ରଚି ମାମଲା ରୁଜୁ କରିଛି। ତୁରନ୍ତ ଏହି ମିଥ୍ୟା ଏଫ୍‌ଆଇଆର୍‌କୁ ପ୍ରତ୍ୟାହାର କରିବା ସହ ଏହି ବିବାଦକୁ ନେଇ ରାଜ୍ୟବ୍ୟାପୀ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ସମ୍ପର୍କରେ ରାଜ୍ୟ ସରକାର ନିଜର ମତ ସ୍ପଷ୍ଟ କରନ୍ତୁ। ଏହି ଖବରଦାତା ସମ୍ମିଳନୀରେ ବିଜେଡି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଉପସ୍ଥିତ ଥିଲେ।

# ନାମାଙ୍କନ ଶୋଭାଯାତ୍ରାରେ ବିଜେଡି, କଂଗ୍ରେସ ନେତାଙ୍କ ଭିଡ଼


ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନେତୃମଣ୍ଡଳୀଙ୍କ ଗହଣରେ ଦଳୀୟ ସମର୍ଥିତ ପ୍ରାର୍ଥୀ।

**ଢିଙ୍କିଆ ପଞ୍ଚାୟତ ନିର୍ବାଚନ**

କୁଜଙ୍ଗ,୬।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟ ନିର୍ବାଚନ ଅକ୍ଟୋବର ୪ରେ ହେବ। ଶୁକ୍ରବାର ଏଥିପାଇଁ ନାମାଙ୍କନ ଦାଖଲର ଶେଷ ଦିନ ଥିଲା। ଏହି ଅବସରରେ ମୋଟ ୩ ଜଣ ସରପଞ୍ଚ ପାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ସମର୍ଥିତ ପ୍ରାର୍ଥିନୀ ଭାବେ ଶାନ୍ତିଲତା ବେହେରା ନାମାଙ୍କନ ଭରିଥିବାବେଳେ ଶିଳ୍ପ ବିରୋଧୀ ଗୋଷ୍ଠୀ ଓ କଂଗ୍ରେସ ମେଣ୍ଟର ସମର୍ଥନରେ ପିଙ୍କି ଦାସ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ମନୀଷା ସେଠୀ ମେଣ୍ଟ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ବୋଲି ଶିଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁ କହିଛନ୍ତି। ଏନେଇ ହୋଇଥିବା ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ବିଜେଡି, କଂଗ୍ରେସ ନେତାଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଜେଡି ସମର୍ଥିତ ପ୍ରାର୍ଥିନୀ ଶାନ୍ତିଲତାଙ୍କ ନାମାଙ୍କନ ଦାଖଲବେଳେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଦାୟୀ ସରପଞ୍ଚ ତଥା ବିଜେଡି ନେତା କିଶୋର କୁମାର ପରିଡ଼ା, ବରିଷ୍ଠ ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ତମିଲ ପ୍ରଧାନ, ଦୀନବନ୍ଧୁ ନାୟକ, ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗୋଚ୍ଛାୟତ ପ୍ରମୁଖ ସାମିଲ ହୋଇଥିଲେ। ବିରୋଧୀ–କଂଗ୍ରେସ ମେଣ୍ଟ ପ୍ରାର୍ଥିନୀଙ୍କ ଶୋଭାଯାତ୍ରାରେ ବିରୋଧୀ ନେତା ଦେବେନ୍ଦ୍ରଙ୍କ ସମେତ ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର ସାମିଲ ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏନେଇ ଢିଙ୍କିଆ ପଞ୍ଚାୟତରେ ରାଜନୀତି ସରଗରମ ହୋଇଉଠିଛି। ଏହାପୂର୍ବରୁ ସେପ୍ଟେମ୍ବର ୪ରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଭାବେ ବାସନ୍ତୀ ଖଟୁଆ ମନୋନୟନ ପତ୍ର ଦାଖଲ କରିଥିଲେ। ସରପଞ୍ଚ ନିର୍ବାଚନ ନିମନ୍ତେ ମୋଟ ୪ ଜଣ ପ୍ରାର୍ଥିନୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ୨୩ଟି ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତରେ ୨୨ ୱାର୍ଡରେ ସଭ୍ୟ ପଦ ପାଇଁ ନିର୍ବାଚନ ହେବ। ୯ନଂ. ୱାର୍ଡ ଅନୁସୂଚିତ ଜନଜାତି ବର୍ଗ ପାଇଁ ସଂରକ୍ଷିତ ଥିଲେ ମଧ୍ୟ ଏଠାରୁ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ। ୱାର୍ଡ ସଭ୍ୟ ପଦ ପାଇଁ ୬୪ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଜେନା କହିଛନ୍ତି।

# ସରପଞ୍ଚ ପଦବୀ ହରାଇଲେ

ମୋହନା,୬।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଦମଦୁଆ ପଞ୍ଚାୟତର ସରପଞ୍ଚ ସରସ୍ୱତୀ ମଲ୍ଲିକଙ୍କ ପଦ ରଦ୍ଦ କରିବା ସହ ତାଙ୍କୁ ଅସିଦ୍ଧ ଘୋଷଣା କରାଯାଇଛି। ତାଙ୍କୁ ସିଭିଲ ଜଜ୍ ଅସିଦ୍ଧ ଘୋଷଣା କରିଛନ୍ତି। ୨୦୨୨ ନିର୍ବାଚନରେ ପରାଜିତ ହୋଇଥିବା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କାଳସୀ ମାଝୀ ସରପଞ୍ଚ ସରସ୍ୱତୀଙ୍କ ୪ଟି ସନ୍ତାନ ଥିବା ନେଇ ଅଭିଯୋଗ କରି କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ସରପଞ୍ଚ ସରସ୍ୱତୀ ନିର୍ବାଚନ ସତ୍ୟପାଠରେ ତାଙ୍କର ୨ଟି ସନ୍ତାନ ଥିବା ଦର୍ଶାଇଥିଲେ। ଫଳରେ ଏହାକୁ ଭିତ୍ତିକରି ଦାଖଲ ମାମଲାର ଶୁଣାଣି କରି ଶୁକ୍ରବାର କୋର୍ଟ ଉପରୋକ୍ତ ରାୟ ଦେଇ ଦମଦୁଆ ପଞ୍ଚାୟତରେ ପୁନଃ ନିର୍ବାଚନ କରିବା ପାଇଁ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ସୁଦର୍ଶନ ସାହୁ ମାମଲା ପରିଚାଳନା କରୁଥିଲେ।


## PANCHAYAT SAMITI OFFICE, PARJANG, DIST- DHENKANAL

E-mail ID: ori-parajang@nic.in, Tel.No.:-06768-261121
No.4943, Date:03.09.24

No.i-117

**TENDER CALL NOTICE NO. 02 OF 2024-25**

DTCN No.02 Date:03.09.2024

**1. Name of the Project:-** Construction of Additional Class Room Building at Kankadasoda Govt. Nodal High School & Construction of Additional Class Room Building at Govt. U.P. School, Kulei. 2. Total No. of Project: 02 Nos. 3. Class of Contractor : "D" Class. 4. Period of Completion : 6 Calendar Months. 5. Other details: As per DTCN.

| Sl. No. | Procurement Officer | Tender Documents will be sold for bidding | | Last date of receipt of Bids | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Parjang | 06.09.2024 | 21.09.2024 | 21.09.2024, 5.30 PM | 24.09.2024, 11.00 AM |

7. Cost of Tender Paper: The Tender specifications can be obtained from Panchayat Samiti Office, Parjang on payment towards cost of tender papers Rs.6000/- (Rupees Six Thousand) only Non-refundable in shape of Bank Draft in favour of Block Development Officer, Parjang. 8. Further details can be seen from the in website portal "https://www.dhenkanal.nic.in. 9. Any other changes/ Corrigendum/ Addendum may be seen only in website portal https://www.dhenkanal.nic.in.

OIPR-19416/11/0001/2425 Sd./- Block Development Officer, Parjang

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଢେଙ୍କାନାଳ ବନଖଣ୍ଡ
## OFFICE OF THE DIVISIONAL FOREST OFFICER DHENKANAL FOREST DIVISION

Tele Fax No-06762226717, e-mail id:dfo.dhenkanal@odisha.gov.in
Bid Identification No.05/2024-25 Date:

**No.MM-140:**The Divisional Forest Officer, Dhenkanal Forest Division on behalf of Governor of Odisha invites Percentage Rate bids in double cover system in offline mode for Barbed Wire fencing at Urban Plantation 2024-25, 5000 Nos. plants inside Bhuban NAC (IGC Scheme) of Bhuban Range under Dhenkanal Forest Division from the class C & D contractors registered with the State Governments and Contractors of equivalent Grade/ Class Registered with Central Government for execution of Civil Works. The tender paper with details of terms and conditions can be available in the website https://dhenkanal.odisha.gov.in. and office of the Divisional Forest Officer, Dhenkanal Division, Dhenkanal in any working day from 05.09.2024 to 12.09.2024 within official hour (10 AM to 5.30 PM) after payment of requisite fee of Rs.1,000/- (One Thousand) only in cash or Account payee Bank Draft in favour of Divisional Forest Officer, Dhenkanal Division with all requisite documents. The bid alongwith relevant documents should reach in the O/o. the Divisional Forest Officer, Dhenkanal Forest Division, At/ Po/Ps/Dist-Dhenkanal- 759001 on or before 12.09.2024 upto 5.30 P.M. through Registered / Speed Post/ Courier Service or by hand only. The tender will be opened in the office of the undersigned on 13th Sept. 2024 at 11.00 AM hrs.

Sd./- Divisional Forest Officer
Dhenkanal Division
OIPR-08037/11/0004/2425

## STATE INSTITUTE FOR DEVELOPMENT OF ARTS & CRAFTS (SIDAC)

SIDAC Handlooms, Textiles & Handicrafts Department, Government of Odisha

**EXPRESSION OF INTEREST**

No. PP-20:- Expression of Interest (EOI) in sealed cover are invited from interested **Architect/Architectural firms** having required eligibility and expertise in revelent field to provide end to end service for organzing **19th Toshali National Crafts Mela** to be held from **1st to 12th December 2024** at Janata Maidan, Bhubaneswar. The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar- 751030, Ph: 06742350318 is **upto 5.00 PM on 20.09.2024**. For details of EOI documents plz visit the following websites:
**www.sidacodisha.org.in,**
**www.odisha.gov.in/textiles**
**www.crafts.odisha.gov.in.**

Sd./-
Member Secretary
OIPR-31036/11/0008/2425

## OFFICE OF THE DIVISIONAL FOREST OFFICER MANGROVE FOREST DIVISION

(WILDLIFE) RAJNAGAR, AT/PO-RAJNAGAR, DIST: KENDRAPARA, PIN NO-754225, TELEPHONE NO:06729-242463
E-mail Id: dfo.rajnagarwl@Odisha.gov.in.

**SHORT TENDER CALL NOTICE**

**No.MM-141:**Sealed tenders in prescribed format in 02 bid systems i.e. Technical bid & Financial bid are invited from Registered Firms/ Suppliers/ Manufacturers having experience in the field for supply of G.I. Chain Link Mesh as per IS-2721-2003 standards to this division at various locations. Details of terms & conditions with Tender Papers are available in this office from 10.00 AM to 05.30 PM on working days till 18.09.2024 (5 PM) and also available in website: wildlife.odisha.gov.in. and www.odishaforest.in. Tender Papers is to reach by Dated 17.09.2024 & will be opened on 19.09.2024 (11 AM) in this office. The undersigned reserves right to accept or reject any or all tenders without assigning any reason thereof.

Sd./- Divisional Forest Officer
Mangrove Forest Division (Wildlife)
OIPR-08053/11/0011/2425 Rajnagar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI

**'e' Procurement Notice**
Bid Reference No. SE MID BPT - 01/2024-25
E-mail: eemikldpbt@gmail.com

No. A-275: Bid documents consisting name of Works, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1 | Name of the works | : | Civil Construction Work |
| 2 | No. of Work | : | 08 (Eight) Nos. |
| 3 | Estimated Cost | : | Varies from Rs.5.62 to 39.96 lakhs (Approximately) |
| 4 | Period of Completion | : | 3 (Three) to 8 (Eight) Calendar Months |
| 5 | Date and Time of availability of bid documents in the portal | : | From 11.09.2024 (11.00 A.M.) to 25.09.2024 (5.00 P.M.) |
| 6 | Last date/time of receipt of bids in the portal | : | Dt.25.09.2024 upto 5.00 P.M. |
| 7 | Date of opening of Bid | : | Dt.26.09.2024 at 11.00 A.M. onwards |
| 8 | Date of Transparent Lottery (If required) | : | Dt.23.10.2024 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

**Further details can be seen from the e-Procurement market place **http://tendersodisha.gov.in**.

Sd./- Er. Jagannath Mallik
Superintending Engineer
OIPR-32531/11/0001/2425 M.I. Division, Kalahandi, Bhawanipatna

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ, ସୋନପୁର
No.O-257
## OFFICE OF THE SUPERINTENDING ENGINEER RURAL WATER SUPPLY & SANITATION DIVISION, SONEPUR

Pin-767017, Ph:06654-220259 (Off), Email:eerwssdivsnpr@gmail.com

The following change is hereby made to Bid Identification No.01/2024-25 of RWS&S Division, Sonepur whereas all other terms & conditions remain unaltered.

| Sl.No. | As per Original TCN | As per Corrigendum |
|---|---|---|
| (i) | Availability of Tender online for bidding from Dt.03.09.2024 to 17.09.2024, Last date of seeking clarification dt.06.09.2024 & Technical Bid Opening date 19.09.2024 at 11.30 hours. | Availability of Tender online for bidding from Dt.12.09.2024 to 24.09.2024, Last date of Seeking clarification dt.17.09.2024 & Technical Bid opening date 26.09.2024 at 11.30 hours. |

N.B: 1. If the Office happens to be closed on the date of opening of Tenders, Tenders will be opened on the next working day in the same time. 2. Authority reserves the right to cancel or reject any/all of the tenders without assigning any reason thereof. 3. Further details can be seen in the bidding documents which is available in the e-procurement portal https://www.tendersodisha.gov.in.

Sd./- (Er. Tapan Kumar Padhan)
Superintending Engineer
OIPR-25037/11/0002/2425 RWS&S Division, Sonepur

See Career Appointment on every Wednesday & Saturday

## GOVERNMENT OF ODISHA No.i-125
## OFFICE OF BLOCK DEVELOPMENT OFFICER MURIBAHAL, BOLANGIR

**'E' PROCUREMENT NOTICE No.**
**Tender ONLINE/01/2024-25/MURIBAHAL BLOCK**

1. Name of Work : Building Works
2. Total No. of Works : 04 No. of Works
3. Estimated Cost (Approx) : Rs.1272728 / TO Rs.1395327/-
4. Period of Completion : 180 days
5. Class of Contractors : C & D

Other details as follows :
a) Procurement Officer : Block Development Officer Muribahal, Bolangir
b) Availability of tender online : 12.09.2024 at 11.00 AM to submission of bid 22.09.2024 upto 5.30 PM &
c) Last date & time of seeking of tender clarification : 20.09.2024 upto 5.30 PM
d) Opening of Tender : 25.09.2024 at 11.00 A.M.

Further details can be seen from the Govt. website www.tendersodisha.gov.in.

Sd./-
Block Development Officer
OIPR-19348/11/0001/2425 Muribahal

## Government of Odisha No.O-251
## "e" Procurement Notice

**Bid Identification No.: Online-AGL-03 of 2024-25**

1. Name of the Work : Building Works
2. Estimated Cost : Rs.36.16 to 39.02 Lakhs
3. Period of Completion : 06 (Six) Calendar Months
4. Date & Time of availability of bid document in the portal : From 11.09.2024 to 17.09.2024 upto 5.00 P.M.
5. Last Date/ Time for receipt of bids in the Portal : 17.09.2024 upto 5.00 P.M.
6. Name & Address of the OIT : Executive Engineer Rural Works Division Angul

Further details can be seen from the Govt. website **www.tendersorissa.gov.in.**

Sd./- Executive Engineer
OIPR-25096/11/0004/2425 R.W.Division, Angul

## REGULATED MARKET COMMITTEE, PADAMPUR

**No.357/ Date: 03.09.2024**
**INVITATION OF BIDS THROUGH e-Procurement**
**Bid Identification No.01 of 2024-25**
No.H-16: **(Ref-TCN No.354/ dated 03.09.2024)**

| Sr. No. | Item | Details |
|---|---|---|
| 1 | The Sub-Collector-cum-Chairman, RMC, Padampur, invites percentage rate bids in Double Cover System in ONLINE MODE only for work as detailed below: | |
| 2 | Nature of the Work | Construction of building type works |
| 3 | No. of Work | 02 Nos. |
| 4 | Bid Cost | Rs.10000.00 online transfer. |
| 5 | Value of Tender | Rs.413.16 lakhs & Rs.346.71 lakhs |
| 6 | Class of Contractor | "A" Class |
| 7 | Availability of BID documents in the website | Dt.06.09.2024 to 20.09.2024 |
| 8 | Last date/time of Receipt of bids in the portal | Dt.20.09.2024 upto 5.00 P.M. |
| 9 | Date of Opening of Bid | Dt.21.09.2024 at 11.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/ Cancellation of the Tender etc can also be seen in the website: https://tendersorissa.gov.in. | |

Sd./- Sub-Collector-Padampur-cum-Chairman
OIPR-07044/11/0002/2425 RMC, Padampur

**ବିଏର ଫେଷ୍ଟିଭ ଅଫର**

ନୂଆଦିଲ୍ଲୀ: ଭାରତୀ ଏୟାରଟେଲ(ବିଏ)ର ବହୁ ପ୍ରତୀକ୍ଷିତ 'ଫେଷ୍ଟିଭ ଅଫର'ର ଶୁଭାରମ୍ଭ ଶୁକ୍ରବାର ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ବିଶେଷକରି ବିଏ ବା ଏୟାରଟେଲର ପ୍ରିପେଡ୍ ଗ୍ରାହକମାନଙ୍କ ଲାଗି ଏହି ସ୍ୱଳ୍ପ ଅବଧି ଅଫର ୨୦୨୪ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ସମସ୍ତ ବିଏ ଷ୍ଟୋରରେ ଉପଲବ୍ଧ ହେବ। ଏହି ମାତ୍ର ୬ଦିନର ବୈଧ ସମୟ ମଧ୍ୟରେ ବ୍ରାଣ୍ଡ ଗ୍ରାହକମାନଙ୍କୁ ୩ଟି ବିଶେଷ ଧରଣର ଉପଯୋଗୀ ପ୍ୟାକ୍ ପ୍ରଦାନ କରିବାକୁ ଯାଉଛି ଏପରିକି ୯୭୯ ଟଙ୍କା, ୧୦୨୯ ଟଙ୍କା ଏବଂ ୩୫୯୯ଟଙ୍କାର ପ୍ଲାନ୍ ଉପରେ ଗ୍ରାହକ ଭଏସ୍, ଡେଟା ଏବଂ ଓଟିଟି ଷ୍ଟ୍ରିମିଂ ଭଳି ଅନେକ ସେବାର ବିଶେଷ ସୁବିଧା ମଧ୍ୟ ପାଇପାରିବେ।

# ସେମିକଣ୍ଡକ୍ଟର ଉତ୍ପାଦନରେ ଭାରତ ପ୍ରମୁଖ ସ୍ଥାନ ହେବ

## ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ସୁବିଧା ଲଞ୍ଚ

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)




ଭାରତର ସେମିକଣ୍ଡକ୍ଟର ପାୱାର ଇଲେକ୍ଟ୍ରୋନିକ୍ସ ଟେକ୍ନୋଲୋଜିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ଼ ଦ୍ୱାରା ସ୍ଥାପିତ ହେବାକୁ ଥିବା ଭାରତର ପ୍ରଥମ ସିଲିକନ କାର୍ବାଇଡ ଉତ୍ପାଦନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱର ଇନ୍‌ଫୋଭାଲିସ୍ଥିତ ଇଏମ୍‌ସି ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ବିଭାଗର ମୁଖ୍ୟ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ସଚିବ ବିଶାଲ ଦେବ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର୍.ପି. ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ପ୍ରମୋଟର ଶ୍ରୀପଦ କରମଲକର, ଡ. ହର୍ଷଦ ମେହେତାଙ୍କ ସମେତ ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରେଳ, ପ୍ରତିରକ୍ଷା, ଶକ୍ତି, ପରିବହନ, ଏରୋସ୍ପେସ୍ ଏବଂ ସ୍ଥାୟୀ ଶକ୍ତି ଭଳି ସେକ୍ଟରରେ ବ୍ୟବହାର ପାଇଁ ଆର୍‌ଆଇଆର୍‌ର ଉତ୍ପାଦଗୁଡିକ ଅନ୍ତର୍ଜାତୀୟ ସ୍ତରରେ, ଉତ୍ତର ଆମେରିକା, ୟୁରୋପ ଏବଂ ଏସିଆରେ ବିକ୍ରି ହେଉଛି। ୩ବର୍ଷ ମଧ୍ୟରେ ୬୨୦ କୋଟି ଟଙ୍କା ମୂଲ୍ୟରେ ପାୱାର ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଓଡ଼ିଶାର ପ୍ରବେଶ ଦିଗରେ ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଅତ୍ୟାଧୁନିକ ଜ୍ଞାନକୌଶଳ, କୁଶଳୀ ମାନବ ଶକ୍ତି ଏବଂ ସ୍ଥାୟୀ ଅଭ୍ୟାସରେ ବିପୁଳ ପରିମାଣର ବିନିଯୋଗ କରିଛି। ଏହି ସୁବିଧା ଗବେଷଣା ଏବଂ ବିକାଶଠାରୁ ଆରମ୍ଭକରି କାରଖାନା କାର୍ଯ୍ୟ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ୫୦୦ ରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି କରିବ, ଯାହା ବୃହତ୍ ରୋଜଗାରର ସୁଯୋଗ ଯୋଗାଇବ ବୋଲି ଆଶା କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ସୁବିଧା ପ୍ରତିଷ୍ଠା ଆମର ଓଡ଼ିଶାକୁ ଭାରତର ଏକ ପ୍ରମୁଖ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବା ପାଇଁ ଆମର ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହି ନୂତନ ସୁବିଧା କେବଳ ଅତ୍ୟାଧୁନିକ ଉତ୍ପାଦ ସୃଷ୍ଟି କରିବ ନାହିଁ ବରଂ ଆମର ପ୍ରତିଭାବାନ ଯୁବକମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। ସେମାନଙ୍କୁ ଓଡ଼ିଶାରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବାର ସୁଯୋଗ ଦେବ। ଏହି ସୁବିଧା କୁଶଳୀ ବୃତ୍ତିଗତମାନଙ୍କୁ ଆକର୍ଷିତ କରିବ, ସ୍ଥାନୀୟ ନବସୃଜନକୁ ଉତ୍ସାହିତ କରିବ। ସେହିପରି ଅର୍ଥନୈତିକ ଅଭିବୃଦ୍ଧି ଘଟାଇବା ସହ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ଭାରତର ପ୍ରମୁଖ ସ୍ଥାନ ଭାବରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେମିକଣ୍ଡକ୍ଟର ନୀତି ବ୍ୟତୀତ ଓଡ଼ିଶାର ଫ୍ଲାଗସିପ ଓ-ଚିପ୍ କାର୍ଯ୍ୟକ୍ରମ ଏକ ନିଆରା ପଦକ୍ଷେପ ଭାବରେ ଉଭା ହୋଇଛି ଯାହା ସେମିକଣ୍ଡକ୍ଟର ଡିଜାଇନ ଷ୍ଟାର୍ଟଅପ୍, କମ୍ପାନୀ ଏବଂ ଶିକ୍ଷାନୁଷ୍ଠାନକୁ ବ୍ୟାପକ ସହାୟତା ପ୍ରଦାନ କରିଥାଏ। ଏହି ପ୍ରୋଗ୍ରାମ କମ୍ପାନୀଗୁଡ଼ିକୁ ଇଡିଏ ସାଧନ ଏବଂ ଆଇପି, ମାର୍କେଟ ସଂଯୋଗ, ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ସୁବିଧା ଯୋଗାଇବ। ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ବ୍ୟତୀତ ଭୁବନେଶ୍ୱରରେ ନୂତନ ସୁବିଧା ସ୍ଥାପନ ପାଇଁ ଓଡ଼ିଶା ସେମିକଣ୍ଡକ୍ଟର ତଥା ଆନୁଷଙ୍ଗିକ କ୍ଷେତ୍ରରେ ଅନ୍ୟାନ୍ୟ ପୁଞ୍ଜି ବିନିଯୋଗ ପ୍ରସ୍ତାବ ଗ୍ରହଣ କରିଛି। ବୈଷୟିକ ଏବଂ ଅନୁସନ୍ଧାନ ସହଯୋଗ ପାଇଁ ଆର୍‌ଆଇଆର୍ ମଧ୍ୟ ଆଇଆଇଟି, ଭୁବନେଶ୍ୱର ସହିତ ଯୋଡ଼ିହୋଇଛି।

# ଜେଏସ୍‌ଏଲ୍‌ର ନୂଆ ମାଇଲଷ୍ଟୋନ୍

ଭୁବନେଶ୍ୱର,୬।୯ (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଉଚ୍ଚ ଶକ୍ତିସମ୍ପନ୍ନ ଟେମ୍ପର୍ଡ ୩୦୧ ଏଲ୍ ଗ୍ରେଡ୍ ଅଷ୍ଟେନିଟିକ୍ ଷ୍ଟେନ୍‌ଲେସ୍ ଷ୍ଟିଲର ଉଲ୍ଲେଖନୀୟ ସଫଳତା ପାଇଁ କମ୍ପାନୀ ନିକଟରେ ଆଉ ଏକ ନୂଆ ମାଇଲଷ୍ଟୋନ ହାସଲ କରିଛି। ବିଶେଷ କରି ବନ୍ଦେ ଭାରତ ସ୍ଲିପର କୋଚ୍‌ରେ ଏହି ଅତ୍ୟାଧୁନିକ ଷ୍ଟିଲ୍ ବ୍ୟବହାର ହୋଇଛି। ଜେଏସ୍‌ଏଲ୍ ଏହି ପ୍ରକଳ୍ପ ପାଇଁ ଉଚ୍ଚ ଶକ୍ତିସମ୍ପନ୍ନ ଟେମ୍ପର୍ଡ ୩୦୧ ଏଲ୍ ଗ୍ରେଡ୍ ଅଷ୍ଟେନିଟିକ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଯୋଗାଇଛି। ଏପରିକି ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍) ଏବଂ ଭାରତ ଆର୍ଥ ମୁଭର୍ସ ଲିମିଟେଡ୍ (ବିଇଏମ୍‌ଏଲ୍) ଏହି କୋଚ୍ ନିର୍ମାଣ କରିଛନ୍ତି। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଉଚ୍ଚ ଶକ୍ତିସମ୍ପନ୍ନ ସାମଗ୍ରୀ ବ୍ୟବହାର ସହ ଏହି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ୮୦୦ କି.ମି.ରୁ ୧୨୦୦ କି.ମି. ଯାତ୍ରା ପାଇଁ ଡିଜାଇନ କରାଯାଇଛି, ଯାହାର ପ୍ରୋଟୋଟାଇପ୍‌କୁ ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବେଙ୍ଗାଲୁରୁଠାରେ ଉନ୍ମୋଚନ କରିଥିଲେ। ସେହିଭଳି ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ସ୍ଥାୟିତ୍ୱ ପ୍ରଦାନ କରିବା ସହ ଏହି କୋଚ୍ ନିର୍ମାଣରେ ବ୍ୟବହୃତ ଟେମ୍ପର୍ଡ ୩୦୧ ଏଲ୍ ଅଷ୍ଟେନିଟିକ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଗୁଣବତ୍ତା ଓ ଏହାର କ୍ଷୟ ପ୍ରତିରୋଧୀ ବୈଶିଷ୍ଟ୍ୟ କାରଣରୁ କମ୍ ଜୀବନଚକ୍ର ଖର୍ଚ୍ଚ ସୁନିଶ୍ଚିତ କରିଛି। ଫଳରେ ଦୀର୍ଘମିଆଦୀ ବିଶ୍ୱସନୀୟତା ସହ ରେଳ ପରିବହନରେ ଏହା ସୁରକ୍ଷାର ମାନ ବଜାୟ ରଖିବା ସାଙ୍ଗକୁ ଧକ୍କା ଓ ଅଗ୍ନି ପ୍ରତିରୋଧୀ ବୈଶିଷ୍ଟ୍ୟ ଯୋଗୁଁ ଯାତ୍ରୀଙ୍କ ସୁରକ୍ଷାକୁ ମଧ୍ୟ ବଢ଼ାଇଥାଏ ବୋଲି ବିସ୍ତୃତ ଭାବେ କୁହାଯାଇଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଦ୍ୱାରା ଭାରତୀୟ ରେଳବାଇରେ ଅଭିନବତାର ଏକ ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି ଏବଂ ଆମେ ଏହି ରୂପାନ୍ତରଣ ପ୍ରକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରି ଗର୍ବ ଅନୁଭବ କରୁଛୁ, ଯାହା ଭାରତରେ ଦୀର୍ଘ ଦୂରତା ଯାତ୍ରାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଟେମ୍ପର୍ଡ ୩୦୧ ଏଲ୍ ଅଷ୍ଟେନିଟିକ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ଦ୍ୱାରା ପ୍ରତ୍ୟେକ କୋଚର ଓଜନ ପ୍ରାୟ ୨ଟନ୍ ହ୍ରାସ ପାଇବ। ଏହି ଓଜନ ହ୍ରାସ ଯୋଗୁ ଉନ୍ନତ ଶକ୍ତି ଦକ୍ଷତା ସହ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ ହେବ, ଯାହା ଆଧୁନିକ ରେଳ ପରିବହନର ସଷ୍ଟେନେବଲ୍ ଲକ୍ଷ୍ୟ ପୂରଣରେ ସହାୟକ ହେବ।

# ଗଣେଶପୂଜାରେ ୨୫ କୋଟିର ବ୍ୟବସାୟ ଆକଳନ

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ଗଣେଶପୂଜା ସାରା ଦେଶରେ ଖୁବ୍ ଉତ୍ସାହର ସହ ପାଳନ କରାଯାଉଥିବାବେଳେ ପୂଜା ବ୍ୟବସାୟ ମଧ୍ୟ ବଢ଼ିବାରେ ଲାଗିଛି। ଭାରତୀୟ ବ୍ୟବସାୟୀମାନେ ଚାଇନା ନିର୍ମିତ ସାମଗ୍ର ପରିବର୍ତ୍ତେ ସ୍ୱଦେଶୀ ଉତ୍ପାଦ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। କନ୍‌ଫେଡେରେଶନ ଅଫ୍ ଅଲ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି)ର ଆକଳନ ଅନୁଯାୟୀ ଗଣେଶ ପୂଜା ଚଳିତ ବର୍ଷ ପ୍ରାୟ ୨୫୦୦୦ କୋଟି ଟଙ୍କା ବ୍ୟବସାୟ ହେବ। ଏହି ଉତ୍ସବକୁ ନେଇ ସିଜିନ୍ ବ୍ୟବସାୟୀମାନେ ବେଶ୍ ଆଶାବାଦୀ ଅଛନ୍ତି। ପୂର୍ବରୁ ରାଖୀ ପୂର୍ଣ୍ଣିମା ଏବଂ ଜନ୍ମାଷ୍ଟମୀରେ ମଧ୍ୟ ରେକର୍ଡ ପରିମାଣ ବ୍ୟବସାୟ ହୋଇଥିଲା। ସିଏଆଇଟି ଜାତୀୟ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ଗଣେଶ ଚତୁର୍ଥୀ ନେଇ ମହାରାଷ୍ଟ୍ର, କର୍ନାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ ଗୋଆ ଭଳି ଅଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସିଏଆଇଟି ଜାତୀୟ ସଭାପତି ବି.ସି. ଭାରତୀ କହିଛନ୍ତି, ଏହି ରାଜ୍ୟଗୁଡ଼ିକରେ ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା କରାଯାଇଥିବା ସର୍ଭେ ପରେ ୨୦ ଲକ୍ଷରୁ ଅଧିକ ଗଣେଶ ପେଣ୍ଡାଲ ପ୍ରତିଷ୍ଠା କରାଯାଇଛି। ଯଦି ପ୍ରତ୍ୟେକ ପେଣ୍ଡାଲରେ ସର୍ବନିମ୍ନ ୫୦,୦୦୦ ଟଙ୍କା ଖର୍ଚ୍ଚ ମଧ୍ୟ ବିଚାର କରାଯାଏ, ତେବେ ଏହି ସଂଖ୍ୟା ୧୦,୦୦୦ କୋଟିରୁ ଅଧିକ ହେବ। ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ଗଣେଶ ମୂର୍ତ୍ତି ବ୍ୟବସାୟ ମୂଲ୍ୟ ୫୦୦ କୋଟିରୁ ଆକଳନ କରାଯାଇଛି।

# ପାର୍ବଣ ପୂର୍ବରୁ ମିଶୋରେ ୮.୫ ଲକ୍ଷ ନୂଆ ନିଯୁକ୍ତି

ଭୁବନେଶ୍ୱର,୬।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ପାର୍ବଣ ପୂର୍ବରୁ ମିଶୋ ପ୍ରାୟ ୮.୫ ଲକ୍ଷ ନୂଆ ନିଯୁକ୍ତି (ଋତୁକାଳୀନ ଚାକିରି) ଦେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତର ପ୍ରମୁଖ ଇ-ବାଣିଜ୍ୟ ମାର୍କେଟ ପ୍ଲେସ୍ 'ମିଶୋ' ଚଳିତ ବର୍ଷର ପାର୍ବଣ ପୂର୍ବରୁ ତା'ର ବିକ୍ରେତା ନେଟ୍‌ୱର୍କ ମାଧ୍ୟମରେ ୮.୫ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା ବେଳେ ଦେଶର ଟାୟାର ୩ ଓ ୪ ଅଞ୍ଚଳଗୁଡ଼ିକ ପାଇଁ ଏହି ନିଯୁକ୍ତି ପ୍ରକ୍ରିୟା କାର୍ଯ୍ୟକାରୀ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଋତୁକାଳୀନ ନିଯୁକ୍ତିରେ ଏହା ପ୍ରାୟ ୭୦% ଅଧିକ ବୋଲି କୁହାଯାଉଛି। ସେହିଭଳି ଚଳିତ ବର୍ଷ ମିଶୋର ବିକ୍ରେତାମାନେ ଉତ୍ସବ ଋତୁ ଲାଗି ସେମାନଙ୍କ ଆବଶ୍ୟକତାର ଅଂଶ ଭାବେ ୫ଲକ୍ଷ ମୌସୁମୀକାଳୀନ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି। ଏ ସମ୍ପର୍କରେ ମିଶୋର ସିଏକ୍ସଓ (ଫୁଲ୍‌ଫିଲମେଣ୍ଟ ଆଣ୍ଡ ଏକ୍ସପ୍ରିଏନ୍ସ) ସୌରଭ ପାଣ୍ଡେ କହିଛନ୍ତି, ଛୋଟ ବ୍ୟବସାୟ ତଥା ସ୍ଥାନୀୟ ଉତ୍ପାଦକଙ୍କ ଅଭିବୃଦ୍ଧିରେ ମିଶୋ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ଉତ୍ସବ ଋତୁରେ ଆମେ ବିଶେଷ ଭାବେ ୮.୫ ଲକ୍ଷ ମୌସୁମୀକାଳୀନ ନିଯୁକ୍ତିକୁ ସକ୍ଷମକରି ଅତ୍ୟଧିକ ଆନନ୍ଦିତ ଅଛୁ। ଏପରିକି ସ୍ଥାନୀୟ ଉତ୍ପାଦକ ଓ ଲଜିଷ୍ଟିକ୍ ପ୍ରଦାନକାରୀଙ୍କୁ ସେମାନଙ୍କ ବ୍ୟବସାୟକୁ ଅଧିକ ସଶକ୍ତ କରିବା ଲାଗି ଆମେ ଅଧିକ ଧ୍ୟାନ ଦେଇଛୁ, ଯାହା ଦ୍ୱାରା ସେମାନଙ୍କ ଲାଗି ଅର୍ଥନୈତିକ ସମର୍ଥନ ଓ ସୁଯୋଗ ସୃଷ୍ଟି ହୋଇପାରିବ। ଆମର ବିକ୍ରେତା, ଲଜିଷ୍ଟିକ୍ ସହଭାଗୀ ଓ ଗ୍ରାହକଙ୍କ ଲାଗି ଏହା ହେଉଛି ଏକ ସର୍ବୋଚ୍ଚ ସମୟ। ଆମ ଉଦ୍ଦେଶ୍ୟ ସଭିଙ୍କ ପାଇଁ ଇ-ବାଣିଜ୍ୟ ଉପଲବ୍ଧତାକୁ ନିଶ୍ଚିତ କରାଇବା।

# ବଜାରରେ ନିଶାନ୍‌ର ଅଲ୍ ନ୍ୟୁ ଏକ୍ସ-ଟ୍ରେଲ୍




ଭୁବନେଶ୍ୱର,୬।୯ (ଅଭୟ ଦାଶ)

ନିଶାନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଏକ୍ସ-ଟ୍ରେଲ୍‌ର ଅନାବରଣ ଓ ବଜାର ପ୍ରବେଶ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀର କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜାହ୍ନବୀ ନିଶାନ (ଜାହ୍ନବୀ ଅଟୋମୋଇଲ୍ସ ପ୍ରାଇଭେଟ୍ ଲିମିଟେଡ୍)ର ଭୁବନେଶ୍ୱର ନିକଟସ୍ଥ ପାହାଳ ପ୍ରାଚୀ ବଜାରସ୍ଥିତ ଶୋ'ରୁମ୍‌ଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର (ଅଲ୍ ନ୍ୟୁ ଏକ୍ସ-ଟ୍ରେଲ୍)ର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇର ଡିଜିଏମ୍ (ରିଟେଲ ଏବଂ ରିଅଲ ଇଷ୍ଟେଟ ବିଭାଗ) ନୀତୀଶଙ୍କ ସମେତ ସୁଶୀଲ ବେହେରା, ସୁଭାଷ ପାଣି, ମହେଶ ଉପାଧ୍ୟାୟ ଏବଂ ପାହାଳ ଗ୍ରାମର ବରିଷ୍ଠ ନାଗରିକ ତଥା ସଭାପତି ପଦ୍ମନାଭ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ଏକ୍ସ-ଟ୍ରେଲ୍‌ରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ଆକର୍ଷଣୀୟ ଡିଜାଇନ ଓ ସୁରକ୍ଷା ବ୍ୟବସ୍ଥା ଉକ୍ତ ମଡେଲକୁ ଆହୁରି ଚିତ୍ତାକର୍ଷକ କରିଛି। ସେହିଭଳି ଟେକ୍ନୋଲୋଜି ଦୃଷ୍ଟିରୁ ଏହା ବେଶ୍ ଉଚ୍ଚକୋଟୀ ହୋଇଥିଲାବେଳେ ଏହାର ଫିଚରଗୁଡିକ ମଧ୍ୟ ଆଧୁନିକ ପ୍ରଣାଳୀରେ ସାମିଲ ରହିଛି। ଏପରିକି ବଡି ଡିଜାଇନ ଓ ଭାରିଆଣ୍ଟ ସାଙ୍ଗକୁ ୩ଟି ଆକର୍ଷଣୀୟ କଲରରେ ଏହା ଉପଲବ୍ଧ ଥିଲାବେଳେ ଏହାର ବଜାର ମୂଲ୍ୟ ( ଏକ୍ସ ଶୋ'ରୁମ୍ ମୂଲ୍ୟ) ୪୯.୯୨ ଲକ୍ଷ ଟଙ୍କା ରହିଛି। ଏ ସମ୍ପର୍କରେ ଜାହ୍ନବୀ ନିଶାନ (ଜାହ୍ନବୀ ଅଟୋମୋଇଲ୍ସ ପ୍ରାଇଭେଟ୍ ଲିମିଟେଡ୍)ର ଏମ୍‌ଡି ଅମିତ କୁମାର ଜୟସ୍ୱାଲ କହିଥିଲେ, ଆମେ ଆମର ଶୋ'ରୁମ୍ ପରିସରରେ ନିଶାନ ଏକ୍ସ-ଟ୍ରେଲ୍‌ର ଅନାବରଣ ସହ ବଜାର ପ୍ରବେଶକରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଦୀର୍ଘଦିନ ଧରି ଅପେକ୍ଷାକରି ରହିଥିବା ଆଶାୟୀ ଗ୍ରାହକଙ୍କୁ ଏହି ମଡେଲ ହସ୍ତାନ୍ତର କରାଇ ଆମର ସମସ୍ତ କର୍ମଚାରୀ ଆନନ୍ଦିତ ହୋଇଛୁ। ସେହିଭଳି ଜାହ୍ନବୀ ନିଶାନର ଜିଏମ୍ ସଞ୍ଜୟ ପଣ୍ଡା ଅନାବରଣ ଉତ୍ସବର ସଂଯୋଜନା ସହ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶୋ'ରୁମ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଆଶାୟୀ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ।

## ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୬।୯:** କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୧୭ (୧୦୧୭.୨୩) ପଏଣ୍ଟ କମି ୮୧,୧୮୪ (୮୧,୧୮୩.୯୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୯୩ (୨୯୨.୯୫) ପଏଣ୍ଟ ହ୍ରାସ ଘଟି ୨୪,୮୫୨ (୨୪,୮୫୨.୧୫) ଅଙ୍କରେ କାରବାର ଶେଷ କରିଥିଲା।

# ପେଟ୍ରୋକେମିକାଲ ହବ୍ ହେବାକୁ ଓଡ଼ିଶା ପ୍ରସ୍ତୁତ

## ଇଣ୍ଡିଆ କେମ୍ ୨୦୨୪ ପରିପ୍ରେକ୍ଷୀରେ ଶିଳ୍ପ ସମ୍ମିଳନୀ

ଭୁବନେଶ୍ୱର,୬।୯ (ଅନୁରାଧା ମହାରଣା)

ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନ ରାସାୟନିକ ଓ ପେଟ୍ରୋକେମିକାଲ ବିଭାଗ ପକ୍ଷରୁ ଫିକିର ମିଳିତ ସହଯୋଗରେ ଭୁବନେଶ୍ୱରଠାରେ ଇଣ୍ଡିଆ କେମ୍ ୨୦୨୪ ପରିପ୍ରେକ୍ଷୀରେ ଶିଳ୍ପ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ଆଡଭାନ୍ସଡ୍ ଇଣ୍ଡିଆ: ଇଣ୍ଡିଆନ କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ ପେଭିଂ ଦି ଫ୍ୟୁଚର'ଶୀର୍ଷକ ତ୍ରୟୋଦଶ ଦ୍ୱିବାର୍ଷିକ ଆନ୍ତର୍ଜାତିକ ପ୍ରଦର୍ଶନୀ ଓ ସମ୍ମିଳନୀ ୨୦୨୪ ଅକ୍ଟୋବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁ ଥିବାବେଳେ ଏନେଇ ବୁଧବାର ଅନୁଷ୍ଠିତ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯାଇଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଆୱାର୍ଡ ଟୁ ରିୱାର୍ଡ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୯ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ 'ଆୱାର୍ଡ ଟୁ ରିୱାର୍ଡ'କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଗୁରୁଦିବସ ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ 'ଓଡ଼ିଶାରେ ମହିଳା ଉଦ୍ୟମିତା ମଞ୍ଚ' ୱେପ୍ 'ଆୱାର୍ଡ ଟୁ ରିୱାର୍ଡ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ଭବିଷ୍ୟତର ଶିଳ୍ପପତିଙ୍କ ନିର୍ମାଣ' ଶୀର୍ଷକରେ ହୋଇଥିବା ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ ହେଉଛି ଦେଶରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ଶକ୍ତିଶାଳୀ ଏବଂ ସମାନୁପାତି ପରିବେଶ ଗଢ଼ିବା କାର୍ଯ୍ୟକ୍ରମଟିରେ ଚିତ୍ରାଂଶୀ ବରଣୱାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଏସ୍‌ଏସ୍‌ଏ ଇନୋଭେଶନ ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ବରଦା ପ୍ରସାଦ ପାଣିଗ୍ରାହୀ ଅଭିଭାଷଣରେ କହିଥିଲେ,ଅନୁଷ୍ଠାନ ଦ୍ୱାରା ୧୯୦ ରୁ ଅଧିକ ଷ୍ଟାର୍ଟଅପ୍ ଆରମ୍ଭ କରାଯାଇଛି,ଯାହା ମଧ୍ୟରୁ ୩୦%ରୁ ଅଧିକ ମହିଳାଙ୍କ ନେତୃତ୍ୱରେ ଚାଲୁଛି। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ସାମଗ୍ରିକ ଭାବେ ୨ କୋଟି ଟଙ୍କାରୁ ଅଧିକ ଅର୍ଥରାଶି ଏକତ୍ର କରିଛନ୍ତି 'ଆୱାର୍ଡ ଟୁ ରିୱାର୍ଡ' କାର୍ଯ୍ୟକ୍ରମ ସହ ଏହା ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା। ଏହା କଲେଜ ଛାତ୍ରୀଛାତ୍ରମାନଙ୍କୁ ନୂତନତ୍ୱ ଓ ସଫଳ ନେତୃତ୍ୱ ନେବାକୁ ପ୍ରୋତ୍ସାହିତ କରିଥାଏ। ନୀତି ଆୟୋଗର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏବଂ ୱେପ୍‌ର ମିଶନ ନିର୍ଦ୍ଦେଶିକା ଆନ୍ନା ରାୟ ନିଜ ସମ୍ବୋଧନରେ କହିଥିଲେ, ଏହି କାର୍ଯ୍ୟକ୍ରମ ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଏବଂ କର୍ମଶକ୍ତି ଏହି ୩ଟି ମୂଳ ଭିତ୍ତିରେ ନିର୍ମିତ, ଯାହା ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସହାୟକ ହୋଇପାରିବ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, ଏହି ସହଭାଗିତା ଉପରେ ତାଙ୍କର ମତବ୍ୟକ୍ତ କରିବା ସହ ଏହି ଉଦ୍ୟମ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ଭୂୟସୀ ପ୍ରଶଂସା କରିଥିଲେ। କୁଳପତି ପ୍ରଫେସର (ଡ.) ତେଜ୍ ପ୍ରତାପ, ବିଶ୍ୱବିଦ୍ୟାଳୟର ପକ୍ଷରୁ ମହିଳା ଉଦ୍ୟମିତା ଦିଗରେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଟଳ ଇନୋଭେଶନ ମିଶନର ମିଶନ ନିର୍ଦ୍ଦେଶକ ଚିନ୍ତନ ବୈଷ୍ଣବ, ଭାରତରେ ମହିଳା ଉଦ୍ୟୋଗୀମାନଙ୍କର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନାକରି ସେମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ କୁଳ ସଚିବ ଶୁଭଜ୍ୟୋତି ଘୋଷ କାର୍ଯ୍ୟକ୍ରମ ଶେଷ ହେବା ପରେ ଧନ୍ୟବାଦ ଜ୍ଞାପନକରି ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଓ ଉପସ୍ଥିତ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ

# ରିଲାଏନ୍ସ ଫାଉଣ୍ଡେଶନ ସ୍କିଲିଂ ଏକାଡେମିର ଶୁଭାରମ୍ଭ

ମୁମ୍ବାଇ, ୬।୯ (ଅଭୟ ଦାଶ)



ଭାରତର ଭବିଷ୍ୟତ ରୂପରେଖ ପ୍ରସ୍ତୁତ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ତଥା ଶିକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ରିଲାଏନ୍ସ ଫାଉଣ୍ଡେଶନ ସ୍କିଲିଂ ଏକାଡେମୀର ଶୁଭାରମ୍ଭ କରିଛନ୍ତି। ଏହା ଭାରତର ଯୁବପିଢ଼ିକୁ ଭବିଷ୍ୟତର ଚାକିରି ନିମନ୍ତେ ପ୍ରସ୍ତୁତ କରିବା ପାଇଁ ସମର୍ପିତ ଏକ ପ୍ଲାଟ୍‌ଫର୍ମ ବୋଲି କୁହାଯାଉଛି।

ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ସହଯୋଗରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ 'ଭବିଷ୍ୟତର ନିଯୁକ୍ତି ପାଇଁ ଯୁବ ସଶକ୍ତୀକରଣ' ଶୀର୍ଷକ ଏକ ଜାତୀୟ ସମ୍ମିଳନୀରେ ଏହି ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଥିଲା। ସେଥିରେ ଭାରତର ଯୁବବର୍ଗଙ୍କୁ ଦକ୍ଷ କରିବା ପାଇଁ ସରକାର, ନୀତି ନିର୍ଦ୍ଧାରକ, କର୍ପୋରେଟ୍, ଦାତବ୍ୟ, ଶିଳ୍ପ, ନାଗରିକ ସମାଜ ଏବଂ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ଭାରତର ଯୁବପିଢ଼ି ଆଜି ଅପାର ସୁଯୋଗର ଦ୍ୱାରଦେଶରେ ରହିଛି ଏବଂ ରିଲାଏନ୍ସ ଫାଉଣ୍ଡେଶନ ଓ ଏନ୍‌ଏସ୍‌ଡିସିର ଏହି ସହଭାଗିତା ସେମାନଙ୍କୁ ଭବିଷ୍ୟତର ନିଯୁକ୍ତି ପାଇଁ ସଶକ୍ତ କରିବା ଦିଗରେ ଏକ ମାଇଲଖୁଣ୍ଟ ହେବ। ରିଲାଏନ୍ସ ଫାଉଣ୍ଡେଶନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ଯୁବପିଢ଼ିଙ୍କୁ ସେମାନଙ୍କ ଆକାଂକ୍ଷା ଅନୁରୂପ ସକ୍ଷମ କରିବା ରିଲାଏନ୍ସ ଫାଉଣ୍ଡେଶନର ମୂଳ ଦର୍ଶନର ଏକ ଅଂଶ। ରିଲାଏନ୍ସ ଫାଉଣ୍ଡେଶନ ସ୍କିଲିଂ ଏକାଡେମୀ ସେହି ଆକାଂକ୍ଷା ପୂରଣ କରିବା ଏବଂ ଯୁବତୀଯୁବକମାନଙ୍କୁ ଭବିଷ୍ୟତର ଚାକିରି ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ପଦକ୍ଷେପ। ବୈଷୟିକ ଜ୍ଞାନକୌଶଳର ଉପଯୋଗକରି ଏହି ପ୍ଲାଟ୍‌ଫର୍ମ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବ।

ରିଲାଏନ୍ସ ଫାଉଣ୍ଡେଶନ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ରିଲାଏନ୍ସ ଫାଉଣ୍ଡେଶନ ସ୍କିଲିଂ ଏକାଡେମୀରେ ସହଭାଗିତା କରିବାକୁ ସହମତ ହୋଇଛନ୍ତି, ଯାହା ଦ୍ୱାରା ପ୍ଲାଟ୍‌ଫର୍ମରେ ବିକଶିତ ଭବିଷ୍ୟତଭିତ୍ତିକ ଦକ୍ଷତା ପାଠ୍ୟକ୍ରମର ଉପସ୍ଥିତି ଏବଂ ପ୍ରଭାବ ବୃଦ୍ଧି ପାଇବ।

# ରାଜ୍ୟରେ ସାମାଜିକ ଯୋଜନାର ସଫଳ ରୂପାୟନ

## ଏସ୍‌ଏଲ୍‌ବିସିର ୧୭୫ ତମ ଓ ୧୭୬ତମ ବୈଠକ

ଭୁବନେଶ୍ୱର,୬।୯ (ଅଭୟ ଦାଶ)




ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି) ଓଡ଼ିଶାର ୧୭୫ ତମ ଓ ୧୭୬ ତମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏପରିକି ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଆର୍ଥିକ ସାକ୍ଷରତା ଓ ଡିଜିଟାଲ ପେମେଣ୍ଟ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ଏସ୍‌ଏଲ୍‌ବିସି ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତି କାମ୍ବଲେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ଋଣ ଯୋଜନା, ସିଡି ଅନୁପାତ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ସାମାଜିକ ସୁରକ୍ଷା ଯୋଜନାର ସଫଳତା ରୂପାୟନ ଉପରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରିଜର୍ଭ ବ୍ୟାଙ୍କର ନୀତି, ପ୍ରାଥମିକତା କ୍ଷେତ୍ର ଲକ୍ଷ୍ୟ ଏବଂ ରାଜ୍ୟର ସିଡି ଅନୁପାତରେ ଉନ୍ନତି ଉପରେ ଆଲୋକପାତ କରିଥିଲେ। ଏପରିକି ସ୍କୁଲ ଓ କଲେଜ ସ୍ତରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଆର୍ଥିକ ସାକ୍ଷରତା ଅଭିଯାନ ସମ୍ପର୍କରେ ମଧ୍ୟ ସେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେହିପରି ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ରାଜ୍ୟର ଭିଜନ ୨୦୩୬ ଓ ୨୦୪୭ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଡିଜିଟାଲ ସାକ୍ଷରତା ଏବଂ ଡିଜିଟାଲ ମୁଦ୍ରାର ଗୁରୁତ୍ୱ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ନାବାର୍ଡର ସିଜିଏମ୍ ଡ. ସୁଧାଂଶୁ କେ.କେ.ମିଶ୍ର ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏସିପି, ଫସଲ ଋଣ, କୃଷି ମିଆଦୀ ଋଣ, କେସିସି ସାଚୁରେସନ ଏବଂ ସରକାରଙ୍କ ପ୍ରାୟୋଜିତ ଯୋଜନାର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ କୃଷି ନିର୍ଦ୍ଦେଶକ ଓ ଶିଳ୍ପ ନିର୍ଦ୍ଦେଶକମାନେ ମଧ୍ୟ ନିଜ ନିଜ ବିଭାଗ ଉପରେ ମତ ରଖିଥିଲେ। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ଓଡ଼ିଶାର ଆବାହକ ଗୌତମ ପାତ୍ର ୨୦୨୩-୨୪ ଆର୍ଥିକ ବର୍ଷ ଏବଂ ୨୦୨୪ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ସମସ୍ତ ବ୍ୟାଙ୍କର ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ସିଜିଟିଏମ୍‌ଏସ୍‌ଇ, ସରସେଇ, ରାଜ୍ୟସ୍ତରୀୟ ବୀମା କମିଟି ଏବଂ ସରକାରୀ ବିଭାଗର ପ୍ରତିନିଧିମାନେ ନିଜ ନିଜ ସେବା କ୍ଷେତ୍ର ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଜିଲାନ୍ସ ଜାଲରେ ଗୋପାଳପୁର କଲେଜ ଅଧ୍ୟକ୍ଷ


ଭିଜିଲାନ୍ସ ଟିମ୍ ସହ କଲେଜ ଅଧ୍ୟକ୍ଷ ।

ଭବାନୀପାଟଣା/ଥୁଆମୂଳ ରାମପୁର,୬।୯ (ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

**ଅଭିଭାବିକାଙ୍କଠାରୁ ୧୦ ହଜାର ଲାଞ୍ଚ ନେଉଥିଲେ**

ଜଣେ ଛାତ୍ରୀଙ୍କୁ ଯୁକ୍ତ ୨ ପ୍ରଥମ ବର୍ଷରେ ନାମଲେଖା ଓ ପରୀକ୍ଷା ସମୟରେ ସହଯୋଗ କରିବା ପାଇଁ ଅଭିଭାବିକାଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ଜୁନିୟର କଲେଜ ଅଧ୍ୟକ୍ଷ । ସେ ହେଲେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କଲେଜ) ଅଧ୍ୟକ୍ଷ ନବୀନ କୁମାର ସାହୁ। ମିଳିଥିବା ସୂଚନା ଅନୁଯାୟୀ ଅଧ୍ୟକ୍ଷ ସାହୁ ସୁମିତ୍ରା ନାଏକ ନାମ୍ନୀ ଅଭିଭାବିକାଙ୍କଠାରୁ ଲାଞ୍ଚ ଦାବି କରିଥିଲେ । ଏ ସମ୍ପର୍କରେ ସୁମିତ୍ରା କଳାହାଣ୍ଡି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଯୋଜନା ମୁତାବକ ଶୁକ୍ରବାର ଗୋପାଳପୁର ଯୁକ୍ତ୨ କଲେଜ କାର୍ଯ୍ୟାଳୟରେ ଅଧ୍ୟକ୍ଷ ସାହୁ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ଏହି ସମୟରେ ସେମାନେ ଅଧ୍ୟକ୍ଷ ସାହୁଙ୍କଠାରୁ ୧୦ ହଜାର ଲାଞ୍ଚ ଟଙ୍କା ଜବତ କରିଥିଲେ । ପରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚୁରା କରାଯାଉଥିବା ଜଣାପଡିଛି । କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦଙ୍କ ନେତୃତ୍ୱରେ ଇନ୍ସପେକ୍ଟର ପ୍ରମିଳା ସୁନା, ଏଏସ୍‌ଆଇ ବେଣୁଧର ବେହେରା, ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ । ଏ ନେଇ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୧୭/୨୪) ରୁଜୁ ହୋଇଥିବାବେଳେ ଅଧ୍ୟକ୍ଷ ସାହୁଙ୍କ ମେଦିନୀପୁରସ୍ଥିତ ବାସଭବନରେ ଚଢ଼ାଉ ଜାରି ରହିଥିବା ଡିଏସ୍‌ପି ଆଇନ୍ଦ ସୂଚନା ଦେଇଛନ୍ତି ।

# ଭିଜିଲାନ୍ସ ଜାଲରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ

ଭୁବନେଶ୍ୱର(ସୂର୍ଯ୍ୟକାନ୍ତ ବେହେରା) / କେନ୍ଦୁଝର (ଦୀପକ ମିଶ୍ର/ ନରେଶ ପଟ୍ଟନାୟକ)/ ଅସୁରାଳି, ୬।୯ (ସନ୍ତୋଷ ପ୍ରଧାନ)

**ଦେଢ଼ କୋଟି ମୂଲ୍ୟର ୪ ମହଲା କୋଠା, ବିଭିନ୍ନ ସ୍ଥାନରେ ପ୍ଲଟ୍ ଠାବ**




କେନ୍ଦୁଝର ଜେଲ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟ ପ୍ରକାଶ ସ୍ୱାଇଁ

■ ଟଙ୍କା ନେଇ କଏଦୀଙ୍କୁ ଭିଆଇପି ଆତିଥ୍ୟ, ନିଶାଦ୍ରବ୍ୟ ଯୋଗାଣ ଅଭିଯୋଗ ଥିଲା

କେନ୍ଦୁଝର ଜେଲ ସୁପରିଣ୍ଟେଣ୍ଡେଣ୍ଟ ତଥା ଭୁବନେଶ୍ୱର ଝାରପଡ଼ା ଜେଲର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟ ପ୍ରକାଶ ସ୍ୱାଇଁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ସତ୍ୟପ୍ରକାଶଙ୍କ ନାଁରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ମାମଲା ହୋଇଥିଲା । କୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଏକକାଳୀନ ୭ ସ୍ଥାନରେ ଚଢ଼ାଉ କରାଯାଇଛି । ଏହି ସ୍ଥାନ ମଧ୍ୟରେ ରହିଛି କେନ୍ଦୁଝରସ୍ଥିତ ଅଫିସ୍ ସହ ସରକାରୀ ବାସଭବନ, ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଥିବା ବାସଭବନ ଓ ଶ୍ୱଶୁର ଘର, ଖଣ୍ଡଗିରି ସିଦ୍ଧିବିହାରସ୍ଥିତ ବାସଭବନ, ଝାରପଡ଼ା ଜେଲ ପୁରୁଣା କ୍ୱାର୍ଟର୍ସ ଏବଂ ଭଦ୍ରକରେ ଥିବା ପୈତୃକ ଘର । ଚଢ଼ାଉବେଳେ ଭିଜିଲାନ୍ସ ଅଧିକାରୀମାନେ ସତ୍ୟପ୍ରକାଶଙ୍କ କୋଠା, ପ୍ଲଟ୍ ସହ ବହୁ କୋଟିର ସମ୍ପତ୍ତି ଠାବ କରିଛନ୍ତି । ଏଥିସହ ସେ ଠୁଳ କରିଥିବ ସମସ୍ତ ସ୍ଥାବର ତଥା ଅସ୍ଥାବର ସମ୍ପତ୍ତି ଠାବ କରିବାକୁ ଉଦ୍ୟମ ଚଳାଇଛନ୍ତି । ତେବେ ତାଙ୍କ ବାସଭବନରୁ ଦାମୀ ମଦ ମିଳିଛି । ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ଝାରପଡ଼ାରେ ସତ୍ୟପ୍ରକାଶଙ୍କ ୪ମହଲା ବିଶିଷ୍ଟ କୋଠା ଠାବ ହୋଇଛି । ୩୩୦୦ ବର୍ଗ ଫୁଟରେ ହୋଇଥିବା ଏହି କୋଠାର ଦାମ୍ ପ୍ରାୟ ୧.୬୪ କୋଟି ଟଙ୍କାରେ ଆକଳନ କରାଯାଇଛି । ସେହିପରି ଭୁବନେଶ୍ୱର, ବଲାଙ୍ଗୀର, ଢେଙ୍କାନାଳରେ ମୂଲ୍ୟବାନ ଘର ଡିହ ଥିବା ପ୍ଲଟ୍, ଭୁବନେଶର ଧଉଳିରେ ପ୍ଲଟ୍, ବଲାଙ୍ଗୀରରେ ୨ଟି ପ୍ଲଟ୍, ଢେଙ୍କାନାଳ ମହିଷାପାଟରେ ଏକାଧିକ ପ୍ଲଟ୍‌ର ସନ୍ଧାନ ପାଇଛି ଭିଜିଲାନ୍ସ । ଏହାସହ ସତ୍ୟପ୍ରକାଶଙ୍କ ବାସଭବନରୁ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୬.୨୪ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, କାର୍ ଓ ବାଇକ ଏବଂ ୧୪.୪୬ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମିଳିଛି । ତେବେ ତଦନ୍ତ ଚାଲିଥିବାରୁ ସମ୍ପତ୍ତିର ପରିମାଣ ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

୨୦୦୧ରେ କୁଚିଣ୍ଡା ସବ୍‌ଜେଲର ଆସିଷ୍ଟାଣ୍ଟ ଭାବେ ସତ୍ୟପ୍ରକାଶ ଚାକିରି ଆରମ୍ଭ କରିଥିଲେ । ଗତ ଜୁନ୍‌ରେ କେନ୍ଦୁଝର ଜିଲା କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଭାବେ ବଦଳି ପୂର୍ବରୁ ଭୁବନେଶ୍ୱର ଝାରପଡ଼ା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ଜେଲରେ କଏଦୀଙ୍କୁ ଭିଆଇପି ଆତିଥ୍ୟ ଦେବା ପାଇଁ ଲକ୍ଷାଧିକ ଟଙ୍କା ନେବା ଓ ଜେଲ ଭିତରେ ଅନ୍ତେବାସୀଙ୍କୁ ନିଶାଦ୍ରବ୍ୟ ଯୋଗାଣ ଭଳି ସାଂଘାତିକ ଅଭିଯୋଗ ସତ୍ୟପ୍ରକାଶଙ୍କ ନାଁରେ ରହିଥିଲା । ଏନେଇ ଭିଜିଲାନ୍ସରେ ପିଟିଶନ ଫାଇଲ ହୋଇଥିବା ସୂଚନା ମିଳିଛି । ଚଢ଼ାଉ କରୁଥିବା ଏହି ଭିଜିଲାନ୍ସ ଟିମ୍‌ରେ ୧୨ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର ସମେତ ଅନ୍ୟ କର୍ମଚାରୀ ସାମିଲ ରହିଥିବା ସୂଚନା ଦିଆଯାଇଛି ।

# ନବୀନ, ପାଣ୍ଡିଆନଙ୍କ ନାଁରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର,୬।୯ (ସୂର୍ଯ୍ୟକାନ୍ତ ବେହେରା)

**ଭିଜିଲାନ୍ସର ଦ୍ୱାରସ୍ଥ ହେଲେ ଆଇନଜୀବୀ**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନାଁରେ ଦୁର୍ନୀତି ଅଭିଯୋଗ ଆସିଛି । ଏନେଇ ଦୁଇଜଣ ଆଇନଜୀବୀ ଭୁବନେଶ୍ୱର ଭିଜିଲାନ୍ସ ଏସିପିଙ୍କ ନିକଟରେ ପିଟିଶନ ଦାଖଲ କରିଛନ୍ତି । ମୋ ସ୍କୁଲ ଓ ଝୋଟ ବ୍ୟାଗ ବଣ୍ଟନରେ ବହୁ କୋଟି ଟଙ୍କା ଦୁର୍ନୀତି ହୋଇଥିବା ସେମାନେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ଘଟଣାର ଠିକ ତଦନ୍ତ କରି ଏହି ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ଆଇନଜୀବୀ ବିରଞ୍ଚି ରାୟ ଦାବି କରିଛନ୍ତି । ପୂର୍ବ ବିଜେଡି ସରକାର ଝୋଟ ବ୍ୟାଗ ବଣ୍ଟନ ପାଇଁ ୨୪୭ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବିଧାନସଭାରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତଥ୍ୟ ରଖିଥିଲେ । ସେହିପରି ରାଜ୍ୟରେ ମୋ ସ୍କୁଲ ଜରିଆରେ ୩ ହଜାରୁ ୮୭ ଶହ କୋଟିରୁ ଅଧିକ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବିଧାନସଭା ତଥ୍ୟରୁ ଜଣାପଡିଛି । ଏହି ତଥ୍ୟକୁ ମଧ୍ୟ ଦୁଇ ଆଇନଜୀବୀ ସେମାନଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ।

# ଝାରସୁଗୁଡ଼ାରେ ଯୁବ ବ୍ୟବସାୟୀଙ୍କୁ ଗୁଳିମାଡ଼

ଝାରସୁଗୁଡ଼ା,୬।୯(ସଞ୍ଜୟ ମାଲି)


ଜିଲା ମୁଖ୍ୟ ଡାକ୍ତରଖାନାରେ ଆହତଙ୍କୁ ଚିକିତ୍ସା କରାଯାଉଛି ।

ଝାରସୁଗୁଡ଼ା ସହରର ଶାନ୍ତିନଗର ଅଞ୍ଚଳରେ ଶୁକ୍ରବାର ଅପରାହ୍ଣରେ ଜଣେ ଯୁବ ବ୍ୟବସାୟୀ ରାକେଶ ଓରାମ (୩୦)ଙ୍କୁ ଗୁଳିମାଡ଼ ହୋଇଛି । ରାକେଶଙ୍କ କାନ୍ଧରେ ଗୁଳିବାଜି ବାହାରି ଯାଇଥିବାବେଳେ ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ହୋଇଥିବା ଜଣାପଡ଼ିଛି । ତୁରନ୍ତ ରାକେଶଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଠିକ ଥିବା ଡାକ୍ତରଙ୍କ ସୂତ୍ରରୁ ଜଣାପଡିଛି । କିଛିଦିନ ପୂର୍ବରୁ ଗତ ୨୬ ତାରିଖ ରାତିରେ ସଦର ଥାନା ଅନ୍ତର୍ଗତ ୧୦ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଏକ କୁକୁଡ଼ା ଫାର୍ମରେ ବ୍ୟବସାୟକୁ ନେଇ ଗୁଳିକାଣ୍ଡ ଘଟିଥିଲା ।

ଟାଉନ ଥାନା ଅନ୍ତର୍ଗତ ଶାନ୍ତିନଗର ଅଞ୍ଚଳର ରାକେଶ ଓ ରାଜୁ ନାମକ ଜଣେ ଯୁବକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଦୀର୍ଘଦିନରୁ ବିବାଦ ଲାଗି ରହିଥିଲା । ଏହି ବିବାଦ ଶତ୍ରୁତାର ଉଗ୍ରରୂପ ନେଇଥିଲା । ଶୁକ୍ରବାର ଅପରାହ୍ଣ ୩ଟାରେ ରାକେଶ ଘରେ ପରିବାର ଲୋକଙ୍କ ସହିତ ଥିବାବେଳେ ରାଜୁ ପହଞ୍ଚି ବଚସା କରି ଗଣ୍ଡଗୋଳ କରିଥିଲେ । ରାକେଶ ଓ ତାଙ୍କ ପରିବାର ଲୋକେ ଏହାର ବିରୋଧ କରିବାରୁ ରାଜୁ ଧରିଥିବା ବନ୍ଧୁକରୁ ରାକେଶ ଉପରକୁ ଗୁଳି ଚଳାଇଥିଲେ । ଖବର ପାଇ ଝାରସୁଗୁଡା ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ରାକେଶ ଓ ରାଜୁ ଉଭୟ ଶାନ୍ତିନଗର ଅଞ୍ଚଳ ବାସିନ୍ଦା । କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଅନେକ ଦିନରୁ ବିବାଦ ଲାଗିରହିଥିଲା ଏବଂ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ାହେବା ଦେଖିବାକୁ ମିଳୁଥିଲା । ଶୁକ୍ରବାର ଏହି ବିବାଦ ଉଗ୍ର ରୂପ ନେଇ ଗୁଳିକାଣ୍ଡ ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏ ନେଇ ଝାରସୁଗୁଡା ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ଅନୁଗୋଳ,୬।୯(ମାନସ ବିଶ୍ୱାଳ)

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ଫାଷ୍ଟ ଟ୍ରାକ୍ କୋର୍ଟ ଶୁକ୍ରବାର ଜଣେ ନାବାଳିକା ବଳାତ୍କାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମାମଲାରୁ ପ୍ରକାଶ, ଅନୁଗୋଳ ଥାନା ଅଞ୍ଚଳରେ ୨୦୧୯ ମେ ୨୪ ତାରିଖ ରାତିରେ ଅଭିଯୁକ୍ତ ହାଡ଼ି ନାଏକ (୨୩) ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ଅନୁଗୋଳ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହାଡ଼ି ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତ ହାଡ଼ିଙ୍କୁ ଏହି ଦଣ୍ଡାଦେଶ ଦେବା ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଏଥିସହିତ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି ।

# ନାବାଳିକା ଛାତ୍ରୀଙ୍କ ଗର୍ଭପାତ ମାମଲାରେ ୯ ଗିରଫ

କେନ୍ଦ୍ରାପଡ଼ା,୬।୯(ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକା ଛାତ୍ରୀଙ୍କ ଗର୍ଭପାତ ମାମଲାରେ ୯ ଜଣ ଗିରଫ ହୋଇଛନ୍ତି । ଏ ନେଇ ଥାନାରେ ନଂ. ୪୭୦/୨୪ରେ ମାମଲା ରୁଜୁ ହୋଇଛି । ମୁଖ୍ୟ ଅଭିଯୁକ୍ତ ପଟ୍ଟାମୁଣ୍ଡାଇ ଥାନା ମଠସାହି ଗାଁର ପରେଶ ବାରିକ ଅଗଷ୍ଟ ୩୧ରେ ଗିରଫ ହୋଇଥିଲେ । ଶୁକ୍ରବାର ଅବଶିଷ୍ଟ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଏହି ୮ ଅଭିଯୁକ୍ତ ହେଉଛନ୍ତି, କଟକର ବିଶ୍ୱଜିତ ଦତ୍ତ, ଭବାନୀ ଶଙ୍କର ଦାଶ, ନିଜିତ ମହାପାତ୍ର, ପ୍ରିୟବ୍ରତ ସେନାପତି, ନିର୍ଲିପ୍ତ ରଞ୍ଜନ ଦାସ, ମାନସୀ ରାଉତ, ମାମିନା ମହାପାତ୍ର ଓ ମୀରାସ୍ମିତା ସ୍ୱାଇଁ । ଏ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଏକ ଖବରଦାତା ସମ୍ମିଳନୀରେ ପୂର୍ବାହ୍ଣରେ ସୂଚନା ଦେଇଛନ୍ତି । ଏସ୍‌ପି କାଟାରିଆ କହିଛନ୍ତି ଅଭିଯୁକ୍ତ ପରେଶ ବିବାହିତ । ସେ ବିବାହ ପ୍ରତିଶ୍ରୁତି ଦେଇ ପୀଡ଼ିତା ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ଏପରି କି ମାସାଧିକ କାଳ ସହରର ଗରାପୁରଠାରେ ଏକ ଘର ଭଡ଼ା ନେଇ ରହୁଥିଲେ । ଅଗଷ୍ଟ ୬ରେ ଗର୍ଭବତୀ ପୀଡ଼ିତାଙ୍କୁ ହିମୋଗ୍ଲୋବିନ କମ୍ ଥିବା ଦର୍ଶାଇ ସେ କଟକର ଏକ ଘରୋଇ ନର୍ସିଂହୋମକୁ ନେଇଥିଲେ । ସେଠାରେ ଗର୍ଭପାତ କରାଇବା ସହ ନିକଟସ୍ଥ ଏକ ଛାତ୍ରୀ ହଷ୍ଟେଲରେ ରଖାଇଥିଲେ । ଗର୍ଭପାତ କରାଯିବା ପରେ ପୀଡ଼ିତା ଭବିଷ୍ୟତ ନଷ୍ଟ ହୋଇ ଯାଇଥିବା ଆଶଙ୍କାରେ ପରିବାର ସହ ଅଗଷ୍ଟ ୨୮ରେ ସଦର ଥାନାରେ ମାମଲା ରୁଜୁ କରିଥିଲେ । ଏହି ଗର୍ଭପାତ ମାମଲାର ତଦନ୍ତ ପାଇଁ ଡିଏସ୍‌ପି ସରିତା ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା । ମାମଲାରେ ସମ୍ପୃକ୍ତ ଥିବା ୯ ଜଣଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଗିରଫ କରାଯାଇଥିବା ଏସ୍‌ପି କାଟାରିଆ ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ଏଏସ୍‌ପି ଦେବାଶିଷ ଧଳ, ଡିଏସ୍‌ପି ମହାପାତ୍ର, ଥାନାଧିକାରୀ ସରୋଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ୨ ପୋଲିସ କର୍ମଚାରୀଙ୍କୁ ଯୁବକଙ୍କ ଆକ୍ରମଣ

ବିଞ୍ଝାରପୁର,୬।୯(ରାମକୃଷ୍ଣ ଦାସ)


ଗିରଫ ଅଭିଯୁକ୍ତ

ଯାଜପୁର ଜିଲା ବିଞ୍ଝାରପୁର ବଜାରସ୍ଥିତ ଚାଉଳ ସାହିରେ ଶୁକ୍ରବାର ୨ ପୋଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଜଣେ ଯୁବକଙ୍କ କଟୁରୀ ଚୋଟରେ ୨ ପୋଲିସ କର୍ମଚାରୀ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରାଯାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏଥିସହିତ ଆକ୍ରମଣକାରୀ ଯୁବକ ଦୀପ୍ତିରଞ୍ଜନ ରାଉଳଙ୍କୁ ବିଞ୍ଝାରପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଦୀପ୍ତିରଞ୍ଜନଙ୍କ ଘର ବିଞ୍ଝାରପୁର ପଞ୍ଚାୟତ ୯ ନମ୍ବର ୱାର୍ଡରେ । କୌଣସି କାରଣରୁ ସେ ଘରେ ପାଟିତୁଣ୍ଡ କରିବା ସହ ତାଙ୍କ ବାପାଙ୍କୁ କଟୁରୀ ଧରି ହାଣିବାକୁ ଗୋଡ଼ାଇଥିଲେ । ପରିବାର ଲୋକେ ଏନେଇ ପୋଲିସକୁ ଜଣାଇଥିଲେ । ପୋଲିସ ପହଞ୍ଚିବା କ୍ଷଣି ଦୀପ୍ତିରଞ୍ଜନ ପୋଲିସ କର୍ମଚାରୀଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ । ଏଥିରେ ପୋଲିସ କର୍ମଚାରୀ ସନ୍ଦୀପ କୁମାର ସାହୁ ଓ ୧୧୨ ପୋଲିସ ପାଟ୍ରୋଲିଂ ଗାଡ଼ି ଡ୍ରାଇଭର ପ୍ରଦୀପ ସାମଲ ଗୁରୁତର ହୋଇଛନ୍ତି । ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲସକୁ ୨ ଘଣ୍ଟା ଲାଗି ଯାଇଥିଲା । ଏନେଇ ଥାନାରେ ନଂ.୪୯୦/୨୪ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଜଣେ ମାନସିକ ରୋଗୀ ଏବଂ ସେ ଔଷଧ ସେବନ କରୁଥିବା ତାଙ୍କର ପରିବାର ପକ୍ଷରୁ କୁହାଯାଇଛି ।

# କେନ୍ଦ୍ରମନ୍ତ୍ରୀଙ୍କ ପୁତୁରା କହି ଠକେଇ ଘଟଣା | ଜେଲ ଗଲେ ଆଇଟିଆଇ ଛାତ୍ର

ଭୁବନେଶ୍ୱର,୬।୯ (ସୂର୍ଯ୍ୟକାନ୍ତ ବେହେରା)



ରାହୁଲ ସାହୁ

ନିଜକୁ ପ୍ରଭାବଶାଳୀ ନେତା ଓ ମନ୍ତ୍ରୀଙ୍କ ସମ୍ପର୍କୀୟ କହୁଥିଲେ । ଚାକିରି, ଟ୍ରାନ୍ସଫର ଆଦି କରାଇଦେବା ବାହାନାରେ ଲୋକଙ୍କୁ ଠକୁଥିଲେ । ଶେଷରେ ଠକାମିର ଶିକାର ହୋଇଥିବା ଲୋକେ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନସ୍ଥିତ ଏକ ଲଜ୍‌ରୁ ସମ୍ପୃକ୍ତ ଠକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି । ଅଭିଯୁକ୍ତ ଜଣକ ହେଉଛନ୍ତି ଅନୁଗୋଳର ରାହୁଲ ସାହୁ (୨୪) । ସେ ଜଣେ ଆଇଟିଆଇ ଛାତ୍ର । କ୍ୟାପିଟାଲ ଥାନା ପୋଲିସ ତାଙ୍କୁ ଗିରଫ କରିଛି । ଏଥିସହ ତାଙ୍କଠାରୁ ବ୍ୟାଙ୍କ୍ ଚେକ୍‌ବୁକ, କେତେଜଣ ପିଲାଙ୍କ ସାର୍ଟିଫିକେଟ, ଫୋନ ପେ' ଟ୍ରାଞ୍ଜାକ୍ସନ କପି ଆଦି ଜବତ କରିଛି । ରାହୁଲଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଠକେଇର ଶିକାର ହୋଇଥିବା ହିରଣ୍ୟମୟ ପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ତେବେ ହିରଣ୍ୟମୟଙ୍କ ସମେତ ୩ ଜଣଙ୍କଠାରୁ ରାହୁଲ ୪୫ ହଜାର ଟଙ୍କା ଠକିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସେ ଆଉ କାହାକୁ ଠକେଇ କରଛନ୍ତି ଓ ତାଙ୍କ ର୍‍ୟାକେଟରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି ନା ନାହିଁ, ସେନେଇ ପୋଲିସ ଖୋଳତାଡ଼ ଚଳାଇଛି ।

ହିରଣ୍ୟମୟଙ୍କ ଅଭିଯୋଗ ଅନୁସାରେ, କିଛିଦିନ ତଳେ ସେ ରାଜ୍ୟ ଗେଷ୍ଟ ହାଉସ୍‌ରେ ରାହୁଲଙ୍କ ସଂସ୍ପର୍ଶରେ ଆସିଥିଲେ । ସେଠାରେ ରାହୁଲ ନିଜକୁ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପୁତୁରା କହିବା ସହ ବିଭିନ୍ନ ଦଳର ନେତା, ମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ଥିବା କହିଥିଲେ । ଏପରି କି ବିଶ୍ୱାସ ଜନ୍ମାଇବା ପାଇଁ ସମ୍ପୃକ୍ତ ନେତା ଓ ମନ୍ତ୍ରୀଙ୍କ ସହ ସେ ଉଠାଇଥିବା ଫଟୋକୁ ନିଜ ମୋବାଇଲ ଫୋନ୍‌ରେ ଦେଖାଇଥିଲେ । ଏହାପରେ ହିରଣ୍ୟମୟ ସହଜରେ ରାହୁଲଙ୍କ ଜାଲରେ ପଡ଼ିଯାଇଥିଲେ । ଏହାପରେ ରାହୁଲ ହିରଣ୍ୟମୟଙ୍କୁ ତାଙ୍କ ସ୍ତ୍ରୀର ଟିଚରଶିପ ଲାଇନ୍‌ରେ ଚାକିରି ଦେବାକୁ କହି ୧୨ ହଜାର ଟଙ୍କା ନେଇଥିଲେ । ରାହୁଲ ଏଭଳି ତରିକାରେ ଭୁପେନ୍ଦ୍ର ନାମକ ଜଣେ ବ୍ୟକ୍ତିଙ୍କୁ ଭୂଷଣ ଷ୍ଟିଲ ପ୍ଲାଣ୍ଟକୁ ବଦଳି କରାଇଦେବାକୁ କହି ୧୫ ହଜାର ଓ ଅନ୍ୟ ଜଣଙ୍କୁ ଚାକିରି ଦେବାକୁ କହି ୧୮ ହଜାର ଟଙ୍କା ନେଇଯାଇଥିଲେ । ହେଲେ ଚାକିରି କିମ୍ବା ଟ୍ରାନ୍ସଫର କରିପାରି ନ ଥିଲେ । ଏପରିକି ଟଙ୍କା ଫେରାଉ ନ ଥିଲେ କି ଧରାଛୁଆଁ ଦେଉ ନ ଥିଲେ । ଠକେଇର ଶିକାର ହୋଇଥିବା ଏହି ୩ଜଣ ଏକାଠି ହୋଇ ଅଭିଯୁକ୍ତ ରାହୁଲଙ୍କୁ ଖୋଜାଖୋଜି କରୁଥିଲେ । ମାଷ୍ଟରକ୍ୟାଣ୍ଟିନସ୍ଥିତ ଲଜ୍‌ରୁ ତାଙ୍କୁ କାବୁ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା ।

# କାହାଠାରୁ ଆଦାୟ ହେବ କ୍ଷତିପୂରଣ ଅର୍ଥ

କେନ୍ଦୁଝର,୬।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)



**ପୋଲିସ ଗାଡ଼ି ଧକ୍କାରେ ଖବରକାଗଜ ବିତରକଙ୍କ ମୃତ୍ୟୁ ଘଟଣା**

■ କୋର୍ଟଙ୍କ ନୋଟିସ୍‌କୁ ନେଇ ଚର୍ଚ୍ଚା

■ ୨୦୧୫ରେ ଚେକ୍ ଦାଖଲ ହୋଇଛି: ଏସ୍‌ପି

କେନ୍ଦୁଝର ସଦର ବ୍ଲକ୍ ଅଞ୍ଚଳରେ ଜଣେ ଖବରକାଗଜ ବିତରକଙ୍କ ପୋଲିସ ଗାଡ଼ି ଧକ୍କାରେ ମୃତ୍ୟୁ ଘଟଣାରେ ଏସ୍‌ପିଙ୍କୁ କୋର୍ଟ ନୋଟିସ୍ କରିବା ଚର୍ଚ୍ଚାର ବିଷୟ ହୋଇଛି । କୋର୍ଟ ୨୦୧୪ରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଆଦେଶ ପ୍ରଦାନ କରିବା ସତ୍ତ୍ୱେ ପରିବାର ଦୀର୍ଘ ୧୩ ବର୍ଷ ହେଲା ଅର୍ଥ ପାଇନାହାନ୍ତି । ଏ ନେଇ ଜିଲା ଦୌରାଜଜ୍ ମଙ୍ଗଳବାର ଏସ୍‌ପିଙ୍କ ଅଫିସର ଚୌକି ଓ ଅନ୍ୟାନ୍ୟ ଆସବାବପତ୍ର ଜବତ କରିବାକୁ ନୋଟିସ୍ କରିଥିଲେ । ଅନ୍ୟପକ୍ଷରେ କୋର୍ଟଙ୍କ ଆଦେଶ ପାଳନ କରି ପୋଲିସ ବିଭାଗ ପକ୍ଷରୁ କ୍ଷତିପୂରଣ ବାବଦ ଚେକ୍ କେନ୍ଦୁଝର ଏମ୍‌ଏସିଟି କୋର୍ଟରେ ଦାଖଲ ହୋଇଥିବା କୁହାଯାଉଛି । ମାତ୍ର ଅଦ୍ୟାବଧି ମୃତକଙ୍କ ପରିବାର କିଭଳି କ୍ଷତିପୂରଣ ପାଇଲେ ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି । ବିଚାରବିଭାଗ ଓ ପୋଲିସ ପ୍ରଶାସନ ମଧ୍ୟରେ ତୁ ତୁ ମେ ମେ ଦେଖାଯାଇଥିବା ବେଳେ ଏହି ଅର୍ଥ କାହାଠାରୁ ଆଦାୟ ହେବ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସୂଚନା ମୁତାବକ, କେନ୍ଦୁଝର ସଦର ବ୍ଲକ୍ କବିତ୍ରା ଗ୍ରାମର ଖବରକାଗଜ ବିତରକ ପ୍ରତାପ ଜେନା ୨୦୦୮ରେ ପୋଲିସ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିଲେ । ଏହାକୁ ନେଇ ପରିବାର ଲୋକେ ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା ରୁଜୁ କରିଥିଲେ । ମାମଲାର ଶୁଣାଣି କରି ଜିଲା ଦୌରାଜଜ୍ କୋର୍ଟ ପକ୍ଷରୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଦେଶ ହୋଇଥିଲା । କ୍ଷତିପୂରଣରେ ବିଳମ୍ବ ହେବାରୁ ୨୦୧୪ରେ କୋର୍ଟ ୯ ପ୍ରତିଶତ ସୁଧ ସହିତ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ ଆଦେଶ କରିଥିଲେ । ଏହା ସତ୍ତ୍ୱେ ମୃତକଙ୍କ ପରିବାର କ୍ଷତିପୂରଣ ଅର୍ଥ ନ ପାଇବାରୁ କୋର୍ଟରେ ସତ୍ୟପାଠ ଜରିଆରେ ଆବେଦନ କରିଥିଲେ । ଗତ ମଙ୍ଗଳବାର ଏହାର ଶୁଣାଣି କରି ଏସ୍‌ପିଙ୍କ ଚୌକି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ସହ ସେପ୍ଟେମ୍ବର ୧୨ ସୁଦ୍ଧା କ୍ଷତିପୂରଣ ଅର୍ଥ ସହିତ ଅଦାଲତରେ ଉପସ୍ଥିତ ହେବାକୁ କୋର୍ଟଙ୍କ ପକ୍ଷରୁ ଏସ୍‌ପିଙ୍କୁ ନୋଟିସ୍ ହୋଇଥିଲା । ମାତ୍ର ଓଡ଼ିଶା ପୋଲିସ ମୋଟର ଯାନ ମୁଖ୍ୟାଳୟ କଟକ ପକ୍ଷରୁ ଚିଠି (ନଂ. ୨୨୭୮/୨ ଜୁଲାଇ ୨୦୧୫)ରେ ଏମ୍‌ଏସିଟି କେସ୍ ନମ୍ବର ୨୦୬/୨୦୧୧ ଅନୁଯାୟୀ ଚେକ (ନଂ. ୭୬୧୯୧୦/୧ ଜୁଲାଇ ୨୦୧୫ (୫,୩୬,୦୨୯ ଟଙ୍କା) ଓ ଚେକ ନମ୍ବର ୭୬୧୯୦୯/୧ ଜୁଲାଇ ୨୦୧୫ (୧,୩୭,୦୦୭ ଟଙ୍କା) କୋର୍ଟରେ ଜମା କରାଯାଇଥିଲା । ଏହି ଚେକ୍ ପ୍ରତାପ ଜେନା, ଉଷାରାଣୀ ଜେନା ଓ ଯୋଗେଶ୍ୱର ଜେନାଙ୍କ ନାମରେ ରହିଛି । ତେବେ ଏହି ଟଙ୍କା କିଭଳି ଏତେ ବର୍ଷ ହେଲା ମୃତକଙ୍କ ପରିବାର ଲୋକେ ପାଇଲେ ନାହିଁ ତାହାକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ହେଉଛି । ଏବେ ଏହି ଅର୍ଥ କାହାଠାରୁ ଆଦାୟ ହେବ ଏବଂ କ୍ଷତିଗ୍ରସ୍ତ ପରିବାର କେବେ କ୍ଷତିପୂରଣ ଅର୍ଥ ଓ ନ୍ୟାୟ ପାଇବେ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି । କେନ୍ଦୁଝର ଏସ୍‌ପି ନିତିନ କୁଶଳକାର ଡାଗଡୁ କହିଛନ୍ତି, କୋର୍ଟଙ୍କ ଆଦେଶ କ୍ରମେ ୨୦୧୫ରେ ୨ ଚେକ୍‌ରେ କ୍ଷତିପୂରଣ ଅର୍ଥ ଏମ୍‌ଏସିଟି କୋର୍ଟରେ ଦାଖଲ କରାଯାଇଛି । ତେବେ ବିନା ଦୋଷରେ କୋର୍ଟ କାହିଁକି ନୋଟିସ୍ କଲେ ଜାଣିପାରୁନୁ । ତେବେ କୋର୍ଟଙ୍କ ଆଦେଶ ହେଉଛି ଆଦେଶ । କ୍ଷତିଗ୍ରସ୍ତ ପରିବାରକୁ ସୁଧ ସହିତ ଅର୍ଥ କିଏ ଦେବ ତାହା କୋର୍ଟ ବିଚାର କରିବେ ।

# ସିବିଆଇ ଅଧିକାରୀ ପରିଚୟ ଦେଇ ୧୨ଲକ୍ଷ ଠକେଇ

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)

ସିବିଆଇ ଓ ପୋଲିସ ପୋଲିସ ପରିଚୟ ଦେଇ ଏକ ଦମ୍ପତି ବାଲେଶ୍ୱର କ୍ଲବର ରୋଷେୟା ପ୍ରକାଶ ମାଇତିଙ୍କଠାରୁ ୧୨ଲକ୍ଷ ଟଙ୍କା ଠକି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି । ଏନେଇ ଥାନାରେ ଏକ ମାମଲା (ନଂ. ୩୬୪/୨୪) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରହିଛି ।

ଅଭିଯୋଗକାରୀ ପ୍ରକାଶ ମାଇତିଙ୍କ ଘର ପୂର୍ବ ମେଦିନୀପୁରର ପଟାସପୁର ଥାନା କ୍ଷେତ୍ରପାଳ ଗ୍ରାମରେ । ୨୦୦୦ରୁ ସେ ଏହି କ୍ଲବରେ ରୋଷେୟା ଭାବେ କାର୍ଯ୍ୟ କରିଆସୁଛନ୍ତି । ତାଙ୍କ ସ୍ତ୍ରୀ ମଧ୍ୟ ଏଠାରେ ହାଉସ୍ କିପିଂ ଦାୟିତ୍ୱ ତୁଲାଉଛନ୍ତି । ୨୦୨୩ ଜୁନ୍‌ରେ ବାହାନଗା ଟ୍ରେନ୍ ଟ୍ରାଜେଡି ଦିନ ପ୍ରକାଶ ମାଇତି ଓ ତାଙ୍କ ସ୍ତ୍ରୀ ଖଡ଼ଗପୁର-ଯାଜପୁର ପାସେଞ୍ଜର ଟ୍ରେନ୍‌ରେ ତାଙ୍କ ଘରୁ ବାଲେଶ୍ୱର ଆସୁଥିଲେ । ଟ୍ରେନ୍ ଭିତରେ ଜଗତ୍‌ସିଂହପୁର ଅଞ୍ଚଳର ରମେଶ ଚନ୍ଦ୍ର ଦାସ ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ମଲ୍ଲିକଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ରମେଶ ନିଜକୁ ସିବିଆଇ ଅଧିକାରୀ, ତାଙ୍କ ସ୍ତ୍ରୀ ପୋଲିସରେ ଚାକିରି କରୁଥିବା ଏବଂ ସ୍ତ୍ରୀ ସହ ଯାଜପୁରସ୍ଥିତ ଶ୍ୱଶୁର ଘରେ ରହୁଥିବା କହିଥିଲେ । ବାଲେଶ୍ୱର ଷ୍ଟେଶନରେ ଟ୍ରେନ୍ ଅଟକି ରହିବାରୁ ସେମାନେ ଜଗତ୍‌ସିଂହପୁର ଯାଇ ନ ପାରି କେଉଁଠି ରହିବେ । ଏପରିକି ତାଙ୍କ ପାଖରେ ଟଙ୍କା ନ ଥିବା ଓ ପର୍ସ ଚୋରି ହୋଇଯାଇଥିବା ପ୍ରକାଶଙ୍କୁ କହିଥିଲେ । ପ୍ରକାଶ ସେମାନଙ୍କ ଦୁଃଖ ସହି ନ ପାରି ନିଜ କ୍ୱାର୍ଟର୍ସରେ ସେମାନଙ୍କୁ ଆଶ୍ରୟ ଦେଇଥିଲେ । ପ୍ରକାଶଙ୍କୁ ସୁଭଦ୍ରା ଧରମଭାଇ କରିଥିଲେ । ଏହାପରେ ରମେଶ ଓ ସୁଭଦ୍ରା ବିଭିନ୍ନ ଆଳରେ ପ୍ରକାଶଙ୍କୁ ଫୋନ୍ କରି ଅର୍ଥ ଲୁଟ୍ କରିବା ଆରମ୍ଭ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି । କେତେବେଳେ ମେଡିକାଲରେ ରହି ଅପରେଶନ ହେବ ତ କେତେବେଳେ ପୋଲିସ ଚାକିରିରେ ପ୍ରମୋଶନ ହେବ କହିଥିଲେ । ପୁଣି କେତେବେଳେ ଦୁର୍ଘଟଣା ଘଟିଛି, ତାଙ୍କର ପୁରୀରେ ଥିବା ହୋଟେଲରେ ଅପରାଧ ଘଟିଛି କହି ପ୍ରକାଶଙ୍କଠୁ ଟଙ୍କା ନେଇଥିଲେ । ଟଙ୍କା ଫେରାଇବା କଥା କହିଲେ ବାଲେଶ୍ୱରରେ ଏକ ଜାଗା କିଣି ସେଠାରେ କୋଠା ନିର୍ମାଣ କରାଯାଇ ପ୍ରକାଶଙ୍କ ତତ୍ତ୍ୱାବଧାନରେ ବ୍ୟବସାୟିକ ପ୍ରତିଷ୍ଠାନ ହେବ ବୋଲି କହି ଠକି ଚାଲିଥିଲେ । ଏହିଭଳି ବିଭିନ୍ନ ଆକାଉଣ୍ଟ ନମ୍ବରରେ ଅନଲାଇନ୍ ମାଧ୍ୟମରେ ୧୧ଲକ୍ଷ ୯୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ଗୁରୁବାର ୫ହଜାର ଟଙ୍କା ପଠାଇବା ପାଇଁ ପ୍ରକାଶଙ୍କୁ ରମେଶ କହିଥିଲେ । ମୋବାଇଲ କାମ କରୁନାହିଁ ବୋଲି କହି ପ୍ରକାଶ ଚତୁରତାର ସହ ରମେଶଙ୍କୁ ବାଲେଶ୍ୱର ଡାକିଥିଲେ । ଲୋଭର ବଶବର୍ତ୍ତୀ ହୋଇ ଟ୍ରେନ୍ ଯୋଗେ ରମେଶ ବାଲେଶ୍ୱର ଷ୍ଟେଶନ ପହଞ୍ଚିବା ପରେ ତାଙ୍କୁ କାବୁ କରି ପୋଲିସରେ ଜିମା ଦିଆଯାଇଥିଲା । ଅଭିଯୋଗ ମୁତାବକ ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ଦୟାନିଧି ଦାସ କହିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ରିଦ୍ଧି
ପରିବାରବର୍ଗ

ଗୁଡ୍ଡୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ମହିଳା ଦଳକୁ ସ୍ୱର୍ଣ୍ଣ, ପୁରୁଷଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ)**

ନୂଆଦିଲ୍ଲୀଠାରେ ସେପ୍ଟେମ୍ବର ୧ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ଭାରତ ଜାତୀୟ ବୋଲିଂ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। କୋଚ୍ ବିବେକାନନ୍ଦ ମହାନ୍ତି ଓ ଲିଲୁବାଲା ମହାପାତ୍ରଙ୍କ ନେତୃତ୍ୱରେ ଭାଗ ନେଇଥିବା ଓଡ଼ିଶାର ଅସୀମା ଐଶ୍ୱର୍ଯ୍ୟା ଓ ସଙ୍ଗୀତା ନାୟକ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦେବାଶିଷ ଓ କିରନ ନାଗ୍‌ଙ୍କୁ ନେଇ ଗଠିତ ଓଡ଼ିଶା ପୁରୁଷ ଦଳ ବ୍ରୋଞ୍ଜ ପଦକ ପାଇଛି। ପ୍ରତିଯୋଗିତାରେ ମୋଟ ୧୫ଟି ରାଜ୍ୟରୁ ଦଳ ଅଂଶଗ୍ରହଣ କରିଥିଲେ। ବିଧାୟକ ଅନିଲ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ‘‘ସ୍ପେଶାଲ ଅଲିମ୍ପିକ୍ସରେ ବୋଲିଂ କ୍ରୀଡ଼ା ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛି। ରାଜ୍ୟରେ ଭିତ୍ତିଭୂମି ନ ଥିଲେ ମଧ୍ୟ ଆମ ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି’’ ବୋଲି ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ରାଜ୍ୟ ପ୍ରୋଗ୍ରାମ ସଂଯୋଜକ ଅର୍ପିତା ମହାପାତ୍ର ପ୍ରକାଶ କରିଛନ୍ତି। ‘‘ଓଡ଼ିଶା ଟିମ୍‌ର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ। ଏହି ପ୍ରଦର୍ଶନ ଆମ କୋଚ୍, ଖେଳାଳି ଏବଂ ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଅଫିସିଆଲଙ୍କର ତ୍ୟାଗ, ପ୍ରତିଶ୍ରୁତିବଦ୍ଧତା ଓ ଦୃଢ଼ସଂକଳ୍ପକୁ ସୂଚିତ କରୁଛି। ସରକାରଙ୍କ ନିକଟରୁ ପର୍ଯ୍ୟାପ୍ତ ସହଯୋଗ ମିଳୁ ନ ଥିଲେ ମଧ୍ୟ ଏମାନେ ସମସ୍ତ ପ୍ରତିବନ୍ଧକ

**ସ୍ପେଶାଲ ଅଲିମ୍ପିକ୍ସ ଜାତୀୟ ବୋଲିଂ ଚାମ୍ପିୟନଶିପ୍**

ବିରୋଧରେ ସଂଗ୍ରାମ କରି ରାଜ୍ୟପାଇଁ ଗୌରବ ଆଣିଛନ୍ତି। ଏମାନଙ୍କୁ ଯେପରି ସହଯୋଗ ଓ ସ୍ୱୀକୃତି ମିଳିବା କଥା ତାହା ହେଉନାହିଁ। ରାଜ୍ୟ ସରକାର ଆମ ଆଥଲେଟ୍‌ଙ୍କ ପାଇଁ ଜିଲାଗୁଡ଼ିକରେ ସ୍ପେଶାଲ ସ୍ପୋର୍ଟ୍ସ ସେଣ୍ଟର ଖୋଲିବା ସହ ଅନ୍ୟ କ୍ରୀଡ଼ାବିତ୍‌ମାନେ ଯେପରି ସମର୍ଥନ ପାଉଛନ୍ତି ଆମ ଆଥଲେଟ୍‌ଙ୍କୁ ସେପରି ସହଯୋଗ ଯୋଗାଇ ଦେବା ଉଚିତ’’ ବୋଲି ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ କୁମାର ରଥ ପ୍ରକାଶ କରିଛନ୍ତି। ଅଭିଭାବକ ସଂଘର ପ୍ରତିନିଧି ଶୁଭାଙ୍ଗିନୀ ସାହୁ ଓ ଭାରତୀ ପରିଡ଼ା ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶା ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗରେ ଖୁସି ଜାହିର କରିଛନ୍ତି। ଅନୁଷ୍ଠାନର ସଭାପତି ସୁନୀତା ମୁଣ୍ଡ, ଉପସଭାପତି ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ ଏବଂ ବୋର୍ଡ ସଦସ୍ୟ ମନତୋଷ ବେହେରା, ଦୀପ୍ତିମୟୀ ରାଉତ ଓ ତନ୍ମୟ ଭୂଷଣ ସେନାପତି ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ପଦକ ବିଜେତା ଓଡ଼ିଶା ଖେଳାଳି।

# କୋଣାର୍କ ସୂର୍ଯ୍ୟସ୍‌ର କ୍ୟାପଟେନ୍ ଇର୍ଫାନ୍

**ଲିଜେଣ୍ଡ୍ସ ଲିଗ୍‌ରେ ପ୍ରଥମ ଥର ଓଡ଼ିଶା ଟିମ**

**ଭୁବନେଶ୍ୱର, ୬।୯(ସରୋଜ ଜେନା)**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ ଓଡ଼ିଶାର ପ୍ରଥମ ଦଳ ଭାବେ କୋଣାର୍କ ସୂର୍ଯ୍ୟସ୍ ସାମିଲ ହୋଇଛି। ଶୁକ୍ରବାର ଭୁବନେଶ୍ୱରରେ ଟିମ ଲଞ୍ଚ ହେବା ସହ, ସମସ୍ତ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଇର୍ଫାନ ପଠାନଙ୍କୁ ଏହି ଅବସରରେ କୋଣାର୍କ ସୂର୍ଯ୍ୟସ୍‌ର ଅଧିନାୟକ ଘୋଷଣା କରାଯାଇଥିଲା। ବିନୟ କୁମାର, ରାଜେଶ ବିଷ୍ଣୋଇ ଓ ଶାହାବାଜ୍ ନଦୀମଙ୍କ ଭଳି ଖେଳାଳିଙ୍କୁ ସାମିଲ କରାଯାଇଛି। ଟି୨୦ ଫର୍ମାଟରେ ଏହି ଟୁର୍ନାମେଣ୍ଟ ଖେଳାଯିବ ବୋଲି ଜଣାପଡିଛି। ଓଡ଼ିଶା ରଣଜୀ ଦଳର ପୂର୍ବତନ ଓପନର ନଟରାଜ ବେହେରା ଏହି ଦଳରେ ଏକମାତ୍ର ଓଡ଼ିଆ ଭାବରେ ସ୍ଥାନ ପାଇଛନ୍ତି। ଶୁକ୍ରବାର ଟିମ ଲଞ୍ଚ୍ ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା, ପଳର୍ବତନ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଦୂତି ଚାନ୍ଦ, ପାରା ଅଲିମ୍ପିଆନ ପ୍ରମୋଦ ଭଗତ, ପୂର୍ବତନ କ୍ରିକେଟର ସତ୍ୟରଞ୍ଜନ ଶତପଥୀ, କଣ୍ଠଶିଳ୍ପୀ କ୍ରିଷ୍ଣା ବେହୁରା, ସୁସ୍ମିତା ଦାସ, ଅଭିନେତା ସବ୍ୟସାଚି ଓ ଅଭିନେତ୍ରୀ ଅର୍ଚ୍ଚିତା ପ୍ରମୁଖ ସାମିଲ ହୋଇଥିଲେ। ସେପ୍ଟେମ୍ବର ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଅକ୍ଟୋବର ୧୬ ତାରିଖରେ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍ ହରଭଜନ ସିଂଙ୍କ ମଣିପାଲ ଟାଇଗର୍ସ ଓ କୋଣାର୍କ ସୂର୍ଯ୍ୟସ୍ ମଧ୍ୟରେ ଖେଳାଯିବ।

ଦଳ: ଇର୍ଫାନ ପଠାନ୍, ଅମ୍ବାତିରାୟୁଡୁ, ୟୁସୁଫ୍ ପଠାନ୍, ବିନୟ କୁମାର, ରାଜେଶ ବିଷ୍ଣୋଇ, ଶାହବାଜ ନଦୀମ୍, ପ୍ରବୀଣ ତାମ୍ବେ, ଦୀୱେଶ ପଠାନିଆ, କେ.ପି. ଅପନ୍ନା, ନଟରାଜ ବେହେରା, ରସ୍ ଟେଲର, କେଭିନ୍ ଓ ବ୍ରାଏନ୍, ବେନ୍ ଲାଫ୍‌ଲିନ୍, ରିଚାର୍ଡ ଲେଭି, ନବୀନ ଷ୍ଟିୱାର୍ଟ ଓ ଫିଡେଲ ଏଡୱାର୍ଡ୍ସ।




ଅତିଥିମାନେ ଲୋଗୋ ଉନ୍ମୋଚନ କରୁଛନ୍ତି।


## ଜନଦିନ ଶୁଭେଚ୍ଛା



**ସାନ୍‌ଭି ତନୟା ସାହୁ (ରିଦ୍ଧି)**

ଠିକଣା: ଦିବ୍ୟ ବିହାର, ଲେନ୍-୭, ସାମନ୍ତରାପୁର, ଭୁବନେଶ୍ୱର

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ- ବାବା, ମାମା, ଜେଜେ, ମା, ମାମୁ, ମାଇଁ, ଅଜା, ଆଇ ଓ ପରିବାରବର୍ଗ।

ଧ-୧୨୬୭


# ବିଦାହେଲେ ଅଷ୍ଟ୍ରେଲିଆ କୋଚ୍

**ପ୍ୟାରିସ୍,୬।୯(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆର ସୁଇମିଂ କୋଚ୍ ଥିବା ମାଇକେଲ୍ ପାଲଫ୍ରେଙ୍କୁ ଶୁକ୍ରବାର ବିଦା କରାଯାଇଛି। ଅଲିମ୍ପିକ୍ସ ସମୟରେ ନିଜ ଦଳର ଖେଳାଳିଙ୍କୁ ପ୍ରଶିକ୍ଷଣ ନ ଦେଇ କୋରିଆ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇ ବିବାଦ ଘେରକୁ ଆସିଥିଲେ ମାଇକେଲ୍। ଏହି ଘଟଣାକୁ ନିନ୍ଦା କରିବା ସହ ମାଇକେଲଙ୍କୁ ଅଷ୍ଟ୍ରେଲିଆ ପଠାଇ ଦିଆ ଯାଇଥିଲା। ଅଲିମ୍ପିକ୍ସ ମଧ୍ୟରେ ଲା ଡିଫେନ୍ସ ଆରେନାରେ ସନ୍ତରଣ ପ୍ରତିଯୋଗିତା ପୂର୍ବରୁ ଏହି ଘଟଣା ଘଟିଥିଲା। ୪୦୦ ମିଟରରେ ବିଶ୍ୱ ଚାମ୍ପିୟନ କୋରିଆର କିମ୍ ଉ ମିନ୍‌ଙ୍କୁ ମାଇକେଲ ପୂର୍ବରୁ ପ୍ରଶିକ୍ଷଣ ଦେଉଥିଲେ। ଏକ କୋରିଆନ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ସମୟରେ ସେ କହିଥିଲେ ଟୁର୍ନାମେଣ୍ଟର ପ୍ରଥମ ଦିନରେ କିମ୍ ସ୍ୱର୍ଣ୍ଣ ପଦକ ଜିତନ୍ତୁ ବୋଲି ସେ ଆଶା କରନ୍ତି ବୋଲି କହିଥିଲେ।

# ଓଡ଼ିଶାରୁ ଭାଗନେବେ ୪ ଆଥ୍‌ଲେଟ



ସବିତା ଟପ୍ପୋ, ଦଣ୍ଡପତି ମୃତ୍ୟମ୍ ଜୟରାମ, ମହେନ୍ଦ୍ର ସାନ୍ତା ଓ ପ୍ରତୀକ ମହାରଣା।

**ସାଉଥ୍ ଏସିଆନ ଜୁନିୟର ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ)**

ସାଉଥ୍ ଏସିଆନ ଆଥ୍‌ଲେଟିକ୍ସ ଫେଡେରେଶନ (ସାଫ୍) ଆନୁକୂଲ୍ୟରେ ଚେନ୍ନାଇଠାରେ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତର ୫୫ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଓଡ଼ିଶାର ୪ ପ୍ରତିଯୋଗୀ ସାମିଲ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ପକ୍ଷରୁ ମନୋନୀତ ଏହି ୪ ଆଥ୍‌ଲେଟ ହେଲେ ଦଣ୍ଡପତି ମୃତ୍ୟମ୍ ଜୟରାମ (୧୦୦ ଓ ୨୦୦ ମିଟର ରେସ୍ ଏବଂ ୪x୧୦୦ମି. ରିଲେ), ପ୍ରତୀକ ମହାରଣା (୨୦୦ ମିଟର ରେସ୍), ମହେନ୍ଦ୍ର ସାନ୍ତା (୪x୧୦୦ମି. ରିଲେ) ଓ ସବିତା ଟପ୍ପୋ (୧୦୦ ମି. ହର୍ଡଲ୍ସ)। କଳାହାଣ୍ଡିର ଜୟରାମ, ନବରଙ୍ଗପୁରର ମହେନ୍ଦ୍ର ଓ ସୁନ୍ଦରଗଡ଼ ଜିଲାର ସବିତା ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଏଚ୍‌ପିସିରେ କୋଚ୍ ରୋହିତ ମାନେଙ୍କଠାରୁ ଟ୍ରେନିଂ ନେଉଛନ୍ତି। ସେହିପରି ବରଗଡ଼ର ପ୍ରତୀକ ରାଉରକେଲାରେ ଶିବ ପ୍ରସାଦ ମିଶ୍ରଙ୍କଠାରୁ କୋଚିଂ ନେଉଛନ୍ତି। ଏହି ସାଫ୍ ଚାମ୍ପିୟନଶିପ୍‌ରେ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରବୋଧ କୁମାର ମହାନ୍ତି ମଧ୍ୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେ ପ୍ରତିଯୋଗିତାରେ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇବେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଆଥ୍‌ଲେଟମାନଙ୍କୁ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଜି.ଏସ. ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଶୁଟ୍‌ଆଉଟରେ ହାରିଲା ଓଡ଼ିଶା ଏଫ୍‌ସି



ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ବନ୍ଦୋଦକର ଟ୍ରଫି ଫୁଟବଲ ଫାଇନାଲ**

**ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ)**

ଗୋଆର ଫତୋର୍ଦା ଷ୍ଟାଡିୟମରେ ଅନୁଷ୍ଠିତ ବନ୍ଦୋଦକର ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଏଫ୍‌ସି ଚମତ୍କାର ଖେଳିଥିଲେ ମଧ୍ୟ ଶୁଟ୍‌ଆଉଟ ୧-୩ ଗୋଲରେ ଏଫ୍‌ସି ଗୋଆ ନିକଟରୁ ପରାଜିତ ହୋଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୩-୩ ଗୋଲରେ ବରାବର ରହିଥିଲା। ଓଡ଼ିଶା ଏଫ୍‌ସି ପକ୍ଷରୁ ହ୍ୟୁଗୋ ବୌମସ ୧୮, ଜାହୋଉ ୪୮(ପେନାଲ୍ଟି) ଓ ରହିମ ୫୪ତମ ମିନିଟରେ ଗୋଲ ଦେଇଥିଲେ। ଗୋଆ ପକ୍ଷରୁ ସାଦିକୁ ୩୪ ଓ ୮୮ ମିନିଟରେ ୨ଟି ଏବଂ ଡ୍ରାଜିକ୍ ୪୧ତମ ମିନିଟରେ ଗୋଟିଏ ଗୋଟିଏ ଗୋଲ ସ୍କୋର କରିଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ ଘରୋଇ ଦଳ ଗୋଆ ବାଜି ମାରିଥିଲା। ଭାଉସାହେବ ବନ୍ଦୋଦକର ମେମୋରିଆଲ ଟ୍ରଫି ଓଡ଼ିଶା ଏଫ୍‌ସିର ପ୍ରି-ସିଜନ ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ଥିଲା। ୨୦୨୪-୨୫ ସିଜନ ପୂର୍ବରୁ ଏଥିରେ ଦଳକୁ ମୂଲ୍ୟବାନ ମ୍ୟାଚ ପ୍ରାକ୍ଟିସ ମିଳିବା ସହ ରଣନୀତିକୁ ଚୂଡ଼ାନ୍ତ ରୂପ ଦେବାକୁ ସୁଯୋଗ ସୃଷ୍ଟି କରିଥିଲା।

ଓଡ଼ିଶା ଏଫ୍‌ସି ଗ୍ରୁପ୍ ‘ବି’ରେ ଚେନ୍ନାଇନ୍ ଏଫ୍‌ସି (ଭାରତ), କ୍ଲବ ଡି ପୋର୍ଟିଭୋ ଡିଫେନ୍ସା ୱାଇ ଜଷ୍ଟିକା (ଆର୍ଜେଣ୍ଟିନାଡ ଓ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି (ଭାରତ)କୁ ଭେଟିଥିଲା। କଳିଙ୍ଗ ୱାରିୟର୍ସ ଦଳ ଜଷ୍ଟିକାକୁ ୨-୧ରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଚେନ୍ନାଇନ୍‌କୁ ୧-୦ରେ ପରାସ୍ତ କରିଥିଲା। ଏହାପରେ ଚର୍ଚ୍ଚିଲ ବ୍ରଦର୍ସକୁ ୬-୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଓଡ଼ିଶା ଦଳ ହ୍ୟୁଗୋ ବୌମସଙ୍କ ଡବଲ ଗୋଲ ବଳରେ ବ୍ରିସବେନ ରୋର୍ ଏଫ୍‌ସି କୁ ହରାଇ ଫାଇନାଲରେ ପହଞ୍ଚିଥିଲା। ଓଡ଼ିଶା ଏଫ୍‌ସି ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ରେ ଚେନ୍ନାଇନ୍ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଚଳିତ ମାସ ୧୪ ତାରିଖରେ ଏହି ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।


# Classified Everyday

**0674-2580101, 2549949**



**REAL ESTATE**

**SALE**

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**Ready to move 4BHK flat (2050sqft. SBA) at Saubhagya Nagar, Near OUAT with double parking, 6500/- per sqft. 9439716901.** D-75566

2BHK apartment for sale near Chintamaniswar Temple, Bhubaneswar. Mob- 9437443404, 9937802555. D-1180




Newly open spa positively health benefits with expert therapist. 8658466886. D-76152

Newly open health benefits SPA by expert therapist. Contact- 6371861658. D-76150

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

Newly open health benefits SPA special offer @ 799 Bapujinagar. 8018429809. D-76149

Kerala body Massage therapy Unisex any person Bhubaneswar. kajal- 9337672475. D-1214



**BUSINESS**

**Mushroom farming training/ ଛତୁ ଚାଷ– Paddy, Button and Oyester Mushroom training starting soon in Bhubaneswar. Contact +91 9827702258.** D-1270

**ଧରିତ୍ରୀ**
DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

**LOST**

I Rusava Meher, Village- Khandahata, P.S.- Purunakatak, Dist.- Boudh declare that my daughter Tanushree Meher passed the Class X (AISE) Examination-2023 from JNV, Boudh. The School was issued a Transfer and Conduct Certificate. That on dtd 03.09.2024 while I was coming to Purunakatak from my Village the aforesaid Certificate of my daughter has been lost somewhere. Despite of my sincere effort I could not traced out the same. D-1265

**AFFIDAVIT**

By virtue of an affidavit sworn before the Executive Magistrate, Saintala dated 06.09.2024, I, KUMODINI BANCHHOR, resident of Village At- Remanda, P.O.- Budhabahal, P.S.- Saintala, Dist- Balangir (Odisha), PIN- 767032 declare that I have changed my name from Arati Bag to Kumodini Banchhor. Henceforth, I shall be known as Kumodini Banchhor for all purpose.
Kumodini Banchhor
D-1268

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Sumita Pal, aged about 40 years, W/o-Chitta Ranjan Pal, Resident of Village- Bhatisalguda, Nabarangpur (M), Dist.- Nabarangpur, Odisha, Pin-764059, do hereby solemnly affirm and state as follows- 1. That, I am the deponent of this affidavit. 2. That, my son's actual name is Snehasis Pal, which is reflected in his Aadhaar Card, but in his School record his name has been wrongly recorded as Shenhasis Pal instead of Snehasis Pal. 3. That, Shenhasis Pal & Snehasis Pal is one and the same person, who is my son. 4. That, this affidavit is required to be produced before the concerned authority of K.V.1, Bhubaneswar for necessary correction of my son's name as Snehasis Pal in his School record. That, the aforementioned facts stated above are true to the best of my knowledge & available record, Identified by me.
Deponent
D-1266

I Bedaprakash Mohanty, S/o- Trilochan Mohanty of Gopalsahi, Bidanasi, Cuttack have changed my name from Bedaprakash Mohanty to Vedprakash Mohanty by an affidavit. Henceforth, I shall be known as Vedprakas Mohanty for all purposes. D-1271

## ମନେ ପଡ଼ନ୍ତି

**୩୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଫୁଲ୍ଲ କୁମାର ପାଠୀ**
ଗ୍ରାମ- ବଡ଼ଗଡ଼, ଗଞ୍ଜାମ
ତିରୋଧାନ: ୧୯।୦୯।୧୯୯୩

ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭ ସମସ୍ତଙ୍କ ପାଇଁ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁଅ: ସୌଭାଗ୍ୟ, ସରୋଜ, ସଞ୍ଜୟ, ସଞ୍ଜୀବ, ବୋହୂ: ସସ୍ମିତା, ସରିତା, ଜ୍ୟୋତ୍ସ୍ନା, ନିତୁ, ଝିଅ: ସୁଷମା, ସୁପ୍ରଭା, ସୁସ୍ମିତା, ଜ୍ୱାଇଁମାନେ ଓ ନାତିନାତୁଣୀ।

ଧ-୧୨୬୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ନିରଞ୍ଜନ ପ୍ରଧାନ**
ମଧୁବନ, ନିଜିଗଡ଼ କୁରୁଖୀ
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୧୯।୦୯।୨୦୨୩

ଇତି ମଧ୍ୟେ ଗୋଟେ ବର୍ଷ ବିତିଗଲାଣି ହେଲେ ଏବେ ବି ବିଶ୍ୱାସ ହେଉନାହିଁ ଯେ ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲିଯାଇଛ। ତୁମର ପ୍ରତ୍ୟେକଟି କଥା, ଭଲପାଇବା, ସ୍ନେହ ଏବଂ ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମା ଚିର ଶାନ୍ତି ଲଭୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ- ଧର୍ମପତ୍ନୀ: ଜ୍ୟୋତ୍ସ୍ନାମୟୀ, ପୁତ୍ର: ଶୁଭରଶ୍ମୀ, ପୁତ୍ରବଧୂ: ସୁଦେଷ୍ଣା, ଝିଅ: ଶୁଭଲକ୍ଷ୍ମୀ, ଜ୍ୱାଇଁ: ନୀଳକଣ୍ଠ, ଭାଇ: ବାଙ୍କବିହାରୀ, ଭାଇବୋହୂ: ମଞ୍ଜୁ, ପୁତୁରା, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।

ଧ-୧୧୯୬

# ସବୁଠୁଁ ବଡ଼ ସତ୍ୟ ମଣିଷ

୧ ସେପ୍ଟେମ୍ବର ୨୦୨୪ ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ପ୍ରଥିତଯଶା କଥାକାର ଅଚ୍ୟୁତାନନ୍ଦ ପତିଙ୍କର ୯୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆୟୋଜିତ ହୋଇଥିଲା 'ଶ୍ରୀ ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ ପ୍ରଦାନ' ଓ 'ସ୍ନାୟୁ ଓ ସନ୍ୟାସୀ' ପୁସ୍ତକ ଦ୍ୱିତୀୟ ପ୍ରକାଶନର ଲୋକାର୍ପଣ ସମାରୋହ। ଏଥିରେ ମଞ୍ଚାସୀନ ଥାଇ ଲେଖକ ଶ୍ରୀ ପତି ସମାବେଶରେ ଯୋଗଦେଇଥିବା ନିଜର ଅନୁରାଗୀମାନଙ୍କୁ ସ୍ରଷ୍ଟା ଜୀବନର ଉପଲବ୍ଧି ବଖାଣିଥିଲେ। ତାଙ୍କର ସେହି ସଂକ୍ଷିପ୍ତ ଅଥଚ ପ୍ରଭାବଶାଳୀ ବକ୍ତବ୍ୟର ଲିଖିତ ରୂପ ପ୍ରସ୍ତୁତ କରିଛନ୍ତି ସମାବେଶରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା କବି **ହୃଷୀକେଶ ମଲ୍ଲିକ।**

ଆଜି ମୋ' ନାମରେ ମତ୍‌କର୍ତ୍ତୃକ ପ୍ରବର୍ତ୍ତିତ 'ଶ୍ରୀ ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ ପ୍ରଦାନ ସମାରୋହ ଓ ମତ୍‌ଲିଖିତ ଗଳ୍ପ ସଂକଳନ 'ସ୍ନାୟୁ ଓ ସନ୍ୟାସୀ' (ଦ୍ୱିତୀୟ ପ୍ରକାଶ)ର ଲୋକାର୍ପଣ ପର୍ବ। ଆଜିର ଅତିଥି, ବକ୍ତା ଓ ଆପଣମାନେ ଏହି ଆୟୋଜନରେ ସାମିଲ ହୋଇ ମୋତେ ଅନୁଗୃହୀତ କରିଛନ୍ତି। ଏଥିପାଇଁ ମୁଁ ଧନ୍ୟ। କିନ୍ତୁ କୃତଜ୍ଞତା ଜଣାଇବାକୁ ଅକ୍ଷମ। କାରଣ ମୁଁ ମୋ' କୃତଜ୍ଞତା ତିନିଜଣଙ୍କୁ ଦେଇସାରିଛି। ଏ ତିନିଜଣ ହେଲେ- ଉପରବାଲା, ମୋତେ ପୃଥିବୀକୁ ଆଣିଥିବା ମୋ' ମାଆ ବାପା ଓ ମୋର ପାଠିକାପାଠକ। କ୍ଷମା କରିବେ, ମୋ' ପାଖରେ କୃତଜ୍ଞତା ଆଉ ବଳକା ନାହିଁ।

ଏହି ଅବକାଶରେ ମୋତେ କିଛି କହିବାକୁ କୁହାଯାଇଛି। କ'ଣ ବା କହିବି! ସମୟ ଖଣ୍ଡିକାଶ ଦେଲାଣି। ଜୀବନର ଏହି ସ୍ଥିତିରେ ପହଞ୍ଚି ମୋର ଯାହା ଉପଲବ୍ଧି, ସେଥିରୁ ମୁଁ ବୁଝିଛି- 'ଜୀବନ ହେଉଛି ଭଗବାନଙ୍କ ଉପନ୍ୟାସ'। ଆଉ ଗୋଟେ କଥା- ବିଫଳତା ବୋଲି ଏକ ଶବ୍ଦ ମୋ' ଅଭିଧାନରେ ନାହିଁ। ମୋ' ମତରେ ବିଫଳତା ହେଉଛି, ସଫଳତାର କିଛି ତ୍ରୁଟି। ଅନ୍ୟର ଆଖିରେ ଲୁହ ଦେଖିଲେ ମୁଁ କ୍ରୁଶବିଦ୍ଧ ହୁଏ। ଶହେଟା ଦୁଆର ଠକ୍‌ଠକ୍ କଲେ ଯଦି ଖୋଲିଲା ନାହିଁ, ତେବେ ଶହେ ଏକ ଦୁଆର ହୁଏତ ଖୋଲିପାରେ- ଏଇ ବିଶ୍ୱାସରେ ମୁଁ ଦୁଆର ପରେ ଦୁଆର ଠକ୍‌ଠକ୍ କରିଚାଲେ। ଚାଲିଥାଏ।

ମୋତେ ଥରେ ଜଣେ କହିଲେ- ଆପଣ ଯେଉଁମାନଙ୍କ ବିଷୟରେ ଲେଖୁଛନ୍ତି, ସେମାନେ ପଢ଼ନ୍ତି ନାହିଁ। ଯେଉଁମାନେ ଅତ୍ୟାଚାର କରୁଛନ୍ତି, ସେମାନେ ଆପଣଙ୍କ ଲେଖାକୁ ଖାତିର୍ କରନ୍ତି ନାହିଁ, ତେବେ ଆପଣ ଲେଖୁଛନ୍ତି କାହିଁକି? ମୁଁ କହିଲି- ମୋର କାମ କବାଟ ବାଡ଼େଇବା, କିଏ ଶୁଣୁ କି ନ ଶୁଣୁ! କିଏ ଜଣେ କହିଥିଲେ (ନା ମୁଁ ମନେରଖି ପାରେ ନାହିଁ)- "Literature is the sensitive nerves of the society." ଏଥିରେ ମୁଁ ଏକମତ।



ମୁଁ ଦେଖୁଛି- ଲେଖକମାନେ ତାରା ଆଡ଼କୁ ହାତ ବଢ଼େଇ ରହିଛନ୍ତି, ରୁହନ୍ତୁ; କିନ୍ତୁ ଅତି ପାଖରେ ଫୁଲଟିଏ ଫୁଟିଛି, ତାକୁ ଭୁଲିଯିବା ଠିକ୍ ନୁହେଁ। ଆମକୁ ସବୁବେଳେ ମନେରଖିବାକୁ ହେବ ଯେ ପୃଥିବୀର ସବୁଠୁଁ ବଡ଼ ସତ୍ୟ ମଣିଷ। ଯେଉଁ ସାହିତ୍ୟ ମଣିଷକୁ ରୂପ ଦେଇପାରେନା, ତାହା ସାହିତ୍ୟ ନୁହେଁ। ସକ୍ରେଟିସ୍ ଦିନରେ ଲଣ୍ଠନ ଜାଳି ମଣିଷ ଖୋଜିଛନ୍ତି।

ଶେଷକଥା ହେଲା- ଜୀବନସାରା ମୁଁ ଯେଉଁ ଜ୍ଞାନ ଅର୍ଜନ କଲି, ସେଥିରୁ ଜାଣିଲି ଯେ ମୁଁ କିଛି ଜାଣିନାହିଁ। ଇମର୍‌ସନ୍ କହିଥିଲେ- ସମସ୍ତେ ମୋ'ଠାରୁ ଜ୍ଞାନୀ। ତେଣୁ ଆପଣମାନେ ସମସ୍ତେ ମୋ'ଠାରୁ ଜ୍ଞାନୀ। ଆପଣମାନେ ଲେଖନ୍ତୁ, ଆଗେଇ ଚାଲନ୍ତୁ! ଆଉ ଗୋଟେ କଥା- ଆପଣଙ୍କର ଯଦି କିଛି କହିବାର ନାହିଁ, ତେବେ ଜମା ଲେଖନ୍ତୁ ନାହିଁ! ଏତିକି ମୋର ବକ୍ତବ୍ୟ।

ମୋ: ୯୮୫୩୨୮୭୭୫୫

ସ୍ମରଣୀୟ

## ଉଗ୍ରସେନ ଉବାଚ

**– ଅଚ୍ୟୁତାନନ୍ଦ ପତି**

ମୁଁ ଯେଉଁମାନଙ୍କ ସମ୍ପର୍କରେ କହୁଥିଲି; ସେମାନେ ସମସ୍ତେ ତୃତୀୟ ପୁରୁଷ। ଆଜିର ସମସ୍ତଙ୍କ ଭଳି ଦୁର୍ନୀତି ସାମ୍ନାର ଏକ ନଖଦନ୍ତର ସମର ପାଇଁ ମୋ ସଂଗ୍ରାମୀ ମୁହଁରେ ମୁଁ ବାରୁଦ ଜାଳୁଥିଲି।

ସେ ଜଣେ ମର୍ଯ୍ୟାଦାବନ୍ତ କ୍ଲାସ୍ ୱାନ୍ ଅଫିସର। ଝିଅ ବାହାଘର କଲେ ଯେ ଅଧସ୍ତନ ଦପ୍ତରମାନଙ୍କରୁ ବାଧ୍ୟତାମୂଳକ ଉପହାରର ଯେଉଁ ବଗମାନେ ଉଡ଼ିଆସିଲେ, ସେଥିରେ ଝିଅ ଜ୍ୱାଇଁଙ୍କ ଆକାଶ ଧଳା ହୋଇ ବି ପୁଅ ବୋହୂଙ୍କ ସରଗ ମଧ୍ୟ ଦୁଧିଆ ଧରିଗଲା।

ଆଉ ସେ ହେଲେ ସବ୍‌ରେଜିଷ୍ଟ୍ରାର ସାହେବ। ଅଫିସର ଚଢ଼େଇଙ୍କ ଭିତରେ ଅସରପା ବୋଲି ହୀନମନ୍ୟତାର ଅସମ୍ମାନ ତାଙ୍କ ଉପରେ ଅଯଥା ଲଦିଦିଅନ୍ତି; କିନ୍ତୁ ତାଙ୍କର ଜିଅନ୍ତା ଓ ମଲା ଦୁଇ ଜଗତ ଉପରେ ଅକ୍ତିୟାର ରହିଛି। ଉଭୟ ସ୍ଥିତିକୁ ନେଇ ସେ ବ୍ୟବସାୟ କରନ୍ତି। ମଲା ବୁଢ଼ୀଟାର ଟିପଚିହ୍ନ ନେଇ ସେଦିନ ବୁଢ଼ୀଟାର ବାର ଲଟରାରେ ଲଟରା ସେ କଣ୍ଟ୍ରୋଲ ଦୋକାନୀଟାକୁ ତା' ସମ୍ପତ୍ତିର ସର୍ବେସର୍ବା କରିଦେଲେ। ତା'ପରେ ସେ ମହାଶୟ ଏଣିକି ମଟରସାଇକେଲରେ ଯିବାଆସିବା କରୁଛନ୍ତି।

ହଁ; ସେ ଭଦ୍ରଲୋକ ଡାକ୍ତର ଅଟନ୍ତି। ଡାକ୍ତରଖାନାର ଔଷଧ ବିକ୍ରି, ଖଟିଆ ଯୋଗାଇବା ମାମୁଲି; ମଳମୂତ୍ର ପରୀକ୍ଷା ଜାଲରୁ ଆମଦାନୀ, ଉପୁରି ଇତ୍ୟାଦି ଇତ୍ୟାଦି ପରେ ବି ରିଏମ୍ବର୍ସମେଣ୍ଟ ବିଲ୍ ପାଇଁ ପ୍ରେସ୍କ୍ରିପ୍‌ସନ ଯୋଗାଇ ନମ୍ବରୀ କାରବାର କରି ସମାଜ ତାଲିକାରେ ନିଜର ନମ୍ବର ଉପରକୁ ଉପରକୁ ଉଠାଉଛନ୍ତି।

ଏଇ ସିଭିଲ୍‌ସପ୍ଲାଇ ବାବୁ। ଜୀବନ ବନ୍ଦର ପାଇଁ ତାଙ୍କର ପଣ୍ୟବାହୀ ହିଷ୍ଟରଲେଣ୍ଡଟା ଅତି ବିସ୍ତୃତ। କେବଳ ଚିନିର ସ୍ୱତନ୍ତ୍ର ପରମିଟ୍ ବଦଳରେ ବି ଜାହାଜଟା ତାଙ୍କର ବୋଝେଇ ହୋଇପାରୁଛି। ଚିନିର କଣ୍ଟ୍ରୋଲ ଦାମ୍ ଧର ଟଙ୍କେପଞ୍ଚସ୍ତରି। ଖୋଲା ବଜାରରେ ବିକ୍ରିମୂଲ୍ୟ ପ୍ରାୟ ହେବ ତିନିଟଙ୍କା ପଚାଶ ଉପରେ। କଣ୍ଟ୍ରୋଲ ଓ ଖୋଲାର ବ୍ୟବଧାନ ଅଧାଟା ନ୍ୟାୟତଃ ନିମ୍ନତଃ ନିମ୍ନତମ ପ୍ରାପ୍ୟ। ଆଉ ସେତିକି ତେଲ, ଲୁଣ ପରେ ବି ଶାଢ଼ି, ସିନେମା ଆବଶ୍ୟକତାରୁ ଯଥେଷ୍ଟ ଅଧିକ।

ସେ ପୁଣି ହେଉଛନ୍ତି ଗାଁର ଗୌରବ ସମସ୍ତଙ୍କ ମାଷ୍ଟ୍ରେ। ଭୃଗୁ ସାନ୍ଦିପନି ଗୋତ୍ର ପରମ୍ପରାର ଦାୟାଦ ବୋଲି ସେ ଭାବନ୍ତି। ଆମେ ବି ବେଳେବେଳେ ତାଙ୍କୁ ସେମିତି କହୁଁ। ସମାଜ ବୋଧହୁଏ ତାଙ୍କର କେୟାର ନେଉନି ବୋଲି ଆମେରିକାର କେୟାର ସଂସ୍ଥା ବର୍ତ୍ତମାନ ସେମାନଙ୍କର ଯତ୍ନ ନେଉଛି। ସୋୟାବିନ୍‌ତେଲ, ମକାଗୁଣ୍ଡର ମଲମ ଓ ପାଉଡର ତାଙ୍କ ଦାରିଦ୍ର୍ୟର ଗହୀର ଘାଆକୁ ପୂରାଇ ଘାଆ ଉପରକୁ ଆବୁ ଉଠେଇବାକୁ ଲାଗିଲାଣି।

ତାଙ୍କୁ ତ ଆପଣ ଜାଣନ୍ତି, ସେ ହେଲେ ବି.ଡି.ଓ. ବିଶ୍ୱକର୍ମା। ଆଉ ତାଙ୍କ ହାତରେ ରିଲିଫ୍, ଟେଷ୍ଟ ରିଲିଫ୍ ଇତ୍ୟାଦିର ସ୍ୱର୍ଣ୍ଣଦ ସ୍ପର୍ଶ ମଣିମାନ ରହିଛି। ପଥର ଉପରେ ଆଙ୍ଗୁଳିର ଅଗ ଛୁଆଇଁ ସେ ସ୍ୱର୍ଣ୍ଣଲଙ୍କାର ଅଧୀଶ୍ୱର ହୋଇପାରିବେ।

ଆଉ ଇୟେ ତହସିଲ ଦପ୍ତର, ସିଏ ପୋଲିସବାଲା। ଖାଇଯିବାର ନେଇଯିବାର ଲାଇସେନ୍ସ ସେମାନଙ୍କୁ ସରକାର, ସମାଜ, ସର୍ବସାଧାରଣ, ସମସ୍ତେ ସମ୍ମିଳିତ ଭାବରେ ସମର୍ପଣ କରିଛନ୍ତି।

ଦୁର୍ନୀତି କାରଖାନାର ସର୍ବୋଚ୍ଚତମ କର୍ତ୍ତୃପକ୍ଷ ମନ୍ତ୍ରୀ, ଚେୟାରମ୍ୟାନ୍, ସରପଞ୍ଚ ଏବଂ କାରଖାନାର ଅଶ୍ୱଶକ୍ତି ମିଲ୍‌ବାଲା, ହୋଲ୍‌ସେଲର, ଗଦିଦାର ଗୋଷ୍ଠୀ ହେଲେ ଉପର ପାହାଚର ଶିକାରୀ। ଚୁଟୁକୁରିଆ ଡାଆଣୀ ଭଳି କୁଟା ଲଗାଇ ନିଛାଟିଆବେଳେ ସେମାନେ ରକ୍ତ ଚୋଟମନ୍ତି ନାହିଁ। ହତିଆର ଚଳାଇ ; ହଲାଲ କରି ଆଞ୍ଜୁଳା ଆଞ୍ଜୁଳା ରକ୍ତ ଢୋକନ୍ତି।

ସମସ୍ତେ ଯୁଗଧର୍ମର ଘୋଡ଼ାରେ ସବାର ହୋଇଛନ୍ତି। ସମସ୍ତେ ମଣିଷପଣିଆର ଇଜ୍ଜତ ନେଉଛନ୍ତି।

ଦୁର୍ନୀତି ବିରୋଧରେ ଦେହରୁ ପର୍ଯ୍ୟାପ୍ତ କାର୍ବନ ଜଳାଇ ମୁଁ ଘରକୁ ଫେରୁଥିଲି। ରାତି ଚାହିଁବା ସମୟଠୁ ଦି' କଦମ୍ ଆଗେଇ ଯାଇଛି। ଗାଁ ମୁଣ୍ଡରେ ଶଙ୍କରାନା ଚା' ଦୋକାନ ବନ୍ଦକରି ଘରକୁ ଗଲାଣି। ତା' ଚାଳିଆ କଡ଼କୁ ଚିରାକାଠ ଗଦାମରା ହୋଇ ଥୁଆ ହୋଇଛି। ମୁଁ ଦି' ଖଣ୍ଡ ମୋଟା ମୋଟା କାଠ ତା' ଭିତରୁ ଟାଣି ଆଣିଲି। ସକାଳ ଓଳିର କିଲୋ ଦୁଇଟଙ୍କା କୋଡ଼ିଏବାଲା ହରଡ଼ ଡାଇକୁ ଶିଳରେ ବାଟିବା ପାଇଁ ନିଶ୍ଚୟ ଦରସିଝା କରିହେବ।

(ପୂରା ସିଝିବାର ପ୍ରଶ୍ନ ଉଠୁନି, ଯେଣୁ ସେ ଡାଇ ସିଝିବାକୁ ଜନ୍ମ ନେଇନି)

ମୋ' ଭିତରେ ରାଜା ଉଗ୍ରସେନ କଟୁଆଳଙ୍କୁ ମୁଁ ଶଙ୍ଖ, ଚକ୍ର, ଗଦା, ପଦ୍ମ ଦେଖାଇ ବୁଝାଇଦେଲି- ରାତିର ନିଛାଟିଆ ରାସ୍ତାରେ ବାରବୁଲା କୁକୁରମାନେ ପ୍ରାୟ ଉପଦ୍ରବ କରନ୍ତି। ହାତରେ ଖଣ୍ଡେ କିଛି ଥିବା ଦରକାର।

## ଅବାଗ

ଲଘୁଗଳ୍ପ

**ବିପ୍ଳବ**

ଚା' ପିଇବା ପାଇଁ ତାଳପଦା ଛକରେ ମୁଁ ଗାଡ଼ି ରଖିଲି। ଗାଡ଼ି ସାଇଡ୍ ଷ୍ଟାଣ୍ଡ ମାରିଲା ବେଳେ ଭୀମା ଭାଇ ଉପରେ ମୋ' ଆଖି ପଡ଼ିଲା। ଆମ ଗାଁ ଭୀମା ପରିଡ଼ା। ତାକୁ ଏଠି ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି।

ମୋତେ ଦେଖି ସେ ବେଞ୍ଚରୁ ଉଠି ସିଧା ମୋ' ପାଖକୁ ଚାଲି ଆସିଲା।

– 'ତୁ ଏଠି ?' ମୁଁ ତାକୁ ଆଶ୍ଚର୍ଯ୍ୟ ହୋଇ ପଚାରିଲି।

ଦୋକାନଠୁଁ ଟିକେ ଦୂରକୁ ଟାଣି ଆଣି ମୋ' କାନ ପାଖରେ ଫିସ୍‌ଫିସ୍ କରି କହିଲା:

: 'ଛାଡ଼ ସେଗୁଡ଼ା। ତୁ ସାନ ଭାଇଟା। କ'ଣ କହିବି ଲାଜ କଥା ?'

–'ତୁ କ'ଣ ଘରେ ରହୁନୁ ?'

: 'ପୁଅ ତିନିହେଁ ଗଣ୍ଡଗୋଳ କରି ଘର ଆଉ ଜମି ବାଣ୍ଟିନେଲେ। ମୋତେ ଖାଇବାକୁ ଦେଲେନି। ମୁଁ ତ ଆଉ ମୂଲପାତି ଲାଗିପାରୁନି। ଏଇ ଝିଅ ଘରେ ଆସି ରହୁଛି। ବୋହୂଗୁଡ଼ା ବାଗ ପଇଲେନି। ମୋ' ଘର ଭାଙ୍ଗିଦେଲେ।'

– 'ତୁ ପା କହୁଥିଲୁ ଜ୍ୱାଇଁ ବାଗ ନୁହେଁ। ପଡ଼ିଶା ଘର ଦେଖେଇ ଭଦ୍ର ଲୋକ ବନ୍ଧୁ ବାନ୍ଧିଦେଲା। ତା'ର ଘର ଦୁଆର କିଛି ନାଇଁ। ତୁ ପୁଣି ଆସି ଏଇଠି ଗେଞ୍ଜି ହେଲୁ ?'

ଭୀମା ଭାଇ ହସିଲା।

: 'ଜ୍ୱାଇଁଟା ଭଲ ଲୋକ ମ। ମୋ' ସମୁଦୀ ଭାରି ଚିଡ଼ାକୁ ସମୁଦୁଣୀ କଳିହୁଡ଼ୀ। ଭାରି ଅବାଗ। ରହିବାର ମାସେ କି ଦେଢ଼ ମାସେ ହେଇନି ସବୁ ଦିନ କେଁ କାଁ। ଦିନେ ରୁଷିଲି ପଳେଇ ଆସିବାକୁ। ସେଦିନ ଘମାଘୋଟ ଗଣ୍ଡଗୋଳ। ଦି'ଜଣଯାକ ରୁଷିକି ଯାଇ ଦି' ଝିଅ ଘରକୁ ପଳେଇଲେ। ଏବେ ସେଇ ଆଡ଼େ ରହୁଛନ୍ତି ପା।'

ଭୀମା ଭାଇ କଥା ଶୁଣି ମୁଁ ହସିବି ନା କାନ୍ଦିବି ଜାଣି ପାରୁ ନଥିଲି। ତାଙ୍କ ଭିତରୁ କିଏ ଅବାଗ ବୁଝିବାକୁ ବାକି ନଥିଲା ମୋତେ।

ମୋ : ୯୪୩୭୪୬୮୦୧୬

## କାଳକାଳକୁ

"ଆମ ସମସ୍ତଙ୍କ ଭିତରେ କୋଉଠି ନା କୋଉଠି ଏପରି ଶକ୍ତି ରହିଛି, ଯାହା ପୃଥିବୀକୁ ବଦଳାଇଦେବ।"


**– ରୋଆଲ୍ଡ ଡାହଲ୍**



**ରୋଆଲ୍ଡ ଡାହଲ୍‌ଙ୍କ** ଜନ୍ମ ୧୩ ସେପ୍ଟେମ୍ବର ୧୯୧୬ରେ ଓ ପରଲୋକ ୨୩ ନଭେମ୍ବର ୧୯୯୦ରେ, ଇଂଲଣ୍ଡରେ। ଇଂଲିଶ୍ ଭାଷାର ଏହି ଖ୍ୟାତନାମା ଲେଖକ ଏକାଧାରରେ କବି, ଔପନ୍ୟାସିକ, କଥାକାର ଓ ଚଳଚ୍ଚିତ୍ର କାହାଣୀ ଲେଖକ। ବହୁ ବିକ୍ରିତ ପୁସ୍ତକର ଏହି ଲେଖକ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂଲଣ୍ଡର ବାୟୁସେନାରେ ବୈମାନିକ ଭାବେ କାର୍ଯ୍ୟକରି ପରେ ସେନାବାହିନୀର ଉଇଙ୍ଗ୍ କମାଣ୍ଡର ଭାବେ ପଦାସୀନ ହୋଇଥିଲେ। ନିଜର ଅସାଧାରଣ ରଚନା ପାଇଁ ବହୁ ପୁରସ୍କାରରେ ଭୂଷିତ, ଯହିଁରୁ କେତୋଟି ହେଲା 'ଏଡଗର ଏଲନ୍ ପୋ ପୁରସ୍କାର', 'ଆମେରିକାର ରହସ୍ୟ ଲେଖକ ପୁରସ୍କାର' ଓ 'ନିଉ ଇଂଲଣ୍ଡ ରାଉଣ୍ଡ ଟେବଲ୍ ଅଫ୍ ମିଷ୍ଟ୍ରି ରାଇଟର୍ସ ଲାଇବ୍ରେରିଆନ୍ ପୁରସ୍କାର'। କାଳ୍ପନିକ କାହାଣୀ ବୟାନ ଓ ବ୍ୟଙ୍ଗାତ୍ମକ ଲେଖା ପାଇଁ ଲୋକପ୍ରିୟ ଡାହଲ୍‌ଙ୍କ ପ୍ରସିଦ୍ଧ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ- 'ଚାର୍ଲି ଆଣ୍ଡ ଦ ଚକୋଲେଟ୍ ଫେକ୍ଟ୍ରି', 'ମାଟିଲ୍‌ଦା' ଓ 'ଦ ବିଏଫ୍ ଜି'।

## ପୁସ୍ତକ ପରିଚୟ

### କବିତା ଅର୍ଦ୍ଧଶତକ




**ପ୍ରଣେତା:** ଦେବକାନ୍ତଗଂଗାବାରଣଦାସ
**ପ୍ରକାଶକ:** ସ୍ୱାବଲମ୍ବନ, ପ୍ରୋସେସ୍ ପ୍ରା.ଲି., କଟକ
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୬୦/–

ଆଲୋଚ୍ୟ କବିତାଗ୍ରନ୍ଥର ପ୍ରଣେତା କୌଣସି ଏକକ କବି ବା ସଂପାଦକ ନୁହନ୍ତି। ବାଲେଶ୍ୱରର ପାଞ୍ଚଜଣ କବି ଏକତ୍ର, ଏକମନ ହୋଇ ମୋଟ ୫୦ଟି କବିତା (ପ୍ରତ୍ୟେକଙ୍କର ୧୦ଟି ଲେଖାଏଁ)କୁ ନେଇ ଏହିପରି ଏକ ସଂକଳନ ପ୍ରକାଶ ନିମିତ୍ତ ଉଦ୍ୟୋଗୀ ହୋଇଛନ୍ତି। ସେହି ପାଞ୍ଚଜଣ କବି ହେଲେ ଶ୍ରୀଦେବ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଂଗାଧର ବିଶ୍ୱାଳ, ନିବାରଣ ଜେନା ଓ ପ୍ରଶାନ୍ତ ଦାସ। 'ନୂଆ ମଣିଷର ଛାତି' ଶୀର୍ଷକ ଗଦ୍ୟରେ ଯେଉଁ ମିଳିତ ଇସ୍ତାହାର, ତହିଁରେ କୁହାଯାଇଛି- "ଶ୍ରୀଦେବଙ୍କ ନାମରୁ ସଂଗ୍ରହ କରାଗଲା ଦେବ ଶବ୍ଦ, ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କଠାରୁ ଅଣାଗଲା କାନ୍ତ, ଗଂଗାଧର ବିଶ୍ୱାଳଙ୍କଠାରୁ ଆସିଲା ଗଂଗା, ନିବାରଣ ଜେନାଙ୍କଠାରୁ ଉଦ୍ଧୃତ ହେଲା ବାରଣ ଓ ପ୍ରଶାନ୍ତ ଦାସ ଦାସ ହୋଇ ଶୋଭାପାଇଲେ। ସମସ୍ତଙ୍କ ନାମକୁ ଯୋଡ଼ି ଦିଆଯାଇ ସୃଷ୍ଟି ହେଲା ଆଉ ଗୋଟିଏ ନାମ 'ଦେବକାନ୍ତଗଂଗାବାରଣଦାସ'। ଏଇ ପାଞ୍ଚଜଣ ହେଲେ ବାଲେଶ୍ୱରର ପଞ୍ଚସଖା।" 'ମୁଖବନ୍ଧ'ରୁ ସ୍ପଷ୍ଟ ନୁହେଁ, ଏହି ପାଞ୍ଚଜଣ କବି କିପରି ଭାବେ ତାଙ୍କର ପୂର୍ବବର୍ତ୍ତୀ ଓଡ଼ିଆ କବିତାର ଧାରାରୁ ଅଲଗା ବା ଏମାନଙ୍କ କବିତାରେ ଏପରି କ'ଣ ଅଛି, ଯାହା ଓଡ଼ିଆ କବିତାରେ ଆଗରୁ ନ ଥିଲା। ତେବେ ଗ୍ରନ୍ଥସ୍ଥ ପାଞ୍ଚଜଣଯାକ କବି ନିଜର ଶକ୍ତି ଦେଇ ସ୍ୱ ସ୍ୱ କବିତାରେ ଆପଣାକୁ ପ୍ରତିପାଦିତ କରିବାକୁ ଚାହିଁଛନ୍ତି। ଗାଁର କଞ୍ଚା ଓଡ଼ିଆରେ ଶ୍ରୀଦେବଙ୍କୁ ଶୁଣିବା: "ଖାଇ ନ ଥିଲା ଦି'ଦିନ ହେଲା/ ଭରତ ବଡୁ, ନାଗ୍ରାବାଲା।/ ତିନିକାନିଆ ତୁଳସୀପତ୍ର ଶୁଂଘେଇ ଦେଲା/ ପଳେଇଚି କେଉଟସାହିର ତେର ବର୍ଷିଆ/ ପିନ୍‌ପିନ୍ କଷିଟୋକା ସାଥିରେ, ତା' ତିର୍ଲା।" (ଭରତ ବଡୁ, ନାଗ୍ରାବାଲା–ପୃ: ୩୦)। ଗଂଗାଧର ଲେଖନ୍ତି: "ବଜାର ସଉଦା ଚିଠା କରୁଥାଏ/ ଗୋଟେ କଲମ/ କବିତା ଲେଖୁଥାଏ/ ଆଉଗୋଟେ କଲମ,/ ଚିଠା ଓ କବିତା/ ଅଲଗା ଅଲଗା କଥା।/ ଯେମିତି,/ ସ୍ତ୍ରୀ ଓ ପ୍ରେମିକା।" (ଅଲଗା ଅଲଗା କଥା– ପୃ:୮୩)। ଏହିପରି ଅନ୍ୟ ତିନିଜଣଙ୍କ କବିତାରେ ଯଦିଓ ରହିଛି ସ୍ୱାଧୀନ ସ୍ୱାକ୍ଷର, ତେବେ ପ୍ରତ୍ୟେକ ପ୍ରତ୍ୟେକଙ୍କଠୁଁ ଅଲଗା। ଏମାନଙ୍କ କାବ୍ୟସ୍ୱରର ପରିଣତିକୁ ଅପେକ୍ଷା କରାଯାଉ।

### ପ୍ରେତାତ୍ମାର କରୁଣ ବିଳାପ




**ଲେଖକ:** କୁଞ୍ଜବିହାରୀ ପାଢ଼ୀ
**ପ୍ରକାଶକ:** ସୃଜନସ୍ୱପ୍ନ, ବଡ଼ଗଡ଼, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୫୦/–

ଆଲୋଚ୍ୟ ଉପନ୍ୟାସଟି ଲେଖକଙ୍କର ନବମ ଉପନ୍ୟାସ। ଧରଣରେ ଏହା ରହସ୍ୟ ରୋମାଞ୍ଚ। ରହସ୍ୟ ରୋମାଞ୍ଚ ଉପନ୍ୟାସ ସଂଖ୍ୟାରେ ଓଡ଼ିଆ ଭାଷାରେ ନଗଣ୍ୟ ଓ ଆଜିକାଲି କ୍ୱଚିତ୍ ଲେଖକ ଏ ଧରଣର ଲେଖା ଲେଖୁଛନ୍ତି, ଯେପରି ଅଜସ୍ର ପରିମାଣରେ ଲେଖାଯାଏ ବଙ୍ଗଳା ସାହିତ୍ୟରେ। ଉପନ୍ୟାସର କଥାବସ୍ତୁ ଦୁଷ୍କର୍ମ, ହତ୍ୟାକାଣ୍ଡ ଓ ପୋଲିସ ଅନୁସନ୍ଧାନ ଆଧାରିତ। ଉପନ୍ୟାସର ନାୟକ ଅବିନାଶ ଓ ନାୟିକା ନୂପୁର। ବ୍ରହ୍ମପୁର ରହଣି କାଳରେ ନୂପୁର ଚାରିଜଣଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଛନ୍ତି ଓ ଯୋଗେଶ ସୁବୁଦ୍ଧି (ଚାରିଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ପ୍ରମୁଖ) ନୂପୁରଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। କେବଳ ନୂପୁର ନୁହନ୍ତି, ତାଙ୍କ ପ୍ରେମିକ ଅବିନାଶଙ୍କୁ ମଧ୍ୟ ଅପରାଧୀମାନେ ହତ୍ୟା କରିଛନ୍ତି। ତେବେ ନୂପୁରଙ୍କ ପ୍ରେତାତ୍ମା ଏହି ଚାରିଜଣ ଦୁଷ୍କୃତକାରୀଙ୍କୁ ଜଣ ଜଣ କରି ହତ୍ୟା କରି ପ୍ରତିଶୋଧ ନେଇଛି। ତେଣୁ ପୋଲିସର ତଦନ୍ତରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଉପନ୍ୟାସର କାହାଣୀ ଯେପରି ଉତ୍କଣ୍ଠାରେ ପରିପୂର୍ଣ୍ଣ, ଭାଷା ସେହିପରି ଆକର୍ଷଣୀୟ। ଆଶା, 'ପ୍ରେତାତ୍ମାର କରୁଣ ବିଳାପ' ସବୁଶ୍ରେଣୀର ପାଠିକାପାଠକଙ୍କ ଚିତ୍ତବିନୋଦନରେ ପ୍ରୟୋଜନୀୟ ସାବ୍ୟସ୍ତ ହେବ।

## କବିତା

### ଜୀବନ

**ମଧୁସୂଦନ ଦାଶ**

ସକଳ ବିଫଳତା ଭିତରେ
କୋଉଠିନା କୋଉଠି
ସଫଳତାର ବୀଜଟିଏ
ଆକାଶମୁଖୀ ହେଉଥାଏ
ଏହା ବୋଧେ
ବଞ୍ଚିବାର ପରିଭାଷା
ବଞ୍ଚେଇବାର ମାତୃଭାଷା।

ମୋ: ୯୪୩୭୩୩୨୪୯୮

### ଆସ ଯିବା

**ତନ୍ମୟଜ୍ୟୋତି ନାୟକ**

ଆସ ପୁଣି ଫେରିଯିବା ବାରଶ ଶତାବ୍ଦୀ
ତଳେ ପୀଡ଼ନର ଗୋଚର ଭୂଇଁକୁ
ଶୁଣିଥିବା, ଜାଣିଥିବା, ଲୁଚିଥିବା ଘଟଣାକୁ
ଫେରାଇ ଆଣିବା ପାଇଁ
ଶେଷତକ ସାହସକୁ ଗଣ୍ଠିଲିରେ ପୂରାଇ
ଆସ ଯିବା...

ଆସ ଯିବା ଶୋଷଣର ସାକ୍ଷୀ ନଗରୀକୁ
ଭାରତର ରାଜଧାନୀ ଦିଲ୍ଲୀ–
ପୁଣି ସେଠାରୁ ଦୌଲତାବାଦ
(ଘୋଡ଼ା ପାଲିଙ୍କିରେ)
ଦେଖିନେବା କେତେ ଭଙ୍ଗା ମନ୍ଦିରରୁ
ଇତିହାସ ଆସ୍ତେ ଯାଏ ଲିଭି।

ଯିବ ଯଦି ଆସ ସେଇ ରୋମ୍ ନଗରୀକୁ,
ନିଆଁ ନିଆଁ ରଡ଼ି ଶୁଣିବାକୁ
ଭୀତତ୍ରସ୍ତ ଆର୍ତ୍ତରଡ଼ି ଶୁଣିନେଲା ପରେ
ଚୁପି ଚୁପି ଶୁଣିନେବା ରାଜା ନେରୋଙ୍କର
କରୁଣ ଆବେଗାପ୍ଲୁତ ବଂଶୀର ଭୃଙ୍ଗାର।

ଅବସୋସ ମେଣ୍ଟିନାହିଁ ଯଦି
ତେବେ ଚାଲିଆସ, ହାତଧର ; ପୁଣି
ଫେରିଯିବା
ଘାଣ୍ଟିଦେବା ଉନବିଂଶ ଶତାବ୍ଦୀର ଆଦି
ଅନ୍ତ
ଜର୍ମାନ, ଇଟାଲୀ, ରୁଷ
ଭାରତର ସ୍ୱାଧୀନତା ପରେ
ଦଙ୍ଗା ଆଉ ଦେଶ ବିଭାଜନ।

ଦେଖ ! ଆକାଶର ହୃତ୍‌ପିଣ୍ଡ ଭିତରୁ
ଶୁଣାଯାଏ ମହାକାଳ ଭୀଷଣ ଗର୍ଜନ।
ଶୋଷ କେବେ ମେଣ୍ଟିବାର ନୁହଁ,
ଶୋଷ ଏକ ସାମୟିକ ମୋହ–
ଅସାମାନ୍ୟ ପାନୀୟ ପ୍ରାପ୍ତିର
ପ୍ରାପ୍ତି ଆଉ ଅପ୍ରାପ୍ତିର ମୋହମାୟା ଭାଜି
ଆସ ଯିବା – କୁରୁ ପ୍ରାଙ୍ଗଣକୁ
ଦେଖିବାକୁ ବିଶ୍ୱରୂପ ଅନନ୍ତ ସ୍ରଷ୍ଟାର।

ମୋ: ୮୭୫୮୩୭୪୬୦୯

ବ୍ୟଙ୍ଗ କବିତା

### ବିଚିତ୍ର ନ୍ୟାୟ

**କାହ୍ନୁଚରଣ ମୁଦୁଲି**

ଝିଅ ହେଉପଛେ ଯେତେ ବଦମାସ
ମା' ପାଇଁ ସିଏ ଭଲ
ଚା'ରୁ ଟିକିଏ ଚିନି କମିଗଲେ
ବୋହୂ ହୁଏ କଲବଲ।

ମା' ବଳଦିଏ ଝିଅକୁ ତାହାର
ଡରିବୁନି ଶାଶୁଘରେ
ସେହି ମା' ପୁଣି ଶାଶୁ ବନିଯାଇ
ବଧୂ ନିର୍ଯାତନା କରେ।

ଝିଅଟା ଫୁଲେଇ ରାସ୍ତାରେ ବୁଲଇ
ଦେଖେଇ ଫୁଙ୍ଗୁଳା ଦେହ
ବୋହୂର ଓଢ଼ଣା ଖସିଗଲେ ଟିକେ
ଶାଶୁ ମୋଡ଼ିଦିଏ ମୁହଁ।

ଝିଅ 'ଠୋ ଠୋ' କଥା କହୁଛି
ହସୁଛି ଘୋଡ଼ା ଭଳି
ବୋହୂର ପ୍ରତିଟି କଥା
ଶାଶୁ ଦେହରେ ଯାଉଛି ଗଳି।

ଝିଅ ଜନ୍ମଦେଲା ତିନୋଟି ଝିଅ
ମା' କହେ ସୁଲକ୍ଷଣୀ
ବୋହୂର ଗୋଟିଏ ଝିଅ ଜନ୍ମ ହେଲା
ଶାଶୁ କହେ ଅଲକ୍ଷଣୀ।

ପରଝିଅ ଲାଗି ଘର ଭାଙ୍ଗେ ବୋଲି
ଶାଶୁ ସବୁଦିନ କହୁଛି
ନିଜେ ପରଝିଅ ବୋଲି ଶାଶୁମାଆ
ଏକଥାଟି ଭୁଲିଯାଉଛି।

ଯେଉଁଦିନ ଶାଶୁ ବୁଝିପାରିବ
ବୋହୂ ମଧ୍ୟ ଝିଅ ପରି
ସେଦିନ ଘରଟା ସ୍ୱର୍ଗ ବନିଯିବ
ବଧୂ ନିର୍ଯାତନା ଯିବ ସରି।

ମୋ: ୯୭୭୬୦୯୭୬୧୨

ଗୀତି–କବିତା

### ଫୁଲଟିଏ ଦିଅ ଫିଙ୍ଗି

**ପ୍ରଶାନ୍ତ କୁମାର ଦାଶ**

ଛପର ଚାଳରୁ ଟପ ଟପ ପଡ଼େ
ରାତି ବରଷାର ପାଣି
ଦୁଃଖ ତ ମୋ ପାଖ
ଛାଡ଼ିଯାଏ ନାହିଁ
ତାହା ମୁଁ ପାରିଛି ଜାଣି।

ତାରା ଦିଶେ ନାହିଁ ଜହ୍ନ ହସେ ନାହିଁ
ଦିଶେ କଳାମେଘ ଛାଇ
ଲୁହ ତ ଝରାଏ ସୁଖ ପାଏ ନାହିଁ
ଦରଭଙ୍ଗା ଘରେ ଥାଇ।

ବରଷା ତ ଆସି ଭିଜାଇଦିଏ ମୋ'
ଦୁଃଖ କୋହଭରା ଛାତି
ନିଃସଙ୍ଗ ଜୀବନ କାଟୁଥାଏ ବସି
ନିଃଶବ୍ଦ ନିରବ ରାତି।

ନିଃସଙ୍ଗତା ଆସି ଲଦିଦିଏ ମୋର
ପିଠିରେ ଦୁଃଖର ବୋଝ
ହତାଶ ନିରାଶ କହନ୍ତି ଜୀବନେ
ସୁଖର ସୁଆଦ ଖୋଜ।

ତୁମ ବିରହରେ ବଞ୍ଚିବାକୁ ହୁଏ
ସେଇ ମୋର ଛୋଟ ଘରେ
ତୁମେ ଗଲାଦିନୁ ଓଠଧାରୁ ସବୁ
ମିଠା ହସତକ ସରେ।

ମାନ ଅଭିମାନ ସଞ୍ଚି ଏ ମରମେ
ଦୁଃଖକୁ ନିଜର କରି
ଜିଇଛି ଜୀବନେ ଏ ମରୁ ମାୟାରେ
ଆଖିରେ ସପନ ଧରି।

କେତେ କଣ୍ଟା ଏଇ ପାଦେ
ଫୁଟିଯାଏ
ଫୁଲଟିଏ ଦିଅ ଫିଙ୍ଗି
ତୁମ ଫେରିବାର ବାଟ ଚାହିଁଛି ମୁଁ
ତୁମକୁ ପାଇବା ଲାଗି।

ମୋ: ୯୬୬୮୮୨୨୧୯୦

ମିନିଗଳ୍ପ

## ଟଙ୍କିକିଆ ଚାଉଳ

**ତପସ୍ୱିନୀ କର**

ଚାରିଛକ ଟ୍ରାଫିକ୍ ଛକଟା ପାର ହେଲେ ରାସ୍ତାର ବାମପଟେ କିଛି ଉଚ୍ଚପଦସ୍ଥ ସରକାରୀ ଅଫିସରଙ୍କ କ୍ୱାର୍ଟର୍ସ ଓ ରାସ୍ତାର ଡାହାଣ ପଟକୁ ଲମ୍ବା ଧାଡ଼ିଏ ଦୋକାନ। ପ୍ରଥମ ଦୋକାନଟି ଥିଲା ଧନୀର ପାନଦୋକାନ। କିଛିବର୍ଷ ଭିତରେ ଧନୀ ନୂଆ ତେଜରାତି ଦୋକାନଟିଏ କରିଛି। 'ବାଣିଜ୍ୟେ ବସତି ଲକ୍ଷ୍ମୀ' ନ୍ୟାୟରେ ଧନୀ ଛୋଟ ଦୋକାନରୁ ବଡ଼ ଦୋକାନଟିଏ କରିବାରେ ସକ୍ଷମ ହୋଇଛି। ଦୂରଦୂରାନ୍ତ ମଲ୍‌କୁ ଛାଡ଼ିଦେଲେ ସେ ସ୍ଥାନର ଏଇଟା ସବୁଠୁ ବଡ଼ ଦୋକାନ ଭାବରେ ବିବେଚିତ ହେବ। ଦୋକାନ ସାମ୍ନାରେ ପଡ଼ିଛି ଗୋଟିଏ ମାନ୍ଧାତା ଅମଳର କାଠ ବେଞ୍ଚ। ସଂସାରଯାକର ରାଜନୀତି, ଖେଳ, ସିନେମା, ହାଟବାଟର ସମସ୍ତ ଖବର ଯେମିତି ସେଇଠି ଠୁଳ।

ଚା' କପେ ଧରେଇ ଦେଇ ଧନୀ କହିଲା ସାର୍! ଆପଣ କ'ଣ ରିଟାୟାର ହୋଇ ସାରିଲେଣି ? ମୁଣ୍ଡ ହଲେଇ ମନାକଲେ। କହିଲେ ଏଇ ମାର୍ଚ୍ଚରେ କରିବି। ଏଇ କଥା ଭିତରେ ପାଖ ବସ୍ତିରୁ ସାବିତ୍ରୀ ନାମ୍ନୀ ମହିଳା ମୁଣ୍ଡରେ ମୁଣ୍ଡେଇ ଝାଳନାଳ ଆଣ୍ଠୁଏ ହୋଇ ବସ୍ତାଟିଏ ଆଣି ଧନୀ ଦୋକାନ ସାମ୍ନାରେ ରଖିଲା। କହିଲା ଧନୀ ଭାଇ, ସନ୍ଧ୍ୟାରେ କାମରୁ ଫେରିଲା ବେଳକୁ ପଇସା ନେଇଯିବି। ଧନୀ ହଁ ଭରିଲା। ସାବିତ୍ରୀ ବାଟ ଭାଙ୍ଗି ଚାଲିଯିବାର ପନ୍ଦର କୋଡ଼ିଏ ମିନିଟ୍ ପରେ ଜଣେ ୨୦/୨୨ ବର୍ଷର ଯୁବକ ମୋଟରସାଇକେଲ୍‌ରେ ୨/୩ଟି ବ୍ୟାଗ୍ ଓହଳାଇ ଆସି ପହଞ୍ଚିଲା। ହସି ହସି କହିଲା ମାଲିକେ! ଏ ଚିଠା ଧର, ପାଖ ଦୋକାନରୁ ମୁଁ ପରିବା ଆଣୁଛି। ମା' କହିଛନ୍ତି ଭଲ ଚାଉଳ ବସ୍ତାଟେ ଦେବ। ଚିଠା ଅନୁସାରେ ଧନୀ ବ୍ୟାଗ୍‌ରେ ଅନ୍ୟ ସଉଦା ସଜାଡ଼ି ରଖିଦେଲା। ଆଉ ରହିଲା ଚାଉଳ କଥା। ସାବିତ୍ରୀ ଦେଇଥିବା ଅକ୍ଷତ ବସ୍ତାଟି ଟେକିନେଇ ଧନୀ ରଖିଦେଲା ଯୁବକର ମୋଟରସାଇକେଲ୍ ଉପରେ।



ମାଷ୍ଟ୍ରେ ପଚାରିଲେ- ଧନୀ ଇଏ କ'ଣ ଭଲ ଚାଉଳ, ଯେଉଁଟା ସାବିତ୍ରୀ ଆଣି ଦେଇଥିଲା। ଧନୀ ପ୍ରାଞ୍ଜଳ ଭାବରେ ବୁଝେଇ ଚାଲିଥିଲା- "ସାର୍! ଇଏ ଭଲ ଚାଉଳ ହୋଇ ନ ଥିଲେ ଏଇ ବଡ଼ ବଡ଼ ଅଫିସର୍‌ମାନେ ଏ ଚାଉଳକୁ ବେଶୀ ଦାମ୍‌ରେ କିଣି ମାଗଣାରେ କ'ଣ ବାଣ୍ଟୁଥା'ନ୍ତେ! ଆପଣ ଜାଣିନାହାନ୍ତି କି ସାର୍ ସରକାର ଓ ଚାଉଳ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକା କଥା ? ଗରିବ ଲୋକ ଟଙ୍କାକରେ ଚାଉଳ ପାଇବେ, ସିଏ କ'ଣ ତାକୁ ଖାଇପାରିବେ ? ମେହନତି ମଣିଷ ମାଗଣା ଜିନିଷ ଖାଇ ହଜମ କରିପାରିବ ? ମାଗଣା ଚାଉଳ ଯିଏ ଦଉଛି ସିଏ ତାକୁ ଖାଇ ହଜମ କରିପାରିବ। ବୁଝିଲେ ସାର୍ ଆପଣ ତ ପଣ୍ଡିତ ଲୋକ ଆପଣଙ୍କୁ କ'ଣ ବୁଝେଇବି 'ମାଗଣାରେ ମାଛ ନ ଦେଇ, ମାଛ ଧରିବାର କୌଶଳ ଶିଖାଇଲେ ଓ ଶିଖିଲେ ଜଣେ କୁଶଳୀ ଓ ସ୍ୱାବଲମ୍ବୀ ହୋଇପାରିବ।' ଚାଲୁ ନାହାନ୍ତି ଦେଖିବେ ୫ଟଙ୍କିଆ ମିଲ୍ ଖାଇ ଟୋକାଗୁଡ଼ାକ କେମିତି ମଦ ପିଇ, ତାସ୍, ପଶା ଖେଳୁଛନ୍ତି ଗଛ ଛାଇ ତଳେ ବସି। ଆମ ଯୁବକମାନଙ୍କୁ ପଙ୍ଗୁ କରିବାରେ ଆମ ସରକାର ଦାୟୀ। ଯୁବକମାନେ ସଂଗ୍ରାମୀ ହେବା ଜାଗାରେ ମଦୁଆ ହୋଇଗଲେଣି। ରାଜ୍ୟ ରହିବ ତ ?"

ମୁଁ ଧନୀକୁ କ'ଣ କହିବି ଭାବୁଥିଲି, ଧନୀର ଜ୍ଞାନଚକ୍ଷୁ ଖୋଲିଯାଇଛି ବୋଧହୁଏ। ମୁଁ ଜଣେ ଶିକ୍ଷକ ହୋଇ ଯାହା ଭାବି ନ ଥିଲି ଧନୀ ତାକୁ ଠିକ୍ ବୁଝିପାରିଛି।

ମୋ: ୯୯୩୮୦୨୦୦୭୦

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୭/୨୦୨୪ Bhubaneswar, Saturday, September 7/ 2024

# ଫାଇନାଲରେ ପେଗୁଲା, ସାବାଲେଙ୍କା

ନ୍ୟୁୟର୍କ,୬।୯(ପି.ଟି.)

ଚଳିତବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ମହିଳା ସିଙ୍ଗଲ୍ସ ବର୍ଗ ଫାଇନାଲରେ ପ୍ରବେଶ କରିଛନ୍ତି ଜେସିକା ପେଗୁଲା ଓ ଆରିନା ସାବାଲେଙ୍କା। ରବିବାର ଖେଳା ଯିବାକୁ ଥିବା ଫାଇନାଲରେ ୬ ନମ୍ବର ସିଡ୍ ଜେସିକା ପେଗୁଲା ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ସାବାଲେଙ୍କାଙ୍କ ସହ ମୁକାବିଲା କରିବେ।

କାରୋଲିନା ମୁଚୋଭାଙ୍କ ବିପକ୍ଷ ସେମି ଫାଇନାଲ ମ୍ୟାଚ୍‌ରେ ପ୍ରଥମ

## ୟୁଏସ୍ ଓପନ

ସେଟ୍‌ରେ ପରାଜିତ ହୋଇଥିଲେ ହେଁ ପରବର୍ତ୍ତୀ ଦୁଇଟି ସେଟ୍ ଜିତି ଫାଇନାଲରେ ପ୍ରବେଶ କରିଥିଲେ ଜେସିକା ପେଗୁଲା। ଆମେରିକୀୟ ଜେସିକା ହାର୍ଡକୋର୍ଟରେ ଖେଳିଥିବା ଅନ୍ତିମ ୧୬ ମ୍ୟାଚ୍‌ରୁ ୧୫ଟିରେ ବିଜୟୀ ହୋଇଛନ୍ତି। ୧-୬, ୬-୪ ଓ ୬-୨ ସେଟରେ ପେଗୁଲା ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ୨୦୨୩ର ଫ୍ରେଞ୍ଚ ଓପନ ରନରଅପ୍ ମୁଚୋଭା କଟଟୀ ଅସ୍ତ୍ରୋପଚାର କାରଣରୁ ୧୦ ମାସ ଧରି ଟେନିସ୍‌ରୁ ଦୂରେଇ ରହିଥିଲେ। ପ୍ରଥମ ସେଟ୍‌ଟି ମାତ୍ର ୨୮ ମିନିଟରେ ଶେଷ ହୋଇଥିଲା। ତେବେ ପେଗୁଲା ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଅନ୍ତିମ ୨ ସେଟ୍ ଜିତି ନେଇଥିଲେ।

ଦ୍ୱିତୀୟ ସେମି ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କା ୬-୩, ୭-୬(୭/୨) ସେଟରେ ଏମ୍ମା ନାଭାରୋଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌କୁ ସାବାଲେଙ୍କା ଅନାୟାସରେ ଜିତି ନେଇଥିଲେ। ତେବେ ଦ୍ୱିତୀୟ ସେଟ୍‌ରେ ଏମ୍ମା ନାଭାରୋ କଡ଼ା ଟକ୍କର ଦେଇଥିଲେ। ଟାଇବ୍ରେକରକୁ ଯାଇଥିବା ବେଳେ ଅଭିଜ୍ଞତାର ଉପଯୋଗ କରି ସାବାଲେଙ୍କା ବିଜୟୀ ହୋଇଥିଲେ।



ଜେସିକା ପେଗୁଲା



ଆରିନା ସାବାଲେଙ୍କା

## ପ୍ୟାରିସ୍ ପାରାଲିମ୍ପିକ୍ସ ଉଦ୍‌ଯାପନୀ —

# ତ୍ରିରଙ୍ଗା ଧରିବେ ହରବିନ୍ଦର, ପ୍ରୀତି

ପ୍ୟାରିସ୍, ୬।୯ (ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସ ରବିବାର ଉଦ୍‌ଯାପିତ ହେବ। ସ୍ୱର୍ଣ୍ଣ ପଦକ ବିଜୟୀ ଆର୍ଚର ହରବିନ୍ଦର ସିଂ ଓ ସ୍ପ୍ରିଣ୍ଟର ପ୍ରୀତି ପାଲ୍ ଉଦ୍‌ଯାପନୀ ଉତ୍ସବରେ ତ୍ରିରଙ୍ଗାଧରି ଭାରତର ନେତୃତ୍ୱ ନେବେ। ସର୍ବପ୍ରଥମ ଭାରତୀୟ ମହିଳାଭାବେ ପ୍ରୀତି ପାରାଲିମ୍ପିକ୍ସରେ ୨ଟି ପଦକ ହାସଲ କରିଥିଲେ। ସେହିପରି ୩୩ ବର୍ଷୀୟ ହରବିନ୍ଦର ପ୍ରଥମ ଭାରତୀୟ ତୀରନ୍ଦାଜଭାବେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ୨୦୨୧ରେ ଟୋକିଓରେ ବ୍ରୋଞ୍ଜ ଜିତିଥିବା ହରବିନ୍ଦର ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ତାହାକୁ ସ୍ୱର୍ଣ୍ଣରେ ପରିଣତ କରିଥିଲେ। ''ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ସ୍ୱପ୍ନ ସତ ହେବା ପରି କଥା। ଏବେ ଉଦ୍‌ଯାପନୀ ସମାରୋହରେ ଜାତୀୟ ପତାକା ଧରି ଦେଶର ନେତୃତ୍ୱ ନେବା ସବୁଠାରୁ ବଡ଼ ସମ୍ମାନ। ମୋ ଉପରେ ବିଶ୍ୱାସ ରଖିଥିବା ଏବଂ ମୋତେ ଉତ୍ସାହିତ କରି ବଡ଼ ସଫଳତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସମସ୍ତଙ୍କ ପାଇଁ ଏହି ବିଜୟ ଉତ୍ସର୍ଗ'' ବୋଲି ହରିୟାଣାଭିତ୍ତିକ ହରବିନ୍ଦର ପ୍ରକାଶ କରିଛନ୍ତି। ହରବିନ୍ଦର ଶିଶୁ ଅବସ୍ଥାରେ ଚାଲିବା ଆରମ୍ଭ କରିବା ଦିନରୁ ହିଁ ତାଙ୍କ ପାଦ ଦୁଇଟି ଦୁର୍ବଳ ହୋଇଯାଇଥିଲା।



ହରବିନ୍ଦର ସିଂ





ପ୍ରୀତି ପାଲ୍।

ଉତ୍ତର ପ୍ରଦେଶର ୨୩ ବର୍ଷୀୟା ପ୍ରୀତି ଏଠାରେ ମହିଳା ଟି୩୫ ବର୍ଗ ୧୦୦ ମିଟର ଓ ୨୦୦ ମିଟରରେ ବ୍ୟକ୍ତିଗତ ଶ୍ରେଷ୍ଠ ଯଥାକ୍ରମେ ୧୪.୨୧ ଓ ୩୦.୦୧ ସେକେଣ୍ଡ ସମୟ ସହ ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏପରି ଖବରରେ ସେ ଅତ୍ୟନ୍ତ ଉଲ୍ଲସିତ ବୋଲି ପ୍ରୀତି କହିଛନ୍ତି। ''ପତାକାଧାରୀ ଭାବେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ବଡ଼ ସମ୍ମାନ। କେବଳ ମୋ ପାଇଁ ନୁହେଁ, ଦେଶକୁ ଗର୍ବିତ କରିଥିବା ସମସ୍ତ ପାରା ଆଥଲେଟ୍‌ଙ୍କ ପାଇଁ ଏହା ବହୁତ ବଡ଼ କଥା। ଉଦ୍‌ଯାପନୀ ସମାରୋହରେ ଆମ ଟିମ୍‌ର ନେତୃତ୍ୱ ନେବାକୁ ମୁଁ ଆଗ୍ରହର ସହ ଅପେକ୍ଷା କରିଛି'' ବୋଲି ପ୍ରୀତି ପ୍ରକାଶ କରିଛନ୍ତି। ଏହି ଦୁଇ ଆଥଲେଟ୍‌ଙ୍କ ପ୍ରଦର୍ଶନ ଭବିଷ୍ୟତ ପିଢ଼ିଙ୍କୁ ଉତ୍ସାହିତ କରିବ ବୋଲି ଭାରତୀୟ ପ୍ରତିନିଧି ଦଳର ଚିଫ୍ ଡି ମିଶନ ସତ୍ୟ ପ୍ରକାଶ ସଙ୍ଗୱାନ କହିଛନ୍ତି। ''ଆର୍ଚେରିରେ ହରବିନ୍ଦରଙ୍କ ଐତିହାସିକ ସ୍ୱର୍ଣ୍ଣ ଏବଂ ଆଥଲେଟିକ୍ସରେ ପ୍ରୀତି ପାଲ୍‌ଙ୍କ ଚମକପ୍ରଦ ପ୍ରଦର୍ଶନ ଯୋଗୁ ଦୁହେଁ ଭାରତର ପ୍ରକୃତ ଆମ୍ବାସାଡରରେ ପରିଣତ ହୋଇଛନ୍ତି। ସେମାନଙ୍କ ପ୍ରଦର୍ଶନ ଭବିଷ୍ୟତର ପିଢ଼ିଙ୍କୁ ନିଶ୍ଚିତ ଉତ୍ସାହିତ କରିବ'' ବୋଲି ସଙ୍ଗୱାନ ପ୍ରକାଶ କରିଛନ୍ତି। ଭାରତ ଏପର୍ଯ୍ୟନ୍ତ ୬ ସ୍ୱର୍ଣ୍ଣ ସହ ୨୬ ପଦକ ହାସଲ କରି ସାରିଛି। ଏହା ହେଉଛି ପାରାଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଟୋକିଓ ପାରାଲିମ୍ପିକ୍ସରେ ଭାରତ ୧୯ ପଦକ ଜିତିଥିଲା।

# ଇରାନୀ-ଆନ୍ଦ୍ରେଙ୍କୁ ମିକ୍ସଡ୍ ଡବଲ୍ସ ଟାଇଟଲ୍





ମିକ୍ସଡ ଡବଲ୍ସ ଟ୍ରଫି ସହ ସାରା ଇରାନୀ ଓ ଆନ୍ଦ୍ରେ ଭାଭାସୋରି।

ନ୍ୟୁୟର୍କ, ୬।୯

ୟୁଏସ୍ ଓପନର ମିକ୍ସଡ୍ ଡବଲ୍ସ ଟାଇଟଲ ହାସଲ କରିଛନ୍ତି ଇଟାଲୀର ସାରା ଇରାନୀ ଓ ଆନ୍ଦ୍ରେ ଭାଭାସୋରି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଆମେରିକୀୟ ଯୋଡ଼ି ଡୋନାଲ୍ଡ ୟଙ୍ଗ ଓ ଟେଲର ଟାଉନସେଣ୍ଡଙ୍କୁ ଉଭୟ ୭-୬(୭-୦) ଓ ୭-୫ ସେଟ୍‌ରେ ପରାସ୍ତ କରିଥିଲେ। ୟୁଏସ୍ ଓପନରେ ଏହା ସାରା ଇରାନୀଙ୍କ ପାଇଁ ଦ୍ୱିତୀୟ ତଥା ମିକ୍ସଡ ଡବଲ୍ସରେ ପ୍ରଥମ ଗ୍ରାଣ୍ଡସ୍ଲାମ। ୨୦୧୨ରେ ରବର୍ଟା ଭିନ୍ସିଙ୍କୁ ସାଥୀ କରି ପ୍ରଥମ ଥର ପାଇଁ ୟୁଏସ୍ ଓପନ ମହିଳା ଡବଲ୍ସ ଟାଇଟଲ ଜିତିଥିଲେ ସାରା। ସେହିପରି ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମରେ ଏହା ତାଙ୍କର ପ୍ରଥମ ଟାଇଟଲ।

# ସନ୍ନ୍ୟାସ ଘୋଷଣା କଲେ ଆଲେକ୍ସ ମୋର୍ଗାନ

**ୱାଶିଂଟନ୍,୬।୯(ପି.ଟି.):** ଆମେରିକୀୟ ମହିଳା ଫୁଟବଲ ତାରକା ତଥା ଫରୱାର୍ଡ ଖେଳାଳି ଆଲେକ୍ସ ମୋର୍ଗାନ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ଦୁଇ ଥର ବିଶ୍ୱକପ ଓ ଥରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିବା ମୋର୍ଗାନ ୧୫ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ଭାବପୂର୍ଣ୍ଣ ଭିଡିଓ ପୋଷ୍ଟ କରିବା ସହ ଅବସର ଘୋଷଣା କରିଛନ୍ତି ମୋର୍ଗାନ। ଦ୍ୱିତୀୟ ଥର ପାଇଁ ମାତୃତ୍ୱ ହାସଲ କରିବାକୁ ଯାଉଥିବାରୁ ଫୁଟବଲକୁ ବିଦାୟ ଦେବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି ମୋର୍ଗାନ।

ଅଲିମ୍ପିକ୍ସ ଫାଇନାଲରେ ଜାପାନ ବିପକ୍ଷରେ ବିଜୟ ସୂଚକ ଗୋଲ କରିବା ମୋର୍ଗାନଙ୍କ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ଥିଲା। ସେହିପରି ୨୦୧୯ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷ ଫାଇନାଲ ବିଜୟରେ ମଧ୍ୟ ମୋର୍ଗାନ ନିର୍ଣ୍ଣାୟକ ଗୋଲ ଦେଇଥିଲେ। ଆମେରିକା ପକ୍ଷରୁ ୨୨୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ମୋର୍ଗାନ ୧୨୩ ଗୋଲ ସ୍କୋର କରିଛନ୍ତି। ସର୍ବାଧିକ ଗୋଲ ସ୍କୋରରଙ୍କ ତାଲିକାରେ ସେ ପଞ୍ଚମ ସ୍ଥାନରେ ରହିଛନ୍ତି।

# ଟ୍ୟାକ୍ସି ଚାଳକଙ୍କ ପୁଅ ଜିତିଲେ ବ୍ରୋଞ୍ଜ୍

ପ୍ୟାରିସ୍,୬।୯(ପି.ଟି.)

ଭାରତର ପ୍ରଥମ ଜୁଡୋକା ଭାବରେ ପ୍ୟାରିସ୍ ପାରାଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି କପିଲ ପରମାର। ୨୩ ବର୍ଷୀୟ କପିଲ ବ୍ରୋଞ୍ଜ ପଦକ ପ୍ଲେଅଫ୍‌ରେ ୧୦-୦ ବ୍ୟବଧାନରେ ବ୍ରାଜିଲର ଡି ଓଲିଭରେଙ୍କୁ ପରାସ୍ତ କରିଥିଲେ। ମଧ୍ୟପ୍ରଦେଶର ଶେହୋରେରୁ ଆସୁଥିବା ୨୩ ବର୍ଷୀୟ କପିଲ ଜଣେ ଟ୍ୟାକ୍ସି ଚାଳକଙ୍କ ପୁଅ। ପିଲାଦିନେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗାଁ ପଡିଆରେ ଖେଳୁଥିବା ସମୟରେ ଏକ ପାଣି ପମ୍ପରୁ ତାଙ୍କ ଦେହରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ବିଦ୍ୟୁତ୍ ଆଘାତ ଏତେ ଭୟଙ୍କର ରହିଥିଲା ଯେ, କପିଲ ୬ ମାସ ଯାଏ କୋମାରେ ରହିଥିଲେ। କୋମାରୁ ବାହାରିବା ପରେ କପିଲଙ୍କ ଦୃଷ୍ଟିଶକ୍ତି ୯୦ ପ୍ରତିଶତ ଖରାପ ହୋଇ ସାରିଥିଲା। ଦୀର୍ଘ ବର୍ଷର କଠିନ ପରିଶ୍ରମ ପରେ ପାରାଲିମ୍ପିକ୍ସରେ ପଦକ ଜିତି କପିଲ ଦେଶକୁ ଗୌରବାନ୍ୱିତ କରିଛନ୍ତି।

ଚାରି ଭାଇ ଭଉଣୀଙ୍କ ମଧ୍ୟରେ କପିଲ ସବୁଠାରୁ ସାନ। ପିତା ଟ୍ୟାକ୍ସି ଡ୍ରାଇଭର ଭାବରେ କାମ କରୁଥିବା ବେଳେ ଭଉଣୀ ଏକ ପ୍ରାଥମିକ ସ୍କୁଲରେ ପାଠ ପଢାନ୍ତି। ଅନ୍ୟପକ୍ଷରେ ଗୁଜୁରାଣ ମେଣ୍ଟାଇବା ପାଇଁ ବଡ଼ ଭାଇ ଲଳିତଙ୍କ ସହ ମିଶି ଏକ ଚା' ଦୋକାନ ଚଳାନ୍ତି କପିଲ। ଜୀବନର ସଂଘର୍ଷ ମଧ୍ୟରେ ଜୁଡୋ ପ୍ରତି ଥିବା କପିଲଙ୍କ ଭଲ ପାଇବା କମ୍ ହୋଇ ନ ଥିଲା। ଦୃଷ୍ଟିବାଧିତ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଜୁଡୋରେ କପିଲ ଭାଗ ନେଉଥିବା ବେଳେ କୋଚ୍ ମୁନାୱର ଅଜିଜ୍ ତାଙ୍କୁ ସବୁଠାରୁ ଅଧିକ ସାହାଯ୍ୟ କରିଥିଲେ। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କପିଲ ସ୍ୱର୍ଣ୍ଣ ଆଶା ଲକ୍ଷ୍ୟ ରଖିଥିବା ବେଳେ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ତେବେ ଏହି ପଦକ ଭବିଷ୍ୟତରେ ଭାରତୀୟ ଜୁଡୋର ଭାଗ୍ୟ ପରିବର୍ତ୍ତନ କରିପାରିବ ବୋଲି କହିଛନ୍ତି କପିଲ।





କପିଲ୍ ପରମାର୍।

## ଡ୍ୟାନ୍ସ ଫ୍ଲୋର ପାଲଟିବ

# ଷ୍ଟାଡ ଡି ଫ୍ରାନ୍ସ

**ପ୍ୟାରିସ୍, ୬।୯ (ପି.ଟି.):** ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ ଆସନ୍ତା ୮ ସେପ୍ଟେମ୍ବରରେ ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସମାରୋହରେ ଷ୍ଟାଡ ଡି ଫ୍ରାନ୍ସ ଷ୍ଟାଡିୟମ ଏକ ଡ୍ୟାନ୍ସ ଫ୍ଲୋରରେ ପରିଣତ ହେବ ବୋଲି କହିଛନ୍ତି, ଆର୍ଟିଷ୍ଟିକ ଡିରେକ୍ଟର ଥୋମାସ ଜଲି। ଷ୍ଟାଡିୟମରେ ୨୪ଟି ଡିଜେ ଟେକ୍ନୋ ଓ ଡ୍ୟାନ୍ସ ମ୍ୟୁଜିକ୍ ପରିବେଷଣ କରିବେ। ପାରାଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହରେ କେବଳ ଦିବ୍ୟାଙ୍ଗମାନଙ୍କୁ ଷ୍ଟେଜ୍ ଉପରେ ଦେଖିବାକୁ ମିଳିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ କୋରିଓଗ୍ରାଫ୍‌ଡ ନୃତ୍ୟ ଦେଖିବାକୁ ମିଳିବ ବୋଲି କହିଥିଲେ ଜଲି। ପୂର୍ବରୁ ଜଲି ସେନ୍ ନଦୀ ଉପରେ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହର ନିର୍ଦ୍ଦେଶନା ଦେଇଥିଲେ। ଏହାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିବା ବେଳେ ଡ୍ରାଗ୍ କୁଇନ୍ ନୃତ୍ୟକୁ ନେଇ ବିବାଦ ମଧ୍ୟ ଦେଖାଦେଇଥିଲା। ଜଲି ଏହି ଘଟଣାକୁ ଅଣସମ୍ବେଦନଶୀଳ କହିବା ସହ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ନିକଟରୁ ଅନୁମତି ନିଆଯାଇ ଏହି କାର୍ଯ୍ୟକମ ପରିବେଷଣ କରାଯାଇଥିଲା। ରୋଏନ୍‌ର ବାସିନ୍ଦା ହୋଇଥିଲେ ମଧ୍ୟ ଅଲିମ୍ପିକ୍ସ ପାଇଁ ସେ ଅଢେଇ ବର୍ଷ ହେବ ପ୍ୟାରିସ୍‌ରେ ରହିଛନ୍ତି। ଏପରି କି ଅଲିମ୍ପିକ୍ସ ସମାପ୍ତ ହେବା ପରେ ଏହାର ଅନୁଭୂତି ଉପରେ ଏକ ପୁସ୍ତକ ଲେଖିବାକୁ ବିଚାର କରୁଥିବା କହିଛନ୍ତି ଜଲି।

# ଡାଇମଣ୍ଡ ଲିଗ୍: ଫାଇନାଲରେ ଭାଗନେବେ ନୀରଜ

**ପ୍ୟାରିସ୍,୬।୯(ପି.ଟି.):** ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ବ୍ରସେଲ୍ସରେ ହେବାକୁ ଥିବା ଡାଇମଣ୍ଡ ଲିଗ୍ ଫାଇନାଲରେ ଅଂଶଗ୍ରହଣ କରିବେ। ନୀରଜ ବର୍ତ୍ତମାନ ୧୪ ସିରିଜ୍‌ର ଇଭେଣ୍ଟରେ ଓଭରଅଲ ଚତୁର୍ଥ ସ୍ଥାନରେ ରହିଛନ୍ତି। ଦୋହା ଓ ଲାଉସାନେରେ ନୀରଜ ରୌପ୍ୟ ପଦକ ଜିତିଥିବା ବେଳେ ଚଳିତ ସପ୍ତାହରେ ଜୁରିକ୍‌ରେ ଅନୁଷ୍ଠିତ ଇଭେଣ୍ଟରୁ ଓହରି ଯାଇଥିଲେ। ୨୬ ବର୍ଷୀୟ ନୀରଜ ୧୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଜାକୁବ୍ ଭାଡଲେଚ୍ ୨୯ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ପିଟର୍ସ ଆଣ୍ଡରସନ ଓ ଜୁଲିଆନ ୱେବର ୨୧ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି।

# ଆହତ ସମସ୍ୟାରୁ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ

ପ୍ୟାରିସ୍,୬।୯(ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସର ୩ ମାସ ପୂର୍ବରୁ ଆହତ ହୋଇଥିଲେ ଶୁକ୍ରବାର ସ୍ୱର୍ଣ୍ଣ ବିଜେତା ହାଇ ଜମ୍ପର ପ୍ରବୀଣ କୁମାର। ଜାପାନର କୋବ୍‌ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପାଇଁ ପ୍ରୟାସ ନ କରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ। ଏହା ମଧ୍ୟରେ ସୁସ୍ଥ ହେବା ସହିତ ପ୍ୟାରିସ୍ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ଜଙ୍ଘ ସନ୍ଧିରେ ଆଘାତ ଲାଗିଥିବା ବେଳେ ମାତ୍ର ୧୫ ଦିନ ମଧ୍ୟରେ ଏଥିରୁ ସୁସ୍ଥ ହୋଇ ପ୍ୟାରିସ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନୋଇଡାରେ ଜନ୍ମିତ ୨୧ ବର୍ଷୀୟ ପ୍ରବୀଣଙ୍କ ଗୋଟିଏ ଗୋଡ ଛୋଟ ରହିଛି। ଶୁକ୍ରବାର ଟି୬୪ ବର୍ଗରେ ୨.୦୮ ମିଟର ଉଚ୍ଚ ଡେଇଁବା ସହ ପାରାଲିମ୍ପିକ୍ସ ରେକର୍ଡ ଭାଙ୍ଗିଛନ୍ତି। ଏହି ସଫଳତାର ଶ୍ରେୟ ପ୍ରବୀଣ ନିଜ କୋଚ୍ ଓ ଫିଜିଓଙ୍କୁ ଦେଇଛନ୍ତି। ଗୌତମ ବୁଦ୍ଧ ନଗରର ବାସିନ୍ଦା ପ୍ରବୀଣ ୩ ବର୍ଷ ତଳେ ଟୋକିଓ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ। ଆହତ ସମସ୍ୟାରୁ ବାହାରିବା ମାତ୍ରକେ କୋଚ୍ ୨.୦୫ ମିଟର ପାଇଁ ଅଭ୍ୟାସ କରାଇବା ଆରମ୍ଭ କରି ଦେଇଥିଲେ। ଅନାୟାସରେ ୨.୦୫ ମିଟର ଅତିକ୍ରମ କରିବା ପରେ କୋଚ୍ ୨.୦୮ ମିଟର ପାଇଁ ପ୍ରୟାସ କରାଇଥିଲେ। ଅନ୍ତିମ ପ୍ରୟାସରେ ୨.୧୦ ମିଟରର ପ୍ରୟାସରେ ପ୍ରବୀଣ ବିଫଳ ରହିଥିଲେ। ତେବେ ଆଗାମୀ ଦିନରେ ୨.୧୦ ମିଟର ଉଚ୍ଚତା ଡେଇଁବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି ପ୍ରବୀଣ।



ଟି୬୪ ହାଇଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ବେଲ୍ ବଜାଉଛନ୍ତି ପ୍ରବୀଣ କୁମାର।





ପ୍ୟାରିସ ପାରାଲିମ୍ପିକ୍ସର ମହିଳା ଲଙ୍ଗଜମ୍ପ ଟି୬୩ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ଅବସରରେ ଅଷ୍ଟ୍ରେଲିଆର ଭାନେସା ଲୋ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ